# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୨୪/୨୦୨୨ (୧୬ ପୃଷ୍ଠା) | Sambalpur, Thursday, March 24/2022 | Page 16 | ₹ 7.00 | ★★

୧୮ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ବାର୍ଟିଙ୍କ ଅବସର**

ତିନୋଟି ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟିନୀ ବିଶ୍ୱର ନମ୍ବରଓ୍ୱାନ ମହିଳା ଟେନିସ ତାରକା ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି ବୁଧବାର ଅବସର ଘୋଷଣା କରିଛନ୍ତି।

୧୪

୧୨

**‘ଚମକିଲା’ରେ ପରୀ**

ଇମ୍ତିଆଜ ଅଲ୍ଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ବଲିଉଡ୍ ଫିଲ୍ମ ‘ଚମକିଲା’ରେ ନଜରକୁ ଆସିବେ ଚୁଲବୁଲି ନାୟିକା ପରିଣୀତି।



**ଆଜି ୧୦୬ ପୌରାଞ୍ଚଳ, ୩ ମହାନଗରରେ ଭୋଟ**

୭

**ପୋଲ ତଳୁ ୧୪ ମଣିଷ ଖପୁରି ଜବତ**

୫

**ଆଜିର ସମ୍ପାଦକୀୟ**

ପୁଟିନ୍‌ଙ୍କ ଯୁଦ୍ଧ ଓ ବିଶ୍ୱ ଦୃଶ୍ୟପଟ

## କ୍ରମାଗତ ୨ୟ ଦିନ ପାଇଁ ବଢ଼ିଲା ତୈଳ ଦର

■ ପେଟ୍ରୋଲ, ଡିଜେଲ ୮୫ ପଇସା ବୃଦ୍ଧି



ନୂଆଦିଲ୍ଲୀ,୨୩।୩

ପ୍ରାୟ ସାଢେ ୪ମାସ ପରେ ମଙ୍ଗଳବାର ଦେଶରେ ତୈଳ ଦରବୃଦ୍ଧି ହୋଇଥିଲା। କ୍ରମାଗତ ୨ୟ ଦିନ ପାଇଁ ବୁଧବାର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବଢ଼ିଛି। ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ବୁଧବାର ଭୁବନେଶ୍ୱରରେ ଉଭୟ ଇନ୍ଧନ ତୈଳର ଲିଟର ପିଛା ୮୫ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୩.୫୧ ଟଙ୍କାରେ ବିକ୍ରିହେଉଥିବା ବେଳେ ଡିଜେଲ ଲିଟର ପିଛା ୯୩.୩୩ ଟଙ୍କାରେ କାରବାର ହେଉଛି। ☞ପୃଷ୍ଠା-୪

## ୨୮ରୁ ଅଙ୍ଗନଓ୍ୱାଡି ଖୋଲିବ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୨୮ ତାରିଖରୁ ସମସ୍ତ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଖୋଲିବ। ଏଥିପାଇଁ ରାଜ୍ୟ ସରକାର ବୁଧବାର ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ୍ ପ୍ରୋସିଜିଓର(ଏସ୍‌ଓପି) ଜାରି କରିଛନ୍ତି। ଏସ୍‌ଓପି ଅନୁସାରେ ସକାଳ ୭ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ୨ ଘଣ୍ଟା ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଖୋଲା ରହିବ। ଯେଉଁଠି କିଛି ସମସ୍ୟା ରହିଥିବ, ସେଠାରେ ଅଙ୍ଗନଓ୍ୱାଡି ଖୋଲିବା ସଂକ୍ରାନ୍ତରେ ସ୍ଥାନୀୟ ଜିଲା ପ୍ରଶାସନ ନିଷ୍ପତ୍ତି ନେବେ। ଅଙ୍ଗନଓ୍ୱାଡ଼ି କର୍ମୀ ସମ୍ପୂର୍ଣ୍ଣ କୋଭିଡ୍ ଟିକା ନେବା ବାଧ୍ୟତାମୂଳକ କରାଯାଇଛି। ଯଦି କେହି ଉଦ୍ଦେଶ୍ୟମୂଳକ ଭାବେ ଟିକା ନେଇ ନ ଥାନ୍ତି, ତା’ହେଲେ ସେମାନଙ୍କ ବିରୋଧରେ ☞ପୃଷ୍ଠା-୪

## ୪୦ ଡିଗ୍ରୀ ଉପରେ ୪ ସହର

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ତାତିରେ ସାରା ରାଜ୍ୟ ଉତ୍ତପ୍ତ ହୋଇଛି। ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସକୁ ଟପିଯାଇଛି। ୪ଟି ସହରର ପାରଦ ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୦.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ୪୦, ଝାରସୁଗୁଡ଼ା ୪୦.୨, ବୌଦ୍ଧ ୪୦, ସମ୍ବଲପୁର ୩୯.୫, ଅନୁଗୋଳ ୩୯.୧, ସୁନ୍ଦରଗଡ଼ ୩୯, ତାଳଚେର ୩୯, ହୀରାକୁଦ ୩୮.୯, ଭବାନୀପାଟଣା ୩୮, ଫୁଲବାଣୀ ୩୮, ସୋନପୁର ୩୮.୬ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୬.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୭ ତାରିଖ ଯାଏ ପାଗ ମୁଖ୍ୟତଃ ଶୁଷ୍କଳା ରହିବା ସହ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ । କେତେକ ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

**ଆଜି ପୌର ନିର୍ବାଚନ**




## କ୍ରାଇମ୍‌ବ୍ରାଞ୍ଚ ନେଲା ମାନସ ତଦନ୍ତ

■ ଡିଏସ୍‌ପି କଳ୍ପନାଙ୍କ ନେତୃତ୍ୱରେ ଗଠନ ହେଲା ୨ ଟିମ୍

■ ଶର୍ମିଷ୍ଠାଙ୍କ କାର୍ ଜବତ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁ ଅପହରଣ ଓ ହତ୍ୟା ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଦିନକୁ ଦିନ ନୂଆ ତଥ୍ୟ ମିଳିବାରେ ଲାଗିଛି। ଏହି ମାମଲାରେ ଇତିମଧ୍ୟରେ ୬ଜଣଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସମ୍ପୂର୍ଣ୍ଣା ଓ୍ୱେବ ପୋର୍ଟାଲର ମାଲିକାଣୀ ଶର୍ମିଷ୍ଠା ରାଉତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଶର୍ମିଷ୍ଠାଙ୍କ ସହ ତାଙ୍କର ଜଣେ ସହଯୋଗୀ ଫେରାର ଥିବାବେଳେ ବୁଧବାର ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ମାମଲାର ତଦନ୍ତ ଭାର କ୍ରାଇମ୍ ବ୍ରାଞ୍ଚକୁ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲାର ତଦନ୍ତ ପାଇଁ ଏକ ୫ ଜଣିଆ ଟିମ୍ ଏବଂ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କୁ ଗିରଫ କରିବା ପାଇଁ ୪ ଜଣିଆ ଟିମ୍ ଗଠନ କରାଯାଇଛି। ଅତିରିକ୍ତ ଏସ୍‌ପି କଳ୍ପନା ସାହୁଙ୍କ ତତ୍ତ୍ୱାବଧାନରେ ଏହି ଦୁଇଟି ଟିମ୍ କାମ କରିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଏହି ହତ୍ୟା ମାମଲା ସହ ବିଭିନ୍ନ ଜିଲାର ସମ୍ପୃକ୍ତି ଥିବାରୁ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଭାର ନେଇଛି। ଗୋଟିଏ ଟିମ୍ ଭଦ୍ରକ ସହ ଅନ୍ୟାନ୍ୟ ଜିଲାରେ ତଦନ୍ତ କରିବା ସହ ଅନ୍ୟ ଏକ ଟିମ୍ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କୁ ଗିରଫ କରିବାକୁ ସହଯୋଗ କରିବ। ଶର୍ମିଷ୍ଠା ରାଜ୍ୟ ବାହାରେ ରହିଥିବା ସୂଚନା ମିଳିଛି। ତେଣୁ ତାଙ୍କୁ ଧରିବାକୁ ଗୋଟିଏ ଟିମ୍ ରାଜ୍ୟ ବାହାରକୁ ଯିବ ବୋଲି ଏଡିଜି ପଣ୍ଡା କହିଛନ୍ତି। କ୍ରାଇମବ୍ରାଞ୍ଚ ଶର୍ମିଷ୍ଠାଙ୍କୁ ଧରିବାକୁ ବୈଷୟିକ ଜ୍ଞାନ କୌଶଳର ସହାୟତା ନେବ। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ କ୍ରାଇମବ୍ରାଞ୍ଚ ପାଇଁ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ଅପରପକ୍ଷରେ ଏହି ମାମଲାରେ ଜଡ଼ିତ ଏକ ବଡ଼ ☞ପୃଷ୍ଠା-୪



## କମେଣ୍ଟମରାରୁ ସଂଘବଦ୍ଧ ଆକ୍ରମଣ: ୪ ମୃତ

**ରାତିଅଧରେ ରକ୍ତରଞ୍ଜିତ ପିତଳ ଛକ**

■ ମୃତକଙ୍କ ମଧ୍ୟରେ ୩ ଭାଇ, ଜଣେ ସମ୍ପର୍କୀୟ ଭାଇ

■ ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

ହିଞ୍ଜିଳିକାଟୁ/ଶେରଗଡ଼(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୨୩।୩

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ତଥା ଶେରଗଡ଼ ବ୍ଲକ ଅନ୍ତର୍ଗତ ପିତଳ ଛକ ମଙ୍ଗଳବାର ବିଳମ୍ବିତ ରାତିରେ ରକ୍ତରଞ୍ଜିତ ହୋଇଥିଲା। ସନ୍ଧ୍ୟାରେ ଏକ ଫାଷ୍ଟଫୁଡ ଦୋକାନରେ ଖାଦ୍ୟକୁ ନେଇ ଦୋକାନୀଙ୍କ ସହ ଯୁକ୍ତିତର୍କ ଓ ପରେ କମେଣ୍ଟମରାକୁ ନେଇ ରାତି ପ୍ରାୟ ସାଢ଼େ ୧୨ଟାରେ ସେହି ଦୋକାନ ନିକଟରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏଥିରେ ଗୋଟିଏ ପରିବାରର ୩ ଭାଇ ଓ ଜଣେ ସମ୍ପର୍କୀୟ ନାବାଳକ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ମଙ୍ଗୁଲୁ ସ୍ୱାଇଁଙ୍କ ୩ ପୁଅ ରାଜା ସ୍ୱାଇଁ (୨୮), ଶମ୍ଭୁ ସ୍ୱାଇଁ (୨୫), ପାଣ୍ଡବ ସ୍ୱାଇଁ (୨୩) ଓ ଏମାନଙ୍କ ମାଉସୀ ପୁଅ ଭାଇ ବଉଳଘାଇ ଗ୍ରାମର ଚନ୍ଦନ ସ୍ୱାଇଁ (୧୬)। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖିଛି। ୪ ଭାଇଙ୍କ ପ୍ରତିଆକ୍ରମଣରେ ଅଭିଯୁକ୍ତ ଅମିୟ ସ୍ୱାଇଁ ଓରଫ ସାଧୁ ଗୁରୁତର ଆହତ ହୋଇ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ନାରକୀୟ ହତ୍ୟାକାଣ୍ଡ ପ୍ରତିବାଦରେ ନରେନ୍ଦ୍ରପୁର ଗାଁ ଲୋକଙ୍କ ସମେତ ସ୍ଥାନୀୟ ଲୋକେ ପିତଳ ଛକରେ ୫୯ ନଂ ଜାତୀୟ ରାଜପଥକୁ ବୁଧବାର ସକାଳୁ ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଦଣ୍ଡ ଓ ପିତଳ ଛକରେ ଥିବା ୨ ମଦ ଦୋକାନ ହଟାଇବା ପାଇଁ ଦାବି କରିଛନ୍ତି। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ବୁଝାଶୁଝା କରିଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ☞ପୃଷ୍ଠା-୪

## ଚକୋଲେଟ୍ ଖାଇ ୪ ଶିଶୁ ମୃତ

କୁଶିନଗର(ୟୁପି),୨୩।୩

ଉତ୍ତରପ୍ରଦେଶର କୁଶିନଗରରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଚକୋଲେଟ୍ ଖାଇ ଦୁଇ ପରିବାରର ୪ ଶିଶୁ ପ୍ରାଣ ହରାଇଛନ୍ତି। ଉକ୍ତ ଆଦିବାସୀ ପରିବାରର ସୂଚନା ଅନୁଯାୟୀ, କେହି ଜଣେ ସେମାନଙ୍କ ଘର ବାହାରେ ଚକୋଲେଟ୍ ଓ କିଛି ଟଙ୍କା ପକାଇ ଦେଇଥିଲେ। ଜଣେ ପିଲା ଚକୋଲେଟ୍ ଗୁଡ଼ିକୁ ପାଇ ଅନ୍ୟ ତିନିଜଣଙ୍କ ସହ ମିଶି ଖାଇଥିଲେ। କିଛି ସମୟ ପରେ ୪ ଜଣ ଶିଶୁ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ତୁରନ୍ତ ଜିଲା ହସ୍ପିଟାଲ ନିଆଯାଇଥିଲା। ସେଠାରେ ସେମାନଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଏଭଳି ଅମାନୁଷିକ କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ବିଷାକ୍ତ ଟଫି ପକାଇଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡବିଧାନ କରିବା ପାଇଁ ଦାବି ହୋଇଛି। ଉତ୍ତରପ୍ରଦେଶ କାମଚଳା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଉକ୍ତ ପରିବାରକୁ ଉପଯୁକ୍ତ ସହାୟତା ଯୋଗାଇଦେବାକୁ କହିଛନ୍ତି। ଘଟଣା ପଛରେ ଗୁଣିଗାରେଡ଼ି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି ବୋଲି କୁଶିନଗର ଏସ୍‌ପି କହିଛନ୍ତି।

# ୫୨ ବ୍ଲକରେ ଜଳ କଷ୍ଟ ଉତ୍କଟ

## ଭୂତଳ ଜଳସ୍ତର ହ୍ରାସ: ସେମିକ୍ରିଟିକାଲରେ ଭୁବନେଶ୍ୱର

■ ଖୁବ୍‌ଶୀଘ୍ର ଆସିବ ଜଳ ନିୟମ

■ ଜଳ ପ୍ରଦୂଷଣ କଲେ ଦେବାକୁ ପଡ଼ିବ ଜରିମାନା



ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ନଦୀ, ନାଳ, ପୋଖରୀ, କୂପ ଶୁଖିଲା ପଡ଼ିଗଲାଣି। ଏବେଠୁ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଲାଣି। ଏପ୍ରିଲ ଓ ମେ’ ମାସ ବେଳକୁ ପରିସ୍ଥିତି ଆହୁରି ସଙ୍ଗିନ ହେବା ଆଶଙ୍କା ପ୍ରକାଶ ପାଇଲାଣି। ସ୍ୱାଭାବିକ ବର୍ଷା ହେଉ ନ ଥିବାରୁ ଭୂଗର୍ଭସ୍ଥ ଜଳସ୍ତର ତଳକୁ ତଳ ଖସିବାରେ ଲାଗିଛି। କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲ୍ୟୁବି) ତଥ୍ୟ ଅନୁଯାୟୀ ରାଜ୍ୟରେ ମୌସୁମୀ ପରଠାରୁ ଅର୍ଥାତ୍ ନଭେମ୍ବର ୨୦୨୧ରୁ ରାଜ୍ୟରେ ୪୫% କୂଅର ଜଳସ୍ତର ନିମ୍ନଗାମୀ ହୋଇଛି। ୨୦୧୧ରୁ ୨୦୨୦ ମଧ୍ୟରେ ରାଜ୍ୟରେ ୫୧୭ କୂଅରେ ଜଳସ୍ତର ହ୍ରାସ ପାଇଛି। ତେବେ ୨୦୨୧ ନଭେମ୍ବରରେ ୬୫୦ କୂଅରେ ଜଳସ୍ତର ବୃଦ୍ଧି ପାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ରାଜ୍ୟରେ ୨.୬ ପ୍ରତିଶତ କୂଅର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ୨.୮ ପ୍ରତିଶତ ନିମ୍ନଗାମୀ ହୋଇଛି। ତେବେ ଭୂତଳ ଜଳସ୍ତର ବୃଦ୍ଧିକୁ ଦେଖିଲେ ଓଡ଼ିଶାର ସ୍ଥାନ ୧୧ ନମ୍ବର ସ୍ଥାନରେ ରହିଛି। ଅଗଷ୍ଟରୁ ମାର୍ଚ୍ଚ ମଧ୍ୟରେ ଭୂତଳ ଜଳସ୍ତର ଅତିମାତ୍ରାରେ ତଳକୁ ଖସି ଯାଉଛି। ରାଜ୍ୟ ଭୂତଳ ଜଳ ବୋର୍ଡ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଗଷ୍ଟରୁ ମାର୍ଚ୍ଚ ମଧ୍ୟରେ ୧୫ ଜିଲାର ଜଳସ୍ତର ୨ରୁ ୪ ମିଟର ତଳକୁ ଖସି ଯାଉଛି। ସେହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବଲାଙ୍ଗୀର, ବରଗଡ଼, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, କୋରାପୁଟ, ମୟୂରଭଞ୍ଜ, ସୋନପୁର, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, ନୟାଗଡ଼, ସୁନ୍ଦରଗଡ଼।

କେବଳ ସେତିକି ନୁହେଁ, ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୫୨ ବ୍ଲକରେ ଭୂତଳ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ୬ ବ୍ଲକରେ ଭୂତଳ ଜଳ ସମସ୍ୟା ସାଂଘାତିକ ଆଡ଼କୁ ଗଲାଣି। ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ବୋଲଗଡ଼ ବ୍ଲକ, ବାଲେଶ୍ୱର ଜିଲାର ବାହାନଗା, ନୂଆପଡ଼ା, ଯାଜପୁରର କୋରେଇ ଏବଂ କେନ୍ଦ୍ରାପଡ଼ାର ଗରଦପୁର ବ୍ଲକରେ ଜଳ ସମସ୍ୟା ବଢ଼ିବାରେ ଲାଗିଛି । ଏହି ସବୁ ଜିଲାରେ ଭୂଗର୍ଭସ୍ଥ ଜଳସ୍ତର ୭୦ରୁ ୮୦ ପ୍ରତିଶତ ବ୍ୟବହାର କରାଯାଉଛି। ସେହିପରି ୨୭ ସହରାଞ୍ଚଳରେ ମଧ୍ୟ ଭୂତଳ ଜଳ ଅବସ୍ଥା ସଙ୍ଗିନ ହେଲାଣି। ସେହି ସହରଗୁଡ଼ିକ ମଧ୍ୟରେ ରହିଛି ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଅନୁଗୋଳ, ତାଳଚେର, ବରଗଡ଼, ପଦ୍ମପୁର, ବରପାଲି, ଟିଟିଲାଗଡ଼, ଆସ୍କା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ଝାରସୁଗୁଡ଼ା, ଯୋଡ଼ା, ବାରିପଦା, ନବରଙ୍ଗପୁର, ନୟାଗଡ଼, ଢେଙ୍କାନାଳ, ତରଭା, ସୋନପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ।

ଆସନ୍ତା ୩ରୁ ୪ ବର୍ଷ ମଧ୍ୟରେ ଭୁବନେଶ୍ୱର ସହରରେ ଭୂତଳ ଜଳ ସମସ୍ୟା ଉତ୍କଟ ହେବା ନେଇ ସତର୍କ କରାଯାଇଛି। ଭୁବନେଶ୍ୱର ଏବେ ସେମିକ୍ରିଟିକାଲ ବା ଆଂଶିକ ଉତ୍କଟ ସ୍ତରରେ ରହିଛି। ସହରର ଜନସଂଖ୍ୟା ଯେପରି ହୁ ହୁ ହୋଇ ବଢ଼ିଚାଲିଛି। ସ୍ଥିତିରେ ସୁଧାର ନ ଆସିଲେ ଏହା ଅଳ୍ପ କିଛି ବର୍ଷ ମଧ୍ୟରେ କ୍ରିଟିକାଲ(ଉତ୍କଟ) ଅବସ୍ଥାକୁ ଚାଲିଯିବ। କେବଳ ସେତିକି ନୁହେଁ, ନୟାଗଡ଼ର ନୟାଗଡ଼ ବ୍ଲକ, ☞ପୃଷ୍ଠା-୪





KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୭,୫୩,୬୬,୩୧୧ | ୬୧,୨୪,୬୭୩ | ୪୧,୦୮,୨୨,୫୮୩ |
| ଭାରତ | ୪,୩୦,୧୨,୭୪୯ | ୫,୧୬,୬୭୬ | ୪,୨୪,୭୩,୦୫୭ |
| ଓଡ଼ିଶା | ୧୨,୮୭,୨୮୫ | ୯୧୧୬(+୫୩) | ୧୨,୭୭,୬୭୭ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଭଲ ମାନସିକତା ସଫଳତା ଆଣିଦିଏ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଅନେକ ପ୍ରମୁଖ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ସଫଳତାର ସହ ସମ୍ପନ୍ନ କରି ସେ ଉଚ୍ଚ ପ୍ରଶଂସିତ। ବୈଷୟିକ ଶିକ୍ଷା ବିସ୍ତାର କ୍ଷେତ୍ରରେ ମଧ ଅଗ୍ରଣୀ ଭୂମିକା ନେଇଛନ୍ତି। ସ୍ୱାସ୍ଥ୍ୟସେବା, ହସ୍ପିଟାଲିଟି ଓ ହୋଟେଲ ଶିଳ୍ପରେ ପ୍ରତିପାଦନ କରିଛନ୍ତି ନିଜର ସ୍ୱାତନ୍ତ୍ର୍ୟ। ଦୀର୍ଘ ୪ ଦଶନ୍ଧିର ବୃତ୍ତିଗତ ଯାତ୍ରା ଭିତରେ ଅନେକ ସଂଘର୍ଷକୁ ସାମ୍ନା କରିଛନ୍ତି, ହେଲେ ଅପସରି ଯାଇନାହାନ୍ତି ସଂକଳ୍ପ ପଥରୁ। ନିରବଚ୍ଛିନ୍ନ ସାଧନା ଓ କର୍ତ୍ତବ୍ୟନିଷ୍ଠା ତାଙ୍କୁ ସଫଳତା ଓ ପରିଚୟ ଦେଇଛି। ତାଙ୍କ ଜୀବନ ଯାତ୍ରାର ପ୍ରତିଟି ଫର୍ଦ୍ଦ ନୂତନ ପିଢ଼ିକୁ ମାର୍ଗ ଦେଖାଇ ପ୍ରେରଣା ଦେଇଛି। ଶ୍ରୀଦୁର୍ଗା କଣ୍ଡେଭ ପ୍ରାଇଭେଟ୍ ଲିମିଟେଡ୍, ଡ୍ରିମ୍‌ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ, ପ୍ରମୋଦ ହୋଟେଲ ଗ୍ରୁପ୍, ପଦ୍ମିନୀ କେୟାର ହସ୍ପିଟାଲ ଆଦିର ପ୍ରତିଷ୍ଠାତା ଅଧକ୍ଷ ଶିଳ୍ପପତି ପ୍ରମୋଦ ଚନ୍ଦ୍ର ରଥଙ୍କ ସହ 'ଧରିତ୍ରୀ'ର ସାକ୍ଷାତ୍‌କାର।



**ପ୍ରମୋଦ ଚନ୍ଦ୍ର ରଥ**
**ପ୍ରତିଷ୍ଠାତା ଅଧକ୍ଷ, ପଦ୍ମିନୀ କେୟାର ହସ୍ପିଟାଲ**

**▸▸ ଜଣେ ସଫଳ ଓ ପ୍ରତିଷ୍ଠିତ ଶିଳ୍ପପତି ଭାବେ ଆପଣ ବେଶ୍ ଜଣାଶୁଣା। କେମିତି ଥିଲା ସଂକଳ୍ପ ଆଉ ସାଧନାର ଯାତ୍ରା?**

ସ୍କୁଲରେ ପଢ଼ିବାବେଳେ ଇଚ୍ଛା ଥିଲା ଅନେକ। ହେଲେ ଚାକିରି ପଛରେ ନ ଗୋଡାଇ ନିଜେ କିଛି କରିବାର ଲକ୍ଷ୍ୟ ନେଇ ଆରମ୍ଭ କରିଥିଲି ବ୍ୟବସାୟ। ନିଜ ଗୋଡ଼ରେ ଠିଆହେବା ସହ ଅନ୍ୟକୁ ନିଯୁକ୍ତି ଯୋଗାଇବା ଥିଲା ମୋର ଉଦ୍ଦେଶ୍ୟ। ବାପା ବି ମୋ ଭବିଷ୍ୟତକୁ ନେଇ ଅତ୍ୟନ୍ତ ଚିନ୍ତିତ ରହୁଥିଲେ। ଚାକିରି କରିବି ନା ବ୍ୟବସାୟ ଏମିତି ଦୋଛକିରେ ଛିଡ଼ାହୋଇ ଶେଷରେ ବ୍ୟବସାୟକୁ ବାଛିଥିଲି। ଅଶୀ ଦଶକରେ ପ୍ରଥମେ ଇଡ୍‌କୋ ସହାୟତାରେ କିଛି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲି। ପରେ 'ଶ୍ରୀଦୁର୍ଗା କଣ୍ଡେଭ୍ ପ୍ରା.ଲିଃ' ସ୍ଥାପନ ସହ ବିଭିନ୍ନ ପ୍ରକଳ୍ପ ଆମେ ହାତକୁ ନେଇଥିଲୁ। ଏନ୍‌ଏଚ୍‌ଆଇ, ରେଲୱେ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରିବାକୁ ସୁଯୋଗ ମିଳିଲା। ପ୍ରକଳ୍ପରେ ଗୁଣାତ୍ମକ ମାନ ଓ ନିର୍ଦ୍ଧାରିତ ସମୟରେ ଏହାକୁ ସମ୍ପୂର୍ଣ୍ଣ କରିବା ହେତୁ ଆମ ନିର୍ମାଣ ସଂସ୍ଥା ସରକାରଙ୍କ ଆସ୍ଥାଭାଜନ ହୋଇପାରିଛି। ସେହି ବିଶ୍ୱସନୀୟତା ବଜାୟ ରଖିବା ଲାଗି ପ୍ରଚେଷ୍ଟା ଜାରି ରହିଛି।




**▸▸ ନିର୍ମାଣ କ୍ଷେତ୍ରରେ ସଫଳତା ଅର୍ଜନ ପରେ କ'ଣ ପାଇଁ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଲାଗି ମନବଳାଇଲେ?**

ମୋର ପ୍ରେରଣାଦାତା ହେଉଛନ୍ତି ମୋ ବାପା। ତାଙ୍କ ଇଚ୍ଛା ଥିଲା ଆମ ଅଞ୍ଚଳରେ ଇଞ୍ଜିନିୟରିଂ କଲେଜଟିଏ ସ୍ଥାପନ ହେଲେ ପିଲାଙ୍କୁ ଆଉ ବାହାରକୁ ଯିବାକୁ ପଡ଼ନ୍ତା ନାହିଁ। ୧୯୯୪ରେ ତାଙ୍କର ଦେହାନ୍ତ ହେଲା। ବାପାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ତାହା କରିବାକୁ ନିଷ୍ପତ୍ତି ନେଲୁ। ପିତା ଧନେଶ୍ୱର ରଥଙ୍କ ନାମରେ ୧୯୯୯ ମସିହାରେ 'ଡ୍ରିମ୍‌ସ' କଲେଜ ସ୍ଥାପନ ହେଲା। ଆଜି ଏହା ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇବା ସହିତ ଡ୍ରିମ୍‌ସ ଗ୍ରୁପ୍‌ର ଅନେକ ପାଠ୍ୟକ୍ରମରେ ଯୋଡ଼ିହୋଇଛି। ଆଗକୁ ମେଡିକାଲ କଲେଜ ସ୍ଥାପନ ଲକ୍ଷ୍ୟ ବି ରହିଛି।

**▸▸ ଏତେସବୁ ଅନୁଷ୍ଠାନ ପରେ ହୋଟେଲ ଶିଳ୍ପକୁ ଗଲେ କାହିଁକି? କ'ଣ ବ୍ୟବସାୟ ପରିବର୍ଦ୍ଧନ ଲକ୍ଷ୍ୟରେ?**

ହୋଟେଲ ବ୍ୟବସାୟ କ୍ଷେତ୍ରରେ ଆଗରୁ ସେମିତି କିଛି ଅଭିଜ୍ଞତା ନ ଥିଲା। ୧୯୯୭ରେ ଶ୍ରୀଜଗନ୍ନାଥଙ୍କ କୃପାରୁ ପ୍ରଥମକରି ପର୍ଯ୍ୟଟନ କ୍ଷେତ୍ର ପୁରୀ ଷ୍ଟେଶନ୍ ରୋଡ୍‌ରେ 'ପଦ୍ମା' ନାମରେ ଆମେ ଏକ ହୋଟେଲ ଆରମ୍ଭ କଲୁ। ଅବଶ୍ୟ ତାହା ନିଲାମ ସୂତ୍ରରେ ଆମକୁ ମିଳିଥିଲା। ହୋଟେଲଟି ଭଲ ଚାଲିଲା। ହେଲେ ହୋଟେଲ ବିଜ୍‌ନେସ୍ ଉପରେ ଆମେ ସେତେଟା ଗୁରୁତ୍ୱ ଦେଇ ନ ଥିଲୁ। ମୋ ପୁଅ ଦୁର୍ଗାପ୍ରସାଦ (ବୁବୁ) ଇଞ୍ଜିନିୟରିଂ ପଢ଼ା ସାରିବା ପରେ କନ୍‌ଷ୍ଟ୍ରକ୍‌ଶନ୍ କ୍ଷେତ୍ରକୁ ଆସିବ ବୋଲି ଭାବିଥିଲୁ। ମାତ୍ର ସେ ହୋଟେଲ ଓ ଅଟୋମୋବାଇଲ ବିଜ୍‌ନେସ୍ ଉପରେ ଫୋକସ୍ କଲା। ବିଶେଷକରି ହୋଟେଲ ବିଜ୍‌ନେସ୍‌କୁ ଆଗକୁ ବଢ଼ାଇବାକୁ ଚାହିଁଲା। ଏବେ କଟକ ଓ ପୁରୀରେ 'ପ୍ରମୋଦ କନଭେନ୍‌ଶନ୍ ଆଣ୍ଡ କ୍ଲବ ରିସର୍ଟ' ନାମରେ ଆମର ହୋଟେଲ ରହିଛି। ଗୋପାଳପୁରରେ ଓଟିଡିସି ସହଯୋଗରେ ଆଉ ଏକ ହୋଟେଲ ନିର୍ମାଣ କାର୍ଯ୍ୟ ଚାଲିଛି। ଭୁବନେଶ୍ୱରରେ ଅନ୍ୟ ଏକ ଇଣ୍ଟରନ୍ୟାଶନାଲ ଗ୍ରୁପ ସହଯୋଗରେ ଗୋଟିଏ ପଞ୍ଚତାରକା ହୋଟେଲ କରାଯାଇଛି। ଭିତରକନିକାରେ ମଧ ଇକୋ ଟୁରିଜମ୍‌କୁ ଦୃଷ୍ଟିରେ ରଖି ଆଉ ଏକ ହୋଟେଲ ଖୋଲିବା ପ୍ରସ୍ତାବ ରହିଛି। ସେଠାରେ ପ୍ରାରମ୍ଭିକ କାର୍ଯ୍ୟ ବି ଆରମ୍ଭ ହୋଇଛି।

**▸▸ କୋଭିଡ୍-୧୯ ଜୀବନଜୀବିକାକୁ ବିପର୍ଯ୍ୟସ୍ତ କରିଥିବାବେଳେ ହୋଟେଲ ବ୍ୟବସାୟ ସଙ୍କଟର ସମ୍ମୁଖୀନ ହୋଇଥିଲା। ଏହି ଚ୍ୟାଲେଞ୍ଜକୁ କିଭଳି ସାମ୍ନା କରିଥିଲେ ?**

କରୋନା ଆମ ଜୀବନଧାରାକୁ କ୍ଷତିଗ୍ରସ୍ତ କରିଛି, ସତ ମାତ୍ର ବଞ୍ଚିବାର ଅନେକ ନୂଆ କଥା ଶିଖାଇଛି। ଏ ଜୀବନ ଜୀବିକା ଯୁଦ୍ଧରେ କିଭଳି ନିଜକୁ ପ୍ରସ୍ତୁତ କରିବାକୁ ହେବ ଓ ଜୀବନକୁ ନୂଆ ରୂପ ଦେଇହେବ ସେନେଇ ଉପାୟ ଖୋଜା ଚାଲିଥିବାବେଳେ ଆମେ ନୂତନ ବ୍ୟବସ୍ଥା ସ୍ୱରୂପ କେତେକ କାର୍ଯ୍ୟକ୍ରମ ହାତକୁ ନେଇ ସଫଳତା ପାଇଥିଲୁ। କରୋନା ପାଇଁ ସହରଠୁ ଗାଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ହୋଟେଲ, ଢାବା, ରେଷ୍ଟୁରାଣ୍ଟ ଆଦି ବନ୍ଦ ରହିଥିବାବେଳେ ଆମେ ଏକ ଅଭିନବ ଢଙ୍ଗରେ ଗ୍ରାହକଙ୍କ ପାଖରେ ପହଞ୍ଚିବାର ପ୍ରୟାସ କରିଥିଲୁ।

**▸▸ ନୂଆ ବ୍ୟବସ୍ଥା କ'ଣ ଓ କିଭଳି ଥିଲା?**

କୋଭିଡ୍ କଟକଣା ପାଇଁ ଲୋକେ ଘରେ ରହିବାକୁ ବାଧ ହେଉଥିଲେ। ବାହାରକୁ ଯାଇ ଖିଆପିଆ କରିବା ସୁଯୋଗ ନ ଥିଲା। ଘରେ ରହି ବୋର୍ ଅନୁଭବ କରୁଥିଲେ। ସେହି ସମୟରେ ଆମ ହୋଟେଲ ପକ୍ଷରୁ 'ଫ୍ରେସ୍ ବକ୍ସ' ବ୍ୟବସ୍ଥା ଆରମ୍ଭ କରି ଗ୍ରାହକଙ୍କୁ ମନପସନ୍ଦର ଖାଦ୍ୟ ପରଷି ଦେଇଥିଲୁ। ଏହା ଥିଲା ରାଜ୍ୟରେ ପ୍ରଥମ ଓ ଅଭିନବ ପ୍ରୟାସ। ଅର୍ଡର ମୁତାବକ ଆମେ ବିଭିନ୍ନ ଆକର୍ଷଣୀୟ ଚଟ୍‌ପଟି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ହୋମ୍ ଡେଲିଭରି କରୁଥିଲୁ। ଗ୍ରାହକମାନେ ତାକୁ ଛାଣି କିମ୍ବା ଭାଜି ଗରମାଗରମ ଖାଇପାରୁଥିଲେ। ସେଥିରେ ହୋଟେଲ ପରି ସ୍ୱାଦ ଓ କ୍ୱାଲିଟି ଭରିରହିଥିଲା। ରଥଯାତ୍ରା, ରଜ ଓ ଅନ୍ୟ ପର୍ବପର୍ବାଣି ସମୟରେ ମଧ ଗ୍ରାହକଙ୍କ ପାଇଁ ଆମ ହୋଟେଲ ଦ୍ୱାରା ପ୍ରସ୍ତୁତ ଶୁଦ୍ଧ ନିରାମିଷ ଭୋଜନ ବ୍ୟବସ୍ଥା ସହ ପିଠାପଣା ବି ଯୋଗାଇଦେଇଥିଲୁ। ଏସବୁ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି କାର୍ଯ୍ୟରେ ପ୍ରଶାସନ ମଧ ଆମକୁ ସହଯୋଗର ହାତ ବଢ଼ାଇଥିଲା। ଏବେ କରୋନାର ପ୍ରକୋପ ହ୍ରାସ ପାଇଛି। ଦୋକାନବଜାର ଖୋଲିଲାଣି। ଟିକାକରଣ ବି ଚାଲିଛି। ହୋଟେଲ ବ୍ୟବସାୟ ୯୫% ସ୍ୱାଭାବିକ ହେଲାଣି। ତେବେ ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ ବିମାନ ସେବା ସ୍ୱାଭାବିକ୍ ହୋଇ ନ ଥିବାରୁ ବାହାର ଟୁରିଷ୍ଟ ଆସୁନାହାନ୍ତି। ତେବେ ଦେଶ ଭିତର ଟୁରିଷ୍ଟଙ୍କ ସଖ୍ୟା ଯଥେଷ୍ଟ ବଢ଼ିଛି। ଏସବୁ ଦୃଷ୍ଟିରୁ ଆଗାମୀ ଦିନରେ ବ୍ୟବସାୟ ଅଧିକ ଉତ୍ସାହଜନକ ହେବ, ଏ ଆଶା ବି ରହିଛି।

**▸▸ ଗତବର୍ଷ କୋଭିଡ୍ ଭଳି ସଙ୍କଟ ବେଳେ 'ପଦ୍ମିନୀ କେୟାର' ହସ୍ପିଟାଲ ଖୋଲିଲେ। ଏହା କେମିତି ଥିଲା ?**

କୋଭିଡ୍-୧୯ର ଭୟାବହ ସ୍ଥିତି ବେଳେ ମୁକାବିଲା ପାଇଁ ପ୍ରଶାସନ ଆମର ସହଯୋଗ ଲୋଡ଼ିଥିଲା। 'ଡ୍ରିମ୍‌ସ'ରେ କୋଭିଡ୍ କେୟାର ସେଣ୍ଟର ଖୋଲିଲା। କୋଭିଡ୍ ସମୟରେ ଜନତାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ଅନୁଭୂତି ଆମକୁ ପର ମୁହୂର୍ତ୍ତରେ ଏକ ହସ୍ପିଟାଲ ପ୍ରତିଷ୍ଠା ଲାଗି ପ୍ରେରିତ କଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତବର୍ଷ ଅଗଷ୍ଟରେ ଉଦ୍‌ଘାଟିତ ୪୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ 'ପଦ୍ମିନୀକେୟାର' ହସ୍ପିଟାଲ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଚାଲିଛି।

**▸▸ ବ୍ୟସ୍ତବହୁଳ ଜୀବନଚର୍ଯ୍ୟା ଭିତରେ କିଭଳି ନିଜକୁ ପ୍ରସ୍ତୁତ ରଖନ୍ତି?**

ଜୀବନ ହିଁ କର୍ମମୟ। ତେବେ କାର୍ଯ୍ୟଭାର ଭିତରେ ବି ସମୟ ବାହାରକରି ଆମକୁ ପ୍ରିୟପରିଜନ ଓ ସାଙ୍ଗସାଥୀଙ୍କ ମେଳରେ ରହିବାକୁ ପଡ଼ିବ। ମୁଁ ମଧ ଛୁଟିଦିନ କିମ୍ବା ଫୁରସତ୍ ବେଳେ ସ୍କୁଲ ସାଙ୍ଗମାନଙ୍କ ସହ ତାସ୍ ଖେଳିବା ଓ ଖିଆପିଆ କରିବାକୁ ଭଲପାଏ। ବିଶେଷ କିଛି ଅସୁବିଧା ନ ଥିଲେ ବର୍ଷକୁ ଅନ୍ତତଃ ଥରେ ପରିବାର ସଦସ୍ୟ ଓ ବନ୍ଧୁଙ୍କ ସହିତ ବିଦେଶ ବୁଲିବାକୁ ଯାଏ।

**▸▸ ଆପଣଙ୍କ ସଫଳତାର ରହସ୍ୟ କ'ଣ ?**

ଆଜି ମୁଁ ଯେଉଁଠି ଅଛି, ଯେମିତି ବି ଅଛି ଏସବୁ ଭଗବାନଙ୍କ ଦ୍ୱାରା ସ୍ଥିରୀକୃତ। ଧର୍ମାନୁଷ୍ଠାନ ଓ ଆଧାତ୍ମିକ କାର୍ଯ୍ୟ ପ୍ରତି ମୋର ପିଲାବେଳରୁ ହିଁ ଆସକ୍ତି ରହିଛି। ମୋ ପାଇଁ ଚଳନ୍ତି ଈଶ୍ୱର ହେଉଛନ୍ତି ମୋର ମାତାପିତା। ସାଧନା ପଥରେ ପ୍ରେରଣାଦାତ୍ରୀ ହେଉଛନ୍ତି ମୋର ସହଧର୍ମିଣୀ 'ପଦ୍ମିନୀ'। ମୋ ମତରେ କିଛି ଭଲ କରିବାର ମାନସିକତା ରହିଲେ ସଫଳତା ଆପେ ମିଳିବ।

**▸▸ ଶେଷ କଥା କ'ଣ କହିବେ ?**

ନିରବଚ୍ଛିନ୍ନ ପ୍ରଚେଷ୍ଟା ଓ ଈଶ୍ୱରଙ୍କ ଆଶୀର୍ବାଦରୁ ଯେଉଁ ସଫଳତା ମିଳିଛି ବା ମିଳିବ ତାକୁ ବହୁଗୁଣିତ କରିବା ଓ ଲୋକଙ୍କ ହୃଦୟ ଜିଣିବା।

# ଗୋଦାମରେ ନିଆଁ: ୧୧ ପ୍ରବାସୀ ଶ୍ରମିକ ଦଗ୍ଧ

**ହାଇଦ୍ରାବାଦ, ୨୩।୩(ପି.ଟି.)**

ହାଇଦ୍ରାବାଦର ଭୋଇଗୁଡ଼ା ଅଞ୍ଚଳରେ ଥିବା ଏକ ରଦ୍ଦି ମାଲ୍ ଗୋଦାମରେ ବୁଧବାର ଭୋର ସମୟରେ ନିଆଁ ଲାଗିଯିବାରୁ ୧୧ ପ୍ରବାସୀ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସମସ୍ତଙ୍କ ଘର ବିହାରର ଚାପ୍ରା ଜିଲାରେ। ନିଆଁ ଲାଗିଲା ବେଳେ ସେମାନେ ଗୋଦାମର ଉପର ମହଲାରେ ଶୋଇଥିଲେ। ଜଣେ ଝରକା ଭାଙ୍ଗି ବାହାରି ଆସିବାରେ ସକ୍ଷମ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସିକନ୍ଦରାବାଦର ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଡ଼ିଯାଇଥିବା ମୃତଦେହଗୁଡ଼ିକ ଚିହ୍ନଟ ସମ୍ଭବ ହେଉ ନ ଥିବାରୁ ଏଥିପାଇଁ ଡିଏନ୍‌ଏ ପରୀକ୍ଷା କରାଇବାକୁ ପଡ଼ିବ ବୋଲି ପୋଲିସ କହିଛି। ଗୋଦାମରେ ଅଗ୍ନି ନିର୍ବାପନର କୌଣସି ବ୍ୟବସ୍ଥା ନ ଥିଲା। ଗୋଟିଏମାତ୍ର ଷ୍ଟେୟାରକେସ୍ ଥିବାରୁ କେହି ବାହାରି ପାରି ନ ଥିଲେ।

ଏହି ଦୁଃଖଦ ଘଟଣାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବା ପାଇଁ କହିଛନ୍ତି। ଏଥିସହିତ ମୃତଦେହଗୁଡ଼ିକୁ ବିହାର ପଠାଇବା ଲାଗି ସମସ୍ତ ବ୍ୟବସ୍ଥା କରାଇବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟ ସଚିବ ସୋମେଶ କୁମାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମେଶଙ୍କ ସମେତ ମନ୍ତ୍ରୀ ଟି. ଶ୍ରୀନିବାସ ଯାଦବ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ନିଆଁ ଲାଗିବା ସମ୍ପର୍କରେ ଭୋର ୩ଟା ୫୫ରେ ଅଗ୍ନିଶମ ବିଭାଗକୁ ଖବର ମିଳିଥିଲା। ୮ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ସକାଳ ୭ଟା ସୁଦ୍ଧା ନିଆଁକୁ ଆୟତ୍ତ କରିଥିଲେ। ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ନିଆଁ ପ୍ରଥମେ ରଦ୍ଦି ମାଲ୍ ଗୋଦାମରେ ଲାଗିବା ପରେ ଏହା ଉପର ମହଲାକୁ ବ୍ୟାପିଯାଇଥିଲା। ଶ୍ରମିକମାନେ ବାହାରିବାକୁ ଉଦ୍ୟମ କରିଥିଲେ ମଧ ପ୍ରବଳ ଧୂଆଁରେ ସେମାନେ ଶ୍ୱାସରୁଦ୍ଧ ହୋଇ ମୂର୍ଚ୍ଛା ଯାଇଥିଲେ ବୋଲି କୁହାଯାଉଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ଲାଗି ନିକଟସ୍ଥ ଗାନ୍ଧୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।







# ବିଦା ହେଲେ ଆଉ ୬ ଅଧିକାରୀ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

**ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର ଆଭିମୁଖ୍ୟ**
- ଜଣେ ମୁଖ୍ୟଯନ୍ତ୍ରୀ, ୩ ନିର୍ବାହୀ ଯନ୍ତ୍ରୀ ଓ ୨ ବ୍ଲକ ଶିକ୍ଷା ଅଧିକାରୀ
- ଏ ପର୍ଯ୍ୟନ୍ତ ବିଦା ହେଲେଣି ୧୬୪ ଅଧିକାରୀ

ରାଜ୍ୟ ସରକାର ଆଉ ୬ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମୁଖ୍ୟଯନ୍ତ୍ରୀ, ୩ ନିର୍ବାହୀ ଯନ୍ତ୍ରୀ ଓ ୨ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଅଛନ୍ତି। ସମ୍ବଲପୁର ଇଲେକ୍ଟ୍ରିକାଲ୍ ମୁଖ୍ୟଯନ୍ତ୍ରୀ ସୁନୀଲ କୁମାର ପଣ୍ଡାଙ୍କୁ ଚାକିରିରୁ ବାଧ୍ୟତାମୂଳକ ଭାବେ ଅବସର ଦିଆଯାଇଥିବା ବେଳେ ବ୍ରହ୍ମପୁର ଗ୍ରାମ୍ୟ ବିଦ୍ୟୁତ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ସେଠୀ, ଡେପୁଟି ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଦୀପକ କୁମାର ଭୂୟାଁ, ପ୍ରଶାନ୍ତ ମିଶ୍ର, ଗୁଣପୁର ବିଇଓ ଅନ୍ତର୍ଯାମୀ ବେହେରା ଓ ନୂଆଗଡ଼ ବିଇଓ ବ୍ରଜ ନାୟକଙ୍କୁ ଚାକିରିରୁ ବିଦା କରାଯାଇଛି।

ଏହି ୬ ଜଣଙ୍କ ମଧ୍ୟରୁ ସମ୍ବଲପୁର ଇଲେକ୍ଟ୍ରିକାଲ ମୁଖ୍ୟଯନ୍ତ୍ରୀ ସୁନୀଲ କୁମାର ପଣ୍ଡାଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ଅଛି। ତାଙ୍କ ପାଖରେ ୩.୨୬ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିଲା। ଏଥିପାଇଁ ତାଙ୍କୁ ନିଲମ୍ବିତ ମଧ୍ୟ କରାଯାଇଥିଲା। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ବ୍ରହ୍ମପୁର ରୁରାଲ ୱାର୍କ୍ସ ଇଲେକ୍ଟ୍ରିକାଲ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ସେଠୀଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ଥିଲା। ତାଙ୍କ ପାଖରେ ୭.୬୩ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିଲା ଏବଂ ଏଥିପାଇଁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ସେହିପରି ଡେପୁଟି ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଦୀପକ କୁମାର ଭୂୟାଁଙ୍କ ନାମରେ ଦୁଇଟି ଦୁର୍ନୀତି ମାମଲା ରହିଛି। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଡେପୁଟି ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମିଶ୍ରଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ ଅନ୍ତର୍ଯାମୀ ବେହେରାଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ଅଛି। ସେ ୧୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ତାଙ୍କୁ ୨୦୨୨ ମାର୍ଚ୍ଚ ୨ ତାରିଖରେ ଗିରଫ କରାଯାଇ ତା' ପରଦିନ କୋର୍ଟକୁ ପଠାଯାଇଥିଲା। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ସେହିପରି ଗଜପତି ଜିଲା ନୂଆଗଡ଼ସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ ବ୍ରଜ ନାୟକଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ରହିଛି। ତାଙ୍କ ଅଫିସ ଭିତରେ ୩୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିଲା ବେଳେ ସେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡ଼ିଥିଲେ। ଅସାଧୁତା କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୬୪ ଜଣ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି ବା ପେନ୍‌ସନ ବନ୍ଦ କରାଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି।



**ଆଜିର ମନ୍ତବ୍ୟ**

"ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଦର ନିୟନ୍ତ୍ରଣରେ ରଖିବାକୁ ହେଲେ ପ୍ରତି ମାସରେ ନିର୍ବାଚନ ହେବା ସବୁଠୁ ଭଲ ଉପାୟ। -**ସୁପ୍ରିୟା ସୁଲେ, ଏନ୍‌ସିପି ଏମ୍‌ପି**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଲୁରା ଚାଳ,**
**ମୁକୁଳା ବାଳ,**
**ଏହା ନ ରହିବ ବହୁତ କାଳ।**

ଛାଉଣି ପାଇଁ ଉଲୁରା ଯାଇଥିବା ଚାଳକୁ ବେଶି ଦିନ ଖୋଲା ପକାଇ ରଖିବା ଅଶୁଭତାର ଲକ୍ଷଣ ହୋଇଥାଏ। ନାରୀଙ୍କ ପକ୍ଷେ ବାଳ ବା କେଶ ମୁକୁଳା ରଖିବା କୁଲକ୍ଷଣ ବୋଲି କୁହାଯାଇଥାଏ। ତେଣୁ ଉଲୁରା ଚାଳ ଓ ମୁକୁଳା ପଡିଥିବା ବାଳକୁ ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ନ ରଖିବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

**ଉଠରେ ମଲୁ ପଥି କରିବୁ,**
**ଶିଳପୁଆ ଭଳି ଗୁଣ୍ଡା ବଳିବୁ।**

ଅକର୍ମା ତଥା ଅଳସୁଆ ବ୍ୟକ୍ତି କାମ କରିବାକୁ ପଛଘୁଞ୍ଚା ଦେଇଥାନ୍ତି। ଏପରିକି କିଛି କାମ କରିବାକୁ କହିଲେ ସେଥିରୁ ବର୍ତ୍ତିବା ପାଇଁ ନାନା ବାହାନା ଦେଖାଇଥାନ୍ତି। କିନ୍ତୁ ଖାଇବା କଥା ହେଲେ ସେହି ବ୍ୟକ୍ତି ବଡ଼ ଆଗ୍ରହରେ ଖାଇବା ଲାଗି ପ୍ରସ୍ତୁତ ହୋଇଯାଇଥାନ୍ତି। ରୋଗ ବାହାନା କରୁଥିବା ନିକମା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ତେଲ ଦର ବୃଦ୍ଧି ପ୍ରତିବାଦର ନେତୃତ୍ୱ ନେଲେ ସୋନିଆ

**ନୂଆଦିଲ୍ଲୀ,୨୩।୩(ପି.ଟି.)**

ଲୋକ ସଭାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଦଳୀୟ ଏମ୍‌ପିଙ୍କ ସମେତ ଅନ୍ୟ ବିରୋଧୀ ଦଳ ସଦସ୍ୟମାନେ ତୈଳ ଓ ଏଲ୍‌ପିଜି ଦର ବୃଦ୍ଧି ପ୍ରତିବାଦରେ ହଟ୍ଟଗୋଳ କରିଥିଲେ। ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥିଲେ। ସୋନିଆ ଅସ୍ୱାଭାବିକ ଭାବେ ଅତ୍ୟଧିକ ସକ୍ରିୟ ହୋଇଉଠିଥିବା ଦେଖାଯାଇଥିଲା। ସେ ପେଟ୍ରୋଲ, ଡିଜେଲ୍ ଏବଂ ଏଲ୍‌ପିଜି ଦର ବୃଦ୍ଧିକୁ ନେଇ ବିରୋଧୀ ପ୍ରତିବାଦର ନେତୃତ୍ୱ



ନେଇଥିଲେ। ଫଳରେ ଗୃହ ମଧ୍ୟଭାଗରେ ଅନ୍ୟ ଦଳ ଅପେକ୍ଷା କଂଗ୍ରେସ ଏମ୍‌ପିମାନେ ଅଧିକ ହୋହଲ୍ଲା କରୁଥିବା ଦେଖାଯାଇଥିଲା। ନ୍ୟାଶନାଲ କନ୍‌ଫରେନ୍ସ ଏମ୍‌ପି ହସନୈନ୍ ମାସୁଦି ଏକ ଅତିରିକ୍ତ ପ୍ରଶ୍ନ ପଚାରିବା ପାଇଁ ଛିଡ଼ା ହୋଇଥିବାବେଳେ ସୋନିଆ ତାଙ୍କୁ ବସିବାକୁ କହୁଥିବା ଦେଖାଯାଇଥିଲା। ସେହିପରି ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ ଲିଗ୍ (ଆଇୟୁଏମ୍‌ଏଲ୍) ସଦସ୍ୟ ଇ.ଟି. ମହମ୍ମଦ ବସିରଙ୍କୁ ମଧ୍ୟ ସୋନିଆ ଅନ୍ୟ ପ୍ରସଙ୍ଗ ପରିବର୍ତ୍ତେ ପେଟ୍ରୋଲିୟମ ସାମଗ୍ରୀ ମୂଲ୍ୟ ଉପରେ ପ୍ରଶ୍ନ କରିବାକୁ କହିଥିଲେ। କୋଭିଡ୍ ମହାମାରୀ ଯୋଗୁ ସ୍କୁଲଗୁଡ଼ିକରେ ବନ୍ଦ ରହିଥିବା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ପୁନର୍ବାର ଆରମ୍ଭ କରିବା ଲାଗି ସୋନିଆ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

## କ୍ରାଇମ୍‌ବ୍ରାଞ୍ଚ ନେଲା ...

ପ୍ରମାଣ ବୁଧବାର ପୋଲିସ ହାତରେ ଲାଗିଛି। ପୋଲିସ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସ୍କାଏ ଟାୱାର ଆପାର୍ଟମେଣ୍ଟ ଗ୍ୟାରେଜ୍‌ରେ ଥିବା ଶର୍ମିଷ୍ଠାଙ୍କ କାର(ଓଡି୦୨-ବିଏ-୬୫୯୯)କୁ ଜବତ କରି ଚାନ୍ଦବାଲି ନେଇଛି।

ହତ୍ୟା ମାମଲାରେ ଶର୍ମିଷ୍ଠାଙ୍କ ଏହି କାରର ପ୍ରମୁଖ ଭୂମିକା ରହିଛି। ମାନସଙ୍କୁ ଭଦ୍ରକ ଚାନ୍ଦବାଲିରୁ ଅପହରଣଠୁ ଆରମ୍ଭ କରି ଭୁବନେଶ୍ୱର ଅଣାଯିବା ଏବଂ ତାଙ୍କୁ ହତ୍ୟା ପରେ ତାଙ୍କ ମୃତଦେହକୁ ନୟାଗଡ଼ ଜିଲା ନେଇ ସେଠାରେ ପୋତିବା ପର୍ଯ୍ୟନ୍ତ ଏହି କାରକୁ ବ୍ୟବହାର କରାଯାଇଥିବା ପୋଲିସ ଜାଣିବାକୁ ପାଇଛି। ଏପରିକି ଉକ୍ତ କାର୍ ଡିକିରେ ଏକ ଗଞ୍ଜି ରହିଥିବାରୁ ଏହା କାହାର ହୋଇଥାଇପାରେ ସେନେଇ ଅଧିକ ତଦନ୍ତ ଜାରି ରହିଛି।

### ଆପାର୍ଟମେଣ୍ଟ ଆଗନ୍ତୁକ ରେଜିଷ୍ଟରରେ ଦସ୍ତଖତ କରୁ ନ ଥିଲେ ନିରଞ୍ଜନ

ମାନସ ହତ୍ୟା ମାମଲାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅବସରପ୍ରାପ୍ତ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଗିରଫ ହେବା ପରେ ଶର୍ମିଷ୍ଠା ଏବଂ ତାଙ୍କ ମଧ୍ୟରେ ଥିବା ସମ୍ପର୍କ କେତେ ଘନିଷ୍ଠ ତାହା ଧୀରେ ଧୀରେ ଜାଣିବାକୁ ମିଳୁଛି। ମାନସଙ୍କୁ ଅପହରଣ ପରଠାରୁ ଶର୍ମିଷ୍ଠାଙ୍କୁ ଦୈନିକ ପ୍ରାୟ ୩୦ଥର ପର୍ଯ୍ୟନ୍ତ ଫୋନ୍ କରିଥିବା କଲ୍ ଡିଟେଲ୍ସ ଯାଞ୍ଚ ପରେ ପୋଲିସ ମଙ୍ଗଳବାର ଜାଣିବାକୁ ପାଇଥିଲା। ଶର୍ମିଷ୍ଠା ରହୁଥିବା ସ୍କାଏ ଟାୱାର ଆପାର୍ଟମେଣ୍ଟକୁ ନିରଞ୍ଜନ ଅନେକ ଥର ଯାଇଥିବା ନେଇ ବୁଧବାର ଜଣାପଡ଼ିଛି। ସ୍କାଏ ଆପାର୍ଟମେଣ୍ଟର ସିକ୍ୟୁରିଟି କର୍ମଚାରୀ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରେ ନିରଞ୍ଜନ ଉକ୍ତ ଆପାର୍ଟମେଣ୍ଟକୁ ସପ୍ତାହକୁ ୨ରୁ ୩ ଥର ଆସନ୍ତି। ଆପାର୍ଟମେଣ୍ଟ ଭିତରକୁ ପ୍ରବେଶ କରିବା ପାଇଁ ଦସ୍ତଖତ ପୁସ୍ତିକା ରହିଥିଲେ ସୁଦ୍ଧା ନିରଞ୍ଜନ କରୁ ନ ଥିଲେ। ଦସ୍ତଖତ ନ କରିବାକୁ ଶର୍ମିଷ୍ଠା ମନା କରିଥିଲେ। ନିରଞ୍ଜନଙ୍କୁ ଶର୍ମିଷ୍ଠା ମ୍ୟାନେଜର ବୋଲି ପରିଚୟ ଦେଉଥିଲେ ବୋଲି ସିକ୍ୟୁରିଟି ଗାର୍ଡ କହିଛନ୍ତି।

### ଭାଇ ପରମେଶ୍ୱର ଗିରଫ

**ଚାନ୍ଦବାଲି,୨୩।୩ (ଡି.ଏନ୍.ଏ.)**- କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସମ୍ପୂର୍ଣ୍ଣା ୱେବ୍ ଚ୍ୟାନେଲର ମାଲିକାଣୀ ଶର୍ମିଷ୍ଠା ରାଉତଙ୍କ ଭାଇ ପରମେଶ୍ୱରଙ୍କୁ ବୁଧବାର ଭଦ୍ରକ ଜିଲା ଚାନ୍ଦବାଲି ପୋଲିସ ଗିରଫ କରିଛି।

## ପ୍ରଥମ ପୃଷ୍ଠାରୁ...

ମଙ୍ଗଳବାର ପୋଲିସର ଏକ ୩ଜଣିଆ ଟିମ୍ ଆନ୍ଧ୍ରପ୍ରଦେଶ ବିଜୟୱାଡାରେ ପରମେଶ୍ୱରଙ୍କୁ ଠାବ କରିଥିଲା। ସେ ବିଜୟୱାଡାରେ ରହି ଶର୍ମିଷ୍ଠାଙ୍କୁ ଫେରାର ହେବାରେ ସହଯୋଗ କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପରମେଶ୍ୱରଙ୍କୁ ସେଠାରୁ ଚାନ୍ଦବାଲି ଥାନାକୁ ଆଣି ବୁଧବାର ପଚରାଉଚରା ପରେ ଏହି ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏପରି କି ପରମେଶ୍ୱର ଜଣେ ଠିକାଦାର ଓ ଶର୍ମିଷ୍ଠାଙ୍କୁ ଫେରାର ପାଇଁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଏସବୁ ତଥ୍ୟ ପାଇବା ପରେ ତାଙ୍କୁ ପୋଲିସ ଗିରଫ କରି ଚାନ୍ଦବାଲି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀକୁ କୋର୍ଟଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଭଦ୍ରକ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପରମେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଉଥିବା ସମୟରେ ସେ ଏହି ଘଟଣାରେ ସମ୍ପୃକ୍ତ ନ ଥିବା ଗଣମାଧ୍ୟମକୁ କହିବା ସହ ଯଦି ତାଙ୍କ ଭଉଣୀ କିଛି ଦୋଷ କରିଥିବ, ତେବେ ସେ ଦଣ୍ଡ ପାଇବା ଉଚିତ୍ ବୋଲି କହିଛନ୍ତି।

## ୨୮ରୁ ଅଙ୍ଗନୱାଡ଼ି ...

**ପ୍ରଥମ ପୃଷ୍ଠାରୁ...**

ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ମହାମାରୀ କରୋନା ପାଇଁ ଦୁଇ ବର୍ଷରୁ ଅଧିକ ସମୟ ଧରି ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରହିଥିଲା। କିନ୍ତୁ ରାଜ୍ୟ ସରକାର ଛୋଟ ପିଲାଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଘରକୁ ଯୋଗାଇ ଦେଉଥିଲେ। କରୋନା ସଂକ୍ରମଣ ହ୍ରାସ ପାଇବା ପରେ ରାଜ୍ୟ ସରକାର ପ୍ରଥମେ ସ୍କୁଲ ଓ କଲେଜ ଖୋଲିଥିଲେ। ଏବେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିଛି। ଫଳରେ ଅନ୍ୟ ଶିକ୍ଷାନୁଷ୍ଠାନ ଭଳି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ଚଳଚଞ୍ଚଳ ହେବ। ତେବେ କୋଭିଡ୍ ଗାଇଡ୍‌ଲାଇନ୍‌ରେ ପିଲାମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିବେ। ଏନେଇ ଆଇସିଡିଏସ୍ ନିର୍ଦ୍ଦେଶକ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଆପଣ ହସିଲେ କଥା କହିବେ ଓ ପାରିବାରିକ ସ୍ଥିତି ଭଲ ରହିବ । ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲର ଅପଚେଷ୍ଟା କରିପାରନ୍ତି। ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଅବହେଳାଜନିତ କର୍ମକ୍ଷେତ୍ରରେ ଉପସ୍ଥିତ କର୍ମଚାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** - ଟେନ୍‌ସନ ଅବଶ୍ୟ ଲାଗିରହିବ, ତଥାପି ସାଧାରଣ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ବ୍ୟବସାୟ କ୍ଷେତ୍ର ଶନିଙ୍କ ପ୍ରଭାବରେ ଧିମେଇ ଚାଲିବ। ବିଭିନ୍ନ ପ୍ରକାର କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ** - ସାଧାରଣ କଥାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ବୃଦ୍ଧି ପାଇବ। ସଂଗଠନ, ରାଜନୀତି କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମୃଗଶିରା ନକ୍ଷତ୍ର ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କର୍କଟ** - ଆତ୍ମୀୟଙ୍କ ସାହାଯ୍ୟରେ ସମସ୍ୟା ସମାଧାନ କଷ୍ଟ ହୋଇପାରେ । ପରିବାରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ। ବୃଦ୍ଧ ମାତାପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ସକାଶେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** - କର୍ମକ୍ଷେତ୍ରରେ ଫାଇଲ୍ କାମରେ ବ୍ୟସ୍ତ ରହିବେ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ମନ ଅଶାନ୍ତି ରହିବ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ବିବାଦ ଘେରରେ ପଡ଼ିବେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** - ଯେତେ ଭଲ କାମ କଲେ ମଧ୍ୟ ଏଣେ ଘରୁ ତେଣେ କର୍ମକ୍ଷେତ୍ରରୁ ଅଭିଯୋଗ ଆସିପାରେ । ଆକସ୍ମିକ ଦୁର୍ବଳତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ବକେୟା ଆଦାୟକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଔଷଧ, ବହିପତ୍ର, ଲୁଗାପଟା ତଥା ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** - ଭୁଲ୍ ବୁଝାମଣାରେ ନିକଟସ୍ଥ ବ୍ୟକ୍ତି ବିଶେଷଙ୍କ ଆପଣଙ୍କ ପ୍ରତି ଥିବା ମନୋଭାବ ବଦଳିଯିବ। କଚେରି ମାମଲା କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସମ୍ଭାବନା ରହିଛି। ଆକସ୍ମିକ ଭାବରେ ପିଲାମାନଙ୍କ ତରଫରୁ ସମସ୍ୟା ଆସିପାରେ। ପୂର୍ବରୁ କଳହ ଲାଗିଥିବା ସହକର୍ମୀଟି ପ୍ରତି ସତର୍କ ରୁହନ୍ତୁ।

**ବିଛା** - ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ତଥାପି ଆପଣ ମନ ବୁଝିଲା ଭଳି କଥା କହି ପାଖ ପଡ଼ୋଶୀଙ୍କୁ ଆପଣେଇ ନେବେ। ସକାଳ ସମୟରେ ଶୁଣାକଥାକୁ ବିଶ୍ୱାସ କରି ଟେନ୍‌ସନ ବଢ଼ିପାରେ। ଅଧିକ ଭ୍ରମଣଯୋଗୁ କ୍ଲାନ୍ତି ଓ ଆଳସ୍ୟ ଅନୁଭବ କରିବେ ।

**ଧନୁ** - ଆପଣଙ୍କ ପରିସ୍ଥିତି ପ୍ରତି ସହାନୁଭୂତି ଦେଖାଇ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଚେଷ୍ଟା କରୁଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ବିପଦ ଘଟିବାର ସମ୍ଭାବନା ନାହିଁ। ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**ମକର** - ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇ ଦେବ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। କୌଣସି ନିକଟ ସମ୍ପର୍କୀୟମାନେ ଟାହିଟାପରା କରିପାରନ୍ତି।

**କୁମ୍ଭ** - ଆଜିର ସକାଳୁଆ ଯାତ୍ରା ଆନନ୍ଦଦାୟକ ହେବ। ତଥାପି ତରବରିଆ ପଦକ୍ଷେପ ନେଇ ଠିକ୍ କାମକୁ ଭୁଲ୍ କରିବେ। ମନ ଭୁଲାଣିଆ କଥା କହି ସହକର୍ମୀଙ୍କ ଦ୍ୱାରା କାମଟି କରାଇ ନେବେ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ କିଛି ହରାଇବାକୁ ପଡ଼ିପାରେ।

**ମୀନ** - କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ପ୍ରତିଷ୍ଠା ଓ ପ୍ରଶଂସା ପାଇବେ। ଦାୟିତ୍ୱ ନେଇଥିବା ଲୋକଟି ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ଅର୍ଥ ଆଦାୟ କରିବାରେ ଅକ୍ଷମ ହେବେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତିକରିବ। ବନ୍ଧୁଙ୍କ ସହାୟତାରେ ପାରିବାରିକ ସ୍ଥିତିରେ ଉନ୍ନତି ଘଟିବ।

## କମେଣ୍ଟମରାରୁ ସଂଘବଦ୍ଧ ...

ପ୍ରକାଶ ଯେ, ନରେନ୍ଦ୍ରପୁରର ମଙ୍ଗୁଲୁ ସ୍ୱାଇଁଙ୍କ ବଡ଼ ପୁଅ ରାଜା ଓ ତାଙ୍କ ମାଉସୀ ପୁଅ ଚନ୍ଦନ ଗାଁଠାରୁ ୨ କି.ମି. ଦୂର ପିତଳ ଛକରେ ଏକ ଫାଷ୍ଟଫୁଡ଼ ଦୋକାନ ଖୋଲିଥିଲେ। ରାଜାଙ୍କ ଭାଇ ଶମ୍ଭୁ ଦୋକାନରେ ରହିବା ସହ ପାଠ ମଧ୍ୟ ପଢୁଥିଲେ। ସାନଭାଇ ପାଣ୍ଡବ ଗୋଟିଏ ଡାଲା ଅଟୋ ଚଳାଇବା ସହ ଆଳୁ ବ୍ୟବସାୟ କରୁଥିଲେ। ସବୁଦିନ ରାତି ପ୍ରାୟ ୧୧ଟାରୁ ୧୨ଟା ମଧ୍ୟରେ ୪ଭାଇ ଏକାଠି ହୋଇ ଫାଷ୍ଟଫୁଡ଼ ଦୋକାନ ବନ୍ଦ କରି ଗାଁକୁ ଯାଆନ୍ତି। ମଙ୍ଗଳବାର ରାତି ପ୍ରାୟ ୮ଟାରେ ନିକଟସ୍ଥ ରାମଚନ୍ଦ୍ରପୁର ଗ୍ରାମର ସାଧୁ ଉକ୍ତ ଫାଷ୍ଟଫୁଡ ଦୋକାନକୁ ଆସିଥିଲେ। ସେଠାରେ ଭଲ ଖାଦ୍ୟ ହେଉ ନ ଥିବା କହି ରାଜାଙ୍କ ସହ ଯୁକ୍ତି କରିଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ବାଇକ୍‌ରେ ଯାଉଥିବା ଏକ ଦମ୍ପତି ଭାରସାମ୍ୟ ହରାଇବାରୁ ପଡ଼ିଯାଇଥିଲେ। ସେମାନଙ୍କୁ ସାଧୁ ଉଠାଇବାକୁ ଯାଇଥିବା ବେଳେ ଫାଷ୍ଟ ଫୁଡ୍ ଦୋକାନରୁ କେହିଜଣେ ତାଙ୍କୁ କମେଣ୍ଟ ମାରିଥିଲେ। ଏଥିରେ ସେ ପ୍ରତିଶୋଧ ପରାୟଣ ହୋଇଯାଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ରାଜା ଓ ଅନ୍ୟ ଭାଇମାନେ ଦୋକାନ ବନ୍ଦ କରୁଥିବା ବେଳେ ସାଧୁ ତାଙ୍କର ୬ ଜଣ ସହଯୋଗୀଙ୍କ ସହ ଆସି ପାଖରେ ଥିବା ଲୁହା ରଡ ଓ କାଠଫାଳିଆ ଆଦିରେ ଅତର୍କିତ ଭାବେ ପିଟି ଚାଲିଲେ। ୪ ଭାଇ ପ୍ରତିରୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବର୍ତ୍ତି ପାରି ନ ଥିଲେ। ପ୍ରତିଆକ୍ରମଣରେ ସାଧୁ ମଧ୍ୟ ଗୁରୁତର ହୋଇଥିଲେ। ୫ ଜଣ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ି ରହିବାରୁ ଅନ୍ୟ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ୫ ଜଣଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନେଇଥିଲା। ସେଠାରେ ୪ ଭାଇଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ସାଧୁଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଇଥିଲା। ଘଟଣାସ୍ଥଳକୁ ପୋଲିସ, ସାଇଣ୍ଟିଫିକ ଟିମ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଆକ୍ରମଣରେ ବ୍ୟବହୃତ କାଠ ଫାଳିଆ, ଲୁହା ରଡ଼ ଜବତ କରାଯାଇଛି। ୪ ମୃତଦେହ ଏମକେସିଜି ମେଡିକାଲ ସଂରକ୍ଷଣ ଗୃହକୁ ପଠାଇ ଦିଆଯାଇଥିଲା। ବୁଧବାର ସକାଳେ ମୃତକଙ୍କ ପରିବାର, ଆସିକା ଏସଡିପିଓ ଉମାଶଙ୍କର ସିଂ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହଗୁଡ଼ିକର ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଯାଇଛି। ସେପଟେ ଏମ୍‌କେସିଜି ସର୍ଜରି ବିଭାଗ ୨୮୯ ନଂ. ଶଯ୍ୟାରେ ଥିବା ଅଭିଯୁକ୍ତ ସାଧୁଙ୍କୁ ଗୋଟିଏ ସେକ୍ସନ ପୋଲିସ ଜଗି ରହିଛି। ସାଧୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମଙ୍ଗଳବାର ରାତିରେ ସେ ଓ ତାଙ୍କର କେତେଜଣ ସାଙ୍ଗ ପିତଳ ଛକରେ ଠିଆ ହୋଇଥିବା ବେଳେ ବାଇକ୍‌ରେ ଯାଉଥିବା ଏକ ଦମ୍ପତି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ବେଳେ ଫାଷ୍ଟଫୁଡ୍ ଦୋକାନୀ ରାଜା କମେଣ୍ଟ ମାରିଥିଲେ। ଏହାକୁ ନେଇ ଝଗଡା ହୋଇଥିଲା। ସେଠାରେ କେହିଜଣେ ଆକ୍ରମଣ କରିବାରୁ ଅଚେତ ହୋଇପଡିଥିଲି। ଘଟଣା ସମ୍ପର୍କରେ କିଛି ଜାଣି ନାହିଁ ବୋଲି ସାଧୁ କହିଛନ୍ତି। ପିତଳ ଛକରେ ଆନ୍ଦୋଳନକାରୀଙ୍କ ସହ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଏସ୍‌ପି ପ୍ରଦୀପ ଦଳାଇ, ପ୍ରୋବେଶନ ଆଇପିଏସ୍ ନଚିକେତା ସେଲ୍‌କଟ, ଶେରଗଡ଼ ତହସିଲଦାର ଦୟାସିନ୍ଧୁ ପରିଡ଼ା ଏବଂ ହିଞ୍ଜିଳି, ଆସିକା, ଶେରଗଡ଼, ପାଟପୁର ଓ ଧରାକୋଟ ଥାନା ଆଇଆଇସି ଆଲୋଚନା କରିଥିଲେ। ଅପରାହ୍ନରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଏସ୍‌ପି ବ୍ରିଜେଶ କୁମାର ରାଏ ହିଞ୍ଜିଳି ଥାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଘଟଣାକୁ ଦୁଃଖଦାୟକ କହିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଥିଲେ। ପରେ ସେ ନରେନ୍ଦ୍ରପୁର ଗ୍ରାମକୁ ଯାଇ ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ଅନ୍ୟପଟେ କମେଣ୍ଟମରା ଘଟଣାରୁ ୪ ଜଣଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଏସ୍‌ପି ରାଏ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ପୁଅମାନଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ମଙ୍ଗୁଲୁଙ୍କ ଏତଲା ପ୍ରକାରେ ହିଞ୍ଜିଳି ଥାନାରେ ନଂ.୧୪୧/୨୨ରେ ମାମଲା ରୁଜୁ କରାଯାଇଛି। ପ୍ରତ୍ୟେକ ମୃତକଙ୍କ ପରିବାରକୁ ପରିବାରକୁ ୫୦ ହଜାର ଲେଖାଏ ସହାୟତା ଘୋଷଣା କରାଯାଇଥିବା ବେଳେ ପିତଳ ଛକରୁ ମଦ ଦୋକାନ ୨ଟିକୁ ବନ୍ଦ କରିବା ଓ ସେଠାରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ୮ଟାରେ ରାସ୍ତା ଅବରୋଧ ହଟିଛି।

## କ୍ରମାଗତ ୨ୟ ଦିନ ...

ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୮୦ ପଇସା ବୃଦ୍ଧି ଘଟିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୭.୦୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮୮.୨୭ ଟଙ୍କାରେ ପହଞ୍ଚିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ନିଗମ ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଆଦିରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୧.୬୭ ଟଙ୍କା, ୧୦୬.୩୪ ଟଙ୍କା ଏବଂ ୧୦୨.୯୧ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗର ନିଗମଗୁଡ଼ିକରେ ଡିଜେଲ ମୂଲ୍ୟ ଲିଟର ପିଛା ୯୫.୮୫ ଟଙ୍କା, ୯୧.୪୨ ଟଙ୍କା ଏବଂ ୯୨.୯୫ ଟଙ୍କାରେ ପହଞ୍ଚିଛି।

ୟୁକ୍ରେନ୍‌ରେ ରୁଷିଆ ଚଳାଇଥିବା ଯୁଦ୍ଧର ପ୍ରଭାବ ଅନ୍ତର୍ଜାତୀୟ ବଜାରରେ ପଡ଼ିଛି। ଫଳରେ ସବୁ ସାମଗ୍ରୀର ଦର ବୃଦ୍ଧିପାଇଛି। ବିଶେଷକରି ଗତ ୩ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେବ ଅଶୋଧିତ ତେଲର ମୂଲ୍ୟ କ୍ରମାଗତ ଭାବେ ବଢ଼ିଚାଲିଛି। ଅନ୍ତର୍ଜାତୀୟ ତୈଳ ବଜାରରେ କେତେକ କଟକଣା ସୃଷ୍ଟି ହୋଇଥିବାରୁ ଠିକ୍ ଭାବେ ଉତ୍ପାଦନ ଓ ରପ୍ତାନି ହୋଇପାରୁନାହିଁ। ଏହାର ପ୍ରଭାବ ଭାରତ ବଜାରରେ ଦେଖିବାକୁ ମିଳିଲାଣି। ଗତ ନଭେମ୍ବର ୪ ପରଠାରୁ ଉଭୟ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଥିଲା। ମାର୍ଚ୍ଚ ୨୨ରୁ ପୁଣି ଏହାର ମୂଲ୍ୟ ବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ବୁଧବାର ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧.୦୬ ଡଲାର ବା ୦.୯% ବଢ଼ି ୧୧୬.୫୪ ଡଲାରରେ ରହିଛି। ସେହିପରି ଆମେରିକାର କ୍ରୁଡ୍ ଅଏଲ ଡବ୍ଲ୍ୟୁଟିଆଇର ମୂଲ୍ୟ ମଧ୍ୟ ୧୧୦.୪୧ ଡଲାରରେ ପହଞ୍ଚିଛି ବୋଲି ସୂଚନା ମିଳିଛି। ଏହି ଦର ବୃଦ୍ଧି ଯୋଗୁ ଖାଉଟି ପୁଣି ଥରେ ଅତିରିକ୍ତ ଖର୍ଚ୍ଚ ଭାର ବହନ କରିବେ।

## ୫୨ ବ୍ଲକରେ ...

ପୁରୀର କାକଟପୁର ଭଳି ୪୬ ବ୍ଲକରେ ଜଳ ସମସ୍ୟା ଉତ୍କଟ ହେବାକୁ ଯାଉଥିବା ନେଇ ମଧ୍ୟ ସତର୍କ କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ ଜଳ ଲବଣାକ୍ତ ରହୁଥିବା ଗବେଷଣାରୁ ଜଣାପଡ଼ିଛି। ସହରାଞ୍ଚଳଗୁଡ଼ିକରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ମଧ୍ୟରୁ ୪୦% ଭୂତଳ ଜଳ। ଏହାଛଡ଼ା ସହରାଞ୍ଚଳରେ ଅନେକ ଲୋକ ନିଜସ୍ୱ ବୋର୍‌ୱେଲ ଜରିଆରେ ପାଣି ଉଠାଉଛନ୍ତି। କେବଳ ସହର ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଭୂତଳ ଜଳ ବ୍ୟବହାର ପରିମାଣ ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ଆଗକୁ ଗୁରୁତର ପାନୀୟ ଜଳ ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ଭୂତଳ ଜଳ ବୋର୍ଡ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଦୀପକ କର କହିଛନ୍ତି ଯେ, ଭୂତଳ ଜଳ ସଂରକ୍ଷଣ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟର ୩୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଭୂତଳ ଜଳ ସଂରକ୍ଷଣ ପାଇଁ କୃତ୍ରିମ ପଦ୍ଧତି ଉପଯୋଗ କରାଯାଉଛି। ଖୁବ୍‌ଶୀଘ୍ର ଓଡ଼ିଶା ଜଳ ନିୟମ-୨୦୨୨ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ନିୟମ କାର୍ଯ୍ୟକାରୀ ହେଲେ ଭୂତଳ ଜଳକୁ ମନଇଚ୍ଛା ବ୍ୟବହାର କରିବା ଉପରେ କଟକଣା ଲାଗିବ। ଏଥିପାଇଁ ବ୍ୟବହାରକାରୀଙ୍କୁ ଚାର୍ଜ ଦେବାକୁ ହେବ। ଏପରିକି ଯଦି କେହି ଘରୁ କିମ୍ବା ଫ୍ୟାକ୍ଟ୍ରିରୁ ବାହାରୁଥିବା ଜଳ ଜମିବାଡ଼ି, ନଦୀ, ନାଳରେ ଛାଡ଼ିବେ ସେମାନଙ୍କୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଦେବାକୁ ହେବ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ।


# classifieds Everyday

0674-2580101, 2549302

**real estate**

**SALE**

ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765. D-73209

60ft. ପିଚୁ ରୋଡ୍‌କୁ ଲାଗି commercial/ residential ଘରବାରି, ପଟ୍ଟା, ପାଚେରି, ଇଲେକ୍ଟ୍ରିସିଟି ସୁବିଧା ଥାଇ ଭୁବନେଶ୍ୱର GIFT College ପାଖରେ @25,00,000/- ବିକ୍ରିହେବ। Owner- 9437033320. D-73213

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest commercial hub "Grand Bazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 6371200121. D-73205

Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258. D-71962

4500sqft. plot sale infrontof ASBM, Chandaka, At-Bhola. Contact: 9338572999. D-23424

ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952. D-73214

Ready 4BHK Duplex at Balianta. Land-1400 and Construction-2200 @85Lakh. Land Balianta @900, Pahala @1500, Patrapada @2000. 8984071303. D-23449

ପାହାଳରେ NHରୁ 300ମି. ଦୂରତାରେ ସମସ୍ତ ସୁବିଧା ଥାଇ Under BMC residential zone ଜାଗା 29,40,000/ରେ ବିକ୍ରି କରାଯାଉଅଛି। ଯୋଗାଯୋଗ– 6370469894. D-23450

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939. D-71799

Private plot for sale Patrapada & Khandagiri near DN Regalia Mall 999/- Price. 9437335686, 7008487006. D-23418

ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated, gharabari, electricity plot କିଣନ୍ତୁ। 7008492511. D-23375

**to-let**

Furnished small office space for rent with washroom, kitchen, power backup, parking near Passport Office, Nayapalli. Contact: 8338991113, 9338991113. D- 71964

**healthcare**

Refreshing your mind and body with the best therapy, 7873794731. D-23292

Ayurvedic full body massage by experienced male/ female therapist. 7381172169. D-71480

Relax, Refresh your body, Mind at Saikrupa Spa with best therapies. 8984068077. D-23343

Newly open SPA positively health benifit with expert. Contact: 7749976301. D-71960

Newly opening SPA positively health benefits with expert therapist. 8917332216. D-71959

Newly open full body massage ladies and gents. 8327740003. D-71879

**business**

Channel Partner for FMCG Products, Monthly income upto 130000/-, +919938710216, info@highqmart.com. D-23397

**AFFIDAVIT**

Affidavit before Executive Magistrate, Dhenkanal, I Debendra Kumar Nanda, At-Nuasasana, PS-Town, Dist.-Dhenkanal solemnly declared that my son's name has changed from Nanda Sai Ganesh to Dattatreya Nanda. Henceforth, he will be known as Dattatreya Nanda for all purposes. D-70389

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ପୁଟିନ୍‌ଙ୍କ ଯୁଦ୍ଧ ଓ ବିଶ୍ୱ ଦୃଶ୍ୟପଟ



ବ୍ରହ୍ମ ଚେଲାନି

ରୁଷିଆ ୟୁକ୍ରେନ୍ ଉପରେ ଭୀଷଣ ଆକ୍ରମଣ ଜାରି ରଖିଛି। ଏହି ସମୟରେ ପ୍ରକାଶ ପାଇଥିବା ପାଶ୍ଚାତ୍ୟ ଦେଶଗୁଡ଼ିକର ଅଭୂତପୂର୍ବ ପ୍ରତିକ୍ରିୟା ଅନ୍ତର୍ଜାତୀୟ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନକୁ ଦର୍ଶାଇଛି। ଏହା ଶୀତଳ ଯୁଦ୍ଧ ପରବର୍ତ୍ତୀ ଯୁଗର ଔପଚାରିକ ପୂର୍ଣ୍ଣଚ୍ଛେଦକୁ ସୂଚିତ କରିବା ସହ ବିରାଟ ଭୂରାଜନୈତିକ ଓ ଭୂଅର୍ଥନୈତିକ ପରିବର୍ତ୍ତନ ପାଇଁ ଏକ ପରିବେଶ ସୃଷ୍ଟି କରିଛି। ଏସବୁ ସତ୍ତ୍ୱେ ଗୋଟିଏ ଉଲ୍ଲେଖନୀୟ ବିଷୟ ସବୁବେଳେ ରହିବ। ତାହା ହେଉଛି ଥୁସିଡିଡେସଙ୍କ ଉକ୍ତି- ଶକ୍ତିଶାଳୀ ଯାହା କରିପାରିବେ ବା ଚାହିଁବେ ତାହା କରିଚାଲିବେ ଏବଂ ଦୁର୍ବଳ ସବୁବେଳେ ନିର୍ଯ୍ୟାତନା ପାଉଥିବେ ଯାହା ସେମାନଙ୍କ ଲାଗି ଅନିବାର୍ଯ୍ୟ। ଏହା ସତ୍ୟ, ବିଶ୍ୱର ନେତୃବର୍ଗ ଏବଂ ପର୍ଯ୍ୟବେକ୍ଷକମାନେ ବହୁ ସମୟରେ 'ରୁଲ୍‌ସ ବେସ୍‌ଡ ଇଣ୍ଟରନ୍ୟାଶନାଲ ଅର୍ଡର' ନିୟମ ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥାର ସୁରକ୍ଷା କିମ୍ବା ମଜଭୂତି ଉପରେ ମତ ଦେଇଥାଆନ୍ତି। ଏହି ବ୍ୟବସ୍ଥା କହିଲେ ଅନେକ ବୈଶ୍ୱିକ ନିୟମ ଆଧାରିତ ଢାଞ୍ଚାଗତ ସମ୍ପର୍କକୁ ବୁଝାଏ ଯାହା ଉଦାରବାଦୀ ରାଜନୈତିକ, ଅର୍ଥନୈତିକ ତଥା ଉଦାରବାଦୀ ଅନ୍ତର୍ଜାତୀୟବାଦକୁ ପ୍ରତିପାଦିତ କରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅଣାଯାଇଥିବା ଏହି ବ୍ୟବସ୍ଥା ବିଭିନ୍ନ ବହୁରାଷ୍ଟ୍ରୀୟ ସଂସ୍ଥା ମାଧ୍ୟମରେ ଅନ୍ତର୍ଜାତୀୟ ସହଯୋଗକୁ ଜୋର୍ ଦିଏ। ମାନବୀୟ ସମାନତା, ମୁକ୍ତ ବଜାର ପ୍ରକ୍ରିୟା, ସୁରକ୍ଷା ଓ ଆର୍ଥିକ ସହଯୋଗ ବ୍ୟତୀତ ଉଦାରବାଦୀ ଗଣତନ୍ତ୍ରକୁ ଉତ୍ସାହିତ କରିବା ଏହାର ପ୍ରମୁଖ ଲକ୍ଷ୍ୟ। ହେଲେ ଏଭଳି ଏକ ବହୁମୁଖୀ ବ୍ୟବସ୍ଥା ସର୍ବଦା ବାସ୍ତବବାଦୀ ନ ରହି ଆଶାବାଦୀ ହୋଇ ରହିଗଲା। ସାମରିକ କିମ୍ବା ଅର୍ଥନୈତିକ କ୍ଷେତ୍ରରେ ଶକ୍ତ ଦେଶଗୁଡ଼ିକ କେବଳ ନିୟମ ଗଢ଼ିବା ଓ ଲାଗୁ କରିବାର ଅଧିକାର ରଖୁଛନ୍ତି ତାହା ନୁହେଁ, ବରଂ ସେଗୁଡ଼ିକୁ ମଧ୍ୟ ସେମାନେ ଭଙ୍ଗ କରୁଛନ୍ତି।

ଯେତେବେଳେ ନିୟମ ବା ଆଇନ ନିର୍ମାତାମାନେ ଏହାକୁ ମାନିବାକୁ ଅମଙ୍ଗ ହୁଅନ୍ତ, ସେତେବେଳେ ବଡ଼ ଧରଣର ବିପଦ ମୁଣ୍ଡ ଟେକେ। ଶୀତଳ ଯୁଦ୍ଧ ପରେ ଚାଲିଥିବା ୟୁକ୍ରେନ୍ ଯୁଦ୍ଧ ହିଁ ପ୍ରଥମ ସଂଘର୍ଷ, ଯେଉଁଥିରେ ମହାଶକ୍ତିଗୁଡ଼ିକର ପରସ୍ପର ବିରୋଧୀ ଭାବ ସ୍ପଷ୍ଟ ହୋଇଛି। ଗୋଟିଏ ପଟେ ରୁଷିଆ ୟୁକ୍ରେନ୍ ଉପରେ ସାମରିକ ଆକ୍ରମଣ ଜାରି ରଖିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍‌କୁ ତାଙ୍କ ଦେଶର ଅଂଶ ମନେକରି ତାହାକୁ ନିଜ ଅଧୀନକୁ ଆଣିବାକୁ ପ୍ରୟାସ କରୁଛନ୍ତି। ଅନ୍ୟପଟେ ଆମେରିକା ନେତୃତ୍ୱରେ ନାଟୋ ଦେଶ ସମୂହ ରୁଷିଆ ବିରୋଧରେ ଏକ ସମ୍ମିଳିତ ଛାୟାଯୁଦ୍ଧ ଆରମ୍ଭ କରିଦେଇଛନ୍ତି। ୟୁକ୍ରେନ୍ ସେନାକୁ ମଧ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଯୋଗାଉଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୧.୩୫ ବିଲିୟନ ଡଲାର ମୂଲ୍ୟର ଘାତକ ଅସ୍ତ୍ରଶସ୍ତ୍ର ଯୋଗାଇବା ଲାଗି ଅନୁମତି ଦେଇସାରିଲେଣି। ପାଶ୍ଚାତ୍ୟ ମଧ୍ୟ କଠୋର ଆର୍ଥିକ ଓ ବିତ୍ତୀୟ କଟକଣା ଲଗାଇଛି। ଏପରି କି ପାଶ୍ଚାତ୍ୟ ନେତୃତ୍ୱାଧୀନ ଅର୍ଥ ବ୍ୟବସ୍ଥାରୁ ରୁଷିଆକୁ ବହିଷ୍କାର କରିବା ସହ ଅନେକ ରୁଷୀୟ ଧନୀ ବ୍ୟକ୍ତି ବିଶେଷଙ୍କ ସମ୍ପତ୍ତିକୁ ମଧ୍ୟ ସାମୟିକ ଜବତ କରାଯାଇଛି। ବହୁ ଦେଶ ରୁଷିଆର ସରକାରୀ ମିଡିଆ ଉପରେ କଟକଣା ଲଗାଇଛନ୍ତି।

ବିଶ୍ୱର ନିୟମ ନିର୍ମାତାମାନେ 'ନିୟମ ଆଧାରିତ ବ୍ୟବସ୍ଥା'ର ସବୁ କଥାକୁ ନିର୍ଦ୍ୱନ୍ଦ୍ୱରେ ଏକପକ୍ଷୀୟବାଦ ସ୍ଥିତିକୁ ପୁଣି ଲେଉଟାଇ ଆଣିଛନ୍ତି। ଏହି କାରଣରୁ ପ୍ରକୃତ ବିପଦ ଏବେ ଯୁଦ୍ଧକୁ ନେଇ ଉଠିଛି। ୟୁକ୍ରେନ୍‌କୁ ପାଶ୍ଚାତ୍ୟ ଦେଶଗୁଡ଼ିକ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ପଠାଉଛନ୍ତି। ଦେଖିବାକୁ ଗଲେ ଏକ ଦୁର୍ବଳ ଶାସନ ଓ ବ୍ୟାପକ ଦୁର୍ନୀତିଜଡ଼ିତ ୟୁକ୍ରେନ୍ ସମ୍ପୂର୍ଣ୍ଣ ୟୁରୋପରେ ସାଂଗଠନିକ ଅପରାଧ, ଚୋରା ନିଶା କାରବାର ଏବଂ ଉଗ୍ରବାଦ ହିଂସା ବଢ଼ାଇ ଧୀରେ ଧୀରେ ପାଶ୍ଚାତ୍ୟାଭିମୁଖୀ ହୋଇପାରିଲା। ଏଣୁ ପାଶ୍ଚାତ୍ୟ ଓ କେତେକ ୟୁରୋପୀୟ ଦେଶ ରୁଷିଆର କ୍ଷମତା ହ୍ରାସ କରିବା ଲାଗି କିଛି କରିପାରନ୍ତି। ସୋଭିଏତ୍ ସଂଘ ପତନକୁ ଏକ ବିପର୍ଯ୍ୟୟ ଓ ଐତିହାସିକ ରୁଷିଆର ଅନ୍ତ ଘଟିଲା ବୋଲି ସ୍ୱୀକାର କରିଥିବା ପୁଟିନ୍ କହିଛନ୍ତି, ୟୁକ୍ରେନ୍ ଭଳି କାଜାଖସ୍ତାନ ମଧ୍ୟ ଏକ ଦେଶ ନୁହେଁ। ୟୁକ୍ରେନ୍ ଯୁଦ୍ଧ କେବଳ ରୁଷିଆକୁ ଏକଘରିଆ କରିନାହିଁ, ବରଂ ଏହା ବିଶ୍ୱସ୍ତରୀୟ ବ୍ୟାପକ ଆର୍ଥିକ କାର୍ଯ୍ୟକଳାପକୁ ପରିବର୍ତ୍ତନ କରିବା ଆରମ୍ଭ କରିଛି।

ଦେଶଗୁଡ଼ିକ ଆକ୍ରମଣ ବଦଳରେ ବେପାର ବା ସମ୍ପର୍କ ବଢ଼ାଇପାରିବେ। ଏହା ସବୁବେଳେ ଗ୍ରହଣୀୟ ହୋଇଛି। ଇକୋନୋମିକ ଇଣ୍ଟରଡିପେଣ୍ଡେନ୍ସ ବା ଆର୍ଥିକ ପାରସ୍ପରିକ ନିର୍ଭରଶୀଳତାରେ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଭାଗୀଦାରି ଦେଶଗୁଡ଼ିକ ଅନ୍ୟ ଭାଗୀଦାରି ଅର୍ଥ ବ୍ୟବସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ମୁଖ୍ୟତଃ ଚାଇନାର କ୍ଷତି କରିବାକୁ ଚାହିଁଲେ ବି ତାକୁ ରୋକାଯାଇପାରିନାହିଁ। ଚାଇନା ଦକ୍ଷିଣ ଓ ପୂର୍ବ ଚାଇନା ସାଗରଠାରୁ ଆରମ୍ଭ କରି ହିମାଳୟ ଯାଏ ବିସ୍ତାରବାଦକୁ ଜାରି ରଖିଛି। ଏପରି ସ୍ଥିତିରେ ଏବେ ନିୟମ ନିର୍ମାତାମାନେ କିଛି ସଂଯମତା ଆଚରଣ କରିବାକୁ ବାଧ୍ୟ ହୋଇଛନ୍ତି। ଏହାର ଆବଶ୍ୟକତା ମଧ୍ୟ ରହିଛି। ଆମେରିକା ଓ ନାଟୋ ରୁଷିଆ ଉପରେ ଆର୍ଥିକ ଓ ବିତ୍ତୀୟ କଟକଣା ଲାଗଇବା ସତ୍ତ୍ୱେ ୟୁରୋପ ଲଗାତର ରୁଷିଆର ଅର୍ଥ ବ୍ୟବସ୍ଥାର ମୁଖ୍ୟ ଆଧାର କୁହାଯାଉଥିବା ତୈଳ ଓ ପ୍ରାକୃତିକ ଗ୍ୟାସ୍ ରପ୍ତାନିକୁ ସମର୍ଥନ ଜାରି ରଖିଛି। ବିଶେଷକରି ଯୁଦ୍ଧ ଯୋଗୁ ତୈଳ ଦର ବୃଦ୍ଧି ପାଇଥିବାବେଳେ ଏଭଳି ସମର୍ଥନ ପାଶ୍ଚାତ୍ୟର ମିଶନକୁ ଦୁର୍ବଳ କରିଦେଇଛି। କିନ୍ତୁ ରୁଷୀୟ ତୈଳ ଯୋଗାଣ ଉପରେ ୟୁରୋପର ଦୀର୍ଘମିଆଦୀ ନିର୍ଭର କରିଆସୁଛି ଓ ଏବେକାର ସ୍ଥିତିରେ ସେମାନଙ୍କ ପାଇଁ ଅନ୍ୟ କୌଣସି ଭଲ ବିକଳ୍ପ ହିଁ ନାହିଁ।

ଭବିଷ୍ୟତରେ ଏମାନଙ୍କ ମଧ୍ୟରେ ଏଭଳି ସ୍ଥିତି ରହିନପାରେ। ୟୁରୋପୀୟ ସଂଘ ୨୦୩୦ ସୁଦ୍ଧା ରୁଷୀୟ ତୈଳ ଉପେର ନିର୍ଭରଶୀଳ ହେବ ନାହିଁ ବୋଲି ପ୍ରତିଶ୍ରୁତିବଦ୍ଧ। ଏହି ସମୟରେ ଯେଉଁ ଦେଶଗୁଡ଼ିକ ରୁଷିଆ ସହ ବାଣିଜ୍ୟିକ ସମ୍ପର୍କ ରଖିବାକୁ ଚାହୁଁଛନ୍ତି, ସେମାନେ ପାଶ୍ଚାତ୍ୟ ନିୟନ୍ତ୍ରଣାଧୀନ ଉତ୍ସ ବାହାରେ ଏହାର ସମାଧାନ ଚାହୁଁଛନ୍ତି। ଉଦାହରଣ ସ୍ୱରୂପ ଭାରତ ଟଙ୍କା ବିନିମୟରେ ରୁଷୀୟ ତୈଳ କିଣୁଛି। ସାଉଦି ଆରବ ଚାଇନା ମୁଦ୍ରା ବିନିମୟରେ ତେଲ ବିକ୍ରି କରିବାକୁ ଚାହୁଁଛି। ଏଭଳି ହେଲେ ଆମେରିକୀୟ ଡଲାରର ପ୍ରଭାବ କ୍ଷୁଣ୍ଣ ହେବ। ସମ୍ଭବତଃ ବିଶ୍ୱ ଅର୍ଥ ବ୍ୟବସ୍ଥା ବିଭାଜନର ଏହା ଅୟମାରମ୍ଭ। ଏବେ ଆର୍ଥିକ ସମୃଦ୍ଧ ଦେଶଗୁଡ଼ିକ ପୂର୍ବମୁହାଁ ହୋଇଥିବାବେଳେ ପାଶ୍ଚାତ୍ୟ ଏବେସୁଦ୍ଧା ବିଶ୍ୱ ବିତ୍ତୀୟ ଢାଞ୍ଚାକୁ ନିୟନ୍ତ୍ରଣ କରୁଛି। ହେଲେ ଆର୍ଥିକ ଶକ୍ତି ଓ ସାମରିକ ବ୍ୟୟ ଦୃଷ୍ଟିରୁ ରୁଷିଆ ଆଗରେ ଥିବା ଚାଇନା ପ୍ରକ୍ରିୟାର ନେତୃତ୍ୱ ନେବ। ଅବଶ୍ୟ ନାଟୋ ଓ ରୁଷିଆ ସଂଘର୍ଷ ମଧ୍ୟରେ ବାସ୍ତବରେ ଚାଇନା ହେବ ଅସଲ ବିଜୟୀ। ୟୁରୋପରେ ତା'ର ରଣନୀତିକ ଲକ୍ଷ୍ୟ ହାସଲ କରିବାକୁ ଏକ ସ୍ଥାନ ସୃଷ୍ଟି କରିପାରିବ। ଶେଷରେ ଆମେରିକାର ଏଭଳି ନୀତି ଯୋଗୁ ବିଶ୍ୱରେ ଚାଇନା ତା' ପ୍ରଭାବ ବଢ଼ାଇବ। ବିଶ୍ୱସ୍ତରରେ ଚାଇନାର ପ୍ରଭାବ ଆର୍ଥିକ, ରାଜନୈତିକ ତଥା ଉଦାରବାଦୀ ଗଣତନ୍ତ୍ରକୁ ପ୍ରଭାବିତ କରିବ। ୧୯୪୯ରେ ପ୍ରତିଷ୍ଠା ହେବା ପରଠାରୁ ଚାଇନା ଅନ୍ତର୍ଜାତୀୟ ନିୟମକୁ ଅବମାନନା କରିଆସିଛି। ଜିନ୍‌ଝିଆଙ୍ଗ ଓ ତିବ୍ବତକୁ ତା'ସହ ମିଶାଇଛି ଓ ନିକଟରେ ଲକ୍ଷ ଲକ୍ଷ ମୁସଲମାନଙ୍କୁ ଅଟକ ରଖିଛି। ତଥାପି ଚାଇନାକୁ ମୂଲ୍ୟ ଦେବାକୁ ପଡ଼ିନାହିଁ। ରୁଷିଆର ୟୁକ୍ରେନ୍‌ରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଇଣ୍ଟର୍‌ନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ ଦେଇଥିବା ନିର୍ଦ୍ଦେଶକୁ ରୁଷିଆ ରଦ୍ଦ କରିବା ପୂର୍ବରୁ ଦୁଇଥର ଚିନ୍ତା କରିବାର ଥିଲା, କିନ୍ତୁ ତାହା କଲା ନାହିଁ।

ଅନ୍ତର୍ଜାତୀୟ ଆଇନ ଦୁର୍ବଳଙ୍କ ପାଇଁ ଶକ୍ତିଶାଳୀ ହୋଇପାରେ, କିନ୍ତୁ ବଳଶାଳୀ ଦେଶଗୁଡ଼ିକ ପାଇଁ ଏହା ଶକ୍ତିହୀନ। ଏହି ଆଇନକୁ ଅବମାନନା କରୁଥିବା ଶକ୍ତିଶାଳୀ ଦେଶଗୁଡ଼ିକୁ ରୋକି ନ ପାରିବାରୁ ପ୍ରଥମ ବିଶ୍ୱଯୁଦ୍ଧ ପରେ ଗଠିତ ରାଷ୍ଟ୍ରସଂଘ ବିଫଳ ହେଲା। ବର୍ତ୍ତମାନ ଜାତିସଂଘ ମଧ୍ୟ ସେଭଳି ସ୍ଥିତିକୁ ସାମ୍ନା କରିପାରେ। ଯଦି ଜାତିସଂଘ ସୁରକ୍ଷା ପରିଷଦରେ ଥିବା ୫ ସ୍ଥାୟୀ ସଦସ୍ୟ ଦୁଇ ଗୋଷ୍ଠୀରେ ରହି ପରସ୍ପର ବିରୋଧରେ ଲଢେଇ କରନ୍ତି, ତେବେ ଅନ୍ତର୍ଜାତୀୟ ଶାନ୍ତି ଓ ସ୍ଥିରତା ବଜାୟ ରଖିବାରେ ଜାତିସଂଘ କିପରି ସକ୍ଷମ ହେବ। ବିଶ୍ୱ ଦୃଶ୍ୟପଟରେ ଏବେ ବ୍ୟାପକ ପରିବର୍ତ୍ତନ ହେବାରେ ଲାଗିଛି। ହିଂସା ଓ ବିଭାଜନର ଯୁଗ ଆଡକୁ ବିଶ୍ୱ ମୁହାଁଇଛି। ଏହା ଯେମିତି ହେଉ ପଛେ, ଅନ୍ତର୍ଜାତୀୟ ନିୟମ ପ୍ରତି ଭାଗୀଦାରି ପ୍ରତିବଦ୍ଧତାର ବାହାନା କଲେ ଏହା ଗଭୀର ଭାବେ ପ୍ରଭାବିତ ହେବ।

**ପ୍ରଫେସର, ଷ୍ଟ୍ରାଟେଜିକ୍ ଷ୍ଟଡିଜ୍, ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

## ଏଇ ଭାରତରେ

ବୟସ ୬ ଛୁଇଁବା କ୍ଷଣି ସବୁକିଛି ଓଲଟପାଲଟ ହୋଇଗଲା। ଓଷ୍ଟିଓଜେନେସିସ୍ ଇମ୍ପରଫେକ୍ଟା(ଏକପ୍ରକାର ଅସ୍ଥିଗତ ସମସ୍ୟା)ରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ହେଲେ ବାରାଣସୀର ଶ୍ୱେତା ମୟୂର। ସେବେଠୁ ଆଉ ସେ ଶଯ୍ୟାରୁ ଉଠିପାରୁନାହାନ୍ତି, ହେଲେ ଦେଶର ବିଭିନ୍ନ ଅଞ୍ଚଳରେ ଅସହାୟ ଓ ଆହତ ପ୍ରାଣୀମାନଙ୍କ ଉଦ୍ଧାର କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଆସ୍ଥା ଲଭିଂ କାଇଣ୍ଡନେସ୍ ଆଣ୍ଡ କମ୍ପାଶନ୍ (ଏଏଲ୍‌କେସି) ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଶ୍ୱେତାଙ୍କ ବୟସ ଏବେ ୩୫। ସେ ଡାକ୍ତର ହେବା ସ୍ୱପ୍ନ ଦେଖିଥିଲେ ବି ରୋଗ ଯୋଗୁ ସମ୍ଭବ ହୋଇପାରିଲା ନାହିଁ। ୨୦୧୨ରେ ଯେତେବେଳେ ତାଙ୍କ ଭାଇ ଏକ ଫେସ୍‌ବୁକ ଆକାଉଣ୍ଟ ଖୋଲିଦେଲେ ସେତେବେଳେ ସେ 'ଆଡପ୍ଟ ଏ ପେଟ୍' ପେଜ୍ ଦେଖିଲେ। ସେଥିରେ ଏକ କୁକୁରକୁ ନିର୍ମମ ଭାବେ ବାଡ଼ାଯାଉଥିବା ଦୃଶ୍ୟ ଦେଖି ଫେସ୍‌ବୁକ୍‌ର ଅନ୍ୟ ଗ୍ରୁପ୍ ସହ ଯୋଗାଯୋଗ କରି ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ। ଏହା ଥିଲା ତାଙ୍କର ପ୍ରଥମ ଉଦ୍ଧାର କାର୍ଯ୍ୟ। ପରେ ସେ ଏଏଲ୍‌କେସି ଗଠନ କରି ପ୍ରାଣୀ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଶ୍ୱେତା ହଜାର ହଜାର ଆହତ ପ୍ରାଣୀଙ୍କୁ ଉଦ୍ଧାର କରିବା ସହ କୁକୁରଙ୍କ ପାଇଁ ଏକ ସୁରକ୍ଷିତ ଘର ନିର୍ମାଣ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ଜଡ଼ିତ ୧୦୦ ଗ୍ରୁପ୍ ସହ ଯୋଗାଯୋଗ ସ୍ଥାପନ କରି ଏହା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ
DHARITRI

୨୪ ମାର୍ଚ୍ଚ ୧୯୯୭

- ଜମ୍ମୁସ୍ଥିତ ଉଦ୍ଧାମପୁର ଜିଲାର ଧର୍ମାର ନିକଟରେ ଏକ ବସ୍ ଦୁର୍ଘଟଣାରେ ୧୪ ଜଣଙ୍କର ଶୋଚନୀୟ ମୃତ୍ୟୁ।
- ଦଳର ଭାବମୂର୍ତ୍ତିକୁ ନଷ୍ଟ କରୁଥିବା ଅଭିଯୋଗରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ସୋରେନ)ର ପ୍ରାଥମିକ ସଦସ୍ୟ ପଦରୁ ଶୈଳେନ୍ଦ୍ର ମାହାତୋ ବହିଷ୍କୃତ।
- ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ତଥା ପୁରୁଖା ସର୍ବୋଦୟ ନେତା ତ୍ରିଲୋଚନ ଚାନ୍ଦ ଜୈନଙ୍କ ୭୦ ବର୍ଷ ବୟସରେ ପରଲୋକ।
- ଶାସ୍ତ୍ରୀୟ ସଙ୍ଗୀତ ବିଷାରଦ ପ୍ରସୂନ ବନ୍ଦୋପାଧ୍ୟାୟଙ୍କ ୭୧ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 9 | | | | | | |
| 7 | 1 | | | 8 | | | 9 | 6 |
| | | | | | 3 | | | |
| | 8 | | 4 | | 6 | | | |
| 4 | | | | 2 | | | 3 | 7 |
| | | | | | | | 5 | |
| | | | 8 | 4 | | 9 | | 3 |
| | | | 3 | | 7 | | | |
| | | 7 | | 9 | 5 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 5 | 6 | 1 | 9 | 2 | 7 | 3 |
| 6 | 9 | 3 | 2 | 4 | 7 | 1 | 8 | 5 |
| 1 | 2 | 7 | 3 | 8 | 5 | 4 | 6 | 9 |
| 3 | 4 | 2 | 9 | 7 | 6 | 8 | 5 | 1 |
| 9 | 5 | 8 | 1 | 3 | 4 | 7 | 2 | 6 |
| 7 | 1 | 6 | 5 | 2 | 8 | 3 | 9 | 4 |
| 5 | 3 | 1 | 8 | 6 | 2 | 9 | 4 | 7 |
| 2 | 6 | 4 | 7 | 9 | 1 | 5 | 3 | 8 |
| 8 | 7 | 9 | 4 | 5 | 3 | 6 | 1 | 2 |

ଗତକାଲିର ଉତ୍ତର

# ଶେଷ କେଉଁଠି



ଅକ୍ଷୟ କୁମାର ମିଶ୍ର

ସମ୍ପ୍ରତି ସମାଜରେ ଘଟିଚାଲିଥିବା ଗୋଟିଏ ପରେ ଗୋଟିଏ ଘଟଣା ମୋତେ ସ୍ତବ୍ଧ କରିଦେଇଛି। ମାନସିକ ଅସନ୍ତୁଳନ ଭିତରେ ସିଦ୍ଧାନ୍ତରେ ଉପନୀତ ହେବା କଷ୍ଟ ସାଧ୍ୟ ନିଶ୍ଚୟ। ଏହି ଅସ୍ଥିରତା ମଧ୍ୟରେ ମୁଁ ବୁଝିପାରୁନି କେଉଁଠୁ ଆରମ୍ଭ କରିବି। କାହା କଥା କହିବି? ଜ୍ଞାନ ବିଜ୍ଞାନ ଯେତେବେଳେ ଚରମ ଉତ୍କର୍ଷତା ଲାଭ କରିଛି, ମଣିଷ ଚନ୍ଦ୍ରପୃଷ୍ଠରେ ପାଦ ଥାପିସାରିବା ପରେ ମଙ୍ଗଳ ଅଭିମୁଖେ ଯେତେବେଳେ ଅଭିଯାନ ଆରମ୍ଭ କରିଛି ସେତେବେଳେ ତା'ର ବୌଦ୍ଧିକ ଚେତନାକୁ ନେଇ ପ୍ରଶ୍ନ ଉଠାଇଲେ ଅଧିକାଂଶ ପାଠକ ନାଶିକା କୁଞ୍ଚନ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତଥାପି ସୁନ୍ଦର ଭବିଷ୍ୟତ ନିର୍ମାଣ ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରି କଠୋର ତପସ୍ୟାରତ ନିଷ୍ଠାପର ସାଧକମାନଙ୍କ ମନର ବିଚାରାଳୟରେ ମୋର ଏହି ଆଲେଖ୍ୟଟି ଉଚିତ ବିଚାରାର୍ଥେ ରଖୁଛି।

ସୂର୍ଯ୍ୟଙ୍କର ଉଜ୍ଜ୍ୱଳ କିରଣରେ ଧରାପୃଷ୍ଠ ଆଲୋକିତ। କିନ୍ତୁ ମୋ ଅନୁଭବରେ ସତେଯେମିତି ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ। ବିଶ୍ୱ ବିଖ୍ୟାତ ଦାର୍ଶନିକ ସକ୍ରେଟିସ ସେଦିନ ସ୍ପଷ୍ଟ ଦିବାଲୋକରେ ଜ୍ୱଳନ୍ତ ଲଣ୍ଠନଟିଏ ଧରି ଭଲ ମଣିଷର ଅନ୍ୱେଷଣରେ ବାହାରିଥିଲେ। ସେମିତି ଆଜି ବିବେକର ବତିଟିଏ ଜଳାଇ ମୋ ଭିତରେ 'ମୁଁକୁ ଚିହ୍ନିବା ସକାଶେ ଅଭିଯାନ ଆରମ୍ଭ କରିବାକୁ ମନ ବଳାଇଛି। ମୁଁ କିଏ? ମୋର ପରିଚୟ କ'ଣ? ସତରେ କ'ଣ ଏହି ପ୍ରକାଣ୍ଡ ପୃଥିବୀରେ ମୁଁ ସର୍ବଶ୍ରେଷ୍ଠ ପ୍ରାଣୀ? ବିଚାର ବୁଦ୍ଧି ବିବେକ ଧାରଣ କରିଥିବା ମୁଁ ଜଣେ ମାୟା ନ ଥିବା ମାନବ ନା ମୋ ଭିତରେ ପଶୁତ୍ୱର ପ୍ରବୃତ୍ତି ଏବେ ବି ଲୁକ୍କାୟିତ ଅଛି; ଯାହା ସମୟ ସୁବିଧା ସୁଯୋଗର ଅପେକ୍ଷାରେ ଅଛି? ସମାଜ, ସଂସ୍କୃତିର ଜୟଗାନ କରି ମୁଁ ମାନବ ଜାତିକୁ ଏକତା ବନ୍ଧନରେ ବାନ୍ଧିବାକୁ ଚାହୁଁଛି ନା ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନାମରେ ପରସ୍ପର ଭିତରେ ଅସ୍ପୃଶ୍ୟତାର ଜହର ବିଞ୍ଚୁଛି?

ବିଚାର ଥିଲା ମୁଁ ଏମିତି ଏକ ପ୍ରାଣୀ, ଯାହାର ସ୍ୱାଧୀନତା ହେଉଛି ଜନ୍ମଗତ ଅଧିକାର। କିନ୍ତୁ ପରାଧୀନତାର ଶୃଙ୍ଖଳ ମୋର ଚେତନାକୁ ପଙ୍ଗୁ କରିଦେଇଛି। ମରହଟ୍ଟା, ମୋଗଲ, ପର୍ତ୍ତୁଗିଜ, ଫରାସୀ, ଓଲନ୍ଦାଜ ଶେଷରେ ଇଂରେଜମାନଙ୍କ ଦ୍ୱାରା ଶାସିତ ହୋଇ ସତେଯେମିତି ମୁଁ ଏକ ପିଞ୍ଜରା ଭିତରର ଶାରୀ ପାଲଟି ଯାଇଥିଲି। ଅର୍ଥନୈତିକ ଶୋଷଣ ମୋର ମେରୁଦଣ୍ଡକୁ ଭାଙ୍ଗି ଦେଇଛି ବୋଲି ଅନୁଭବ କରୁଥିଲି। ସାମାଜିକ ବୈଷମ୍ୟ ମୋତେ ଅଣନିଃଶ୍ୱାସୀ କରିଦେଉଥିଲା। ଅକଥନୀୟ ଅନ୍ୟାୟ ଅତ୍ୟାଚାର ମୁଁ ସହି ପାରିଲିନି। ମନଟା ବିଦ୍ରୋହ କରି ଉଠିଲା। ମୁଁ ଅନ୍ୟମାନଙ୍କୁ ନେଇ ମେଳି ବାନ୍ଧିଲି। ବିକ୍ଷୋଭ ବିଦ୍ରୋହ କଲି। ମୋର ଶେଷ କଥା ଥିଲା ମୁଁ ସ୍ୱାଧୀନତା ଚାହେଁ। ମୋ ସମ୍ମୁଖରେ ଉଭା ହେଲେ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ। ମୁଁ ତାଙ୍କୁ ଅନୁସରଣ କଲି, ଅନୁଗାମୀ ହେଲି। ଏହି କଠିନ ଯୁଦ୍ଧରେ ମୁଁ ମୋର ଅନେକ ଭାଇ ବନ୍ଧୁ କୁଟୁମ୍ବଙ୍କୁ ହରାଇଲି ସତ, ହେଲେ ବିଦେଶୀ ଶାସନର ଅନ୍ତ ହେଲା। ମୁଁ ଉତ୍ଫୁଲ୍ଲିତ ଚିତ୍ତରେ ଗାଇଉଠିଲି 'ବଜାରେ ବଜାରେ ବାଇଦ ବଜା...। କିନ୍ତୁ ଏହି ଆନନ୍ଦ ଉଲ୍ଲାସ ବେଶିଦିନ ରହିଲା ନାହିଁ। ସ୍ୱପ୍ନ ଭାଙ୍ଗିଗଲା। ମୋହ ତୁଟିଗଲା। ଗୋରା ଲୋକମାନେ ଶୋଷଣ କରୁଥିଲେ ଏବେ ମୁଁ ମୋତେ ଶୋଷଣ କରୁଛି। ହାରିଛି କେତେ ଜିତିଛି କେତେ ସେହି ଅଛିଣ୍ଡା ଗଣିତ ମୋତେ କ୍ରମେ ଅସୁଖୀ କରିବାକୁ ଲାଗିଲା।

କିଛି ବିଶିଷ୍ଟ ବ୍ୟକ୍ତି କହୁଥିବା ଶୁଣାଗଲା, ସମସ୍ତେ ଶିକ୍ଷିତ ହେଲେ ସବୁ ବଦଳି ଯିବ। 'ସା ବିଦ୍ୟା ଯା ବିମୁକ୍ତଏ' ନୀତି ବାଣୀ ମନକୁ ଆଶ୍ୱସ୍ତ କଲା। ଶିକ୍ଷା ଶୋଷଣରୁ ମୁକ୍ତି ଦେବ। ସକଳ ଦୁଃଖ ଦୂରୀଭୂତ ହେବ। ମୁଁ ଶିକ୍ଷିତ ହେବା ସହିତ ଶିଷ୍ଟାଚାରୀ ହେବି। ବିବେକବାନ ହେବି। ମୋର ବିଚାର ବୁଦ୍ଧି ବିକଶିତ ହେବ। ଅଜ୍ଞାନ ରୂପକ ଅନ୍ଧକାର ଅପସରି ଯିବ। ମୁଁ ଅନ୍ୟର ଅନୁଗାମୀ ହେବି। କିନ୍ତୁ ଶିକ୍ଷିତ ହେବା ପରେ ଅଧିକରୁ ଅଧିକ ସ୍ୱାର୍ଥପର ହେଲି। ଅସୀମ ଲୋଭ ମୋତେ ଗ୍ରାସ କଲା। ଅର୍ଥକୁ ପ୍ରତିଷ୍ଠାର ମାପକାଠି ବୋଲି ବିଚାର କଲି। ପ୍ରଚୁର ଧନ ସମ୍ପତ୍ତିର ଅଧିକାରୀ ହେବା ପାଇଁ ପ୍ରୟାସ ଆରମ୍ଭ କଲି। ସମ୍ପର୍କ ମୋ ନିକଟରେ ତୁଚ୍ଛ ପାଲଟିଗଲା। ବାପା ମାଆ ଭାଇ ବନ୍ଧୁ କୁଟୁମ୍ବ ସମସ୍ତେ ଅଚିହ୍ନା ହୋଇଗଲେ। କାହାର ଦୁଃଖ ଦୈନ୍ୟ ମୋତେ ବିଚଳିତ କଲା ନାହିଁ। ଅନ୍ୟର ବିପଦ ଦେଖି ମୁହଁ ବୁଲାଇ ନେଲି। ଅର୍ଥ ପଛରେ ଅଣନିଃଶ୍ୱାସୀ ହୋଇ ଧାଇଁଲି। ହେଲେ ଅର୍ଥର ପ୍ରାଚୁର୍ଯ୍ୟ ମୋତେ ଆତ୍ମସନ୍ତୋଷ ଦେଲାନାହିଁ।

ଏଣିକି ମୁଁ କ୍ଷମତା ଆଡ଼କୁ ହାତ ବଢ଼ାଇଲି। ପରିସଂଖ୍ୟାନରୁ ଜାଣିଥିଲି ରାଜନୈତିକ ଲୋକମାନେ ସର୍ବାଧିକ କ୍ଷମତାଶାଳୀ। ଏଣୁ କାଳବିଳମ୍ବ ନ କରି ରାଜନୈତିକ ଦଳମାନଙ୍କର ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କଲି। ଖୁବ୍‌ଶୀଘ୍ର ଜାଣିଗଲି ରାଜନୀତିରେ ସେବା ଅପେକ୍ଷା ଦେବା ନେବା ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ। ନିରୁତା ସେବା ମନୋଭାବ ଧର୍ମ ଉପାର୍ଜନ ପାଇଁ ହୋଇପାରେ କିନ୍ତୁ କ୍ଷମତା ହାସଲ ପାଇଁ ନିରର୍ଥକ। ଗାନ୍ଧୀ ଗୋପବନ୍ଧୁଙ୍କ ମାର୍ଗ ଅନୁସରଣ କଲେ ହତାଶ ହେବାକୁ ପଡ଼ିବ। ସେମାନଙ୍କ ଜୀବନାଦର୍ଶ ଭାଷଣରେ ଲାଗିପାରେ କିନ୍ତୁ କର୍ମ କ୍ଷେତ୍ରରେ ସେସବୁ ଯେ ଅଦରକାରୀ ମୁଁ ମର୍ମେ ମର୍ମେ ବୁଝିଗଲି। ଅତ୍ୟନ୍ତ ସନ୍ତର୍ପଣରେ କେଉଁ ରାଜନୈତିକ ଦଳର ବଜାର କେତେ ତାହା ଅନୁଧ୍ୟାନ କଲି। ବେଶି କଷ୍ଟ କରିବାକୁ ପଡ଼ିଲାନି। ଏକ୍‌ଜିଟପୋଲ ମୋ କାମକୁ ସହଜ କରିଦେଲା। ନିର୍ବାଚନରେ ବିଜୟ ସମ୍ଭାବନାକୁ ପ୍ରାଥମିକତା ଦେଇ ନିଷ୍ପତ୍ତି ଗ୍ରହଣ କଲି। କଳେବଳେ କୌଶଳେ ଟିକଟ ଖଣ୍ଡିଏ ହାତେଇ ନେଇ ନିର୍ବାଚନରେ ଅବତୀର୍ଣ୍ଣ ହେଲି। ଗଚ୍ଛିତ ଅମାପ ଧନ ବିଜୟ ପଥକୁ ସୁଗମ କଲା।

ଏବେ ମୋ ଚତୁଃପାର୍ଶ୍ୱରେ ଅନେକ ଲୋକଙ୍କ ଭିଡ। ଅଖଣ୍ଡ ବିଶ୍ୱାସ ସେମାନଙ୍କର ମୋ ଉପରେ। ସେମାନଙ୍କର ଆସ୍ଥା, ଆଚରଣ ଓ ଆନୁଗତ୍ୟରୁ ଅନୁଭବ ହୁଏ ମୁଁ ସେମାନଙ୍କ ପାଇଁ ସାକ୍ଷାତ ଈଶ୍ୱର। ମାରିଲେ ମାରିବି ତାରିଲେ ତାରିବି। ମନେମନେ ସ୍ଥିର କରିନେଲି ଲୋକଙ୍କର ଏହି ଦୁର୍ବଳତାର ଫାଇଦା ଉଠାଇବାକୁ ପଡ଼ିବ। ବଡ଼ ହେବାକୁ ହେଲେ, ସମାଜରେ ପ୍ରଭାବଶାଳୀ ବ୍ୟକ୍ତି ଭାବରେ ଉଭା ହେବାକୁ ହେଲେ ଅଧିକରୁ ଅଧିକ ପ୍ରଭାବ ବିସ୍ତାର କରିବାକୁ ପଡ଼ିବ। ଏଥିପାଇଁ ସହଜ ସରଳ ସୁବିଧା ଏବଂ ସୁନିଶ୍ଚିତ ସଫଳତା ଆଣିଦେଉଥିବା ଉପାୟ କ୍ଷମତାର ଅପବ୍ୟବହାର ବୋଲି ମୁଁ ଅନ୍ଧ ଭାବରେ ଗ୍ରହଣ କରି ନେଲି। ଗୋଟିଏ ପରେ ଗୋଟିଏ ସଂସ୍ଥା ଉପରେ ପ୍ରଭାବ ପକାଇ ବେନିୟମ କାର୍ଯ୍ୟ ସବୁ କରେଇନେବାରେ ବେଶି କଷ୍ଟ ହେଲା ନାହିଁ।

ଏମିତି ଅନେକ କ୍ଷୁଧା ମୋ ଭିତରେ। ଲୋଭ ଲାଳସାରେ ବଶବର୍ତ୍ତୀ ହୋଇ ବହୁ ଅନୈତିକ କାର୍ଯ୍ୟ କରିଚାଲିଛି। କିନ୍ତୁ ଅନ୍ୟକୁ ସମାଲୋଚନା କରିବାରେ ମୁଁ ଶତମୁଖ। ଉପରେ ଅହିଂସା, କିନ୍ତୁ ଭିତରଟା ହିଂସ୍ର ଜାନୁଆରଠାରୁ କମ୍ ନୁହେଁ। ଭିତରଟା ଅନ୍ୟାୟ ଅନୀତିରେ ଭରପୂର। 'ମାନବ ସେବା ହିଁ ମାଧବ ସେବା' ଘୋଷା ପଦ ପରି ଘୋଷି ଚାଲିଛି। କିନ୍ତୁ ମୋ ଭିତରୁ ମଣିଷପଣିଆ କ୍ରମଶଃ ଲୋପ ପାଇବାରେ ଲାଗିଛି।

ଏଇ ହେଉଛି 'ମୁଁ'। ବିବେକର ଅନ୍ତଃସ୍ୱର ଠାରୁ 'ମୁଁ' ର ବାକ୍ୟ ସ୍ୱର ମୋତେ ଅଧିକ ଆକୃଷ୍ଟ କରୁଛି। ଯେପର୍ଯ୍ୟନ୍ତ ମୋ ଭିତରେ ଥିବା 'ମୁଁ' କୁ ଲଗାମ ଦେବାରେ ବ୍ୟର୍ଥ ସେପର୍ଯ୍ୟନ୍ତ ଉଦ୍‌ବୋଧନ, ଉଦ୍‌ଘୋଷଣା, ଉପଦେଶ ସବୁକିଛି ଅସାର। ତେବେ ଶେଷ କେଉଁଠି? ଉପସଂହାରରେ ଏତିକି କହିବି 'ମୁଁ'ର ବିନାଶ ସେତିକିବେଳେ ସମ୍ଭବ ଯଦି ବିବେକାନନ୍ଦଙ୍କର ସେହି ମହାନ୍ ବାଣୀକୁ ମାନବ ସମାଜ ପ୍ରତିଟି କ୍ଷଣରେ ମାନିଚାଲିବ। ଆସନ୍ତୁ ତାହାହିଁ କରିବା 'ମସ୍ତିଷ୍କର ଆହ୍ୱାନ ଅନୁଯାୟୀ କାର୍ଯ୍ୟ ନ କରି ହୃଦୟର ଡାକରାକୁ ସ୍ୱୀକାର କରି ପଥ ଚାଲିବା।'

**ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ (ଓଷ୍ଟା)**
**ମୋ:୭୦୦୮୦୭୩୫୯୯**

# ଯକ୍ଷ୍ମା ନିର୍ମୂଳ ପାଇଁ...



ଡା. ରାମଚନ୍ଦ୍ର ରାଉତ

ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା(ଟିବି) ଦିବସ ରୂପେ ପାଳନ କରାଯାଇଆସୁଛି। ୧୮୮୨ ମସିହାର ଏହି ଦିନରେ ଡା. ରବର୍ଟ କକ୍ ଯକ୍ଷ୍ମାର ଜୀବାଣୁ 'ମାଇକୋ ବ୍ୟାକ୍ଟେରିଅମ୍ ଟ୍ୟୁବରକ୍ୟୁଲୋସିସ୍' ଆବିଷ୍କାର କରିଥିଲେ। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ଜୀବନ ବଞ୍ଚାଇବା ଆଉ ଯକ୍ଷ୍ମାର ନିର୍ମୂଳ ପାଇଁ ଅଧିକ ଅର୍ଥ ଓ ଶକ୍ତିର ଉପଯୋଗ।'

ସାରା ବିଶ୍ୱରେ ପାଖାପାଖି ଦୁଇଶହ କୋଟି ଯକ୍ଷ୍ମା ଜୀବାଣୁ ଦ୍ୱାରା ସଂକ୍ରମିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରତିବର୍ଷ ଏକଶହ ଲକ୍ଷ ବ୍ୟକ୍ତି ଟିବି ରୋଗରେ ପୀଡ଼ିତ ହୁଅନ୍ତି ଓ ୧୬ ଲକ୍ଷ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ଆମ ଦେଶରେ ବିଶ୍ୱର ୩୦% ଟିବି ଆକ୍ରାନ୍ତ ବ୍ୟକ୍ତି ଅଛନ୍ତି, ଯାହାକି ଆମ ଦେଶ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟଗତ ଚ୍ୟାଲେଞ୍ଜ। ଆସନ୍ତା ୨୦୨୫ ସୁଦ୍ଧା ଦେଶକୁ ଟିବିମୁକ୍ତ କରିବା ଲାଗି ପ୍ରୟାସ ଜାରି ରହିଛି। ତେବେ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱରୁ ଏହା ନିର୍ମୂଳ କରିବା ସକାଶେ ଲକ୍ଷ୍ୟ ରଖାଯାଇଛି। ବିଶ୍ୱ ସ୍ତରରେ ଏଥିଲାଗି ବ୍ୟାପକ ପ୍ରସ୍ତୁତି ଓ କାର୍ଯ୍ୟ କରାଯାଉଛି। ଆମ ଦେଶରେ ଜାତୀୟ ଟିବି ନିରାକରଣ ଯୋଜନା(ଏନ୍‌ଟିପି)ମାଧ୍ୟମରେ -ନିର୍ଣ୍ଣୟ, ଚିକିତ୍ସା, ପ୍ରତିଷେଧକ ଓ ସଂଗଠନ ମାଧ୍ୟମରେ ଏହା କରାଯାଉଛି, ଯାହା ମଧ୍ୟରେ ପୋଷଣ ଅଭିବୃଦ୍ଧି ଓ କଫ ନମୁନା ପ୍ରେରଣ ସହିତ ଆହୁରି ଅନେକ କାର୍ଯ୍ୟ କରାଯାଉଛି। ଭାରତରେ ୨୦୧୮ରେ ସରକାରୀ ଡାକ୍ତରଖାନାରୁ ୧,୫୯୫,୧୦୫ଟି ଟିବି କେସ୍ ନୋଟିଫିକେଶନ ହୋଇଥିବା ବେଳେ ଘରୋଇ ଡାକ୍ତରଖାନାଗୁଡ଼ିକରୁ ୫,୦୨,୮୨୩ଟି କେସ୍ ମିଳିଥିଲା। ସେହିପରି ୨୦୧୯ ଓ ୨୦୨୦ରେ ଯଥାକ୍ରମେ ଏହାଥିଲା-୧,୭୨୬,୬୫୬ ଓ ୬,୮୨,୦୬୮ ଏବଂ ୬,୫୫,୬୩୩ ଓ ୨,୩୭,୫୨୦। ସରକାରୀ ସ୍ତରରେ ରୋଗ ନିର୍ଣ୍ଣୟ ପାଇଁ ମାଇକ୍ରୋସ୍କୋପ୍ କେନ୍ଦ୍ର ଓ ସବିନ୍ୟାଟ୍ ପରୀକ୍ଷା ମେଶିନମାନ ପ୍ରତିଷ୍ଠା କରାଯାଇ ନିର୍ଣ୍ଣୟ ଓ ଚିକିତ୍ସାକୁ ସମସ୍ତଙ୍କ ନିକଟରେ ପହଞ୍ଚା ଯାଇ ପାରୁଛି। ବିଗତ ଦିନ ଅପେକ୍ଷା ବର୍ତ୍ତମାନ ଟିବି ନିର୍ଣ୍ଣୟ ସହଜ ଓ ତ୍ୱରିତ ହୋଇପାରିଛି। ମାତ୍ର ଏହାର ଚିକିତ୍ସାରେ ଏମଡିଆର ଓ ଏକ୍ସଡିଆର ଅର୍ଥାତ୍ ଔଷଧ ପ୍ରତିରୋଧ ଜୀବାଣୁଙ୍କର ପ୍ରବେଶ ପ୍ରତିବନ୍ଧକ ସୃଷ୍ଟି କରୁଛି।

ସାଧାରଣତଃ ଏଚ୍‌ଆଇଭି-ଏଡ୍‌ସ ସଂକ୍ରମଣ ସହିତ ଟିବି ସଂକ୍ରମଣ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ସେଥିପାଇଁ ସବୁ ଟିବି ନିର୍ଣ୍ଣିତ କେସଗୁଡ଼ିକର ଏଚ୍‌ଆଇଭି ପରୀକ୍ଷା ଓ ସବୁ ଏଚ୍‌ଆଇଭି ନିର୍ଣ୍ଣିତ ବ୍ୟକ୍ତିଙ୍କର ଟିବି ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ଅନେକ କ୍ଷେତ୍ରରେ ଜଣଙ୍କଠାରେ ଦୁଇଟିଯାକ ରୋଗ ଥିଲେ, ଉଭୟର ନିୟମାନୁଯାୟୀ ଚିକିତ୍ସା କରାଯାଇଥାଏ, କାରଣ ପ୍ରତ୍ୟେକ ରୋଗ ପାଇଁ ଅଧିକ ସଂଖ୍ୟକ ଓ ଅତି ଗୁରୁତ୍ୱପୂର୍ଣ୍ଣ ଔଷଧମାନ ବ୍ୟବହାର କରିବାକୁ ପଡ଼ିଥାଏ।

ଡାଇବେଟିସ୍ ଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଟିବି ଅଧିକମାତ୍ରାରେ ଓ ସହଜରେ ହୋଇଥାଏ। ତେଣୁ ଡାଇବେଟିସ୍ ଥିବା ବ୍ୟକ୍ତିବିଶେଷ ଯଦି ଟିବିର କୌଣସି ଲକ୍ଷଣରେ ପୀଡ଼ିତ ହୁଅନ୍ତି, ସେମାନେ ନିଜର ଟିବି ଯାଞ୍ଚ କରାଇବା ଜରୁରୀ। ପ୍ରଥମରୁ ନିର୍ଣ୍ଣୟ କରି ଔଷଧ ନିୟମିତ ବ୍ୟବହାର କଲେ ଟିବି ସହଜରେ ନିୟନ୍ତ୍ରଣ କରାଯାଇପାରେ। ମାଇକୋ ବ୍ୟାକ୍ଟେରିଅମ୍ ଟ୍ୟୁବରକ୍ୟୁଲୋସିସ୍ ମୁଖ୍ୟତଃ ଫୁସ୍‌ଫୁସ୍ ମାତ୍ର ଅନ୍ୟ ଅଂଶ ଯଥା ଅସ୍ଥି, ଚର୍ମ, ଚକ୍ଷୁ, ଖାଦ୍ୟନଳୀ, ବୃକକ୍, ମସ୍ତିଷ୍କ ଇତ୍ୟାଦିରେ ହୋଇଥାଏ। ବାୟୁ ମାଧ୍ୟମରେ, ଟିବି ସଂକ୍ରମିତ ରୋଗୀ କାଶିଲେ, ଛିଙ୍କିଲେ, କଫରେ ଲାଗିବା ଦ୍ୱାରା, କେତେକ କ୍ଷେତ୍ରରେ ରକ୍ତ ପ୍ରବାହ ଦ୍ୱାରା ମସ୍ତିଷ୍କ ଓ ଅନ୍ୟାନ୍ୟ ଅଂଶମାନଙ୍କୁ ଏହା ବ୍ୟାପିଥାଏ।

କିପରି ନିର୍ଣ୍ଣୟ ହୁଏ: କଫ ନମୁନା ପରୀକ୍ଷା (୨ଟି), ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଛାତିର ଫଟୋ, ଅସ୍ଥିର ଫଟୋ, ମସ୍ତିଷ୍କ ମଧ୍ୟରେ ପ୍ରବାହିତ ରସ (ସିଏସଏଫ)ପରୀକ୍ଷା, ସିବିନାଟ୍ ପରୀକ୍ଷା ଦ୍ୱାରା, କାଶ ଲଗାତର ୧୫ ଦିନରୁ ଅଧିକ, ସନ୍ଧ୍ୟା ସମୟରେ ଜ୍ୱର, ଓଜନ ଓ ଭୋକ ହ୍ରାସ, ଦୁର୍ବଳ ଲାଗିବା, କଫରେ ରକ୍ତ ପଡ଼ିବା, ଛାତି ଦରଜ।

ଚିକିତ୍ସା: ଏକା ସଙ୍ଗରେ ଅତିକମ୍‌ରେ ୪ ପ୍ରକାର ଆଣ୍ଟିବାୟୋଟିକ୍ ଖାଇବାକୁ ପଡ଼େ। ମଲ୍ଟିଡ୍ରଗ୍ ରେଜିଷ୍ଟାଣ୍ଟ ଟିବି କ୍ଷେତ୍ରରେ ଅନ୍ୟ ସୀମିତ ଔଷଧ ଦିଆଯାଇଥାଏ। ଏକ୍ସଡିଆର କ୍ଷେତ୍ରରେ ମଧ୍ୟ ତାହାଠାରୁ ଅଧିକ କାର୍ଯ୍ୟକ୍ଷମ ଔଷଧ ଦିଆଯାଏ। ସୁଷମ ଖାଦ୍ୟ ମୁଖ୍ୟତଃ ପୁଷ୍ଟିସାର ଓ ଭିଟାମିନ୍, ଏହା ସହିତ ଔଷଧ ସେବନ ସମୟରେ ଔଷଧର ରିଆକ୍ସନ ଓ ଔଷଧ ଜନିତ ଅନ୍ୟାନ୍ୟ ରୋଗର ଚିକିତ୍ସା, ଶିଶୁ ଓ ଏଚ୍‌ଆଇଭିଯୁକ୍ତ ରୋଗୀଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ଚିକିତ୍ସା କରାଯାଏ।

ପ୍ରତିଷେଧକ ବ୍ୟବସ୍ଥା: କାଶ, ଛିଙ୍କ ସମୟରେ ମୁହଁ ଘୋଡ଼ାଇବା, ଏବେ କୋଭିଡ୍ ପାଇଁ ବ୍ୟବହାର ହେଉଥିବା ମାସ୍କ ବିଶେଷ ଉପଯୋଗୀ, ଅତ୍ୟଧିକ ଜନବହୁଳ ସ୍ଥାନ, ଅଳ୍ପ ଘର ଓ ଘରର କମ୍ ଆକାର ତଥା ସ୍ୱାମୀ, ସ୍ତ୍ରୀ ଓ ଶିଶୁମାନଙ୍କ କ୍ଷେତ୍ରରେ ନିକଟତର ନ ହେବା, ଲକ୍ଷଣ ପ୍ରକାଶ ପାଇଲେ କଫ ଓ ସବିନାଟ ପରୀକ୍ଷା, ଏଚ୍‌ଆଇଭି ପରୀକ୍ଷା ଓ ଡାଇବେଟିସ୍ ନିୟନ୍ତ୍ରଣ କରିବା ଆବଶ୍ୟକ।

**ବରିଷ୍ଠ ଚିକିତ୍ସକ, ମୋ: ୯୪୩୭୭୪୨୪୯୯**

## ଚିରନ୍ତନୀ

ପଉଷ-ଶେଷ ସନ୍ଧ୍ୟା ଘେନ ବନ୍ଦନ!
ପକ୍ୱ ଧାନେ ପରଶି ମଧୁ
ଚୁମ୍ବନ ହେ ଚୁମ୍ବନ
ପଉଷ-ଶେଷେ ସନ୍ଧ୍ୟା ଘେନ ବନ୍ଦନ!
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଅବହେଳା

ମହାଶୟ,

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଯୋଜନା ପ୍ରଚଳନ କରିବା ରାଜ୍ୟ ସରକାରଙ୍କ ଅତି ଉତ୍ତମ ପଦକ୍ଷେପ। ଏହି କାର୍ଡ ଦ୍ୱାରା ଗରିବ ଲୋକଟିଏ ମଧ୍ୟ ଉନ୍ନତ ମାନର ଔଷଧ ଏବଂ ଚିକିତ୍ସା ପାଇପାରିବ। କିନ୍ତୁ ଦୁଃଖର ବିଷୟ ସିଏଚସି କିମ୍ବା ଏସଡିଏଚ ହସ୍ପିଟାଲଗୁଡିକରେ ଏହି କାର୍ଡ କାମ ଦେଉନାହିଁ। ଦିନକୁ ଦୁଇଓଳି ଖାଇବାକୁ ପାଉ ନ ଥିବା ଲକ୍ଷ ଲକ୍ଷ ଗରିବ ଜନତା କେଉଁଠୁ ଟଙ୍କା ପାଇ ଉନ୍ନତ ମାନର ଇଞ୍ଜେକ୍ସନ, ଔଷଧ ଏବଂ ଚିକିତ୍ସା ପାଇପାରିବେ ବୋଲି ସାଧାରଣ ଜନମାନସରେ ପ୍ରଶ୍ନ ଉଙ୍କି ମାରୁଛି ଏବଂ ରାଜ୍ୟ ସରକାରଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ଓ ଭରସା ତୁଟି ଯାଉଛି। ତେଣୁ ରାଜ୍ୟ ସରକାରଙ୍କୁ ଅନୁରୋଧ, ଏହି ଯୋଜନାଟି ସବୁ ହସ୍ପିଟାଲରେ ପ୍ରଚଳନ କରାଯାଉ ଏବଂ ସମସ୍ତ ଗରିବ ଜନସାଧାରଣ ଉପକୃତ ହୁଅନ୍ତୁ।

**-ବିକାଶ ନାୟକ, କଇଁପୁର, ଜାମଦା, ମୟୂରଭଞ୍ଜ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**‘ମମିତା-ମାନସ ହତ୍ୟାକାଣ୍ଡକୁ ଘଣ୍ଟ ଘୋଡ଼ାଉଛି ବିଜେଡି’**

ଭବାନୀପାଟଣା,(ସ୍ୱପ୍ର): କଳାହାଣ୍ଡି ଜିଲା ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ପୃକ୍ତି ଥିବା ସ୍ପଷ୍ଟ ଜଣାପଡୁଥିଲା । ଏବେ କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟାକାଣ୍ଡ ଘଟଣାରେ ମଧ ମନ୍ତ୍ରୀ ମିଶ୍ର ଓ ମାଷ୍ଟର ମାଇଣ୍ଡ ଶର୍ମିଷ୍ଠା ରାଉତଙ୍କ ସହ ଲିଙ୍କ ରହିଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ଘଣ୍ଟ ଘୋଡ଼ାଇବା ଲାଗି ବିଜେଡି ପ୍ରାଣପଣେ ଉଦ୍ୟମ କରୁଥିବା ନେଇ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି ।



# ଭାଜପାକୁ କେଜ୍‌ରିୱାଲଙ୍କ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୨୩।୩**

ଦିଲ୍ଲୀ ପୌର ନିର୍ବାଚନକୁ କେନ୍ଦ୍ର ସରକାର ସ୍ଥଗିତ ରଖିଥିବାରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହାର କଡ଼ା ସମାଲୋଚନା କରିଛନ୍ତି । ଠିକ୍ ସମୟରେ ପୌର ନିର୍ବାଚନ କରାଇ ଭାଜପା ଯଦି ଜିତିଯାଏ, ତେବେ ଆମ୍ ଆଦ୍‌ମୀ ପାର୍ଟି ରାଜନୀତି ଛାଡ଼ିଦେବ ବୋଲି କେଜ୍‌ରିୱାଲ ଚ୍ୟାଲେଞ୍ଜ ଦେଇଛନ୍ତି । ଦିଲ୍ଲୀର ଉତ୍ତର, ପୂର୍ବ ଏବଂ ଦକ୍ଷିଣ ପୌର ନିଗମକୁ ଗୋଟିଏ କରିବା ପାଇଁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟରେ ବିଲ୍ ଗୃହୀତ ହେବା ପରେ ଏଏପି ନେତା ଏଭଳି ମନ୍ତବ୍ୟ ଦେଇଛନ୍ତି ।


ଅରବିନ୍ଦ କେଜ୍‌ରିୱାଲ

**ଗୈରିକ ଦଳ ପୌର ନିର୍ବାଚନ ଜିତିଲେ ଏଏପି ରାଜନୀତି ଛାଡ଼ିଦେବ**

ଦିଲ୍ଲୀ ବିଧାନସଭା ବାହାରେ ଗଣମାଧ୍ୟମକୁ କେଜ୍‌ରିୱାଲ କହିଥିଲେ, ଭାଜପା ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ ବୋଲି କହୁଛି । ହେଲେ ଗୈରିକ ଦଳ ଅନ୍ୟ ଛୋଟ ଦଳ ଓ ନିର୍ବାଚନକୁ ଭୟ କରୁଛି । ଠିକ୍ ସମୟରେ ଦିଲ୍ଲୀ ପୌର ନିଗମ (ଏମ୍‌ସିଡି) ନିର୍ବାଚନ କରାଇବା ପାଇଁ ସେ ଭାଜପାକୁ ଆହ୍ୱାନ ଦେଇଛନ୍ତି । ବ୍ରିଟିଶ ଶାସନ କବଳରୁ ଦେଶକୁ ମୁକ୍ତ କରିବା ଲାଗି ବହୁ ନେତା ପ୍ରାଣବଳି ଦେଇଥିଲେ । ନିର୍ବାଚନ ଘୁଞ୍ଚାଇବା ସେହି ଶହୀଦମାନଙ୍କ ପ୍ରତି ଅପମାନ ବୋଲି କେଜ୍‌ରିୱାଲ ଟୁଇଟ୍ କରିଛନ୍ତି । ପରାଜୟ ଭୟରେ ଭାଜପା ଆଜି ଏମ୍‌ସିଡି ନିର୍ବାଚନ ଘୁଞ୍ଚାଉଛି, ଆଗାମୀ ଦିନରେ ରାଜ୍ୟ ଓ ଦେଶର ନିର୍ବାଚନକୁ ସ୍ଥଗିତ ରଖିବ ବୋଲି ସେ କହିଥିଲେ ।

# ଶପଥ ନେଲେ ଧାମି

**ଡେରାଡୁନ୍,୨୩।୩(ପି.ଟି.):** ଭାଜପା ନେତା ପୁଷ୍କର ସିଂ ଧାମି ବୁଧବାର ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ତାଙ୍କ ସହ ଅନ୍ୟ ୮ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ରାଜ୍ୟପାଳ ଗୁର୍‌ମିତ ସିଂ ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ପରେଡ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସଡ଼କ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଯୋଗ ଦେଇଥିଲେ । ଏହା ବ୍ୟତୀତ ଭାଜପା ଶାସିତ ରାଜ୍ୟ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ଆସାମର ମୁଖ୍ୟମନ୍ତ୍ରୀମାନେ ମଧ ଉତ୍ସବରେ ଉପସ୍ଥିତ ଥିଲେ । ୪୬ ବର୍ଷୀୟ ଧାମି କ୍ରମାଗତ ଦ୍ୱିତୀୟ ଥର ପାଇଁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ।


ପୁଷ୍କର ସିଂ ଧାମି

# ଆଜି ୧୦୬ ପୌରାଞ୍ଚଳ, ୩ ମହାନଗରରେ ଭୋଟ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

- ୬୪୧୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର
- ୨ଥର ଭୋଟ ଦେଲେ କାର୍ଯ୍ୟାନୁଷ୍ଠାନ
- ଟଙ୍କା ବଣ୍ଟାଯାଇଥିବା ଭିଡିଓର ତଦନ୍ତ ନିର୍ଦ୍ଦେଶ ଦେଲେ କମିଶନର

୧୦୬ ପୌରାଞ୍ଚଳ (୪୭ ପୌର ପରିଷଦ ଓ ୫୯ ଏନ୍‌ଏସି) ଏବଂ ୩ ଟି ମହାନଗର ନିଗମରେ ଗୁରୁବାର ନିର୍ବାଚନ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି । ବୁଧବାର ଅପରାହ୍ନ ସୁଦ୍ଧା ବୁଥ୍‌ଗୁଡ଼ିକରେ ପୋଲିଂ ଅଧିକାରୀମାନେ ପହଞ୍ଚି ସାରିଛନ୍ତି । ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ । ଶୃଙ୍ଖଳିତ ମତଦାନ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ଭିଡିଓଗ୍ରାଫି କରାଯିବ ବୋଲି ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି ।

ନିର୍ବାଚନ କମିଶନରଙ୍କ ସୂଚନା ଅନୁଯାୟୀ, ରାଜ୍ୟର ମୋଟ୍ ୩ ମହାନଗର ନିଗମ, ୪୭ ପୌର ପରିଷଦ, ୫୯ଟି ଏନ୍‌ଏସିରେ ନିର୍ବାଚନ ହେବ । ଏହି ନିର୍ବାଚନରେ ମେୟର ଓ ପୌରାଧ୍ୟକ୍ଷ ପାଇଁ ୫୬୯, କର୍ପୋରେଟର ଓ କାଉନ୍‌ସିଲର ପାଇଁ ୫,୮୪୨ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ମୋଟ୍ ୬୪୧୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ମ୍ୟୁନିସିପାଲିଟି ଓ ଏନ୍‌ଏସିର ୧୬୭୨ ୱାର୍ଡ ଓ ୩ଟି ମହାନଗର ନିଗମର ୧୬୫ଟି ୱାର୍ଡରେ ନିର୍ବାଚନ ହେବ । ମ୍ୟୁନିସିପାଲିଟି ଓ ଏନ୍‌ଏସିର ୨,୯୮୯ ବୁଥ୍ ଓ ୩ଟି ମହାନଗରର ୧୩୮୪ ବୁଥ୍‌ରେ ୪୦ ଲକ୍ଷ ୫୫ ହଜାର ୫୩ ଜଣ ଭୋଟର ମତସାବ୍ୟସ୍ତ କରିବାକୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି । କୌଣସି ବ୍ୟକ୍ତି ଯଦି ଦୁଇଥର ଭୋଟ ଦିଅନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯଦି ଭୋଟ ଦେଇଥିବା ପ୍ରମାଣ ମିଳେ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ । ନିର୍ବାଚନ ଆୟୋଗର ଭୋଟର ତାଲିକା ଆମେ ଗ୍ରହଣ କରିଛୁ । ସେହି ତାଲିକା ଅନୁସାରେ ହିଁ ଭୋଟିଂ ହେବ ବୋଲି ପାଢ଼ୀ ସୂଚନା ଦେଇଛନ୍ତି ।

ପ୍ରତ୍ୟେକ ପୋଲିଂ ପାର୍ଟିରେ ଜଣେ ପ୍ରିଜାଇଡିଂ ଅଫିସର ଏବଂ ୪ ଜଣ ପୋଲିଂ ଅଫିସର ରହିବେ । ମୋଟ୍ ୨୨ ହଜାର ପୋଲିଂ କର୍ମଚାରୀ ଏଥିଲାଗି ନିଯୁକ୍ତ ହେବେ । ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ୧୯୫ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ । ମତଦାନ ହେବାକୁ ଥିବା ସ୍ଥାନରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ମୁଖ୍ୟତଃ ମତଦାନ ଓ ଭୋଟ ଗଣତି ସମୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ଲାଗି ପଦକ୍ଷେପ ନିଆଯାଇଛି । ତେବେ ୧୦୬ ପୌରାଞ୍ଚଳ ଭୋଟ ପାଇଁ ୧୭୩୧ ୱାର୍ଡରେ ୩୦୬୮ ବୁଥ୍‌ରେ ମତଦାନ ହେବ । ଏଥିପାଇଁ ସେସବୁ ସ୍ଥାନରେ ୧୦୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଏହାସହ ୩୪୦ ମୋବାଇଲ ପାଟ୍ରୋଲିଂ ଏବଂ ଜିଲା ପୋଲିସ ଅଧିକାରୀଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି । ଅନୁରୂପ ଭାବେ ନିର୍ବାଚନ ହେବାକୁ ଥିବା ୩ ମହାନଗର ନିଗମରେ ମଧ ବ୍ୟବସ୍ଥା କରାଯାଇଛି । ମହାନଗର ନିଗମ ଯଥା ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରରେ ୧୬୮ ୱାର୍ଡର ୧୪୦୭ ବୁଥ୍‌ରେ ମତଦାନ ହେବ । ଏଥିପାଇଁ ମୋଟ୍ ୧୦୫ ପ୍ଲାଟୁନ୍ ଫୋର୍ସ ଏବଂ ୧୧୦ ମୋବାଇଲ ପାଟ୍ରୋଲିଂକୁ ନିୟୋଜିତ କରାଯାଇଛି । ସେହିପରି ଷ୍ଟ୍ରଙ୍ଗରୁମ୍‌ଗୁଡିକରେ ସିସିଟିଭି ସହ ଆବଶ୍ୟକ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ନିର୍ବାଚନ କମିଶନଙ୍କ କଟକଣା ଯେପରି ଉଲ୍ଲଂଘନ ନ ହୁଏ ସେଦିଗରେ ଦୃଷ୍ଟିଦେବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ପରିପ୍ରେକ୍ଷୀରେ ଜାରି ରହିଥିବା ସ୍ପେଶାଲ ଡ୍ରାଇଭରେ ପୋଲିସ ୨୪ ହଜାର ୬୬୩ ଲିଟର ଦେଶୀ ଓ ବିଦେଶୀ ମଦ, ୯୮ଟି ବେଆଇନ ଅସ୍ତ୍ରଶସ୍ତ୍ର, ୩ କିଲୋ ୪୦୦ ଗ୍ରାମ ବ୍ରାଉନସୁଗର ଜବତ ସହ ୧୩୭୭ଟି ମାମଲା ରୁଜୁ କରିଛି । ସେହିପରି ଏକାଧିକ ପେସାଦାର ଅପରାଧୀଙ୍କୁ ଗିରଫ କରି ଜେଲ ପଠାଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ଚଳିତ ପୌର ନିର୍ବାଚନ ପ୍ରଚାର ବେଳେ ଟଙ୍କା ବଣ୍ଟା ଭିଡିଓ ଭାଇରାଲ ସମ୍ପର୍କିତ ଅଭିଯୋଗ ସମ୍ପର୍କରେ ନିର୍ବାଚନ କମିଶନ ଅବଗତ ଅଛନ୍ତି ବୋଲ କମିଶନର ପାଢୀ ସୂଚନା ଦେଇଛନ୍ତି । ତେବେ ଏହି ଭିଡିଓ ବାବଦରେ ଜିଲା ଓ ପୋଲିସ ପ୍ରଶାସନକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି ।

ତେବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନ ଉପରେ ମଧ ସମସ୍ତଙ୍କ ନଜର ରହିଛି । ମୋଟ୍ ୬୭ଟି ୱାର୍ଡ ପାଇଁ ହେଉଥିବା ନିର୍ବାଚନରେ ୭୦୫ ବୁଥ୍‌ରେ ୭, ୨୫ , ୭୬୫ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ୨୮୯ କର୍ପୋରେଟର ପ୍ରାର୍ଥୀ ଏବଂ ୧୨ ଜଣ ମେୟର ପ୍ରାର୍ଥୀ ଏଭଳି ମୋଟ ୩୦୬ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଛି ।

# ‘ଅଧ୍ୟକ୍ଷା ନିର୍ବାଚନ ବେଆଇନ ଥିଲା’

**ବରୀ ବ୍ଲକ ବିଜେଡି ରାଜନୀତି**

- ବିସ୍ଫୋରକ ବୟାନ ଦେଲେ ନବ ନିର୍ବାଚିତା ଉପାଧ୍ୟକ୍ଷା

**ଯାଜପୁର ଅଫିସ/ବରୀ,୨୩।୩(ଡି.ଏନ.ଏ.)**

ଯାଜପୁର ଜିଲା ବରୀ ବ୍ଲକରେ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ତିକ୍ତତା ବଢିଚାଲିଛି । ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନରେ ନିର୍ବାଚନ ଅଧିକାରୀ ଚଞ୍ଚକତା କରି ୬ ସମିତି ସଭ୍ୟଙ୍କ ଭୋଟ ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ନବନିର୍ବାଚିତ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ ବୁଧବାର ଏକ ବିସ୍ଫୋରକ ବୟାନ ଦେଇଛନ୍ତି ।

ବରୀ ମାଉଣ୍ଟସ୍ଥିତ ଜାଗୁଲାଇ ପୀଠରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷା ମଲ୍ଲିକ କହିଛନ୍ତି, ଚାପ ପକାଯାଇ ଅଧ୍ୟକ୍ଷା ପଦବୀ ପାଇଁ ଭୋଟ ଗ୍ରହଣ କରାଯାଇଥିଲା । ସେ ଜଣେ ଦଳିତ ସମ୍ପ୍ରଦାୟର ମହିଳା । ଚଳିତ ପଞ୍ଚାୟତ ନିର୍ବାଚନରେ ରତଲାଙ୍ଗ ପଞ୍ଚାୟତରୁ ସମିତିସଭ୍ୟା ଭାବେ ପ୍ରାର୍ଥିନୀ ହୋଇ ନିର୍ବାଚିତ ହୋଇଥିଲେ । ମାତ୍ର ବିଜେଡିର ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ ତାଙ୍କୁ ସମିତି ଅଧ୍ୟକ୍ଷ ପଦବୀରେ ଅଧିଷ୍ଠିତ କରାଇବା ପ୍ରତିଶ୍ରୁତି ଦେଇ ୩୦ ଲକ୍ଷ ଟଙ୍କା ନେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଏହି ପଦବୀ ନିମନ୍ତେ ଅନ୍ୟ ଜଣଙ୍କୁ ପ୍ରାର୍ଥୀ କରାଇବାରୁ ଅର୍ଚ୍ଚନା ମାନସିକ ଭାରସାମ୍ୟ ହରାଇ ଅଧ୍ୟକ୍ଷା ପଦବୀ ପାଇଁ ଭୋଟ୍ ଦାନରୁ ବିରତ ରହିଥିଲେ । ନିର୍ବାଚନ ଅଧିକାରୀ ତାଙ୍କ ଅନିଚ୍ଛା ସତ୍ତ୍ୱେ ଭୋଟ ଦେଇଥିଲେ । ଭୟରେ ସେ ସ୍ୱୀକୃତି ପ୍ରଦାନ କରିଥିଲେ ବୋଲି ପ୍ରକାଶ କରିଛନ୍ତି । ଅପରପକ୍ଷେ ବରୀ ପଞ୍ଚାୟତର ସମିତିସଭ୍ୟ ସଞ୍ଜୀବ ଜେନା ମଧ ବିଶ୍ୱରଞ୍ଜନଙ୍କ ପ୍ରତି ଭୟ ଥିବାରୁ ସେ ନିଜେ ମତଦାନ ନ କରି ନିର୍ବାଚନ ଅଧିକାରୀଙ୍କ ଜରିଆରେ ମତଦାନ ଲାଗି ବାଧ ହୋଇଥିଲେ ବୋଲି କହିଛନ୍ତି । ତେବେ ନିର୍ବାଚନ ଅଧିକାରୀ ଉମାକାନ୍ତ ପରିଡ଼ା କେଉଁ ନୀତି ଆଧାରରେ ସମିତି ସଭ୍ୟଙ୍କ ଭୋଟକୁ ନିଜେ ମତଦାନ କରିଥିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଠାରେ ବ୍ଲକ ଅଧ୍ୟକ୍ଷ ନିର୍ବାଚନ ବେଆଇନ ହୋଇଛି ବୋଲି ପ୍ରମାଣିତ ହେଉଛି । ତେଣୁ ଆବଶ୍ୟକ ତଦନ୍ତ ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତିସଭ୍ୟା/ସଭ୍ୟ ଦାବି କରିଛନ୍ତି । ନିର୍ବାଚନ ଅଧିକାରୀ ଉମାକାନ୍ତ ପରିଡ଼ାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଉ ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ । ସେହିପରି ବିଶ୍ୱ ମଲ୍ଲିକଙ୍କୁ ମଧ୍ୟ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲା । ହେଲେ ସେ ବି ଫୋନ୍ ଉଠାଇ ନ ଥିଲେ । ଅନ୍ୟପକ୍ଷେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି ବିଶ୍ୱଙ୍କ ସମର୍ଥକ ଏବଂ ନିର୍ବାଚିତ ଉପାଧ୍ୟକ୍ଷା ଅର୍ଚ୍ଚନା ବିଧାୟିକା ସୁନନ୍ଦା ଦାସଙ୍କ ସମର୍ଥକ ଭାବେ ଅଧିଷ୍ଠିତ ହୋଇଛନ୍ତି । ତେବେ ବିଧାୟିକା ଦାସ ଏବଂ ବିଶ୍ୱରଞ୍ଜନ ଗୋଟିଏ ଦଳରେ ରହିଥିଲେ ହେଁ ଉଭୟଙ୍କ ମଧ୍ୟରେ ବିରୋଧୀ ଦଳର ଭୂମିକା ଦେଖିବାକୁ ମିଳିଛି । ଅପରପକ୍ଷରେ ଯାଜପୁର ଜିଲାରେ ବୁଧବାର ଅନୁଷ୍ଠିତ ଉପାଧ୍ୟକ୍ଷା ନିର୍ବାଚନରେ ସମସ୍ତ ବ୍ଲକରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।


ଖବରଦାତା ସମ୍ମିଳନୀରେ ନବନିର୍ବାଚିତା ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ ଓ ଅନ୍ୟ ସମିତି ସଭ୍ୟ ।

## ଟଙ୍କା ବଣ୍ଟାକୁ କେନ୍ଦ୍ରକରି ଉତ୍ତେଜନା

**ବାରିପଦା ଅଫିସ, ୨୩।୩:** ବାରିପଦା ପୌରାଞ୍ଚଳ ୧୭ନଂ. ୱାର୍ଡର ଜଣେ ପ୍ରାର୍ଥୀ ସମର୍ଥକଙ୍କ ସହିତ ଟଙ୍କା ବାଣ୍ଟିବାକୁ ନେଇ ଉତ୍ତେଜନା ଦେଖାଦେଇଛି । ଦୀର୍ଘ ସମୟ ଧରି ୱାର୍ଡବାସୀ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଅଟକ ରଖିଥିଲେ । ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରାର୍ଥୀଜଣକ ତାଙ୍କ ସ୍ୱାମୀ ସହିତ ଏକ ବାଇକ୍‌ରେ ୱାର୍ଡରେ ପହଞ୍ଚିଥିଲେ । ତାଙ୍କ ସହିତ ୮/୧୦ଜଣ ଯୁବକ ସାଙ୍ଗରେ ରହି ଲୋକଙ୍କ ଘରକୁ ଟେକା ଫିଙ୍ଗି ଉଠାଇବା ପରେ ଅର୍ଥଲୋଭ ଦେଖାଇଥିଲେ । କିଛି ସମୟ ମଧ୍ୟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସାହି ଯୁବକଙ୍କୁ ଦେଖି ଘରକୁ ଯିବା ପାଇଁ କହିଥିଲେ । ଏହାକୁ ବିରୋଧ କରି ଯୁବକମାନେ ପୋଲିସକୁ ପାଲଟା ପ୍ରଶ୍ନ କରିଥିଲେ । ରାତି ୧୨ଟା ପରେ ପ୍ରାର୍ଥୀମାନେ ସାହିରେ ବୁଲି ଟଙ୍କା ବାଣ୍ଟୁଥିବା କହିଥିଲେ । ୱାର୍ଡର ଶତାଧିକ ମହିଳା ପରୁଷ ପହଞ୍ଚି ପ୍ରାର୍ଥୀ ଓ ସମର୍ଥକଙ୍କୁ ଅଟକ ରଖିଥିଲେ । ପରିସ୍ଥିତି ଅଣାୟତ୍ତ ହେବା ଦେଖି ଟାଉନ ଥାନା ଅଧିକାରୀ ୨ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ପ୍ରାର୍ଥୀ ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରିଥିବା ନେଇ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ୱାର୍ଡବାସୀ ଦାବି କରିଥିଲେ ।


## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ — ଡିମାଣ୍ଡ ନୋଟିସ୍

always with U

ଆଞ୍ଚଳିକ କାର୍ଯ୍ୟାଳୟ: ଖୋର୍ଦ୍ଧା, ସା: ସାନପଲ୍ଲୀ, ପୋ: ପଲ୍ଲୀହାଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.: ୦୬୭୫୫-୨୯୬୨୧୩

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ ୨୦୦୨ ର ରୁଲ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା । କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍‌ର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଉକ୍ତ ନୋଟିସ୍‌କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା । କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି । ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଏତଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର ୬୦ଦିନ ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି । ଯଦି ସେମାନେ ବ୍ୟାଙ୍କକୁ ୬୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ । କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି । ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି ।

| କ୍ର. ନଂ. | ବେଗୁନିଆ ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିର ବିବରଣୀ / ଋଣ ପ୍ରକାର |
|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ସୁଶାନ୍ତ କୁମାର ମହାପାତ୍ର, ପିତା: କୈଳାଶ ଚନ୍ଦ୍ର ମହାପାତ୍ର, ସା.: ଭୂଇଁପୁର, ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ର, ପିତା: ଉଚ୍ଛବ ମହାପାତ୍ର, ୨) ଶ୍ରୀ ବସନ୍ତ କୁମାର ମହାପାତ୍ର, ପିତା: ଉଚ୍ଛବ ମହାପାତ୍ର, ୩) ଶ୍ରୀ କୈଳାଶ ଚନ୍ଦ୍ର ମହାପାତ୍ର, ପିତା: ପ୍ରଭାକର ମହାପାତ୍ର, ୪) ଶ୍ରୀମତୀ ପ୍ରମିଳା ମହାପାତ୍ର, ସ୍ୱାମୀ: ପ୍ରଭାକର ମହାପାତ୍ର, ସମସ୍ତଙ୍କ ଠିକଣା- ସା.: ଭୂଇଁପୁର, ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ / ଜାମିନ୍‌ଦାର: ଶ୍ରୀ ମହେଶ୍ୱର ସାହୁ, ପିତା: କାହ୍ନୁ ଚରଣ ସାହୁ, ସା.: କୋଠାକରଣସାହି, ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ | ୨୨.୦୩.୨୦୨୨ / ୧୬.୦୩.୨୦୨୨ସୁଦ୍ଧା ଟ.୭,୭୯,୯୭୬/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ର, ପିତା: ଉଚ୍ଛବ ମହାପାତ୍ର, ଶ୍ରୀ ବସନ୍ତ କୁମାର ମହାପାତ୍ର, ପିତା: ଉଚ୍ଛବ ମହାପାତ୍ର, ଶ୍ରୀ କୈଳାଶ ଚନ୍ଦ୍ର ମହାପାତ୍ର, ପିତା: ପ୍ରଭାକର ମହାପାତ୍ର ଏବଂ ଶ୍ରୀମତୀ ପ୍ରମିଳା ମହାପାତ୍ର, ସ୍ୱାମୀ: ପ୍ରଭାକର ମହାପାତ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରି ଜମି ଏବଂ ଗୃହ ଯାହାର ମୌଜା: ଭୂଇଁପୁର, ଖାତା ନଂ.: ୯୩, ପ୍ଲଟ୍ ନଂ.: ୧୩୬, କ୍ଷେତ୍ର: ଏକର୦.୧୭୦ଡିସିମିଲି / ମିଆଦୀ ଋଣ |
| ୨. | ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ, ପିତା: ବାଞ୍ଛାନିଧି ପ୍ରଧାନ, ସା.: ଗୋଲାପାଟଣା, ପୋ.: ଡ଼ିଙ୍ଗର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ବାଞ୍ଛାନିଧି ପ୍ରଧାନ, ପିତା: ୰ ଅଲେଖ ପ୍ରଧାନ, ୨) ଶ୍ରୀମତୀ ପ୍ରମିଳା ପ୍ରଧାନ, ସ୍ୱାମୀ: ବାଞ୍ଛାନିଧି ପ୍ରଧାନ, ଉଭୟଙ୍କ ଠିକଣା- ସା.: ଗୋଲାପାଟଣା, ପୋ.: ଡ଼ିଙ୍ଗର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ / ଜାମିନ୍‌ଦାର: ଶ୍ରୀ ଦୁର୍ଯ୍ୟୋଧନ ସାହୁ, ପିତା: ୰ ଜଗୁ ସାହୁ, ସା.: ଭଉଁରିସାହି, ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ | ୧୬.୦୩.୨୦୨୨ / ୧୬.୦୩.୨୦୨୨ସୁଦ୍ଧା ଟ.୧,୪୪,୩୭୦/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ୧) ଶ୍ରୀ ବାଞ୍ଛାନିଧି ପ୍ରଧାନ, ପିତା: ଅଲେଖ ପ୍ରଧାନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ଗୋଲାପାଟଣା, ଖାତା ନଂ.: ୧୨୪, ପ୍ଲଟ୍ ନଂ.: ୩୨୮, କ୍ଷେତ୍ର: ଏକର୦.୫୬୦ ଡିସିମିଲି, ୨) ଶ୍ରୀମତୀ ପ୍ରମିଳା ପ୍ରଧାନ, ସ୍ୱାମୀ: ବାଞ୍ଛାନିଧି ପ୍ରଧାନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ଗୋଲାପାଟଣା, ଖାତା ନଂ.: ୧୧୧, ପ୍ଲଟ୍ ନଂ.: ୪୦୧, ୪୧୭ ଏବଂ ୪୩୩, କ୍ଷେତ୍ର: ଏକର୦.୧୧୦ଡିସିମିଲି, ଏକର୦.୦୫୦ଡିସିମିଲି ଏବଂ ଏକର୦.୦୬୦ଡିସିମିଲି / ମିଆଦୀ ଋଣ |
| ୩. | ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ କୁସୁମଲତା ପାତ୍ର, ସ୍ୱାମୀ: ସୋମନାଥ ପାତ୍ର, ସା.: ଉତ୍ତରେଶ୍ୱର (କୋତଲାଙ୍ଗ), ପୋ.: ଡ଼ିଙ୍ଗର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ / ଜାମିନ୍‌ଦାରମାନେ: ୧) ଶ୍ରୀ ଲୋକନାଥ ଜେନା, ପିତା: ନବଘନ ଜେନା, ସା.: ବଡ଼ସାହି, ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨, ୨) ଶ୍ରୀ ବିଜୟ କୁମାର ପ୍ରଧାନ, ପିତା: କପିଳେଶ୍ୱର ପ୍ରଧାନ, ସା.: ବ୍ରାହ୍ମଣପୁଟ, ପୋ.: ପରିଛଳ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ | ୧୬.୦୩.୨୦୨୨ / ୧୬.୦୩.୨୦୨୨ସୁଦ୍ଧା ଟ.୫,୨୮,୨୩୮/-ଏବଂ ଟ.୩,୨୮,୪୪୯/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀମତୀ କୁସୁମଲତା ପାତ୍ର, ସ୍ୱାମୀ: ସୋମନାଥ ପାତ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: କୋତଲାଙ୍ଗ, ଖାତା ନଂ.: ୩୯, ପ୍ଲଟ୍ ନଂ.: ୪୫୨, ୪୫୩ ଏବଂ ୪୫୫, କ୍ଷେତ୍ର: ଏକର୦.୪୪୫ଡିସିମିଲି / ନଗଦ ଋଣ ଏବଂ ମିଆଦୀ ଋଣ |
| ୪. | ଋଣଗ୍ରହୀତା: ଶ୍ରୀ ସନ୍ତୋଷ କୁମାର ବିଶୋଇ, ପିତା: ଲକ୍ଷ୍ମୀଧର ବିଶୋଇ, ସା.: ପର୍ଶୁରାମପୁର, ପୋ.: ଡ଼ିଙ୍ଗର, ଜିଲ୍ଲା:ଖୋର୍ଦ୍ଧା, ପିନ୍-୭୫୨୦୬୨ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଲକ୍ଷ୍ମୀଧର ବିଶୋଇ, ପିତା: କୁଞ୍ଜ ବିଶୋଇ, ସା.: ପର୍ଶୁରାମପୁର, ପୋ.: ଡ଼ିଙ୍ଗର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ / ଜାମିନ୍‌ଦାର: ଶ୍ରୀ ନୀଳମଣି ସାହୁ, ପିତା: ଉଦୟନାଥ ସାହୁ, ସା.: ପର୍ଶୁରାମପୁର, ପୋ.: ଡ଼ିଙ୍ଗର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୨ | ୨୨.୦୩.୨୦୨୨ / ୧୬.୦୩.୨୦୨୨ସୁଦ୍ଧା ଟ.୩,୦୯,୯୭୨/-ଏବଂ ଟ.୨,୮୧,୦୯୨/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ଲକ୍ଷ୍ମୀଧର ବିଶୋଇ, ପିତା: କୁଞ୍ଜ ବିଶୋଇଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ପର୍ଶୁରାମପୁର, ଖାତା ନଂ.: ୨୮୫, ପ୍ଲଟ୍ ନଂ.: ୬୩୨, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି / ନଗଦ ଋଣ ଏବଂ ମିଆଦୀ ଋଣ |

ସ୍ଥାନ: ଖୋର୍ଦ୍ଧା, ତାରିଖ: ୧୬.୦୩.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ



## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

ନଥି ସଂ. IX (C)-03/2020-155 — ତା–15.03.2022

No.V-106:– ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **କରଞ୍ଜିଆ,** ଥାନା– ଚମ୍ପୁଆ, ତହସିଲ– ଚମ୍ପୁଆ, ଜିଲ୍ଲା– କେନ୍ଦୁଝରରେ ନିମ୍ନସୂଚିତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା– ବରହମ୍ପୁର–କରଞ୍ଜିଆ ରିମୁଳି ରାସ୍ତାରେ ଭାଲୁକା ନାଳ ଉପରେ ଏଚ୍.ଏଲ୍. ପୋଲ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୨୬୮ ତା– ୧୨।୦୪।୨୦୨୧ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **କରଞ୍ଜିଆ,** ଥାନା– ଚମ୍ପୁଆ, ଜିଲ୍ଲା– କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ ଜିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା– କେନ୍ଦୁଝର — ତହସିଲ– ଚମ୍ପୁଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କରଞ୍ଜିଆ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ ୧.୯୬ | ଏ ୦.୮୦ | ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା– କେନ୍ଦୁଝର — ତହସିଲ– ଚମ୍ପୁଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୦୯।୦୬।୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**
**ମୌଜା- କରଞ୍ଜିଆ, ତହସିଲ- ଚମ୍ପୁଆ, ଥାନା- ଚମ୍ପୁଆ, ଜିଲ୍ଲା- କେନ୍ଦୁଝର**

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅର୍ଜନ ରକବା |
|---|---|---|---|---|---|---|
| ୧ | ୮୯ | ଦନା ନାଏକ, ପର୍ଶୁ ନାଏକ, ପି– ଢେଣା ନାଏକ, ରାମ ନାଏକ, ପି– ଚେମା ନାଏକ, ମହୁରା ନାଏକ, ଝାଳ ନାଏକ, ପି– ଚିଟୁ ନାଏକ, ମିତ୍ରଭାନୁ ନାଏକ, ପି– ଭଣ୍ଟୁ ନାଏକ, ଦାସ ନାଏକ, ପି– ଘାସି ନାଏକ, ଗୁରୁଚରଣ ନାଏକ, ଘନଶ୍ୟାମ ନାଏକ, ଚନ୍ଦ୍ରମୋହନ ନାଏକ, ପି– ରସିକ ନାଏକ, ପୂର୍ଣ୍ଣମୀ ନାଏକ, ସ୍ୱାମୀ– ରସିକ ନାଏକ, ଫକିର ନାଏକ, ପି– ହଟିଆ ନାଏକ, କୁର୍ତିବାସ ନାଏକ, ପି– ନିଳ ନାଏକ, ରଇବୁ ନାଏକ, କନ୍ଧା ନାଏକ, ଶୁକ୍ରା ନାଏକ, ପି– ବିର ନାଏକ, ନାକୁ ନାଏକ, ପି– କୈବଲ ନାଏକ, ଜା– ବେଡାଜାଲ, ବା– ନିଜଗାଁ । | ୫୫ | ବିଆଳି | ୦.୧୬ | ୦.୦୪ |
| ୨ | ୯୬ | ଦିନମଣି ପଣ୍ଡା, ପି– ନିତ୍ୟାନନ୍ଦ ପଣ୍ଡା, ଫୁଲମଣି ପଣ୍ଡା, ସ୍ୱା– ହୃଷିକେଶ ପଣ୍ଡା, ରମାକାନ୍ତ ପଣ୍ଡା, ରମେଶ ପଣ୍ଡା, ପ୍ରସନ୍ନ ପଣ୍ଡା, ପି– ବିଶ୍ୱନାଥ ପଣ୍ଡା, ଦୁତିକା ପଣ୍ଡା, ସ୍ୱା– ବିଶ୍ୱନାଥ ପଣ୍ଡା, ଡମ୍ବରୁ ପଣ୍ଡା, ପି– ନନ୍ଦକିଶୋର ପଣ୍ଡା, ଶତ୍ରୁଘନ ପଣ୍ଡା, ଆଦିକନ୍ଦ ପଣ୍ଡା, ପି– ଜଗନ୍ନାଥ ପଣ୍ଡା, ଟୁକୁନୁ ପଣ୍ଡା, ପି– ନାରାୟଣ ପଣ୍ଡା, ସାନବୁଢ଼ୀ ପଣ୍ଡା, ସ୍ୱା– ନାରାୟଣ ପଣ୍ଡା, ନେପି ପାଳ, ଗୁରମଣି ପଣ୍ଡା, ପି– ନର ପଣ୍ଡା, ସୁମିତ୍ରା ପଣ୍ଡା, ସ୍ୱା– ନର ପଣ୍ଡା, ଜା– ରାଜପୁତ, ବା– ନିଜଗାଁ । | ୫୨ | ବିଆଳି | ୦.୧୧ | ୦.୦୬ |
| ୩ | ୧୬୩ | ବାବୁରାମ ପାତ୍ର, ବା– ନିଜଗାଁ, ହିରା ପାତ୍ର, ବା– ଜଡ଼ିପଦା, ଥାନା– ରରୁଆଁ, ଜିଲ୍ଲା– ମୟୁରଭଞ୍ଜ, ପି– ରାହାସ ପାତ୍ର, ସୁଜନି ପାତ୍ର, ସ୍ୱା– ରାହାସ ପାତ୍ର, ଘନଶ୍ୟାମ ପାତ୍ର, ହୃଦାନନ୍ଦ ପାତ୍ର, ବା– ନିଜଗାଁ, ଗନ୍ଧା ପାତ୍ର, ବା– ବାଙ୍କିଆ, ଭୁଲି ପାତ୍ର, ବା– ଅଙ୍ଗାରପଦା, ଥା– ରରୁଆଁ, ଜି– ମୟୁରଭଞ୍ଜ, ପ୍ରତିମା ପାତ୍ର, ବା– ଗମ୍ଭିରିଆ, ପି– ଦାଶରଥି ପାତ୍ର, କୈକେୟୀ ପାତ୍ର, ସ୍ୱା– ଦାଶରଥି ପାତ୍ର, ଜା– ପାଣ, ବା– ନିଜଗାଁ । | ୧୨୭/ ୧୬୪୧ | ନାଳ | ୦.୦୮ | ୦.୦୬ |
| ୪ | ୧୬୬ | ବିଟା ପାଳ, ଦଶରଥ ପାଳ, ବା– ନିଜଗାଁ, କୁନ୍ତଳା ପାଳ, ବା– ବସ୍ତପୁର, ଥା– ଚାଇଁବସା, ଜି– ସିଂହଭୂମି ବିହାର, କଙ୍କିଳି ପାଳ, ପି– ବୃଷଭ ପାଳ, ଚାନ୍ଦ ପାଳ, ସ୍ୱା– ବୃଷଭ ପାଳ, ଜା– ରାଜପୁତ, ବା– ନିଜଗାଁ । | ୧୨୭/୧୮୨୪ | ନାଳ | ୦.୦୭ | ୦.୦୪ |
| | | | ୧୮୩/ ୧୮୩୧ | ରାସ୍ତା | ୦.୦୬ | ୦.୦୩ |
| ୫ | ୧୭୨ | ବିଶ୍ୱନାଥ ଚୌଧୁରୀ, ଉମେଶ ଚୌଧୁରୀ, କୀର୍ତ୍ତନ ଚୌଧୁରୀ, ଶକୁନ୍ତଳା ସାହୁ, ବା– ଗୁଣ୍ଡୁଣିଆଁ, ଗୋଲାପ ସାହୁ, ବା– ମୁରୁସୁଆଁ, ଥା– ସଦର, ସେଫାଳି ଚୌଧୁରୀ, ପି– ଗୌରଚନ୍ଦ୍ର ଚୌଧୁରୀ, ଗୁଣମଣି ଚୌଧୁରୀ, ସ୍ୱା– ଗୌରଚନ୍ଦ୍ର ଚୌଧୁରୀ, ଜା– ତେଲି, ବା– ନିଜଗାଁ । | ୫୭ | ବିଆଳି | ୦.୧୮ | ୦.୦୬ |
| ୬ | ୧୭୪ | ବିଷ୍ଣୁ ପଣ୍ଡା, ମୁକ୍ତି ପଣ୍ଡା, ରାଧାକାନ୍ତ ପଣ୍ଡା, ଲଛମନ ପଣ୍ଡା, ବା– ବାସୁଦେବପୁର, ଥା– ଜଗନ୍ନାଥପୁର, ପି– ସୁନା ପଣ୍ଡା, ଖିରଦୁରି ପଣ୍ଡା, ବା– ସାନ୍ତାରି, ଜି– ସିଂହଭୂମି (ବିହାର), ସହଦେବ ପାଳ, ପି– ଗୋବିନ୍ଦ ପାଳ, ବିଦା ପାଳ, ସନ୍ତୋଷ ପାଳ, ଉର୍ମିଳା କିତ୍, ପି– ନରସିଂହ ପାଳ, ହିରା ପାଳ, ସ୍ୱା– ନରସିଂହ ପାଳ, ନିତେଇ ପାଳ, ରାଘବ ପାଳ, ବା– ନିଜଗାଁ, ଘାସିଆଣି ପାଳ, ବା– ବାସୁଦେବପୁର, ଥା– ଜଗନ୍ନାଥପୁର, ଜି– ସିଂହଭୂମି (ବିହାର), ପି– ନନ୍ଦ ପାଳ, ଗଣେଶ୍ୱର ପାଳ, ବା– ନିଜଗାଁ, ଗୋଲାପ ପାଳ, ବା– ବାସୁଦେବପୁର, ଥା– ଜଗନ୍ନାଥପୁର, ଜି– ସିଂହଭୂମି (ବିହାର), ମାଳତି ପାଳ, ସରସ୍ୱତୀ ପାଳ, ଗୌରୀ ପାଳ, ବା– କୁଣ୍ଡସର, ଜି– ଆଗ୍ରା (ବିହାର), ପି– କୋହ୍ଲ ପାଳ, ଗୌର ପାଳ, ଲେମ୍ବୁ ପାଳ, ସେବ ପାଳ, ବା– ନିଜଗାଁ, ତୁଳସୀ ପାଳ, ବା– ଈଶ୍ୱରପୁର, ଜି– ଆଗ୍ରା (ବିହାର), ପି– ଅର୍ଜ୍ଜୁନ ପାଳ, ଗୁଣ୍ଡୁରି ପାଳ, ସ୍ୱା– ଅର୍ଜ୍ଜୁନ ପାଳ, ବା– ନିଜଗାଁ, କୋହ୍ଲଣୀ ପଣ୍ଡା, ପି– ପାଣ୍ଡୁ ପାଳ, ଜା– ରାଜପୁତ, ବା– ବାସୁଦେବପୁର, ଥା– ଜଗନ୍ନାଥପୁର, ଜି– ସିଂହଭୂମି (ବିହାର) । | ୫୪ | ବିଆଳି | ୦.୧୮ | ୦.୦୪ |
| ୭ | ୧୮୦ | ବୈରାଗୀ ଚରଣ ପଧାନ, ପି– ଅଚ୍ୟୁତ ପଧାନ, ଜା– ଗୋପାଳ, ବା– ନିଜଗାଁ । | ୫୩ | ବିଆଳି | ୦.୧୭ | ୦.୦୧୦ |
| ୮ | ୨୩୬ | ରାଧାକାନ୍ତ ଦାସ, ପି– ମୁରଲୀ ଦାସ, ଜା– ହଂସୀ, ବା– ନିଜଗାଁ । | ୫୬ | ବିଆଳି | ୦.୧୨ | ୦.୦୪୦ |
| ୯ | ୨୩ | କୁଶ ମହାକୁଡ, ପି– ରୟା ମହାକୁଡ, ପଙ୍କ ମହାକୁଡ,ବା– ଇଚିଣ୍ଡା, ନିର୍ମଳ ମହାକୁଡ, ବା– ନହବେଡା, ପି– ପୂର୍ଣ୍ଣଚନ୍ଦ୍ର ମହାକୁଡ, ପାର ମହାକୁଡ, ସ୍ୱା– ପୂର୍ଣ୍ଣଚନ୍ଦ୍ର ମହାକୁଡ, କଂଚନୀ ମହାକୁଡ, ସ୍ୱା– କୁନା ମହାକୁଡ, ଜା– ଗୋପାଳ, ବା– ନିଜଗାଁ । | ୬୧ | ବିଆଳି | ୦.୧୦ | ୦.୧୦ |
| | | | ୧୨୭/୧୮୨୬ | ନାଳ | ୦.୧୪ | ୦.୦୪୦ |
| ୧୦ | ୨୧୧ | ମହେଶ୍ୱର ଚୌଧୁରୀ, କମଳିନୀ ସାହୁ, ବା– ଯଶୀପୁର, ଥା– ଯଶୀପୁର, ଜି– ମୟୂରଭଞ୍ଜ, ସୂର୍ଯ୍ୟମଣି ସାହୁ, ବା– ରାଇରଙ୍ଗପୁର, ଥା– ରାଇରଙ୍ଗପୁର, ଜି– ମୟୂରଭଞ୍ଜ, ଚାନ୍ଦମଣି ପୃଷ୍ଟି, ବା– ନିଜଗାଁ, ଖିରମଣି ସାହୁ, ବା– ନାଉକଣା, ଥା– ରରୁଆଁ, ଜି– ମୟୂରଭଞ୍ଜ, ପି– କାଳିଆ ଚୌଧୁରୀ, ସୁକୁମାରୀ ଚୌଧୁରୀ, ସ୍ୱା– କାଳିଆ ଚୌଧୁରୀ, ଅଦ୍ୱୈତ ଚୌଧୁରୀ, ଅଚ୍ୟୁତ ଚୌଧୁରୀ, ଅନନ୍ତ ଚୌଧୁରୀ, ମାଳତୀ ସାହୁ, ବା– ସଡଙ୍ଗି, ଜମ୍ବୁବତୀ ସାହୁ, ବା– ଗୋବର୍ଦ୍ଧନ, ଥା– ସଦର, ପି– ଖଗ ଚୌଧୁରୀ, ଚୈତନ୍ୟ ଚୌଧୁରୀ, ରଘୁନାଥ ଚୌଧୁରୀ, ନଟବର ଚୌଧୁରୀ, ଭାଗିରଥି ଚୌଧୁରୀ, ଦାଶରଥି ଚୌଧୁରୀ, ଆଦର ସାହୁ, ପି– ବଂଶୀ ଚୌଧୁରୀ, ଅପୂର୍ବ ଚୌଧୁରୀ, ସ୍ୱା– ବଂଶୀ ଚୌଧୁରୀ, ଜା– ତେଲି, ବା– ନିଜଗାଁ । | ୫୮ | ବିଆଳି | ୦.୧୦ | ୦.୦୪ |
| ୧୧ | ୨୮୮/ ୧୦୮ | ପ୍ରତାପ ଚନ୍ଦ୍ର ମହାନ୍ତ, ପି– ମଧୁସୂଦନ ମହାନ୍ତ, ଜା– କଡୁମି, ବା– ମୁରୁସୁଆଁ, ଥା– ଚମ୍ପୁଆ । | ୬୦ | ବିଆଳି | ୦.୨୪ | ୦.୦୪ |
| ୧୨ | ୨୮୮/ ୧୬୦ | ଏକାଦଶୀ ଜେନା, ପି– ସମ୍ବାରିଆ ଜେନା, ଜା– ପାଣ, ବା– ବନିକା, ଥା– ଘଷିପୁରା, ଜି– କେନ୍ଦୁଝର । | ୧୯୫ | ଶାରଦ–୨ | ୦.୨୫ | ୦.୨୦ |
| | | ମୋଟ– | | | ୧.୯୬ | ୦.୮୦ |

Sd./- AMIN
L.A. (Gen.) Section
Collectorate, Keonjhar

Sd./- Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା./- ଭୂ-ଅର୍ଜନ ଅଧିକାରୀ,
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,
କେନ୍ଦୁଝର

OIPR-24045/14/0055/2122

## ସଂକ୍ଷେପରେ

### କଡ଼ା ପ୍ରତିଦ୍ୱନ୍ଦ୍ୱିତାରେ ଉପାଧ୍ୟକ୍ଷ ଭାବେ ବିଜୟୀ ହେଲେ ସୁନିତା

**କୁଆଁରମୁଣ୍ଡା,୨୩।୩(ଡି.ଏନ.ଏ.):** ବୁଧବାର କୁଆଁରମୁଣ୍ଡା ବ୍ଲକ ଉପାଧ୍ୟକ୍ଷ ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ଜଣ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଫଳରେ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଥିଲା। ବିଜେଡ଼ି ସମର୍ଥିତ ପ୍ରାର୍ଥିନୀ ସୁନିତା ଅହିରଙ୍କୁ ୧୧ ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ମାଥିଆସ୍ ଲାକ୍ରାଙ୍କୁ ୯ ଖଣ୍ଡ ଭୋଟ ମିଳିଥିଲା। ଫଳରେ ୨ଟି ଅଧିକ ଭୋଟ ପାଇ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ସୁନିତା ବିଜୟୀ ଘୋଷିତ ହୋଇଛନ୍ତି।

### କୌସ୍ତୁଭ ଭୂଷଣ କୁତ୍ରା ଉପାଧ୍ୟକ୍ଷ

**କୁତ୍ରା, ୨୩।୩ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରାରେ ବ୍ଲକ ଅଧକ୍ଷା ପଦ ଭଳି ବ୍ଲକ ଉପାଧକ୍ଷ ପଦ ସ୍ୱାଧୀନ ପ୍ରାର୍ଥୀ ଜିତି ରେକର୍ଡ ସ୍ଥାପନ କରିଛନ୍ତି। ଗତ କିଛିଦିନ ତଳେ ସ୍ୱାଧୀନ ପ୍ରାର୍ଥିନୀ ଶାନ୍ତିଲତା ଲାକଡା ଅଧକ୍ଷାପଦରେ ବିଜୟ୍ ଲାଭ କରିଥିବା ବେଳେ ବୁଧବାର ଉପାଧକ୍ଷ ପଦ ପାଇଁ ଗଙ୍ଗାଜଳ ସମିତି ସଭ୍ୟ କୌସ୍ତୁଭ ଭୂଷଣ ହୋତା ଓ ରଜାବସା ସମିତି ସଭ୍ୟ ପ୍ରଶନ୍ନ ବାଗ ନାମାଙ୍କନପତ୍ର ଦାଖଲ କରିଥିଲେ। ଏଥିରେ କୌସ୍ତୁଭ ଭୂଷଣ ୯-୭ ଭୋଟରେ ପଦ ହାତେଇବା ପାଇଁ ସମର୍ଥ ହୋଇଛନ୍ତି। ତେବେ କୌସ୍ତୁଭ ଭୂଷଣଙ୍କୁ ସବୁଦଳର ସମିତିସଭ୍ୟ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା ।

### କଲେଜ ଛାତ୍ରୀ ନିଖୋଜ ନେଇ ଅଭିଯୋଗ

**କୁତ୍ରା, ୨୩।୩(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ କଲିଜାପଥରର ଜଣେ କଲେଜ ପଢୁଆ ନାବାଳିକା ଛାତ୍ରୀ ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ବୁଧବାର କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ୨୧ ତାରିଖରେ ଡାଲମିଆ ମହାବିଦ୍ୟାଳୟରେ + ୨ରେ ପାଠ ପଢୁଥିବା ନାବାଳିକା ଜଣକ ପାଠ ପଢିବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ପକ୍ଷରୁ ଅନେକ ଖୋଜାଖୋଜି ପରେ ଝିଅର ସନ୍ଧାନ ନ ମିଳିବାରୁ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏପରିକି ଝିଅକୁ ବେଦବ୍ୟାସ ଝାରତରଙ୍ଗ ଅଞ୍ଚଳର କେହିଜଣେ ଯୁବକ ନେଇ ଯାଇଥିବା ନେଇ ସନ୍ଦେହ ପ୍ରକାଶ କରି ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ପରିବାର ସଦସ୍ୟ। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।

### ପ୍ରେମ ପ୍ରତାରଣା: ଯୁବକ କୋର୍ଟ ଚାଲାଣ

**ଲହୁଣୀପଡ଼ା,୨୩।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦେଓପୋଷ ଗ୍ରାମର ଜଣେ ଯୁବକ ସେହି ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରେମ ପ୍ରତାରଣା କରି ବୁଧବାର ଗିରଫ ହୋଇଛନ୍ତି। ଦେଓପୋଷ ଗ୍ରାମର ନାରାୟଣ ପେଣ୍ଟେଇ ଜଣେ ବିବାହିତ ଯୁବକ। ସ୍ତ୍ରୀ ଓ ସନ୍ତାନ ଥିବା ସତ୍ତ୍ୱେ ସେହି ଗ୍ରାମର ଜନୈକା ଯୁବତୀ(୨୨)ଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପ୍ରେମ କରୁଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ତାଙ୍କର ଏକ ସନ୍ତାନ ଜନ୍ମ ନେଇଥିଲା। ଏହା ପରେ ମଧ ସେହି ଯୁବତୀଙ୍କୁ ସ୍ତ୍ରୀର ମର୍ଯ୍ୟାଦା ଦେବାପାଇଁ ବିଭିନ୍ନ ଆଳଦେଖାଇ ସମୟ ଗଡ଼ାଇ ଚାଲିଥିଲେ। କିନ୍ତୁ ସ୍ତ୍ରୀର ମର୍ଯ୍ୟାଦା କିମ୍ବା ଜନ୍ମିତ ସନ୍ତାନ ପାଇଁ କୌଣସି ପଦକ୍ଷେପ ନ ନେବାରୁ ନିରୁପାୟ ହୋଇ ନ୍ୟାୟ ପାଇବା ଆଶାରେ ପ୍ରତିରିତ ଯୁବତୀ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**କୁଆଁରମୁଣ୍ଡା,୨୩।୩(ଡି.ଏନ୍.ଏ.):** ଗତ ସୋମବାର ସକାଳ ୮ଟାରେ ରାଉରକେଲା ଅଞ୍ଚଳର ଧର୍ମପରାୟଣା ମହିଳା ସାରଦା ସାମଲ(୭୩)ଙ୍କର ପରଲୋକ ହୋଇଯାଇଛି। ସ୍ୱର୍ଗତ ସାରଦା ସାମଲ ଗତ ୨ବର୍ଷ ହେଲା ଭୁବନେଶ୍ୱରରେ ଚାକିରୀ କରୁଥିବା ସାନପୁଅ ଅଜୟ କୁମାର ସାମଲଙ୍କ ପାଖରେ ରହିଆସୁଥିଲେ। ୨୧ ତାରିଖ ସୋମବାର ସକାଳେ ସାରଦା ଖଟରେ ବସିଥିବାବେଳେ ହଠାତ୍ ଟଳିପଡ଼ିଥିଲେ। ତାଙ୍କର ସେଠାରେ ପରଲୋକ ହୋଇଯାଇଥିଲା। ଏହି ଖବରପାଇ ସ୍ୱର୍ଗୀୟ ସାରଦାଙ୍କ ବଡ଼ପୁଅ କୁମଝରିଆ



ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ, ବଡଭଉଣୀ ସୁଷମା ସାମଲ ପ୍ରମୁଖ ତୁରନ୍ତ ଭୁବନେଶ୍ୱରରେ ପହଞ୍ଚିଥିଲେ। ଏହାପରେ ସାରଦାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସତ୍କାର କରାଯାଇଥିଲା। ସାନପୁଅ ଅଜୟ ମୁଖାଗ୍ନି ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ରାଉରକେଲା ସମେତ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପଶୁପକ୍ଷୀ ପ୍ରେମୀ ପ୍ରଶାସନିକ ଅଧିକାରୀ

**କୁତ୍ରା, ୨୩।୩(ଡି.ଏନ୍.ଏ.)**

ସେ ଜଣେ ପ୍ରଶାସନିକ ଅଧିକାରୀ କିନ୍ତୁ ନିଶା ହେଉଛି ପଶୁ, ପକ୍ଷୀ, ଗଛଲତା ଏବଂ ଜନସାଧାରଣଙ୍କ ସେବା କରିବା। ପଶୁପକ୍ଷୀକୁ ସେ ଭଲ ପାଉଥିବାରୁ ସେସବୁ ପାଳିବା ସହ ସେମାନଙ୍କ ଯତ୍ନ ନେଉଛନ୍ତି। ଏହି ପଶୁପକ୍ଷୀ ପ୍ରେମୀ ପ୍ରଶାସନିକ ଅଧିକାରୀ ହେଲେ ସୁନ୍ଦରଗଡ଼ ଜିଲା କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ) ରବୀନ୍ଦ୍ର କୁମାର ସେଠୀ। ସେ ବିଡ଼ିଓ ଦାୟିତ୍ୱ ସହ ତହସିଲଦାର ଦାୟିତ୍ୱରେ ମଧ୍ୟ ଅଛନ୍ତି। ଦୁଇ ଦୁଇଟି ଗୁରୁ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ପ୍ରାଣୀଜଗତ ପ୍ରତି ତାଙ୍କର ଭଲ ପାଇବା କମିନାହିଁ। କର୍ମବ୍ୟସ୍ତତା ଜୀବନ ମଧ୍ୟରେ ସମୟ ବାହାର କରି କୁକୁଡ଼ା ଓ ଅନ୍ୟାନ୍ୟ ପକ୍ଷୀକୁ ଖାଇବାକୁ ଦେଉଛନ୍ତି। ସବୁ ପକ୍ଷୀ ଘରେ ରଖି ପାଳିବା ସମ୍ଭବ ହେଉ ନ ଥିବାରୁ କେବଳ କୁକୁଡ଼ା ପାଳି ସେବା କରିବାରେ ଲାଗିଛନ୍ତି। କିନ୍ତୁ ଅନ୍ୟ ପକ୍ଷୀଙ୍କୁ ସେ ଖାଦ୍ୟ ଦେଇଥାନ୍ତି। କୁକୁଡ଼ାକୁ ଲୋକେ ସାଧାରଣତଃ ମାଂସ ଉଦ୍ଦେଶ୍ୟରେ ବା ବିକ୍ରି କରି ଦୁଇ ପଇସା ପାଇବା ଉଦ୍ଦେଶ୍ୟରେ ପାଳିଥାନ୍ତି। ସେ କିନ୍ତୁ ମାଂସ ଉଦ୍ଦେଶ୍ୟରେ



କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ କୁକୁଡ଼ାକୁ ଖାଇବାକୁ ଦେଉଛନ୍ତି।

କି ବିକ୍ରି ଉଦ୍ଦେଶ୍ୟରେ ପାଳିନାହାନ୍ତି। ସେ କେବଳ ସେବା କରିବା ଉଦ୍ଦେଶ୍ୟରେ ପାଳିଛନ୍ତି। ସେ ପାଳିଥିବା କୁକୁଡ଼ା ମରିଗଲେ ପୋତି ଦେଇ ସତ୍କାର କରନ୍ତି। କେବଳ ଗୋଟିଏ ନୁହେଁ, ବିଭିନ୍ନ ପ୍ରଜାତିର କୁକୁଡ଼ା ପାଳିଛନ୍ତି। ଦୁଇ ଦୁଇଟି ପ୍ରଶାସନିକ ଅଧିକାରୀ ଥାଇ ମଧ୍ୟ ସେ ଏକ ସରଳ ଜୀବନ ଯାପନ କରୁଛନ୍ତି। ସକାଳେ ଉଠି କୁକୁଡ଼ାଗୁଡ଼ିକୁ ଖାଇବାକୁ ଦେବା ସହ ଯତ୍ନ ନିଅନ୍ତି। ମଧ୍ୟାହ୍ନରେ ନିଜେ ଖାଇବା ପୂର୍ବରୁ କୁକୁଡ଼ାଗୁଡ଼ିକର ଯତ୍ନ ନେଇ ଖାଇବାକୁ ଦିଅନ୍ତି। ଦୀର୍ଘ ୧୨ ବର୍ଷ ହେଲାଣି ସେ ବିଭିନ୍ନ ପ୍ରଜାତିର କୁକୁଡ଼ା ରଖି ତାଙ୍କର ସେବା କରୁଛନ୍ତି ବୋଲି କହିଛନ୍ତି। ପ୍ରତ୍ୟେକ ଦିନ ସକାଳୁ ଉଠିବା କ୍ଷଣି କୁକୁଡ଼ାଗୁଡ଼ିକୁ ଘରୁ ବାହାର କରି ନିଜ ହାତରେ ଦାନା ଖୁଆନ୍ତି। କୁକୁଡ଼ାସବୁ ତାଙ୍କ ହାତରୁ ଖାଇ ସାରିବା ପରେ ବିଚରଣ ପାଇଁ ଯାଇଥାନ୍ତି। ସନ୍ଧ୍ୟାରେ କୁକୁଡ଼ାମାନେ ମଧ୍ୟ ତାଙ୍କ ଆସିବା ବାଟକୁ ଚାହିଁ ବସିଥାନ୍ତି। ଏମିତି ଭାବରେ ସେ ପ୍ରତେକ ଦିନ କୁକୁଡ଼ାଗୁଡ଼ିକର ସେବା କରି ଆସୁଛନ୍ତି। ବ୍ଲେକଜେଟ, କଡ଼କନାଥ ଓ ଉନ୍ନତ ଦେଶୀ ପ୍ରଜାତିର କୁକୁଡ଼ା ରଖିଛନ୍ତି। ୨୦୦୫ ମସିହାରେ ସେ ପ୍ରଥମେ ସବ ଇନ୍ସପେକ୍ଟର ଭାବରେ କଟକ କମିଶନରେଟରେ ନିଜର ଚାକିରୁ ଜୀବନ ଆରମ୍ଭ କରିଥିଲେ। ପରେ ସେ ୨୦୧୩ରେ ସମ୍ବଲପୁର କ୍ଷେତରାଜପୁର ଠାରେ ଥାନା ଅଧିକାରୀ ଭାବରେ ଯୋଗ ଦେଲେ। ପରେ ୨୦୧୬ରେ ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବଣାଇରେ ଆସିଷ୍ଟାଣ୍ଟ କଲେକ୍ଟର ଭାବରେ ନୂଆ ଜୀବନ ଆରମ୍ଭ କରିଥିଲେ। ୨୦୨୧ରେ କୁତ୍ରା ତହସିଲଦାର ଭାବରେ ଯୋଗଦେଲେ। ସେତେବେଳେ କରୋନା ପାଇଁ ଲକ୍‌ଡାଉନ, ଶଟଡାଉନ କଡାକଡି ଭାବରେ ଚାଲୁଥିଲା। ସେହି ସମୟରେ ସେ ଲୋକଙ୍କୁ ସଚେତନତା କରିବା ସହିତ ବହୁ ଉଲ୍ଲେଖନୀକୟ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟ ହୋଇଯାଇଥିଲେ। ପରେ କୁତ୍ରା ବିଡ଼ିଓ ଭାବରେ ଯୋଗ ଦାନ କରିବା ସହିତ ଅତିରିକ୍ତ ତହସିଲଦାର ଭାବରେ ନିଜର ଦାୟିତ୍ୱ ତୁଲାଇ ଚାଲିଛନ୍ତି। ପ୍ରଶାସନିକ ଅଧିକାରୀ କାର୍ଯ୍ୟ ସହିତ କୁକୁଡ଼ା ରଖି ଯତ୍ନନେଇ ଅଞ୍ଚଳରେ ବେଶ ଚର୍ଚ୍ଚିତହୋଇଛନ୍ତି।

# ସିପିଆଇଏମ୍ ସମର୍ଥିତ ପ୍ରାର୍ଥୀ ବ୍ଲକ ଉପାଧ୍ୟକ୍ଷ

**ଲହୁଣୀପଡ଼ା,୨୩।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଉପାଧ୍ୟକ୍ଷ ପଦ ପାଇଁ ବୁଧବାର ବିଧିବଦ୍ଧ ଭାବେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇଏମ୍ ସମର୍ଥିତ ପ୍ରାର୍ଥୀ ଭାବେ ତାଳବାହାଲି ପଞ୍ଚାୟତ ସମିତି ସଭ୍ୟ ପଣ୍ଡିତଚରଣ ମୁଣ୍ଡା ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ଭାବେ ବଡ ପୁରୁଣାପଣି ପଞ୍ଚାୟତ ସମିତି ସଭ୍ୟ ସୁଶାନ୍ତ ମୁଣ୍ଡାରୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୧୭ଟି ପଞ୍ଚାୟତରୁ ୧୬ ଜଣ ସମିତି ସଭ୍ୟାସଭ୍ୟ ମତଦାନ କରିଥିଲେ। ଲହୁଣୀପଡ଼ା ବ୍ଲକ ଦର୍ଜାଂ ପଞ୍ଚାୟତ ସମିତି ସଭ୍ୟା ଭୋଟଦାନରୁ ବିରତ ରହିଥିଲେ ବୋଲି ଜଣାପଡ଼ିଛି। ବ୍ଲକ ଉପାଧ୍ୟକ୍ଷ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ସୁଶାନ୍ତ ମୁଣ୍ଡାରୀ ମାତ୍ର ୫ଖଣ୍ଡ ଭୋଟ ପାଇଥିବାବେଳେ ସିପିଆଇଏମ୍ ସମର୍ଥିତ ପ୍ରାର୍ଥୀ ପଣ୍ଡିତଚରଣ ମୁଣ୍ଡା ୧୧ ଖଣ୍ଡ ଭୋଟ ପାଇ ବିଜୟୀ ଘୋଷିତ ହୋଇଥିବା ଜଣାପଡିଛି।



ପଣ୍ଡିତଚରଣ ମୁଣ୍ଡା

# ଆର୍‌ଏସପିର ସ୍ୱାସ୍ଥ୍ୟ ସଚେତନତା ଶିବିର

**ରାଉରକେଲା ଅଫିସ,୨୩।୩**

ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ଓ ସେମାନଙ୍କର ଜୀବନସାଥୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚେତନତା ଶିବିର ସେକ୍ଟର-୧୯ସ୍ଥିତ ସିଭିକସେଣ୍ଟର ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଭାରପ୍ରାପ୍ତ ସିଏମ୍‌ଓ ଡାକ୍ତର ବି.କେ ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆପୋଲୋ ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡାକ୍ତର ବି.ଦୀକ୍ଷିତ ଓ ଆଇଜିଏଚ୍ ମେଡିସିନ ବିଭାଗର କନ୍ସଲଟାଣ୍ଟ ମୋନାଲିସା ମହାନ୍ତି ବକ୍ତା ରୂପେ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ହୃଦରୋଗ ବିଷୟରେ ବିଭିନ୍ନ ସମସ୍ୟା ଓ ସତର୍କତାମୂଳକ ପଦକ୍ଷେପ ଉପରେ ଡକ୍ଟର ଦୀକ୍ଷିତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡାକ୍ତର ମୋନାଲିସା ମହାନ୍ତି ଜୀବନଶୈଳୀ ରୋଗ ଓ ଏହାର ପ୍ରତିରୋଧକ ସହିତ ଜଡିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡାକ୍ତର ଟି. ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଶିବିରରେ ସିନିୟର ମ୍ୟାନେଜର ଜ୍ୟୋତି ଓରୋରା ମଞ୍ଚ ପରିଚାଳନା କରିଥିବା ବେଳେ ଡାକ୍ତର ଡି. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୌର ନିର୍ବାଚନ: ପ୍ରଶାସନ, ପୋଲିସ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି

**ଦେବଗଡ଼,୨୩।୩(ଡି.ଏନ୍.ଏ.)**

ଗୁରୁବାର ହେବାକୁ ଥିବା ଦେବଗଡ ପୌର ପରିଷଦ ନିର୍ବାଚନ ପାଇଁ ମଙ୍ଗଳବାର ରାତ୍ରୀରୁ ପ୍ରଚାର ଶେଷ ହୋଇଥିବାବେଳେ ମତଦାନ ପ୍ରକ୍ରିୟା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ମଧ ସମସ୍ତ ପ୍ରସ୍ତୁତି ଚୁଡାନ୍ତ ହୋଇସାରିଛି । ଦେବଗଡ ପୌର ପରିଷଦର ୧୧ଟି ୱାର୍ଡର ୧୬ ହଜାର ୮୧୬ ଜଣ ଭୋଟର ମୋଟ ୨୧ଟି ମତଦାନ କେନ୍ଦ୍ରରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାକୁ ଥିବା ବେଳେ ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବୁଧବାର ସନ୍ଧ୍ୟା ସୁଦ୍ଧା ପ୍ରତ୍ୟେକ ବୁଥରେ ଇଭିଏମ ମେଶିନ ସହ ଜଣେ ଲେଖାଏଁ ପ୍ରିଜାଇଡିଂ ଅଫିସର, ୪ ଜଣ ପୋଲିଂ ଅଫିସର ଏବଂ ଜଣେ ଲେଖାଏଁ ପୋଲିସ କର୍ମଚାରୀ ପହଞ୍ଚି ସାରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମଧ ୪ ପ୍ଲାଟୁନ ପୋଲିସ ମୁତୟନ



ବୁଥକୁ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଯିବାକୁ ପ୍ରସ୍ତୁତ ହେଉଛନ୍ତି।

କରାଯାଇଛି। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଜଣେ ଲେଖାଏଁ ପୋଲିସ ଅଫିସରଙ୍କ ସହ ୩ଟି ମୋବାଇଲ ଟିମ ନିୟୋଜିତ କରାଯିବ ବୋଲି ଜିଲା ଅରକ୍ଷୀ ଅଧିକ୍ଷକ ରାଜକିଶୋର ପାଇକରାୟ ସୂଚନା ଦେଇଛନ୍ତି। ସେହିପରି ପୌରାଞ୍ଚଳର ୨୧ଟି ମତଦାନ କେନ୍ଦ୍ର ମଧ୍ୟରୁ ୩ଟି ମତଦାନ କେନ୍ଦ୍ରକୁ ପିଙ୍କ ବୁଥ କରାଯାଇଛି । ନିର୍ବାଚନ ପରିଚାଳନା ପାଇଁ ମଧ ଇତିମଧ୍ୟରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଦେବଗଡ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ସୂଚନା ଦେଇଛନ୍ତି।

# ଉପାଧ୍ୟକ୍ଷ ପଦବୀ ହାତେଇଲା କଂଗ୍ରେସ

**ରାଜଗାଙ୍ଗପୁର, ୨୩।୩(ଡି.ଏନ.ଏ.)**

ବୁଧବାର ରାଜଗାଙ୍ଗପୁର ବ୍ଲକ ବୈଠକ ଗୃହରେ ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବିଜେଡି ପକ୍ଷରୁ ଉପାଧ୍ୟକ୍ଷ ପଦବୀ ପାଇଁ ବିନୋଦ ଲାକ୍ରା ନାମାଙ୍କନ ଦାଖଲ କରିଥିଲେ ଓ କଂଗ୍ରେସ ସମର୍ଥିତ ଜରେଇକେଲା ସମିତିସଭ୍ୟ ସେମ ଟପ୍ପୋ ନାମାଙ୍କନ ଦାଖଲ କରିଥିଲେ। ଏହି ନିର୍ବାଚନରେ ଦୁହିଁଙ୍କ ନାମାଙ୍କନ କାଏମ ରହି ନିର୍ବାଚନ ହୋଇଥିଲା। ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପକ୍ଷେ ୯ ଖଣ୍ଡ ଭୋଟ ମିଳିଥିଲାବେଳେ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ୧୧ ଖଣ୍ଡ ଭୋଟ ମିଳିଥିଲା,ଫଳରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ଲାଭ ହୋଇଥିଲା। ସୂଚନା ଯୋଗ୍ୟ ଯେ ରାଜଗାଙ୍ଗପୁର ପଞ୍ଚାୟତ ସମିତି ୨୦ ସମିତିସଭ୍ୟ ବିଶିଷ୍ଟ ଏବଂ ସମସ୍ତ ୨୦ ସମିତିସଭ୍ୟ ଉପସ୍ଥିତ ରହିଥିଲେ।



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଉପାଧ୍ୟକ୍ଷା ଭାବେ ଭୋଇପାଲି ପଞ୍ଚାୟତ ସମିତି ସଭ୍ୟ ରଶ୍ମିତା ପଟେଲ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ସମର୍ଥକ ଓ ଅନ୍ୟ ସଦସ୍ୟମାନଙ୍କ ସହିତ ଉପସ୍ଥିତ।

# ଡିଆଇଡି ଲିଟିଲ ମାଷ୍ଟରରେ ହୃଦୟ ଜିଣିଲେ ରୋଶନ

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

## ଟ୍ରେନ୍‌ରେ ମା' ଚୁଡ଼ି ବିକି ପୁଅକୁ ପହଞ୍ଚାଇଥିଲେ ବମ୍ବେ

ଜୀବନ ସଂଘର୍ଷରେ ହିଁ ଥାଏ ସଫଳତାର ବାଟ। ବଞ୍ଚିବାକୁ ସଂଘର୍ଷ କରୁଥିବା ଏମିତି ଏକ ଶ୍ରମିକ ପରିବାରରୁ ଆସି ବମ୍ବେରେ ପହଞ୍ଚିଛନ୍ତି ୧୧ବର୍ଷୀୟ ରୋଶନ କୁମାର। ଦେଶର ଲୋକପ୍ରିୟ ରିଆଲିଟି ଶୋ' ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ (ଡିଆଇଡି) ଲିଟିଲ ମାଷ୍ଟର ସିଜନ-୫ରେ ହିପ୍‌ହପ୍‌କୁ ନେଇ ନୃତ୍ୟ ପ୍ରଦର୍ଶନ କରି ଲକ୍ଷ ଲକ୍ଷ ଲୋକଙ୍କ ହୃଦୟ ଜିତିଛନ୍ତି ଝାରସୁଗୁଡ଼ାର ଏହି ବାଳକ। ସେ ପ୍ରଥମ ରାଉଣ୍ଡ କ୍ଲିଅର କରିଛନ୍ତି। ତେବେ ପୁଅର ଏହି ସଫଳତା ପାଇଁ ମା' ଶାରଦା ସାହୁଙ୍କ ସ୍ୱପ୍ନ ଆଉ ସଂଘର୍ଷର କାହାଣୀ ଆଜି ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଛି। ଶୋ'କୁ ଯିଏ ଦେଖୁଛି, ଓଡ଼ିଶାର ଏହି ମହାନ ମା' ଆଉ ତାଙ୍କ ସୁଯୋଗ୍ୟ ସନ୍ତାନଙ୍କୁ ସଲାମ୍ ଜଣାଉଛି।

ରୋଶନଙ୍କ ନୃତ୍ୟରେ ଚକିତ ହୋଇଯିବା ପରେ ବିଚାରକମାନେ ତାଙ୍କ ମା' ଶାରଦାଙ୍କୁ ଷ୍ଟେଜ୍‌କୁ ଡାକିଥିଲେ।



ଆଉ ଶାରଦା ଯେତେବେଳେ ନିଜ ସଂଘର୍ଷର କାହାଣୀ କହିଥିଲେ ତାହା ଉପସ୍ଥିତ ସମସ୍ତଙ୍କ ଆଖିରେ ଲୁହ ଭରି ଦେଇଥିଲା। ଶାରଦାଙ୍କୁ ତାଙ୍କ ସ୍ୱାମୀ ପୋଡ଼ି ମାରିଦେବାକୁ ଚାହୁଁଥିବାବେଳେ ସେ ଘର ଛାଡ଼ି ୩ ପିଲାଙ୍କୁ ଧରି ବାହାରକୁ ପଳାଇ ଆସିଥିଲେ। ଏଠି ସେଠି ମୁଣ୍ଡ ଗୁଞ୍ଜିବା ସହ ଚୁଡ଼ି ବିକି ପିଲାଙ୍କୁ ମଣିଷ କରୁଛନ୍ତି। ବଡ଼ ପୁଅ ଶ୍ରମିକ କାମ କରୁଥିବାବେଳେ ରୋଶନ ତାଙ୍କୁ ତାଙ୍କ ପରିଶ୍ରମର ମୂଲ୍ୟ ଦେଇଥିବା କହିଛନ୍ତି ଶାରଦା। ରୋଶନଙ୍କର ଛୋଟବେଳୁ ପ୍ରତିଭା ଦେଖି ସେ ନାଚିବାକୁ ସୁଯୋଗ ଓ ସାହସ ଦେଇଥିଲେ। ରୋଶନ ସବୁବେଳେ ନୃତ୍ୟ ଅଭ୍ୟାସ କରିବା ସହ ଘର ପାଖରେ ହେଉଥିବା କାର୍ଯ୍ୟକ୍ରମରେ ନୃତ୍ୟ ପ୍ରଦର୍ଶନ କରନ୍ତି। ତେବେ ବମ୍ବେରେ ହେଉଥିବା ଡିଆଇଡି ଲିଟିଲ ମାଷ୍ଟର-ସିଜନ ୫ରେ ଭାଗନେବାକୁ ରୋଶନ ତାଙ୍କ ମା'ଙ୍କୁ କହିଥିଲେ। ପୁଅର ମନ ଛୋଟ ନ ହେଉ ଓ ସେ ଆଗକୁ ବଢ଼ୁ ବୋଲି ମା' ଶାରଦା ଚାହିଁଥିଲେ ମଧ୍ୟ ଅର୍ଥ ଚିନ୍ତା ଘାରିଥିଲା। ହେଲେ ସେ ଭାଙ୍ଗି ନ ପଡ଼ି ନିଜ ପରିଶ୍ରମକୁ ବଢ଼ାଇ କିଛି ଟଙ୍କା ଯୋଗାଡ଼ କରିଥିଲେ। ଏଥିସହ ଟ୍ରେନରେ ଚୁଡ଼ି ବିକି ବିକି ସେ ପୁଅକୁ ଧରି ବମ୍ବେରେ ପହଞ୍ଚିଥିଲେ। ପୁଅର ସ୍ୱପ୍ନ ଆଗରେ ମା' ଯେ ସର୍ବଂସହା ଓ କେତେ ଶକ୍ତିଶାଳୀ ହୋଇପାରେ ତାହା ସେ ପ୍ରମାଣ କରିଥିଲେ। ତାଙ୍କର ଏହି ସଂଘର୍ଷପୂର୍ଣ୍ଣ କାହାଣୀ ଶୁଣିବା ପରେ ଉପସ୍ଥିତ ବିଚାରକମଣ୍ଡଳୀ ଓ ଅନ୍ୟମାନେ ଭାବବିହ୍ୱଳ ହୋଇପଡ଼ିଥିଲେ।

ବିଚାରକ ଅଭିନେତ୍ରୀ ସୋନାଲି ରୋଶନଙ୍କ ସଫଳତା ହିଁ ଜଣେ ମା'ର ବିଶ୍ୱାସ ବୋଲି କହିଛନ୍ତି। ଅନ୍ୟତମ ବିଚାରକ ବଲିଉଡ କୋରିଓଗ୍ରାଫର ରେମୋ ଡିସୁଜା କହିଛନ୍ତି, ରୋଶନଙ୍କ ଫୁଟ୍ ଷ୍ଟେପଗୁଡ଼ିକ ସ୍ମୁଥ୍ ଓ ଫାଷ୍ଟ ଥିଲା, ଯାହା ତାଙ୍କୁ ଭଲ ଲାଗିଥିଲା। ସେ ବହୁତ ଭଲ କରିବେ ବୋଲି ପ୍ରଥମରୁ ଜାଣିପାରିଥିଲେ। ସେ ଯେବେ ଯାଏ ଡ୍ୟାନ୍ସ କରିବେ ସେ ତାଙ୍କୁ ସାହାଯ୍ୟ କରିବେ। ଏବେଠୁ ରୋଶନ ତାଙ୍କର ବୋଲି ରେମୋ ଷ୍ଟେଜ୍‌ରେ ଘୋଷଣା କରିଥିଲେ। ସେହିଭଳି ବିଚାରକ ତଥା ଅଭିନେତ୍ରୀ ମୌନି ମଧ୍ୟ ସମସ୍ତଙ୍କ ବିଶ୍ୱାସ ସହ ରୋଶନଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ।

# ମହିଳାଙ୍କୁ ନିଆଁରେ ଜାଳି ମୃତ ଘଟଣା: ସ୍ୱାମୀ ଗିରଫ

**ରାଉରକେଲା ଅଫିସ,୨୩।୩**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଦାଣ୍ଡିଆପାଲି ଅଞ୍ଚଳରେ ଜଣେ ମହିଳାଙ୍କୁ ନିଆଁରେ ଜାଳି ହତ୍ୟା କରିଥିବା ଘଟଣାରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ବିନୋଦ କାଣ୍ଡୁଲାନା(୩୮) ବୋଲି ଜଣାପଡ଼ିଛି। ପୋଲିସ କହିବା ଅନୁଯାୟୀ, ଅଗସ୍ତିନା ହର ସୁନ୍ଦରଗଡ ଜିଲା ପିଠାଭୂଇଁ ଅଞ୍ଚଳରେ ବାସ କରନ୍ତି। ଗତ ୨୦୧୮ ଡିସେମ୍ବର ୨୭ ରେ ତାଙ୍କ ଝିଅ ରଶ୍ମିତାଙ୍କୁ ଦାଣ୍ଡିଆପାଲି ଅଞ୍ଚଳରେ ବାସ କରୁଥିବା ବିନୋଦକୁ ବୈଦିକ ରୀତିରେ ବିବାହ କରିଥିଲେ। ଝିଅ ବିବାହର ଠିକ ୬ ମାସ ପରେ ଶ୍ୱଶୁର ଘର ଲୋକେ ରଶ୍ମିତାକୁ ମାନସିକ, ଶାରୀରିକ ଓ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ରଶ୍ମିତା ବାପା ଅଗସ୍ତିନାଙ୍କୁ ସବୁ କଥା ଫୋନରେ ଅବଗତ କରାଇଥିଲେ। ମାତ୍ର ବାପା ଝିଅର ସୁନା ସଂସାର ଭାଙ୍ଗି ନ ଯାଉ କହି ଝିଅକୁ ବୁଝାସୁଝା କରି ସ୍ୱାମୀ-ଶ୍ୱଶୁର ଘରେ ଛାଡ଼ି ଆସୁଥିଲେ। ଗତ ଅକ୍ଟୋବର ୬ରେ ଶ୍ୱଶୁର ଘର ଲୋକେ ନ ବୁଝି ମହିଳା ଜଣଙ୍କୁ ସ୍ୱାମୀ ବିନୋଦ ଏକ କୋଠରୀ ଭିତରେ ବନ୍ଦ କରି କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ମହିଳା ଜଣଙ୍କ ଚିତ୍କାର କରିବା ସହ ଅଧାରୁ ଅଧିକ ଜଳି ଯାଇଥିଲେ। ତାଙ୍କୁ ସ୍ଥାନୀୟ ପଡୋଶୀ ଲୋକେ ଉଦ୍ଧାର କରି ପ୍ରଥମେ ଆରଜିଏଚ୍ ଓ ପରେ ଜେପି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ରଶ୍ମିତା ଅକ୍ଟୋବର ୧୧ରେ ମୃତ୍ୟୁବରଣ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ବୁଧବାର ସ୍ୱାମୀ ବିନୋଦକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ତିଳେଇବଣିରେ ଆରତୀ, ରିଆମାଳରେ ଶର୍ମିଷ୍ଠା, ବାରକୋଟରେ ସୁମନ ଉପାଧ୍ୟକ୍ଷ ନିର୍ବାଚିତ

**ଦେବଗଡ଼,୨୩।୩(ଡି.ଏନ୍.ଏ.)**

ବୁଧବାର ଶାନ୍ତିଶୃଙ୍ଖଳାର ସହ ଦେବଗଡ ଜିଲାର ତିଳେଇବଣି, ରିଆମାଳ ଏବଂ ବାରକୋଟ ଆଦି ତିନୋଟି ଯାକ ବ୍ଲକର ଉପାଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିଳେଇବଣି ବ୍ଲକର ଉପାଧ୍ୟକ୍ଷା ଭାବେ ଭାଜପା ସମର୍ଥିତ ବଣିଆଁକିଲିଣ୍ଡା ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ଆରତୀ ପ୍ରଧାନ, ରିଆମାଳ ବ୍ଲକର ଉପାଧ୍ୟକ୍ଷ ଭାବେ ବିଜେଡି ସମର୍ଥୀତ ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ଶର୍ମିଷ୍ଠା ଘଡେଇ ଓ ବାରକୋଟ ବ୍ଲକ ଉପାଧ୍ୟକ୍ଷ ଭାବେ ବିଜେଡି ସମର୍ଥୀତ କେଲ୍‌ଡା ଗ୍ରାମ ପଂଚାୟତର ସମିତି ସଦସ୍ୟ ସୁମନ ବେହେରା ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି।



ଆରତୀ ପ୍ରଧାନ



ଶର୍ମିଷ୍ଠା ଘଡ଼େଇ



ସୁମନ ବେହେରା

# ୩୮ ବୁଥ୍‌ରେ ମତଦାନ କରିବେ ୩୮,୧୦୪ ଭୋଟର

**ସୁନ୍ଦରଗଡ, ୨୩।୩ (ଡି.ଏନ୍.ଏ)**

ପୌର ନିର୍ବାଚନ ପାଇଁ ଗୁରୁବାର ଭୋଟଗ୍ରହଣ ହେଉଛି। ସୁନ୍ଦରଗଡ ପୌରପରିଷଦ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୌରପରିଷଦର ମୋଟ ୧୯ଗୋଟି ୱାର୍ଡରେ ଶାନ୍ତିଶୃଙ୍ଖଳାର ସହ ମତଦାନ ସକାଶେ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ମୋଟ ୩୮ଟି ମତଦାନ କେନ୍ଦ୍ର କରାଯାଇଛି। ସମସ୍ତ ମତଦାନ କେନ୍ଦ୍ରରେ ପୋଲିଂପାର୍ଟି ପହଞ୍ଚି ସାରିଥିବା ପୌର ନିର୍ବାଚନ ଅଧିକାରୀ ରୀତା ଡାଙ୍ଗ ସୂଚନା ଦେଇଛନ୍ତି। ଭୋଟଗ୍ରହଣ କାର୍ଯ୍ୟରେ ପ୍ରିଜାଇଡିଂ ଅଫିସରଙ୍କ ସମେତ ମୋଟ ୨୧୦ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ୩୮ଟି ମତଦାନ କେନ୍ଦ୍ର ମଧ୍ୟରୁ ୧୯ଟି ଉତ୍ତେଜନାପ୍ରବଣ ଓ ୬ଟି ଅତିଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି। ସେଗୁଡିକରେ ଶାନ୍ତିପୂର୍ଣ୍ଣ ଭୋଟଗ୍ରହଣ ସକାଶେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି। ଗୁରୁବାର ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଇଭିଏମ ମେସିନ ଜରିଆରେ ଭୋଟଗ୍ରହଣ ହେବ। ସୁନ୍ଦରଗଡ ପୌରପରିଷଦର ନିର୍ବାଚନରେ ୫ଜଣ ପୌରାଧକ୍ଷା ପ୍ରାର୍ଥିନୀଙ୍କ ସମେତ ୧୯ଗୋଟି ୱାର୍ଡରେ ମୋଟ ୭୪ କାଉନସିଲର ପ୍ରାର୍ଥୀ, ପ୍ରାର୍ଥିନୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ସୁନ୍ଦରଗଡ଼ ପୌରାଞ୍ଚଳରେ ମୋଟ ୩୮ହଜାର ୧୦୪ଜଣ ଭୋଟର ରହିଛନ୍ତି। ସେଥିମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୧୯ହଜାର ୨୨୯, ପୁରୁଷ ଭୋଟରଙ୍କ ସଂଖ୍ୟା ୧୮ହଜାର ୮୭୪ ଓ ଅନ୍ୟାନ୍ୟ ବର୍ଗର ଜଣେ ଭୋଟର ରହିଛନ୍ତି। ବୁଧବାର ସନ୍ଧ୍ୟାରେ ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ହୋଇଥିଲା। ପୌରାଧକ୍ଷା ପ୍ରାର୍ଥିନୀଙ୍କ ମଧ୍ୟରେ ଭାଜପା ପକ୍ଷରୁ ତନୟା ମିଶ୍ର, ବିଜେଡିର ରଞ୍ଜନା ପଣ୍ଡା, କଂଗ୍ରେସର ସସ୍ମିତା ଯୋଶୀ ଏବଂ ସ୍ୱାଧୀନ ପ୍ରାର୍ଥିନୀ ଭାବେ ନିନିମା ପଟେଲ ଓ ପଦ୍ମାଦେବୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୧୯ଟି ୱାର୍ଡ ମଧ୍ୟରେ ୬, ୭ ଓ ୧୬ ନଂ. ୱାର୍ଡ ଉପରେ ସମସ୍ତଙ୍କର ନଜର ରହିଛି। ୭ନମ୍ବର ୱାର୍ଡରେ ବିଜେଡିରୁ କାଉନସିଲର ପ୍ରାର୍ଥୀ ଭାବେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ , ୬ନଂ. ୱାର୍ଡରେ ବିଜେଡିର ଲଲାଟ ପରିଡା ଓ ୧୬ନଂ. ୱାର୍ଡରେ ପୂର୍ବତନ ଉପନଗରପାଳ ସୁମନ୍ତ ଲୁମାର ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।



ସୁନ୍ଦରଗଡ଼ରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

## ଲଖନପୁର ବ୍ଲକ ଉପାଧ୍ୟକ୍ଷ ହେଲେ ଅରୁଣ ପ୍ରଧାନ

ଝାରସୁଗୁଡ଼ା ଅଫିସ: ଲଖନପୁର ବ୍ଲକ ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ତେଲେନପାଲି ପଞ୍ଚାୟତର ସମିତି ସଭ୍ୟ ଅରୁଣ ପ୍ରଧାନ। ଏହି ପଦବୀ ପାଇଁ ଜଣେମାତ୍ର ପ୍ରାର୍ଥୀ ଭାବେ ସେ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ନିର୍ବାଚନ ଅଧିକାରୀ ତାଙ୍କ ନାମ ଘୋଷଣା କରିଥିଲେ। ଅରୁଣଙ୍କ ମାଆ ଶାନ୍ତି ପ୍ରଧାନ ପୂର୍ବରୁ ଲଖନପୁର ବ୍ଲକ ଅଧ୍ୟକ୍ଷା ରହିଥିଲେ।

## ସଂକ୍ଷେପରେ

### ଓଲଟିଲା ଡିଜେଲ ଭର୍ତ୍ତି ଟ୍ୟାଙ୍କର

ବ୍ରଜରାଜନଗର,୨୩।୩(ଡି.ଏନ.ଏ.): ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ରାଜପୁର ଛକରେ ବୁଧବାର ଏକ ଡିଜେଲ ଭର୍ତ୍ତି ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟିପଡିଥିଲା। ସୂଚନା ଅନୁସାରେ, ଅନୁଗୋଳରୁ ତେଲ ଟ୍ୟାଙ୍କର (ଓଆର୦୫ଏଏଲ-୦୩୨୦) ମନୋହରପୁରଠାରେ ଥିବା ଓସିପିଏଲ୍ କୋଇଲା ଖଣିରେ କାର୍ଯ୍ୟରତ ବିଜିଆର୍ କମ୍ପାନୀକୁ ତେଲ ନେଇ ଯାଉଥିଲା। ଗାନ୍ଧୀ ଛକରୁ ପ୍ରାୟ ୫ କି.ମି. ଦୂରରେ ଥିବା ରାଜପୁର ବୁଲାଣିରେ ଗାଡ଼ି ବୁଲାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ନାଳକୁ ପଶି ଯାଇଥିଲା। ଗାଡ଼ିଟି ଅଧା ଓଲଟି ନିକଟରେ ଥିବା ଏକ ହୋଟେଲ ଉପରକୁ ଆଉଜି ରହିଥିଲା। ଏଥିରେ କୌଣସି କ୍ଷତି ହୋଇ ନ ଥିଲେ ମଧ୍ୟ ଲୋକଙ୍କ ମଧ୍ୟରେ ଏକପ୍ରକାର ଭୟର ବାତାବରଣ ଦେଖାଦେଇଥଲା। ଖବର ପାଇ ଗାନ୍ଧିଛକ ଫାଣ୍ଡି ଅଧିକାରୀ ଶଶିଭୂଷଣ ପୋଢ ସଦଳବଳ ପହଞ୍ଚି କ୍ରେନ ସାହାଯ୍ୟରେ ଗାଡ଼ିକୁ ନାଳରୁ ବାହାର କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ପ୍ରଶସ୍ତୀକରଣ ହେଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

କୁଚିଣ୍ଡା,୨୩।୩(ଡି.ଏନ.ଏ.): କୁଚିଣ୍ଡା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କନକଲତା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶିଶୁ ପାଇଁ ଦିନଟିଏ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ବାଲ୍ୟ ବିବାହ ନିରାକରଣ, ଶିଶୁଙ୍କ ଅଧିକାର, ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନା, ନୂତନ ଭାବେ କାର୍ଯ୍ୟକାରୀ ହେବାକୁ ଥିବା ସୋପାନ ଯୋଜନା ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା। କୁଚିଣ୍ଡା ବ୍ଲକର ଆକାଉଣ୍ଟ ଅଫିସର ଅଜୟ ବାଗେ, କୁନ୍ତରା ସିଏଚ୍‌ସିର ଡା. ଈଶ୍ୱର ମୁଣ୍ଡା, ଆୟୁଷ ମେଡିକାଲ ଅଫିସର ଡା. ସମିତ ପଟେଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ କାର୍ଯ୍ୟାଳୟର କ୍ଷେତ୍ର ପରିଚାଳିକା ସହଯୋଗ କରିଥିଲେ। ଏହି ଅବସରରେ ନବ ନିର୍ବାଚିତ ବ୍ଲକ ଅଧକ୍ଷ ତଥା ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଅଧକ୍ଷ ଭୁବନେଶ୍ୱର କିସାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମହୁଲପାଲି ଥାନାରେ ରକ୍ତଦାନ ଶିବିର



କୁଚିଣ୍ଡା,୨୩।୩(ଡି.ଏନ.ଏ.): ସମ୍ବଲପୁର ଜିଲା ମହୁଲପାଲି ଥାନାରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋ ସରକାର ୫-ଟି ସେଲ୍ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ଶିବିରକୁ ଥାନା ଅଧିକାରୀ ସୁଶାନ୍ତ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ୯୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭିମ୍‌ସାର ବୁର୍ଲା ଓ କୁଚିଣ୍ଡା ରକ୍ତଭଣ୍ଡାର କର୍ମଚାରୀ ଏହାକୁ ପରିଚାଳନା କରିଥିଲେ। ପରେ ସମସ୍ତ ରକ୍ତଦାତାଙ୍କୁ ପୋଲିସ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଅଘରିଆ ସମାଜ ପକ୍ଷରୁ ବିଶ୍ୱ ଜଳ ଦିବସ

ଜମନକିରା,୨୩।୩(ଡି.ଏନ.ଏ.): ଜମନକିରା ବ୍ଲକ ଗୁଣ୍ଡୁରୁଟୁଆଁସ୍ଥିତ ରାଜୀବ ଭବନରେ ଅଘରିଆ ସମାଜର ଗୁଡ଼ିସ୍ତରୀୟ ସଭାପତି ସୁବାସ ଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ତଥା ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଓ ପରୁଆଭାଡ଼ି ଗୁଡ଼ିର ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରକୃତିବନ୍ଧୁ ନାୟକ ତାଙ୍କ ଭାଷଣରେ ଅଘରିଆ କୃଷିଭିତ୍ତିକ ଜାତି ହୋଇଥିବାରୁ ପାରମ୍ପରିକ ବନ୍ଧ, ପୋଖରୀ, କୂଅ ଓ କଟା ମାଧ୍ୟମରେ ଭୂତଳ ଜଳ ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ବାମଣ୍ଡା ଆଞ୍ଚଳିକ ଉପସଭାପତି ଅଶୋକ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଶ୍ରୀମଙ୍ଗଳ ନାୟକ, ଦିଲୀପ ପଟେଲ, ସୁଦୀପ୍ତ ପଟେଲ, ରବୀନ୍ଦ୍ର ପଟେଲ ପ୍ରମୁଖ ଜଳ ହିଁ ଜୀବନ ବୋଲି ଆଲୋଚନା କରିଥିଲେ। ଶେଷରେ ସରୋଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶମଞ୍ଚ ଆବାହକ ଦେବାଶିଷ ପୁରୋହିତ ଗିରଫ

**ଥାନା ପରିସରରେ ହତ୍ୟା ଉଦ୍ୟମ ଘଟଣା**

**ନମ୍ବରବିହୀନ ଜବତ କାର୍‌କୁ ନେଇ ତନାଘନା**

ସମ୍ବଲପୁର,୨୩।୩(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ପରିସରରେ ଗତ ୨୦ ତାରିଖରେ ଘଟିଥିବା ହତ୍ୟା ଉଦ୍ୟମ ଘଟଣାରେ ବୁଧବାର ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ସମ୍ବଲପୁର ବିକାଶ ମଞ୍ଚ ଆବାହକ ଦେବାଶିଷ ପୁରୋହିତ। ଅନ୍ୟ ଅଭିଯୁକ୍ତମାନଙ୍କୁ କାବୁ କରୁଥିବା ସମୟରେ ଦେବାଶିଷ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତଦନ୍ତ ସମୟରେ ଦେବାଶିଷଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଅନ୍ୟପଟେ ଘଟଣାରେ ବ୍ୟବହୃତ ନମ୍ବରବିହୀନ କାର୍‌କୁ ନେଇ ପୋଲିସର ସନ୍ଦେହ ଘନୀଭୂତ ହୋଇଛି। କାର୍ କାହା ନାମରେ ରହିଛି, କେଉଁ କାମ ପାଇଁ ବ୍ୟବହାର ହେଉଥିଲା, କେବେ



ଗିରଫ ଦେବାଶିଷ।

କିଣା ଯାଇଥିଲା ତାହାକୁ ନେଇ ତନାଘନା ଆରମ୍ଭ ହୋଇଛି। ଘଟଣାରେ ଗିରଫ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବରୁ ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ଜୟବ୍ରତ ଦେ, ତାଙ୍କ ପୁଅ ରୋଚିସ ଦେ, ୨ ସମର୍ଥକ ମହମ୍ମଦ ସୋହେଲ ସାଦିକ, ଅହମଦ ରାଜାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଧନୁପାଲି ଥାନା ଏସ୍‌ଆଇ ଏସ୍.କେ. ଜେନାଙ୍କ ଅଭିଯୋଗ କ୍ରମେ ୮୯/୨୧ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ହକି ଷ୍ଟିକ, ବାଡି, ମୋବାଇଲ ଜବତ ହୋଇଥିଲା। ଅନ୍ୟପଟେ ମହମ୍ମଦ ମୌସିମ ଅକ୍ତରଙ୍କ ଅଭିଯୋଗ କ୍ରମେ ଜୟବ୍ରତ, ପୁଅ ରୋଚିସ ଓ ଅନ୍ୟ ୨ ଜଣଙ୍କ ନାମରେ ମାମଲା (ନଂ.୯୧/୨୧) ରୁଜୁ ହୋଇଥିଲା । ସେହିପରି ରୋଚିସଙ୍କ ଅଭିଯୋଗ କ୍ରମେ ପୋଲିସ ୯୦/୨୧ରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏସ୍.କେ. ମୁଜିବ, ମୌସିମ ଅକ୍ତର ଓ ସୁଶାନ୍ତ ହର। ସୂଚନାଯୋଗ୍ୟ ଗତ ରବିବାର ରାତି ପ୍ରାୟ ୧୧ଟା ସମୟରେ ରୋଚିସ ତାଙ୍କ ସାଙ୍ଗମାନଙ୍କ ସହ ଆଶୋକା ଟକିଜ ରୋଡ୍ ଏକ ଦୋକାନ ନିକଟରୁ କାର୍‌ରେ ଆସୁଥିବା ସମୟରେ ଅପର ଗୋଷ୍ଠୀ ଯୁବକମାନଙ୍କ ସହ କୌଣସି କାରଣରୁ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ଜୟବ୍ରତ ଦେ ଓ ତାଙ୍କ ସହଯୋଗୀ ପହଞ୍ଚିଥିଲେ। ପରେ ପୋଲିସ ପହଞ୍ଚି ଗୋଟିଏ ଗୋଷ୍ଠୀର ୩ ଯୁବକଙ୍କୁ ଥାନାକୁ ନେଇ ଆସିଥିଲା। ହେଲେ ବିଳମ୍ବିତ ରାତିରେ ଜୟବ୍ରତ, ରୋଚିସ ଓ ଅନ୍ୟ ୨ ଜଣ ଥାନାରେ ପହଞ୍ଚିଥିଲେ। ସେଠାରେ ପୋଲିସ ଉପସ୍ଥିତିରେ ସେମାନେ ଅଟକ ଥିବା ଯୁବକମାନଙ୍କୁ ହକି ଷ୍ଟିକ, ବାଡିରେ ମାରପିଟ କରିଥିଲେ। ଏପରିକି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ କାବୁ କରି ନେଇଥିଲା।

## ସମ୍ବଲପୁର ଜିଲାର ନିର୍ବାଚିତ ବ୍ଲକ ଉପାଧ୍ୟକ୍ଷା/ଉପାଧ୍ୟକ୍ଷ



ରଶ୍ମିତା ନାଏକ
କୁଚିଣ୍ଡା



ସଞ୍ଜୟ ଦାସ
ବାମରା



ସ୍ୱାତୀ ବେହେରା
ରେଙ୍ଗାଲି



ରଞ୍ଜୁଲତା ଭୋଇ
ଧନକଉଡ଼ା



ମନ୍ଦାକିନୀ ବିଶ୍ୱାଳ
ଯୁଯୁମୁରା



ନରେନ୍ଦ୍ର ମିଶ୍ର
ମାନେଶ୍ୱର



ରୋହିତ ଭୋଇ
ଜମନକିରା



ଚିନ୍ମୟୀ ତ୍ରିପାଠୀ
ରେଢ଼ାଖୋଲ



ଜିତେନ୍ଦ୍ରୀୟ ପ୍ରଧାନ
ନାକଟିଦେଉଳ

# ନିଉଟନ କଲେଜରେ ଯୁକ୍ତ୨ ସମନ୍ୱିତ ପାଠ୍ୟକ୍ରମ ଶୁଭାରମ୍ଭ




ଖବରଦାତା ସମ୍ମିଳନୀରେ ନିଉଟନ କଲେଜ ଓ ବିରାଟ ଇନ୍‌ଷ୍ଟିଚ୍ୟୁଟ କର୍ତ୍ତୃପକ୍ଷ।

**ବିରାଟ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଶିକ୍ଷାଦାନ ଲାଗି ସହବନ୍ଧିତ**

ସମ୍ବଲପୁର,୨୩।୩(ବ୍ୟୁରୋ)

ଯୁକ୍ତ୨ ସମନ୍ୱିତ ପାଠ୍ୟକ୍ରମ ମଙ୍ଗଳବାର ସମ୍ବଲପୁର ଜିଲା ଶାସନ ଦେବେଇପାଲିସ୍ଥିତ ନିଉଟନ କଲେଜ ପରିସରରେ ଶୁଭାରମ୍ଭ ହୋଇଛି। ଛାତ୍ରୀଛାତ୍ର ଯୁକ୍ତ୨ ବିଜ୍ଞାନ ପାଠପଢ଼ା ସହ ସର୍ବଭାରତୀୟ ସ୍ତରୀୟ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷା ସକାଶେ ଶିକ୍ଷା ଅର୍ଜନ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ନିଉଟନ କଲେଜ ଓ ବିରାଟ ଇନ୍‌ଷ୍ଟିଚ୍ୟୁଟ ସହବନ୍ଧିତ ହୋଇଛନ୍ତି। ନିଉଟନ କଲେଜ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଲେଜ ଅଧ୍ୟକ୍ଷ ଡ. ତେଜରାଜ ପାତ୍ର ସୂଚନା ଦେଇ କହିଥିଲେ, ପଶ୍ଚିମ ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଶିକ୍ଷାଦାନ ସକାଶେ ୨୦୦୭ରେ ନିଉଟନ ବିଜ୍ଞାନ କଲେଜର ପରିକଳ୍ପନା କରାଯାଇଥିଲା। ଏବେ ଏହି ଅନୁଷ୍ଠାନ ରାଜ୍ୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଛାତ୍ରୀଛାତ୍ର ସର୍ବଭାରତୀୟ ସ୍ତରୀୟ ସରକାରୀ ଇଞ୍ଜିନିୟରିଂ ଓ ମେଡିକାଲ କଲେଜରେ ଯେଭଳି ନାମ ଲେଖାଇପାରିବେ ସେ ନେଇ ସମନ୍ୱିତ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି । ଅପରପକ୍ଷେ ଦୀର୍ଘବର୍ଷ ହେବ ଏହି କଲେଜରେ ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଶିକ୍ଷାଦାନ କରାଯାଉଛି । ଏହି ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ଡ. ତେଜରାଜ କହିଛନ୍ତି। ବିରାଟ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ରାହୁଲ ରାଜ କହିଥିଲେ, ନିଉଟନ କଲେଜ ବିଜ୍ଞାନ ଶିକ୍ଷାଦାନରେ ରାଜ୍ୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବେଳେ ବିରାଟ ଇନ୍‌ଷ୍ଟିଚ୍ୟୁଟ ପଶ୍ଚିମ ଓଡ଼ିଶାରେ ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିଛି। ତେଣୁ ଦୁଇ ଅନୁଷ୍ଠାନ ମିଳିତ ଭାବେ ଶିକ୍ଷାଦାନ କଲେ ଶିକ୍ଷାଦାନର ମାନ ବୃଦ୍ଧି ହେବ। ଛାତ୍ରୀଛାତ୍ର ଯୁକ୍ତ୨ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିପାରିବେ। ନିଉଟନ କଲେଜ ଗଣିତ ଅଧ୍ୟାପକ ଅରୁଣ କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ନାରାୟଣ ରଥ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ଯୁଗ୍ମ କମିଶନରଙ୍କୁ ବିଦ୍ୟୁତ୍ ଅମଲା ସଂଘର ଦାବିପତ୍ର

ସମ୍ବଲପୁର,୨୩।୩(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଅମଲା ସଂଘ କର୍ମକର୍ତ୍ତା ବୁଧବାର ସମ୍ବଲପୁର ଶ୍ରମ ଯୁଗ୍ମକମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଓପିଟିସିଏଲ୍ ସମକକ୍ଷ ଭାବେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଗ୍ରେଡ୍ ପେ ୨୮୦୦ଟଙ୍କା ପ୍ରଦାନ କରାଯାଇ ନାହିଁ। ତତ୍କାଳୀନ ୱେସ୍କୋ ୟୁଟିଲିଟି ତଥା ବର୍ତ୍ତମାନର ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଶ୍ରମିକ ମାରଣନୀତି ଅବଲମ୍ବନ କରୁଛନ୍ତି। ବିଭିନ୍ନ ସମୟରେ ଅନୁରୋଧ କରାଯିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ଏ ନେଇ ସଂଘ କର୍ମକର୍ତ୍ତା ଯୁଗ୍ମକମିଶନର ଘାସିରାମ ଟୁଡୁଙ୍କ ସହ ଆଲୋଚନା କରିଥିଲେ। ସଂଘ ସଭାପତି ନରେନ୍ଦ୍ର ପ୍ରକାଶ ରାୟଗୁରୁ, ସାଧାରଣ ସମ୍ପାଦକ ସୁବାସ କୁମାର ତିୱାରୀ, ମୁକୁନ୍ଦ ମିର୍ଦ୍ଧା, ଶ୍ରୀକାନ୍ତ ପଣ୍ଡା, ଜ୍ୟୋତି ବିଶ୍ୱାଳ, ପ୍ରକାଶ ପାଣିଗ୍ରାହୀ, ପିଙ୍କି ସାମଲ, ଦେବରାଜ ପ୍ରଧାନ ପ୍ରତିନିଧି ଦଳରେ ସାମିଲ ଥିଲେ।

## ଝାରସୁଗୁଡ଼ା ଡିଏଭି ସ୍କୁଲର ୨୪ତମ ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା ଅଫିସ,୨୩।୩

ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲର ୨୪ତମ ପ୍ରତିଷ୍ଠା ଦିବସ ବୁଧବାର ପାଳନ କରାଯାଇଛି। ଡିଏଭି ଆନ୍ଦୋଳନର ଦୁଇ ମୁଖ୍ୟ କର୍ଣ୍ଣଧାର ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଓ ମହାତ୍ମା ହଂସରାଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଶ୍ୱ ଶାନ୍ତି ପାଇଁ ପଞ୍ଚକୁଣ୍ଡୀୟ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଓ ସହଧର୍ମିଣୀ ପୁଷ୍ପାଞ୍ଜଳି ପଣ୍ଡା, ସଦସ୍ୟ ତାପସ ରାୟ ଚୌଧୁରୀ ଓ ସହଧର୍ମିଣୀ ରେଖା ରାୟ ଚୌଧୁରୀ, ସମିତି ସଦସ୍ୟ ଜୀବନ ପୁରୋହିତ ଓ ସହଧର୍ମିଣୀ ସୁରେଖା ପୁରୋହିତ ପ୍ରମୁଖ ଯଜ୍ଞକ୍ରିୟା ନିର୍ବାହ କରିଥିଲେ। ଅଧ୍ୟକ୍ଷ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ବିଦ୍ୟାଳୟର କ୍ରମୋନ୍ନତି ଓ ବିଦ୍ୟାଳୟ ପ୍ରତିଷ୍ଠା ସମୟର ଶୁଭେଚ୍ଛୁମାନଙ୍କୁ ସ୍ମରଣ କରିଥିଲେ। ଶିକ୍ଷୟିତ୍ରୀ ଡ. ମଞ୍ଜୁଶ୍ରୀ ବେଦୁଲା ଓ ଅଞ୍ଜଳି ବାଲ ସୁବ୍ରମନ୍ୟମ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ସକ୍ରିୟ ସହଯୋଗ କରିଥିଲେ।



ପଞ୍ଚକୁଣ୍ଡୀୟ ହୋମଯଜ୍ଞରେ ଉପସ୍ଥିତ ଥିବା କର୍ତ୍ତାମାନେ।

# ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି

**ପୌର ପରିଷଦ ନିର୍ବାଚନ**

ଝାରସୁଗୁଡ଼ା ଅଫିସ,୨୩।୩

ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର, ବେଲପାହାଡ ଓ ଝାରସୁଗୁଡା ପୌର ପରିଷଦରେ ଗୁରୁବାର ପୌରାଧ୍ୟକ୍ଷ ଓ କାଉନ୍‌ସିଲର ପଦବୀ ପାଇଁ ନିର୍ବାଚନ ହେବ। ଏହାକୁ ସୁପରିଚାଳନା ପାଇଁ ଜିଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରିଜାଇଡିଂ ଓ ପୋଲିଂ ପାର୍ଟି ଆନୁଷଙ୍ଗିକ ସାମଗ୍ରୀ ଧରି ବୁଥ୍‌ରେ ପହଞ୍ଚି ଯାଇଛନ୍ତି। ଗୋଟିଏ ପୋଲିଂ ପାର୍ଟିରେ ଜଣେ ପ୍ରିଜାଇଡିଂ ଅଧିକାରୀ, ୪ଜଣ ପୋଲିଂ ଅଫିସର ଓ ଜଣେ ପୋଲିସ ନିୟୋଜିତ ହୋଇଛନ୍ତି। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ଜିଲା ନିର୍ବାଚନ ଅଧିକାରୀ ଓ ପୌର ପରିଷଦ ଦାୟିତ୍ୱରେ ଥିବା ଅଧିକାରୀମାନେ ଏହାର ତଦାରଖ କରୁଛନ୍ତି। ଜିଲାର ୩ପୌର ପରିଷଦରେ ସମୁଦାୟ ୧ଲକ୍ଷ ୭୭ହଜାର ଭୋଟର ରହିଛନ୍ତି। ୬୬ ୱାର୍ଡରେ ୧୮୭ବୁଥ୍ ରହିଛି। ୯ ପିଙ୍କ ବୁଥ୍, ୯ ଆଦର୍ଶ ବୁଥ୍ ଓ ୬୧ବୁଥ୍ ଉତ୍ତେଜନା ପ୍ରବଣ ରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲାକୁ ୨ଜୋନ୍‌ରେ ବିଭକ୍ତ କରାଯାଇଛି। ଜଣେ ଅତିରିକ୍ତ ଏସ୍‌ପି ଓ ୨ଜଣ ଲେଖାଏ ଡିଏସ୍‌ପି ନିୟୋଜିତ ହୋଇଛନ୍ତି। ସମସ୍ତ ବୁଥ୍‌କୁ ତଦାରଖ କରିବା ପାଇଁ ୮ପୋଲିସ ମୋବାଇଲ୍ ଟିମ୍ କରାଯାଇଛି। ଏହା ସହିତ ୨ପ୍ଲାଟୁନ୍ ଓଏସ୍‌ଏପି,୧୨୮ଜଣ ଏପିଆର୍ ଓ ଓପିଏଫ୍ ଯବାନ ନିୟୋଜିତ ହୋଇଛନ୍ତି। ମତଦାନ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ଏସ୍‌ପି ବିକାଶ ଚନ୍ଦ୍ର ଦାସ ଭୋଟ୍‌ରଙ୍କୁ ଅନୁରୋଧ କରିଛନ୍ତି।



ପୋଲିଂ ପାର୍ଟି ବୁଥ୍‌କୁ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

## କଲେଜରେ ଶିକ୍ଷାଦାନ, ଶିକ୍ଷଣ କର୍ମଶାଳା

ନାକଟିଦେଉଳ,୨୩।୩(ଡ଼ି.ଏନ.ଏ.)

ନାକଟିଦେଉଳ ଜୁନିୟର କଲେଜରେ ମଙ୍ଗଳବାର ଶିକ୍ଷାଦାନ ଓ ଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କନ୍ଦର୍ପ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ଦୀପେନ ପଟ୍ଟନାୟକ ଓ ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧାପିକା ଡ. ସରଶୀରାଣୀ ନାୟକ ଯୋଗଦେଇ କହିଥିଲେ, ଶିକ୍ଷାଦାନ ଓ ଶିକ୍ଷଣ ଏକ ଜଟିଳ ପ୍ରକ୍ରିୟା। ଛାତ୍ରୀଛାତ୍ରଙ୍କୁ ବୁଝିବା, ସେମାନଙ୍କ ଆଗ୍ରହ, ରୁଚି, ମାନସିକ ସ୍ଥିତି ଅନୁଯାୟୀ ପାଠ୍ୟ ଯୋଜନା ପ୍ରସ୍ତୁତ କରିବା, ଅଭିନବ ପଦ୍ଧତି ଅବଲମ୍ବନ କରି ଶ୍ରେଣୀ ପରିଚାଳନା କରିବା ଦିଗରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାସହ ଶିକ୍ଷାନୁଷ୍ଠାନରେ ବ୍ୟବହାରିକ ଦିଗ ପ୍ରତି ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗ ଅଧାପକ ଡ. ପ୍ରଶାନ୍ତ କୁମାର ଦାଶ ପାଠ୍ୟ ଯୋଜନା ଓ ଶିକ୍ଷଣ ଶୈଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପକ ସରୋଜ କୁମାର ଭୁଏ ଶେଷରେ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ୧୦୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଭିନ୍ନକ୍ଷମ ଦକ୍ଷତା ବିକାଶ ଶିବିର

**ଜିଲାର ବିଭିନ୍ନ ଅଞ୍ଚଳରୁ ଭାଗନେଲେ ୯୨ଜଣ**

ସମ୍ବଲପୁର,୨୩।୩(ବ୍ୟୁରୋ)

ସମ୍ବଲପୁର ଜିଲାସ୍ତରୀୟ ଭିନ୍ନକ୍ଷମ ଦକ୍ଷତା ବିକାଶ ଶିବିର ବୁଧବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ଅଧିକାରୀ ସନ୍ତୋଷ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ୯୨ଜଣ ଭିନ୍ନକ୍ଷମ ଏଥିରେ ଭାଗ ନେଇଥିଲେ। ରେଙ୍ଗାଲିରୁ ଜଣେ, ବାମରାରୁ ୩, କୁଚିଣ୍ଡାରୁ ୯, ଜମନକିରାରୁ ୬, ଧନକଉଡାରୁ ୧୧, ଯୁଯୁମୁରାରୁ ୫, ମାନେଶ୍ୱରରୁ ୧୨, ରେଢ଼ାଖୋଲରୁ ୫, ନାକଟିଦେଉଳରୁ ୩, ସମ୍ବଲପୁର ମହାନଗର ନିଗମରୁ ୩୦, କୁଚିଣ୍ଡା ଏନ୍‌ଏସିରୁ ୩ଜଣ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସମସ୍ତ ଭିନ୍ନକ୍ଷମଙ୍କୁ ମାଗଣାରେ ସ୍ୱଳ୍ପ ସମୟ ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରାଯାଇ ସ୍ୱାବଲମ୍ବୀ କରାଯିବାର ଯୋଜନା ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ରାସନପୁରସ୍ଥିତ ଆଇଟିଆଇରେ ଜିଲାର ୧୦୦ଜଣ ଭିନ୍ନକ୍ଷମଙ୍କୁ ପର୍ଯ୍ୟାୟକ୍ରମେ ଦକ୍ଷତା ବିକାଶ ତାଲିମ ଦେବାକୁ ସ୍ଥିର କରାଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚିତ କରାଯାଇଛି। ଆଞ୍ଚଳିକ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ ରବିନ୍ଦ୍ରନାଥ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜେସିସି ରାତ୍ର କ୍ରିକେଟ: ଏମ୍‌ଏମ୍‌ସିସି ଚାମ୍ପିୟନ

ଜମନକିରା,୨୩।୩(ଡି.ଏନ.ଏ.)

ଜମନକିରା ବ୍ଲକ୍ ଭୋଜପୁର ପଞ୍ଚାୟତ ରେଙ୍ଗାଲବେଡ଼ା ଖେଳପଡ଼ିଆରେ ଜଗନ୍ନାଥ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୨୩ତମ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଗତ ୧୭ ତାରିଖଠାରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଏମ୍‌ଏମ୍‌ସିସି ସମ୍ବଲପୁର ଓ ସୁନର୍ସ ପରୁଆଭାଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏମ୍‌ଏମ୍‌ସିସି ପ୍ରଥମେ ବ୍ୟାଟିଂ କରି ୮ଉଇକେଟ ବିନିମୟରେ ୯୩ ରନ୍ କରିଥିଲା। ଜବାବରେ ସୁନର୍ସ ଟିମ୍ ସମସ୍ତ ଉଇକେଟ ହରାଇ ୬୨ ରନ କରି ପରାଜିତ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅଙ୍କୁର ସିଂ ମ୍ୟାନ ଅଫ ଦି ମ୍ୟାଚ ଓ କମ୍ରାନ ଖାନ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଦିବସରେ ପୂର୍ବତନ ଭୋଜପୁର ସରପଞ୍ଚ ଟିକେଶ୍ୱର ପାତ୍ର ଓ ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ମହାନଗର ନିଗମ ପୂର୍ବତନ ଅଧ୍ୟକ୍ଷ ବିଜୟ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଖେଳକୁ ରୁଦ୍ରମଣି ରଣା ଓ ଅଜୟ ଦାଶ ପରିଚାଳନା କରିଥିଲେ। କ୍ଲବ୍ ସଭାପତି ବିଷ୍ଣୁ କିଷାନ, ସମ୍ପାଦକ ରାକେଶ ଶର୍ମା, ସଭ୍ୟ ଲିପୁନ ନାୟକ, ବୁଲୁ ପାଢ଼ୀ, ଶିବ ବାଘ, ପ୍ରଭାତ କିଷାନ, ଏମ୍‌ଡ଼ି ଫାରୁଖ, ରଞ୍ଜିତ ସାହୁ, ମୁନୁ ରଣା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

**୩୧ ପରେ ରହିବନି କୋଭିଡ୍ କଟକଣା**

ଦେଶରୁ ମହାମାରୀ ଆଇନ ହଟାଇବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଲଗାଯାଇଥିବା ସମସ୍ତ କୋଭିଡ୍ କଟକଣା ମାର୍ଚ୍ଚ ୩୧ରୁ ହଟାଇଦିଆଯିବ। କୋଭିଡ୍ ନିରାପତ୍ତା ପଦକ୍ଷେପ ପାଇଁ ବିପର୍ଯ୍ୟୟ ପରିଚାଳନା ଆଇନ ଆଉ ଲାଗୁ ହେବ ନାହିଁ ବୋଲି ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା ଜାରି ରହିବ।

# ପ୍ରମାଣ ନଷ୍ଟ ହେବାକୁ ଦିଅନି



ରାମପୁରହାଟ ଗୃହଦାହ ଘଟଣାର ପ୍ରତିବାଦରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ ବେଳେ ଜଣେ କର୍ମୀଙ୍କୁ କୋଲକାତା ପୋଲିସ ଅଟକାଇଛି।

**କୋଲକାତା, ୨୩।୩**

ପଶ୍ଚିମବଙ୍ଗର ବୀରଭୂମ ଜିଲା ରାମପୁରହାଟରେ ୮ ଜଣଙ୍କ ଜୀବନ ନେଇଥିବା ଗୃହଦାହ ଘଟଣାରେ ବୁଧବାର କାଲକାଟା ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାର ପ୍ରମାଣ ଯେପରି ନଷ୍ଟ ନ ହେବ ତା'ର ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ବର୍ଶାଲ ଗ୍ରାମର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପଞ୍ଚାୟତ ଉପମୁଖ୍ୟ ଭାଦୁ ଶେଖ୍‌ଙ୍କୁ ସୋମବାର ରାତି ୮ଟା ୩୦ରେ ହତ୍ୟା କରାଯାଇଥିଲା। ରାମପୁରହାଟର ବୋଗ୍‌ଟୁଇ ଗ୍ରାମରେ ମଙ୍ଗଳବାର ଭୋର ସମୟରେ ଏକ ଭସ୍ମୀଭୂତ ଘରୁ ୨ ଶିଶୁଙ୍କ ସମେତ ୭ ଜଣଙ୍କ ମୃତଦେହ ମିଳିଥିବାବେଳେ ଅନ୍ୟ ଜଣେ ଆହତ ହସ୍ପିଟାଲରେ ଆଖି ବୁଜିଦେଇଥିଲେ। ଏହାକୁ ନେଇ ଶାସକ ଟିଏମ୍‌ସି ଓ ବିରୋଧୀ ଭାଜପା ମଧ୍ୟରେ କାଦୁଅଫିଙ୍ଗା ଲାଗିରହିଥିବାବେଳେ ବୁଧବାର ହାଇକୋର୍ଟ ନିଜ ଆଡୁ ମାମଲାର ଶୁଣାଣି ଆରମ୍ଭ କରିଛନ୍ତି। ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବ ଏବଂ ରାଜଶ୍ରୀ ଭରଦ୍ୱାଜଙ୍କୁ ନେଇ ଗଠିତ ଖଣ୍ଡପୀଠ ଅପରାଧସ୍ଥଳରେ ତୁରନ୍ତ ସିସିଟିଭି କ୍ୟାମେରା ଲଗାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ବର୍ଦ୍ଧମାନ ଜିଲା ଜଜ୍‌ଙ୍କ ଉପସ୍ଥିତିରେ ସିସିଟିଭି କ୍ୟାମେରା ସଂଲଗ୍ନ କରାଯିବ, ଯେପରି କି ସବୁ ଦିଗରୁ କଭରେଜ୍ ମିଳିପାରିବ ବୋଲି ହାଇକୋର୍ଟ କହିଛନ୍ତି। ଏତିକି ନୁହେଁ, ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ଫରେନ୍ସିକ୍ ସାଇନ୍ସ ଲାବରେଟୋରି (ସିଏଫ୍‌ଏସ୍‌ଏଲ୍)କୁ ମଧ୍ୟ ଅବିଳମ୍ବେ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପ୍ରମାଣ ସଂଗ୍ରହ ଓ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା ଏହି ମାମଲାର ତଦନ୍ତ କରାଯିବା ଦାବିରେ ଆଇନଜୀବୀ ଅନିନ୍ଦ୍ୟ କୁମାର ଦାସଙ୍କ ପକ୍ଷରୁ ହୋଇଥିବା ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ରାଜ୍ୟର ତଦନ୍ତକାରୀ ଅଧିକାରୀମାନଙ୍କୁ ପ୍ରଥମେ ସୁଯୋଗ ଦିଆଯାଉ। ସେମାନେ ଗୁରୁବାର ଅପରାହ୍ନ ୨ଟା ସୁଦ୍ଧା କେସ୍ ଡାଏରି ଦାଖଲ କରିବେ। ପୂର୍ବ ବର୍ଦ୍ଧମାନ ଜିଲା ଜଜ୍‌ଙ୍କ ପରାମର୍ଶ କ୍ରମେ ପୋଲିସ ଡିଜି ଏବଂ ଆଇଜି ସାକ୍ଷୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବେ। ସାକ୍ଷୀମାନଙ୍କୁ ଯେପରି କେହି ଧମକାଇ ପ୍ରଭାବିତ ନ କରନ୍ତି ସେଦିଗରେ ପୋଲିସ ପଦକ୍ଷେପ ନେବ। ମୃତକମାନଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିବା ନେଇ ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ ଜେନେରାଲ ଏସ୍.ଏନ୍. ମୁଖାର୍ଜୀ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ।

**ପଶ୍ଚିମବଙ୍ଗ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

## ଅପରାଧ ସ୍ଥଳରେ ଫରେନ୍ସିକ୍ ଟିମ୍

ଗୃହଦାହ କରାଯାଇଥିବା ସ୍ଥାନରେ ବୁଧବାର ଏକ ଫରେନ୍ସିକ୍ ଟିମ୍ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ରାମପୁରହାଟରେ ଉକ୍ତ ଟିମ୍ ସବୁ ଦିଗରୁ ପ୍ରମାଣ ସଂଗ୍ରହ କରୁଥିବା ଜଣାପଡ଼ିଛି। ଇତିମଧ୍ୟରେ ଏହି ଘଟଣାରେ ୨୦ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଟିଏମ୍‌ସି ଏମ୍‌ପି ସୁଦୀପ ବନ୍ଦୋପାଧ୍ୟାୟ ସୂଚନା ଦେଇଛନ୍ତି। ଏଥିସହ ଏହି ଘଟଣାକୁ ନେଇ ଭାଜପା ଏମ୍‌ପିମାନେ ଗୃହରେ ରାଜନୀତି ନ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

## ତଦନ୍ତ ପାଇଁ ପ୍ରସ୍ତୁତ: ସିବିଆଇ

ରାମପୁରହାଟ ଗୃହଦାହ ମାମଲାର ତଦନ୍ତ ପାଇଁ ସିବିଆଇ ପ୍ରସ୍ତୁତ ଥିବା ବୁଧବାର କାଲକାଟା ହାଇକୋର୍ଟଙ୍କୁ ଅବଗତ କରାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମିଳିଲେ ଏହି ମାମଲାର ତଦନ୍ତ କରିବ ବୋଲି ଶୁଣାଣି ବେଳେ ସିବିଆଇ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବ ଏବଂ ରାଜଶ୍ରୀ ଭରଦ୍ୱାଜଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠଙ୍କୁ ଜଣାଇଛି।

**ରାମପୁରହାଟ ଗୃହଦାହ**



## ଦୋଷୀଙ୍କୁ ଦଣ୍ଡ ଦେବେ ପଶ୍ଚିମବଙ୍ଗବାସୀ: ମୋଦି

ପଶ୍ଚିମବଙ୍ଗର ବୀରଭୂମ ଜିଲାରେ ଘଟିଥିବା ଗୃହଦାହ ମାମଲାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଭଳି ଘୃଣ୍ୟ ଅପରାଧ ଭିଆଇଥିବା ଲୋକଙ୍କୁ ରାଜ୍ୟ ସରକାର ନିଶ୍ଚିତ ଭାବେ ଦଣ୍ଡିତ କରିବେ ବୋଲି ଆଶା। ଅପରାଧୀଙ୍କୁ ପଶ୍ଚିମବଙ୍ଗବାସୀ ଦଣ୍ଡ ଦେବେ। ଅପରାଧୀଙ୍କୁ ଦଣ୍ଡିତ କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟକୁ ସବୁ ପ୍ରକାର ସହାୟତା ଦେବେ ବୋଲି ମୋଦି କହିଛନ୍ତି।

## ଏଇଟା ୟୁପି ନୁହେଁ: ମମତା

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ରାମପୁରହାଟ ଗସ୍ତ କରିବେ। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମମତା କହିଛନ୍ତି, ଏଇଟା ଉତ୍ତର ପ୍ରଦେଶ ନୁହେଁ, ପଶ୍ଚିମବଙ୍ଗ। ୟୁପି, ଗୁଜରାଟ ଓ ରାଜସ୍ଥାନରେ ମଧ୍ୟ ଏପରି ଘଟଣା ଘଟିଥାଏ। ଅପରାଧସ୍ଥଳ ପରିଦର୍ଶନ ଲାଗି ୟୁପି ଭଳି ଆମେ କାହାକୁ ଅଟକାଉନାହୁଁ। ୟୁପିର ହାଥ୍‌ରସ ଗଣବଳାତ୍କାର ମାମଲା ବେଳେ ଟିଏମ୍‌ସିର ଏକ ପ୍ରତିନିଧି ଦଳକୁ ସେଠାକୁ ଯାଇଥିବାବେଳେ ଭାଜପା ସରକାର ପ୍ରବେଶ ଅନୁମତି ଦେଇ ନ ଥିବା ମମତା ଅଭିଯୋଗ ଆଣିଛନ୍ତି।

## ସିବିଆଇ ତଦନ୍ତ ହେଉ: ଶୁଭେନ୍ଦୁ

ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଗୃହଦାହ ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଶୁଭେନ୍ଦୁଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ବୀରଭୂମ ଜିଲାର ଅପରାଧସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଉପରେ ଆମର ବିଶ୍ୱାସ ନାହିଁ। ସିବିଆଇକୁ ଏହାର ଦାୟିତ୍ୱ ଦିଆଯାଉ। ବିସ୍ଫୋରଣ ଘଟି ଘରେ ନିଆଁ ଲାଗିଥିବାରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମଧ୍ୟ ଏହାର ତଦନ୍ତ କରିପାରିବ। ରାଷ୍ଟ୍ରପତି ଶାସନ ହିଁ ପଶ୍ଚିମବଙ୍ଗକୁ ରକ୍ଷା କରିପାରିବ ବୋଲି ଶୁଭେନ୍ଦୁ କହିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ଚାଇନା ବିମାନ ବ୍ଲାକ୍‌ବକ୍ସ ମିଳିଲା

**ବେଜିଂ, ୨୩।୩ :** ଚାଇନାର ଗୁଆଙ୍ଗଜି ପ୍ରଦେଶରେ ସୋମବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଚାଇନା ଇଷ୍ଟର୍ନ ଏୟାରଲାଇନ୍ସ ବିମାନର ଦୁଇଟି ବ୍ଲାକ୍‌ବକ୍ସ ମଧ୍ୟରୁ ଗୋଟିଏ ଉଦ୍ଧାର ହୋଇଛି। ୧୩୨ ଜଣଙ୍କୁ ନେଇ ଯାଉଥିବା ଉକ୍ତ ବିମାନ ଏକ ପାହାଡ଼ ଉପରେ ଖସିପଡ଼ିବା ସହ ଖଣ୍ଡ ଖଣ୍ଡ ହୋଇ ଜଳିଯାଇଥିଲା। ପାହାଡ଼ରେ ଧକ୍କା ହେବା ପୂର୍ବରୁ ବିମାନ ଧ୍ୱନି ବେଗରେ ଗତି କରୁଥିଲା ବୋଲି ଫ୍ଲାଇଟ୍ ଟ୍ରାକ୍ ତଥ୍ୟ ଅନୁଧ୍ୟାନରୁ ଜଣାପଡ଼ିଛି। ଏଭଳି ସ୍ଥିତିରେ ତଦନ୍ତ କରି ଦୁର୍ଘଟଣାର ପ୍ରକୃତ କାରଣ ବାହାର କରିବା ଏକ ଜଟିଳ କାର୍ଯ୍ୟ, କାରଣ ବିମାନର ଡାଟା ଓ ଭଏସ୍ ରେକର୍ଡରର ତଥ୍ୟ ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି। ଫ୍ଲାଇଟ୍‌ରାଡାର୨୪ ତଥ୍ୟ ଅନୁଯାୟୀ ବୋଇଂ ୭୩୭-୮୦୦ର ଘଣ୍ଟା ପ୍ରତି ବେଗ ୯୬୬ କିଲୋମିଟରରୁ ଅଧିକ ରହିଥିଲା। ୩ ଜଣ ପାଇଲଟଙ୍କର ବୈଧ ଲାଇସେନ୍ସ, ସ୍ୱାସ୍ଥ୍ୟ ସାର୍ଟିଫିକେଟ ଏବଂ ଅଭିଜ୍ଞତା ଥିଲା ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ବିମାନ ଖସିବା ବେଳେ ପାଇଲଟମାନେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ଫୋନ୍‌ର କୌଣସି ଜବାବ ଦେଇ ନ ଥିଲେ ବୋଲି ପୂର୍ବରୁ ବ୍ଲୁମ୍‌ବର୍ଗ ନ୍ୟୁଜ୍ କହିଥିଲା। ଦୁଇଟି ବ୍ଲାକ୍‌ବକ୍ସ ମଧ୍ୟରୁ ଫ୍ଲାଇଟ୍ ଡାଟା ରେକର୍ଡର କିମ୍ବା କକ୍‌ପିଟ୍ ଭଏସ୍ ରେକର୍ଡର, କେଉଁଟି ମିଳିଛି, ତାହା ସ୍ପଷ୍ଟ ହୋଇନାହିଁ।

## ଇଚ୍ଛା ବିରୋଧରେ ସ୍ତ୍ରୀଙ୍କୁ ଯୌନ ନିର୍ଯାତନା ବଳାତ୍କାର

**ନୂଆଦିଲ୍ଲୀ, ୨୩।୩**

**କର୍ନାଟକ ହାଇକୋର୍ଟଙ୍କ ରାୟ**

ସ୍ତ୍ରୀଙ୍କୁ ତାଙ୍କ ଇଚ୍ଛା ବିରୋଧରେ ସ୍ୱାମୀ ଯୌନ ନିର୍ଯାତନା ଦେବା ବଳାତ୍କାର ବୋଲି କର୍ନାଟକ ହାଇକୋର୍ଟ ବୁଧବାର କହିଛନ୍ତି। ବୈବାହିକ ବଳାତ୍କାର ମାମଲାରେ ଅଦାଲତ ତାଙ୍କ ରାୟରେ କହିଛନ୍ତି, ସ୍ୱାମୀମାନେ ସ୍ତ୍ରୀଙ୍କ ଦେହ, ମନ ଓ ଆତ୍ମାର ଅଧିପତି ବୋଲି ବହୁବର୍ଷ ଧରି ରହିଆସିଥିବା ଚିନ୍ତାଧାରା ଓ ପରମ୍ପରାକୁ ହଟାଇଦିଆଯିବା ଆବଶ୍ୟକ। ବିବାହ ସମ୍ବିଧାନରେ ମହିଳାଙ୍କୁ ପୁରୁଷଙ୍କ ଅଧସ୍ତନ ବୋଲି କେଉଁଠି ଲେଖାଯାଇ ନାହିଁ। ସମ୍ବିଧାନରେ ଅଧିକାର ସମାନ, ସୁରକ୍ଷା ସମାନ ବୋଲି ହାଇକୋର୍ଟ କହିଛନ୍ତି।

ନିଜ ସ୍ତ୍ରୀ ଉପରେ ବୀଭତ୍ସ ଯୌନ ନିର୍ଯାତନା ତାଙ୍କର ମାନସିକ ସ୍ଥିତି ଉପରେ ଗମ୍ଭୀର ପ୍ରଭାବ ପକାଇଥାଏ। ବିବାହର ଅର୍ଥ ପୁରୁଷଙ୍କୁ କୌଣସି ସ୍ୱତନ୍ତ୍ର ସୁବିଧା ମିଳିଲା ବୋଲି ବିବେଚନା କରିବା ଉଚିତ ନୁହେଁ କିମ୍ବା ଏକ ନୃଶଂସ ପଶୁକୁ ମୁକ୍ତ କରିଦେବା ଲାଗି ଲାଇସେନ୍ସ ନୁହେଁ।

ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ତାଙ୍କ ବିରୋଧରେ ଆଇପିସିର ଧାରା ୩୭୬ ଲାଗିଥିବାବେଳେ ଏହାକୁ ହଟାଇବା ପାଇଁ ସ୍ୱାମୀ ଜଣକ କର୍ନାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ବୈବାହିକ ବଳାତ୍କାରକୁ ଅପରାଧ ବିବେଚନା କରିବା ଉପରେ ଦିଲ୍ଲୀ ହାଇକୋର୍ଟ ଗତ ଫେବୃୟାରୀରେ କେନ୍ଦ୍ର ସରକାରଙ୍କୁ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କହିଥିଲେ। ବୈବାହିକ ବଳାତ୍କାରକୁ ଅପରାଧୀକରଣ କରାଗଲେ ଦେଶରେ ଏହାର ସାମାଜିକ-ଆଇନଗତ ପ୍ରଭାବ ପଡ଼ିବ। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ସମେତ ବିଭିନ୍ନ ଷ୍ଟେକ୍ ହୋଲ୍ଡରଙ୍କ ସହ ଭାବପୂର୍ଣ୍ଣ ଓ ଗଠନମୂଳକ ପରାମର୍ଶ ପ୍ରକ୍ରିୟା ଆବଶ୍ୟକ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଥିଲା।

## ଜି-୨୦ରେ ରହିବାକୁ ପୁଟିନ୍‌ଙ୍କୁ ଚାଇନାର ସମର୍ଥନ

**ଜାକର୍ତ୍ତା, ୨୩।୩**

ଚଳିତ ବର୍ଷ ଇଣ୍ଡୋନେସିଆରେ ହେବାକୁ ଥିବା ଜି-୨୦ ସମ୍ମିଳନୀରେ ଯୋଗଦେବାକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଯୋଜନା ଥିବାବେଳେ ଚାଇନା ପକ୍ଷରୁ ତାଙ୍କୁ ସମର୍ଥନ ମିଳିଛି। ବିଶ୍ୱର ୨୦ ପ୍ରମୁଖ ଅର୍ଥନୀତି ବିଶିଷ୍ଟ ଦେଶକୁ ନେଇ ଗଠିତ ଏହି ଗ୍ରୁପ୍‌ରେ ରୁଷିଆକୁ ବାଦ୍ ଦେବାକୁ ଆମେରିକା ଓ ଏହାର ସହଯୋଗୀ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଚିନ୍ତା କରୁଛନ୍ତି। ଏପରି ସମୟରେ ଚାଇନା ପୁଟିନ୍‌ଙ୍କ ସପକ୍ଷରେ ବାହାରିଛି। ରୁଷିଆ ଜି-୨୦ର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ବୋଲି ବେଜିଂ ପକ୍ଷରୁ କୁହାଯାଇଛି। କୌଣସି ସଦସ୍ୟ ରାଷ୍ଟ୍ର ନିକଟରେ ଜି-୨୦ର ଏକ ଦେଶକୁ ଗ୍ରୁପ୍‌ରୁ ବାହାର କରିବାର ଅଧିକାର ନାହିଁ। ଜି-୨୦ ବାସ୍ତବ ବହୁପକ୍ଷବାଦ ଲାଗୁ କରିବା ସହ ଏକତା ଓ ସହଯୋଗକୁ ମଜଭୁତ କରିବା ଉଚିତ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମ୍ୟାରିଲାଣ୍ଡସ୍ଥିତ ଆଣ୍ଡ୍ରୁସ୍ ଏୟାରଫୋର୍ସ ବେସ୍‌ରୁ ୟୁରୋପ ଯାତ୍ରା ଆରମ୍ଭ କରିଛନ୍ତି।

## ରୁବଲ ଦେଇ ଗ୍ୟାସ୍ କିଣ

**ୟୁରୋପ ପ୍ରତି କଠୋର ହେଲେ ପୁଟିନ୍**

**କିଭ୍, ୨୩।୩:** ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆର ସମ୍ପତ୍ତି ବାଜ୍ୟାପ୍ତ କରିଥିବା ୟୁରୋପୀୟ ଦେଶଗୁଡ଼ିକ ପାଇଁ ସମସ୍ୟା ବଢ଼ିଛି। ତେଲ ଓ ଗ୍ୟାସ୍ ପାଇଁ ମସ୍କୋ ଉପରେ ନିର୍ଭରଶୀଳ ହୋଇଥିବାରୁ ୟୁରୋପୀୟ ଦେଶ ଏଣିକି ରୁବଲ (ରୁଷୀୟ ମୁଦ୍ରା)ରେ ପେମେଣ୍ଟ କରିବାକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ବୁଧବାର ଏକ ଟେଲିଭିଜନ ବାର୍ତ୍ତାରେ ପୁଟିନ୍ କହିଛନ୍ତି, ୟୁରୋପୀୟ ଦେଶଗୁଡ଼ିକ ସମେତ ଏହାର ଶତ୍ରୁ ତାଲିକାରେ ଥିବା ସମସ୍ତ ରାଷ୍ଟ୍ର ରୁଷିଆଠାରୁ କେବଳ ରୁବଲରେ ପେମେଣ୍ଟ କରି ତେଲ ଓ ଗ୍ୟାସ୍ କିଣିପାରିବେ। ସପ୍ତାହକ ମଧ୍ୟରେ ଏହ ନିୟମ ଲାଗୁ ହେବ। ଆମେରିକା କିମ୍ବା ୟୁରୋପୀୟ ସଂଘ ଦେଶଗୁଡ଼ିକୁ ଆମ ସାମଗ୍ରୀ ବିକ୍ରି କରି ଡଲାରରେ ପ୍ରାପ୍ୟ ପାଇବାର କୌଣସି ଅର୍ଥ ନାହିଁ ବୋଲି ପୁଟିନ୍ ପ୍ରକାଶ କରିଛନ୍ତି। ୟୁରୋପୀୟ ଦେଶ ଲଗାଇଥିବା କଟକଣାକୁ ଚ୍ୟାଲେଞ୍ଜ କରିବା ପାଇଁ ପୁଟିନ୍ ଏହି ନୀତି ଆପଣାଇଥିବା ଅର୍ଥନୀତିଜ୍ଞମାନେ ମତ ରଖିଛନ୍ତି। ରୁଷିଆ ଏହି ନିୟମ ଲାଗୁ କରିବା ପରେ ୟୁରୋପକୁ ରୁବଲରେ ପେମେଣ୍ଟ କରିବାକୁ ହେଲେ ଶତାଧିକ ମିଲିୟନ ୟୁରୋ ଗଚ୍ଛିତ ରଖିବାକୁ ପଡ଼ିବ।

## ରୁଷିଆ ଅସ୍ତିତ୍ୱ ବିପଦରେ ପଡ଼ିଲେ ଆଣବିକ ଯୁଦ୍ଧ

**ମସ୍କୋ, ୨୩।୩**



ୟୁକ୍ରେନ୍-ରୁଷିଆ ଯୁଦ୍ଧ ବୁଧବାର ୪ ସପ୍ତାହ ପୂରିଥିବାବେଳେ ରୁଷୀୟ ସୈନ୍ୟ ଘାତକ ଆକ୍ରମଣ ଜାରି ରଖିଛନ୍ତି। ଦୁଇ ପକ୍ଷ ମଧ୍ୟରେ ଆଲୋଚନା ଏଯାଏ ସଫଳ ହୋଇପାରି ନ ଥିବାରୁ କେବେ ଯୁଦ୍ଧବିରତି ହେବ ତାହା ସନ୍ଦେହରେ। ସେପଟେ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ରୁଷିଆକୁ ଏକଘରକିଆ କରିବା ନିମନ୍ତେ ଆମେରିକା ସମେତ ୟୁରୋପୀୟ ଦେଶଗୁଡ଼ିତ ବିଭିନ୍ନ କଟକଣା ଲଗାଇଥିବାରୁ ଏହି ଶକ୍ତିଶାଳୀ ରାଷ୍ଟ୍ରର ଅର୍ଥନୀତି ବ୍ୟାପକ ପ୍ରଭାବିତ ହୋଇଛି। ଆକ୍ରମଣାତ୍ମକ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କେତେବେଳେ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର ନିମନ୍ତେ ନିର୍ଦ୍ଦେଶ ଦେବାର ଆଶଙ୍କା ମଧ୍ୟ ଉପୁଜିଛି। ଏପରିକି ୟୁକ୍ରେନ୍‌ରେ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର ନିମନ୍ତେ ପୁଟିନ୍ ଆଣବିକ ଫୋର୍ସକୁ ଆଲର୍ଟରେ ରଖିଥିବା ରିପୋର୍ଟ ପ୍ରକାଶ ପାଉଛି। ତେବେ ମସ୍କୋ କେତେବେଳେ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର କରିବ, ସେ ନେଇ ୟୁକ୍ରେନ୍ ଆକ୍ରମଣର ୪ ସପ୍ତାହ ପରେ କ୍ରେମଲିନ୍ ପ୍ରତିକ୍ରିୟା ରଖିଛି। ନିଜ ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହେଲେ ରୁଷିଆ ଆଣବିକ ଅସ୍ତ୍ର ପ୍ରୟୋଗ କରିବ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ ଏକ ନ୍ୟୁଜ୍ ଚ୍ୟାନେଲ୍‌କୁ ସାକ୍ଷାତକାର ଦେଇ କହିଛନ୍ତି।

**ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର ନେଇ କ୍ରେମଲିନ୍‌ର ଚେତାବନୀ**

ପୁଟିନ୍ ଯୁଦ୍ଧରେ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର କରିବା ସଂକ୍ରାନ୍ତୀୟ ପ୍ରଶ୍ନରେ ପେସ୍‌କୋଭ୍ କହିଥିଲେ, ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସମ୍ବନ୍ଧରେ ଆମର ଏକ ନୀତି ରହିଛି ଏବଂ ତାହା ସାର୍ବଜନୀନ। କେତେବେଳେ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର କରାଯିବ ସେ ବାବଦରେ ଏଥିରୁ ସମସ୍ତେ ପଢ଼ିପାରିବେ। ଯଦି ଆମ ଦେଶର ଅସ୍ତିତ୍ୱ ବିପଦରେ ପଡ଼େ ତେବେ ନୀତି ଅନୁଯାୟୀ ଆଣବିକ ଅସ୍ତ୍ର ପ୍ରୟୋଗ କରାଯାଇପାରିବ। ସେହିପରି ପଡ଼ୋଶୀ ୟୁକ୍ରେନ୍‌କୁ ଅକ୍ତିଆର କରିବାକୁ କୌଣସି ଯୋଜନା ନ ଥିବା ଏବଂ କେବଳ ଏହି ଦେଶକୁ ନିରସ୍ତ୍ର କରିବା ରୁଷିଆର ଉଦ୍ଦେଶ୍ୟ ବୋଲି ପେସ୍‌କୋଭ୍ ଦୋହରାଇଛନ୍ତି। ପେସ୍‌କୋଭ୍‌ଙ୍କ ଏହି ବିବୃତି ଉପରେ ପେଣ୍ଟାଗନ୍ ମୁଖପାତ୍ର ଜନ୍ କିର୍‌ବି କହିଛନ୍ତି, ନ୍ୟୁକ୍ଲିୟର ଅସ୍ତ୍ର ସମ୍ଭାବ୍ୟ ବ୍ୟବହାର ଉପରେ କ୍ରେମ୍‌ଲିନ୍‌ର ଏଭଳି ମନ୍ତବ୍ୟ ବିପଜ୍ଜନକ। ଏକ ଦାୟିତ୍ୱପୂର୍ଣ୍ଣ ନ୍ୟୁକ୍ଲିୟର ଶକ୍ତିସମ୍ପନ୍ନ ରାଷ୍ଟ୍ର ଏପରି କାର୍ଯ୍ୟ କରିବା ଉଚିତ ନୁହେଁ। ୟୁକ୍ରେନ୍ ଆକ୍ରମଣରେ ହସ୍ତକ୍ଷେପ ନ କରିବା ପାଇଁ ପୁଟିନ୍ ବିଶ୍ୱ ସମୁଦାୟକୁ ନ୍ୟୁକ୍ଲିୟର 'ବ୍ଲାକମେଲ୍' କରୁଥିବା ନେଇ ଆଣବିକ ଅସ୍ତ୍ରଶସ୍ତ୍ର ଧ୍ୱଂସ କରିବା ପାଇଁ ଅନ୍ତର୍ଜାତୀୟ ଅଭିଯାନର ନେତୃତ୍ୱ ନେଉଥିବା ବିଟ୍ରିସ୍ ଫିହ୍ନ କହିଥିଲେ।

## ରୁଷିଆ ଛାଡ଼ିଲେ ପୁଟିନ୍‌ଙ୍କ ପ୍ରତିନିଧି

**ଆକ୍ରମଣକୁ ବିରୋଧ କରି ଇସ୍ତଫା**



ଆନାଟୋଲି ଚୁବାଇସ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଜଣେ ବରିଷ୍ଠ ପ୍ରତିନିଧି ତଥା କ୍ଲାଇମେଟ୍ କୂଟନୀତିଜ୍ଞ ଆନାଟୋଲି ଚୁବାଇସ୍ ୟୁକ୍ରେନ୍ ଉପରେ ଆକ୍ରମଣକୁ ବିରୋଧ କରି ପଦରୁ ଇସ୍ତଫା ଦେଇଛନ୍ତି। ଏହାସହ ସେ ସବୁଦିନ ପାଇଁ ରୁଷିଆ ଛାଡ଼ିଥିବା ଜଣାପଡ଼ିଛି। ଆନାଟୋଲି ନିଜ ଇଚ୍ଛାରେ ଇସ୍ତଫା ଦେଇଥିବା କ୍ରେମଲିନ୍ ପକ୍ଷରୁ ମଧ୍ୟ ସ୍ପଷ୍ଟ କରାଯାଇଛି। ୬୬ ବର୍ଷୀୟ ଆନାଟୋଲି ନବେ ଦଶକର ପ୍ରମୁଖ ଅର୍ଥନୈତିକ ସଂସ୍କାରକଙ୍କ ମଧ୍ୟରୁ ଅନ୍ୟତମ। ସେ ପୁଟିନ୍‌ଙ୍କ ସରକାରରେ ରହି ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ସମ୍ପର୍କ ବଜାୟ ରଖିଥିଲେ।

## ୟୁରୋପ ଗସ୍ତରେ ବାଇଡେନ୍

**ୱାଶିଂଟନ୍, ୨୩।୩**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍ ପ୍ରସଙ୍ଗରେ ଜରୁରୀ ଆଲୋଚନା ପାଇଁ ବୁଧବାର ବ୍ରୁସେଲ୍ସ ଅଭିମୁଖେ ବାହାରିଛନ୍ତି। ଏହି ଗସ୍ତରେ ବାଇଡେନ୍ ରୁଷିଆ ପାଇଁ ଅଧିକ କଟକଣା ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ବ୍ରୁସେଲ୍ସରେ ବାଇଡେନ୍ ନାଟୋ ଏବଂ ୟୁରୋପୀୟ ଲିଡରଙ୍କ ସହ କଥା ହେବେ। ସେଠାରୁ ୱାର୍‌ସ ଯାଇ ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜେଜ୍ ଡୁଡାଙ୍କୁ ଭେଟିବେ। ୪ ସପ୍ତାହର ଯୁଦ୍ଧରେ ୟୁକ୍ରେନ୍‌ର ପ୍ରମୁଖ ସହର କବ୍‌ଜା କରିବାରେ ବିଫଳତା ଯୋଗୁ ରୁଷିଆ ସେଠାରେ ରାସାୟନିକ ଏବଂ ଜୈବିକ ଅସ୍ତ୍ର ବ୍ୟବହାର କରିପାରେ ବୋଲି ପାଶ୍ଚାତ୍ୟ ଦେଶଗୁଡ଼ିକ ଆଶଙ୍କା କରିଛନ୍ତି। ହାଇଟ୍‌ହାଉସ୍ ଛାଡ଼ିବା ପୂର୍ବରୁ ବାଇଡେନ୍ ଏହାକୁ ଏକ ବଡ଼ ବିପଦ ବୋଲି କହିଥିଲେ।

## ୪୫ ରୁଷୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କଲା ପୋଲାଣ୍ଡ

**ୱାର୍‌ସ, ୨୩।୩:** ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ରୁଷିଆର ୪୫ କୂଟନୀତିଜ୍ଞଙ୍କୁ ପୋଲାଣ୍ଡ ବହିଷ୍କାର କରିଛି। ଏ ନେଇ ପୋଲାଣ୍ଡ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପୋଲାଣ୍ଡ ସ୍ପେଶାଲ ସର୍ଭିସେସ୍‌ର ଜଣେ ମୁଖପାତ୍ର ଷ୍ଟାନିସ୍‌ଲ ଜରିନ୍ କହିଛନ୍ତି, ସମ୍ପୃକ୍ତ ୪୫ କୂଟନୀତିଜ୍ଞ ଦେଶ ବିରୋଧରେ ଗୋଇନ୍ଦାଗିରି କରିବା ଅଥବା ସ୍ପାଏଙ୍କ ସହ ସମ୍ପର୍କରେ ରହିଥିବା ଜଣାପଡ଼ିଛି। ପୋଲାଣ୍ଡରେ ଅବସ୍ଥାପିତ ରୁଷିଆ ରାଷ୍ଟ୍ରଦୂତ ସେର୍‌ଗି ଆଣ୍ଡ୍ରୋୟେଭ୍ ମଧ୍ୟ କୂଟନୀତିଜ୍ଞଙ୍କୁ ବହିଷ୍କାର କରାଯିବା କଥା ସ୍ପଷ୍ଟ କରିବା ସହ ସେମାନଙ୍କୁ ୫ ଦିନ ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ରହିଥିବା କହିଛନ୍ତି। ପୋଲାଣ୍ଡର ଅଭିଯୋଗ ଭିତ୍ତିହୀନ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବେଲାରୁଷ ବ୍ରେଷ୍ଟରେ ଥିବା ୟୁକ୍ରେନ୍ କନ୍‌ସୁଲେଟ୍ ବନ୍ଦ କରିବା ସହ କେତେଜଣ ୟୁକ୍ରେନୀୟ କୂଟନୀତିଜ୍ଞଙ୍କୁ ଦେଶ ଛାଡ଼ିବାକୁ କହିଛି। ୟୁକ୍ରେନ୍ ଡିପ୍ଲୋମାଟିକ୍ ମିଶନର କେବଳ ୫ ଜଣ ବେଲାରୁଷ୍‌ରେ ରହିବାକୁ ଅନୁମତି ରହିଛି।

**ସଂକ୍ଷେପରେ**

## ଆକ୍ରମଣ ଘଟଣା: ବାପପୁଅଙ୍କୁ ୫ ବର୍ଷ ଜେଲ୍

**କେନ୍ଦୁଝର, ୨୩।୩ (ସ୍ୱ.ପ୍ର.):** କେନ୍ଦୁଝର ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ବୁଧବାର ଏକ ମାରପିଟ ଘଟଣାର ରାୟ ପ୍ରକାଶ ପାଇଛି। ସିଜେଏମ ରଞ୍ଜୁଲତା ଲେଙ୍କା ଏହାର ବିଚାର କରି ଅଭିଯୁକ୍ତ ହରମୋହନ ମହାନ୍ତ ଏବଂ ତାଙ୍କ ପୁଅ କାହ୍ନୁଚରଣ ମହାନ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୪ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦାୟ ଆଉ ୬ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଘଟଗାଁ ଥାନା ଅନ୍ତର୍ଗତ ଶଗଡିଆ ଗ୍ରାମର ରୋହିତ ମହାନ୍ତ ୨୦୧୬ ମସିହା ଅଗଷ୍ଟ ୧୬ ତାରିଖ ସନ୍ଧ୍ୟାରେ ହାଟରୁ ଫେରୁଥିବାବେଳେ ଅଭିଯୁକ୍ତ ହରମୋହନ ମହାନ୍ତ ଓ ତାଙ୍କ ପୁଅ କାହ୍ନୁଚରଣ ମହାନ୍ତ ତାଙ୍କୁ ତାଙ୍କ ଘର ସାମ୍ନାରେ ଅଟକାଇ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାପରେ ଘୋଷାଡ଼ି ଘୋଷାଡ଼ି ନେଇ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏହି ସମୟରେ ରୋହିତଙ୍କ ପାଟି ଶୁଣି ତାଙ୍କ ମା’ ଲଳିତା ମହାନ୍ତ ଉଦ୍ଧାର କରିବାକୁ ଆସିଥିଲେ। ତାଙ୍କୁ ମଧ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ଆକ୍ରମଣରେ ଲଳିତାଙ୍କ ମୁଣ୍ଡ ଫାଟିବା ସହ ଦାନ୍ତ ଭାଙ୍ଗିଯାଇଥିଲା। ପରେ ସ୍ତ୍ରୀ ଓ ପୁଅର ପାଟି ଶୁଣି ଦୀନବନ୍ଧୁ ଉଦ୍ଧାର କରିବାକୁ ଆସି ପୁଣି ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ୩ଜଣ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଏ ନେଇ ଦୀନବନ୍ଧୁ ଘଟଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୨୯/୨୦୧୬) ରୁଜୁ କରି ଅଭିଯୁକ୍ତ ହରମୋହନ ମହାନ୍ତ ଓ ତାଙ୍କ ପୁଅ କାହ୍ନୁଚରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ରାୟ ପ୍ରକାଶ ପାଇଥିବା ସରକାରୀ ଓକିଲ ଅଶୋକ କୁମାର ଦାସ କହିଛନ୍ତି।

# ଶାଶୁଙ୍କୁ ହତ୍ୟା ପରେ ବିଷ ପିଇଲେ ଜ୍ୱାଇଁ

**ପାରିବାରିକ କଳହର କରୁଣ ପରିଣତି**

ପୁରୀ ଅଫିସ, ୨୩।୩

କିଛି ଦିନର ବ୍ୟବଧାନ ପରେ ବୁଧବାର ପୁରୀ ସହରରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଶାଶୁଙ୍କୁ ଛୁରି ଭୁସି ହତ୍ୟା କରିବା ପରେ ଜ୍ୱାଇଁ ବିଷ ପିଇଦେଇଛନ୍ତି। ବାସେଳିସାହି ଥାନା ଅନ୍ତର୍ଗତ ବଳିଆପଣ୍ଡା ବନମାଳୀ ନଗରରେ ଏହି ଅଭାବନୀୟ ଘଟଣା ଘଟିଛି। ପୋଲିସ ଶାଶୁ ତିଲୋତ୍ତମା କର (୫୦)ଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା (ନଂ. ୬୫/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ପାରିପାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ପାରିବାରିକ କଳହର ପରିଣତି କେତେ ଭୟଙ୍କର ହୋଇପାରେ ଓ କ୍ରୋଧରେ କିପରି ମଣିଷ ହିତାହିତ ଜ୍ଞାନ ହରାଏ ତାହା ଏହି ଘଟଣାରୁ ସହଜେ ଅନୁମେୟ।

ସୂଚନା ଅନୁଯାୟୀ, ତିଲୋତ୍ତମାଙ୍କ ଝିଅ ଓ ଜ୍ୱାଇଁଙ୍କ ମଧ୍ୟରେ କନ୍ଦଳ ରହିଥିଲା। ଫଳରେ ଝିଅ ଆସି ତିଲୋତ୍ତମାଙ୍କ ପାଖରେ ଅର୍ଥାତ ବାପଘରେ ରହୁଥିଲେ। ବୁଧବାର ଜ୍ୱାଇଁ ଶକ୍ତିଧର ଦାଶ ଆସି ତାଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ନେବା ପାଇଁ ଜିଦ୍ ଧରିଥିଲେ। ମାତ୍ର ତିଲୋତ୍ତମା ତାଙ୍କ ଝିଅକୁ ଛାଡ଼ିବେନି ବୋଲି କହିଥିଲେ। ଏହାକୁ ନେଇ ଶାଶୁ ଓ ଜ୍ୱାଇଁଙ୍କ ମଧ୍ୟରେ ବଚସା ବଢ଼ି ବିବାଦ ଉଗ୍ର ରୂପ ନେଇଥିଲା। ଏଥିରେ ଶକ୍ତିଧର କ୍ରୋଧିତ ହୋଇ ତିଲୋତ୍ତମାଙ୍କ ପେଟରେ ଛୁରି ଭୁସିଦେଇଥିଲେ। ଫଳରେ ତିଲୋତ୍ତମା ରକ୍ତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇ ସେଠାରେ ଟଳିପଡ଼ିଥିଲେ। ଏହି ଖବର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ତୁରନ୍ତ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଶାଶୁଙ୍କୁ ହତ୍ୟା କରିବା ପରେ ଶକ୍ତିଧର କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଖବର ପାଇ ବାସେଳିସାହି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି, ପାରିବାରିକ କଳହକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୂର୍ବରୁ ଏହି ଦମ୍ପତିଙ୍କ ମଧ୍ୟରେ ବିବାଦ ରହିଥିଲା, ଯାହା ବୁଧବାର ଉଗ୍ରରୂପ ଧାରଣ କରିଥିଲା। ଜ୍ୱାଇଁ ଶକ୍ତିଧର ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଶାଶୁଙ୍କୁ ଆକ୍ରମଣ କରିଥିଲେ। ପରେ ସେ ବିଷ ପିଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ତେବେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ସୁସ୍ଥ ହେବା ପରେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଦରବୃଦ୍ଧି ପାଇଁ କେନ୍ଦ୍ର ସରକାର ଦାୟୀ

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

ପେଟ୍ରୋଲ, ଡିଜେଲ ଓ ଏଲପିଜିର ମୂଲ୍ୟ ବୃଦ୍ଧିକୁ ନେଇ ସିପିଆଇ(ଏମ୍) କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିବା ସହ ସରକାର ଏହି ବର୍ଦ୍ଧିତ ଦରଦାମକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଅଭିଯୋଗ କରିଛି। ଏନେଇ ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ କହିଛନ୍ତି, ବଜାରରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦର ହୁ ହୁ ହୋଇ ବଢୁଥିବାବେଳେ ବର୍ତ୍ତମାନ ପେଟ୍ରୋଲ, ଡିଜେଲର ଦର ବୃଦ୍ଧି ଆଗକୁ ଅଣାୟତ ସ୍ଥିତି ଉପୁଜାଇବ। ଖାଉଟିଙ୍କ ଉପରେ ବୋଝ ଉପରେ ନଳୀତା ବିଡା ସଦୃଶ ହେବ। ସେହିଭଳି ରନ୍ଧନ ଗ୍ୟାସ ଦାମ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏହା ଉପରୁ ସବ୍‌ସିଡି ଉଠାଇବା କେନ୍ଦ୍ର ସରକାରଙ୍କ ଉଜ୍ଜଳା ଭଳି ବିଭିନ୍ନ ଯୋଜନା ପାଇଁ ଅଟ୍ଟହାସ ପୂର୍ଣ୍ଣ ହୋଇଛି। ଆଗାମୀ ଦିନରେ ଜନ ଆନ୍ଦୋଳନର ରୂପ ନେବ ବୋଲି ସେ କହିଛନ୍ତି।

# ୨୦୨୫ ସୁଦ୍ଧା ରାଜ୍ୟରୁ ଯକ୍ଷ୍ମା ନିର୍ମୂଳ କରିବା ଲକ୍ଷ୍ୟ

**ଆଜି ବିଶ୍ୱ ଯକ୍ଷ୍ମା ଦିବସ**

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

ରାଜ୍ୟରେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜାରି ରହିଛି। ୨୦୨୫ ସୁଦ୍ଧା ଯକ୍ଷ୍ମା ରୋଗ ନିର୍ମୂଳ କରିବାକୁ ଲକ୍ଷ୍ୟ କରାଯାଇଛି। ଏଥିପାଇଁ ରାଜ୍ୟର ସମସ୍ତ ଜିଲାରେ ‘ଟିବି ଫୋରମ୍’ ଗଠନ କରାଯାଇଛି। ଅଧିକରୁ ଅଧିକ ଯକ୍ଷ୍ମାରୋଗୀ ନିୟମିତ ଚିହ୍ନଟ କରି ସେମାନଙ୍କୁ ସଫଳତାର ସହିତ ଚିକିତ୍ସା ପ୍ରଦାନ କରାଯାଉଛି। ଧୀରେ ଧୀରେ ଚିକିତ୍ସା ସଫଳତା ହାର ମଧ ବଢ଼ି ଚାଲିଛି। ୨୦୧୬ରେ ରାଜ୍ୟରେ ମୋଟ ୫୧,୪୩୪ଜଣ ରୋଗୀ ଚିକିତ୍ସିତ ହୋଇଥିବାବେଳେ ସଫଳତା ହାର ଥିଲା ୭୧.୪%। ୨୦୨୧ରେ ମୋଟ ୫୨,୩୪୬ ଜଣ ଯକ୍ଷ୍ମାରୋଗୀ ଚିକିତ୍ସିତ ହୋଇଥିବାବେଳେ ସଫଳତା ହାର ୮୮.୫%ରେ ପହଞ୍ଚିଛି। ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନ୍‌ଟିଇପି) ଅଧୀନରେ ଚିହ୍ନଟ ଓ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ‘ସିଧାସଳଖ ପ୍ରାପ୍ୟ ହସ୍ତାନ୍ତରଣ’ ପ୍ରକ୍ରିୟା ଅଧୀନରେ ‘ନିକ୍ଷୟ ପୋଷଣ ଯୋଜନା’ରେ ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ପୁଷ୍ଟିକର ଖାଦ୍ୟ ପାଇଁ ରୋଗୀର ଚିକିତ୍ସା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ପ୍ରତି ମାସରେ ୫୦୦ ଟଙ୍କା ସିଧାସଳଖ ରୋଗୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଉଛି।

ଯକ୍ଷ୍ମାରୋଗୀ ଚିହ୍ନଟ ପାଇଁ ସୂଚନା ପ୍ରଦାନକାରୀଙ୍କୁ ୫୦୦ ଟଙ୍କା ଦିଆଯାଉଛି। ‘ଡ୍ରଗ୍ ସେନ୍‌ସିଟିଭ୍ ଟିବି’ ରୋଗୀଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ପରେ ଚିକିତ୍ସା ସହାୟକଙ୍କୁ ୧ହଜାର ଟଙ୍କା ଏବଂ ‘ଡ୍ରଗ୍ ରେଜିଷ୍ଟାନ୍ସ ଟିବି’ ରୋଗୀଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ପରେ ୫ହଜାର ଟଙ୍କା ପ୍ରଦାନ କରାଯାଉଛି। ଜନଜାତି ଓ ଦୁର୍ଗମ ଅଞ୍ଚଳରେ ଚିକିତ୍ସାଧୀନ ପ୍ରତି ରୋଗୀଙ୍କ ଯିବା ଆସିବାରେ ସୁବିଧା ପାଇଁ ଏକକାଳୀନ ୭୫୦ ଟଙ୍କା ପ୍ରଦାନ କରାଯାଉଛି। ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରିବା ପାଇଁ ଆଶାକର୍ମୀଙ୍କୁ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି। ଅଧିକରୁ ଅଧିକ ଯକ୍ଷ୍ମାରୋଗୀ ଚିହ୍ନଟ ପାଇଁ ଭାରତ ସରକାରଙ୍କ ପେସେଣ୍ଟ ପ୍ରୋଭାଇଡର ସପୋର୍ଟ ଏଜେନ୍ସି(ପିପିଏସ୍‌ଏ) କାର୍ଯ୍ୟକ୍ରମ ଅଧୀନରେ ୬ଟି ଜିଲା ଯଥା ଖୋର୍ଦ୍ଧା (ଭୁବନେଶ୍ୱରକୁ ମିଶାଇ), କଟକ, ଗଞ୍ଜାମ, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ସମ୍ବଲପୁରରେ ଏନ୍‌ଜିଓମାନେ କାର୍ଯ୍ୟ କରୁଛନ୍ତି।

ଏଥିସହ ଟିବି ପ୍ରିଭେଣ୍ଟିଭ ଥେରାପି(ଟିପିଟି) ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଭାବେ ଚିହ୍ନିତ ଛାତି ଯକ୍ଷ୍ମାରୋଗୀଙ୍କ ନିକଟ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଉଛି ବୋଲି ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

୨୪ ତାରିଖ ଯକ୍ଷ୍ମା ଦିବସରେ ରାଜ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ୨୩ ତାରିଖ ଦିନ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପକ୍ଷରୁ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜନସ୍ୱାସ୍ଥ୍ୟ ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ଅତିରିକ୍ତ ନିର୍ଦ୍ଦେଶକ(ଟିବି) ଡା. ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ପାଢ଼ୀ, ଯୁଗ୍ମ ନିର୍ଦ୍ଦେଶକ(ଟିବି) ଅର୍ଘ୍ୟ ପ୍ରଧାନ ଓ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


**ପ୍ରବେଶିକା ୨୦୨୨**

**ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଉଡ଼ାଣ ଏକାଡେମୀ**
ଫୁର୍‌ସତଗଞ୍ଜ ଏୟାରଫିଲ୍‌ଡ, ଜିଲ୍ଲା- ଆମେଥି (ୟୁ.ପି.)-୨୨୯୩୦୨
(ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ସ୍ୱୟଂଶାସିତ ନିକାୟ)
ଆଇଏସ୍‌ଓ ୯୦୦୧-୨୦୦୮ ପ୍ରମାଣିତ
‘‘ସ୍ୱପ୍ନକୁ ଡେଣା ଯୋଗାଣ’’
ଅଭ୍ୟାସେନ ଦକ୍ଷଃ
ଭାରତର ସର୍ବଶ୍ରେଷ୍ଠ ଉଡ଼ାଣ ପ୍ରଶିକ୍ଷଣ ଅନୁଷ୍ଠାନରେ ଯୋଗ ଦିଅନ୍ତୁ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଉଡ଼ାଣ ଏକାଡେମୀ (ଆଇଜିଆର୍‌ୟୁଏ) ପ୍ରାରମ୍ଭରୁ କମର୍ସିଆଲ ପାଇଲଟ୍ ଲାଇସେନ୍ସ ପାଠ୍ୟକ୍ରମ ପର୍ଯ୍ୟନ୍ତ ଆବେଦନ ଆମନ୍ତ୍ରଣ କରୁଛି, ଯାହା **ସେପ୍ଟେମ୍ବର ୨୦୨୨ ପରଠାରୁ** ଚାରିଗୋଟି ବ୍ୟାଚ୍‌ରେ ଆରମ୍ଭ ହେବା ପାଇଁ ନିର୍ଦ୍ଧାରିତ । **ସାଧାରଣ ବର୍ଗ** ପାଇଁ ଯୋଗ୍ୟତା ମାନଦଣ୍ଡ ହେଉଛି:
(i) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୫୦% ମାର୍କ ସହ ଇଂରାଜୀରେ ଉତ୍ତୀର୍ଣ୍ଣ ହୋଇଥିବେ।
(ii) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୫୦% ମାର୍କ ସହିତ ଗଣିତ ଓ ପଦାର୍ଥ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିବେ।
**ଏସ୍‌ସି, ଏସ୍‌ଟି, ଇଡବ୍ଲ୍ୟୁଏସ୍ ଏବଂ ଓବିସି (ଅଣ କ୍ରିମି ଲେୟରର)** ପ୍ରାର୍ଥୀମାନଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡ ହେଉଛି:
(i) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୪୫% ମାର୍କ ସହ ଇଂରାଜୀରେ ଉତ୍ତୀର୍ଣ୍ଣ ହୋଇଥିବେ।
(ii) ୧୦+୨ କିମ୍ବା ସମତୁଲ୍ୟ ପାଠ୍ୟକ୍ରମରେ ସର୍ବନିମ୍ନ ୪୫% ମାର୍କ ସହିତ ଗଣିତ ଓ ପଦାର୍ଥ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିବେ।
**ପ୍ରଶିକ୍ଷଣ ଦେୟ ହେଉଛି ଟ.୪୫ ଲକ୍ଷ ଯୁକ୍ତ ବୋର୍ଡିଂ-ଲଜିଂ ଓ ଅନ୍ୟାନ୍ୟ ଖର୍ଚ୍ଚ ଅତିରିକ୍ତ।**
**ସବିଶେଷ ସୂଚନା ଓ ଆବେଦନ ଫର୍ମାଟ୍ ଇତ୍ୟାଦି ପାଇଁ ଦୟାକରି ଆଇଜିଆର୍‌ୟୁଏ ୱେବ୍‌ସାଇଟ୍ https://igrua.gov.inରେ ‘‘ପ୍ରବେଶିକା’’ ପରିଦର୍ଶନ କରନ୍ତୁ।**
**ଅନ୍‌ଲାଇନ୍ ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି**
**୧୮ ମେ ୨୦୨୨ (ଦେୟ ଅନ୍‌ଲାଇନ୍‌ରେ ପୈଠ କରାଯିବ)**
**ଅନ୍‌ଲାଇନ୍ ପରୀକ୍ଷାର ତାରିଖ ୧୨ ଜୁନ୍ ୨୦୨୨ (ରବିବାର)**

**ପ୍ରବେଶିକା ୨୦୨୨**

**ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଉଡ଼ାଣ ଏକାଡେମୀ**
ଫୁର୍‌ସତଗଞ୍ଜ ଏୟାରଫିଲ୍‌ଡ, ଜିଲ୍ଲା- ଆମେଥି (ୟୁ.ପି.)-୨୨୯୩୦୨
(ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ସ୍ୱୟଂଶାସିତ ନିକାୟ)
ଆଇଏସ୍‌ଓ ୯୦୦୧-୨୦୦୮ ପ୍ରମାଣିତ
‘‘ସ୍ୱପ୍ନକୁ ଡେଣା ଯୋଗାଣ’’
ଅଭ୍ୟାସେନ ଦକ୍ଷଃ

ଆଇଜିଆର୍‌ୟୁଏ ପାଇଲଟ୍ ଆଶାୟୀଙ୍କୁ ସିପିଏଲ୍ ପ୍ରଶିକ୍ଷଣ ସହିତ ବିଏସ୍‌ସି ଆଭିଏସନ୍ ଡିଗ୍ରୀ ପ୍ରଦାନ କରିଥାଏ ।
ପ୍ରୋଗ୍ରାମ୍: କେବଳ ଆଇଜିଆର୍‌ୟୁଏର ସିପିଏଲ୍ ପ୍ରଶିକ୍ଷାର୍ଥୀଙ୍କ ପାଇଁ ୩ ବର୍ଷିଆ ବିଏସ୍‌ସି ପ୍ରୋଗ୍ରାମ୍ ।
ମାତ୍ର ୨୦ଟି ସିଟ୍
ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ:
ପାଠ୍ୟକ୍ରମ ସଂଯୋଜକ (ବିଏସ୍‌ସି ଆଭିଏସନ୍) ଆଇଜିଆର୍‌ୟୁଏ

| | | | |
|---|---|---|---|
| ଫୋନ୍: | +୯୧ (୫୩୫) | ୨୪୪୧୧୫୦, ୨୪୪୧୫୨୮, ୨୪୪୧୫୨୯, ୨୪୪୧୧୪୪ | ଏକ୍ସଟେନ୍‌ସନ୍: ୪୩୭ |
| ଇମେଲ୍: | helpdesk-exam@igrua.gov.in | | |

davp 03104/12/0002/2122


## ସସ୍ମିତାଙ୍କୁ ଝାଡ଼ଖଣ୍ଡ ମହିଳା କଂଗ୍ରେସ ଦାୟିତ୍ୱ

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)


ସସ୍ମିତା ବେହେରା

ଅଖିଳ ଭାରତ ମହିଳା କଂଗ୍ରେସ (ଏଆଇଏମ୍‌ସି) କାର୍ଯ୍ୟକାରୀ ସଭାପତି ନୀତା ଡି’ସୈଜାଙ୍କ ନିର୍ଦ୍ଦେଶକ୍ରମେ ଏଆଇଏମ୍‌ସି ସମ୍ପାଦିକା ସସ୍ମିତା ବେହେରାଙ୍କୁ ଝାଡ଼ଖଣ୍ଡ ପ୍ରଦେଶ ମହିଳା କଂଗ୍ରେସର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏନେଇ ବୁଧବାର ଏଆଇଏମ୍‌ସି ପକ୍ଷରୁ ଏ ସଂକ୍ରାନ୍ତ ନିଯୁକ୍ତି ପତ୍ର ଜାରି କରାଯାଇଛି। ଝାଡ଼ଖଣ୍ଡର ମହିଳା ସଙ୍ଗଠନ ତଥା ଦଳକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ସସ୍ମିତାଙ୍କୁ ଆହ୍ୱାନ କରାଯାଇଛି।


**ROURKELA DEVELOPMENT AUTHORITY**
**UDIT NAGAR, ROURKELA-769012**
**No.398/RDA, dated 21.03.2022**
**PROCLAMATION**

It is hereby informed to the General public that, **Ajay Tiwari, S/o- Late Jagat Narayan Tiwari** has applied for mutation of **Plot No. L/24 under CHP-I, Site & Services Scheme Chhend** in her favour consequent upon death of her father **Late Jagat Narayan Tiwari.** If anybody has got objection to the proposed mutation, He/ She may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated period.

**Sd./- Secretary**
**Rourkela Development Authority**

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.-CHEP/TW-94 (Vol.-VII)/1017** **Date: 22.03.2022**

**TENDER CALL NOTICE NO.-CHEP-37/2021-22**

No.CAD-3256:- Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Contractors / Manpower Service Providers for the following work as mentioned below.

| Description | Cost of Tender Paper (Non-refundable) | Estimated Cost |
|---|---|---|
| Engagement of 2 nos. of qualified / semi-qualified Accounts Personnel on job contract basis at CHEP, Chiplima | Rs.4,720/- (Rs.4,000/- + GST @18%) | Rs.8,06,400/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** from **dtd.28.03.2022** up to **11:00 AM** of **dtd.07.04.2022.**

OIPR-04006/11/0024/2122 **Sd/- Unit Head, CHEP, Chiplima**

**ତହସିଲଦାରଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର**
**ଶୁଦ୍ଧି ପତ୍ର (CORRIGENDUM)**
ବିଜ୍ଞାପନ ସଂଖ୍ୟା...୨୨୫//ତା.23.3.2022 ରିଖ
No.F–343:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚଳିତ ମ୍ୟୁନିସିପାଲିଟି ନିର୍ବାଚନ ୨୦୨୨ ଜନିତ ଲାଗୁ ହୋଇଥିବା ଆଦର୍ଶ ଆଚରଣବିଧି ହେତୁ ଅତ୍ର ତହସିଲ ଅଧୀନରେ ଥିବା ୨(ଦୁଇ) ଗୋଟି ସୈରାତ ଉସର ୫ (ପାଞ୍ଚ) ବର୍ଷ ନିମନ୍ତେ ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ ସଂଖ୍ୟା ୬୭୮, ତା.୦୨.୦୩.୨୦୨୨ ରେ ଧାର୍ଯ୍ୟ କରାଯାଇଥିବା ଦରଖାସ୍ତ ଗ୍ରହଣ ତାରିଖକୁ ଘୁଞ୍ଚାଇ ଦିଆଯାଇଅଛି । ଯାହାକି ତା.୨୪.୦୩.୨୦୨୨ରିଖ ଅପରାହ୍ନ ଘ.୫.୩୦ମି ପରିବର୍ତ୍ତେ ତା.୦୫.୦୪.୨୦୨୨ରିଖ ଅପରାହ୍ନ ଘ.୫.୩୦ମି. ରଖାଯାଇଅଛି । ସେହିପରି ଟେଣ୍ଡର ବାକ୍ସ ଖୋଲିବା ଦିବସ ତା.୦୬.୦୪.୨୦୨୨ ରିଖ ପୂର୍ବାହ୍ନ ଘ.୧୧.୦୦ଟିକା ରଖାଯାଇଅଛି ।
ଏଥିସହିତ ପୂର୍ବ ବିଜ୍ଞାପନ ସଂଖ୍ୟା ୬୭୮, ତା.୦୨.୦୩.୨୦୨୨ରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀ ଓ ନିୟମାବଳୀ କାୟମ ରହିବ ।
ସ୍ୱା./– ତହସିଲଦାର, ରାଇରଙ୍ଗପୁର
OIPR–24100/11/0007/2122


## ବିଧାନସଭା ବଜେଟ ଅଧିବେଶନ ପୂର୍ବରୁ କୋଭିଡ୍ ଟେଷ୍ଟ ଆରମ୍ଭ



**ଭୁବନେଶ୍ୱର, ୨୩।୩ (ବ୍ୟୁରୋ):** କରୋନା କଟକଣାରେ ଆସନ୍ତା ୨୫ ତାରିଖରୁ ବିଧାନସଭା ବଜେଟ ଅଧିବେଶନ ବସିବ। ଏହା ପୂର୍ବରୁ ବୁଧବାରଠାରୁ ବିଧାନସଭାରେ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିଜର କୋଭିଡ୍ ଟେଷ୍ଟ କରାଇଛନ୍ତି। ୨୫ରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଅଧିବେଶନ ଆରମ୍ଭ ହେବ। ୩୦ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ ଉପସ୍ଥାପନା କରିବେ। ଗୁରୁବାର ରାଜ୍ୟରେ ପୌର ଭୋଟ ଥିବା ଯୋଗୁ ବିଧାୟକମାନେ ନିଜ ନିଜର କ୍ଷେତ୍ରରେ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ତେଣୁ ସେମାନେ ଚାହିଁଲେ ଜିଲାସ୍ତରରେ ଟେଷ୍ଟ କରି ରିପୋର୍ଟ ଦେଇପାରିବେ। ଏଥିଲାଗି ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା ବାଚସ୍ପତି ସୂଚନା ଦେଇଛନ୍ତି। ଏନେଇ ବାଚସ୍ପତି କହିଛନ୍ତି, ବିଧାନସଭା ଅଧିବେଶନ ୨୫ରୁ ଆରମ୍ଭ ହେବ। ଏହା ପୂର୍ବରୁ ବୁଧବାରଠାରୁ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି। ସବୁ ବିଧାୟକ, ବିଧାୟିକା, ମନ୍ତ୍ରୀ, ବିଧାନସଭା କର୍ମଚାରୀ, ଅଫିସର, ଗଣମାଧ୍ୟମ ପ୍ରତିନିଧି ସମସ୍ତଙ୍କ ଆର୍‌ଟି-ପିସିଆର, ଆଣ୍ଟିଜେନ ଟେଷ୍ଟ କରାଯିବ।


**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

**No.RDM-LAA-BLS-0013-2021/6740/R&DM,** **dated 02 MAR 2022**

No.III–11:– ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– କେଶରୀପୁର (ଅତିରିକ୍ତ), ଥାନା– ସୋରୋ ସଂ.– ୦୩, ତହସିଲ– ସୋରୋ, ଜିଲ୍ଲା– ବାଲେଶ୍ୱରରେ ନିମ୍ନ ତଫସିଲମତେ ପ୍ରାୟ ଏ.୦.୧୬ ଅତିରିକ୍ତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**
୧– ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ।
୨– ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ ।
୩– କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪– ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫– ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପ ଜିଲ୍ଲାପାଳ, ବାଲେଶ୍ୱର ।
୬– ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ସୋରୋ | କେଶରୀପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୦.୨୦ | ଏ. ୦.୧୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ସ୍ୱତନ୍ତ୍ର ନକ୍ସା ଭୂ–ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱର କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣଦେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ଅଭୟ କୁମାର ନାୟକ), ସ୍ୱତନ୍ତ୍ର ଶାସନ ସଚିବ**

**LAND SCHEDULE**
**Addl. Land Acquisition for Construction of Anandapur Barrage Project (Salandi Left Main Canal) of Vill – Kesharipur (Addl), Tahasil – Soro, P.S. – Soro No.3, Dist – Balasore. L.A. Case No. 148/20**

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି ଓ ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯୬ | କ୍ଷେତ୍ରମଣି ମଳିକ, ମୁଳି ମଳିକ, ପି:– ମକ ମଳିକ, ଜା:– ଗୋଖା, ବା:– ନିଜଗାଁ ଟୋଲା କୁଶଗାଡିଆ | ୪୩୮ | ଶାରଦ–୨ | ୦.୨୦ | ୦.୧୬ |
| | | | | ମୋଟ | ୦.୨୦ | ୦.୧୬ |

OIPR-24001/14/0320/2122

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**No.RDM-LAB-KPT-0002-2021-2199/R&DM** **Dated 27 Jan. 2022**

No. X-38: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କୋରାପୁଟଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, **ମୌଜା: କାଠରଗଡା, ଥାନା: ବି.ସିଙ୍ଗିପୁର, ନଂ. ୧୦, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟ**ରେ ନିମ୍ନ ସୂଚିତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କୋରାପୁଟ ଜିଲ୍ଲାର ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ଅତିରିକ୍ତ ସି.ଡି.କାଠରଗଡା ଶାଖା କେନାଲ ଖନନ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି କେନାଲ ସେଚଖଣ୍ଡ ନଂ–୦୨, ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ ଆମ୍ବଗୁଡା ଦ୍ୱାରା ଜମି/ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୧୦୮, ତା।୧୯।୦୧।୨୦୨୧ରିଖରେ ପ୍ରକାଶିତ ହୋଇଅଛି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା: କାଠରଗଡା, ଥାନା: ବି.ସିଙ୍ଗିପୁର, ନଂ.୧୦, ଜିଲ୍ଲା: କୋରାପୁଟ**ରେ ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ କରାଯାଇନାହିଁ।
ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.koraput.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂ–ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ କୋରାପୁଟଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କୋରାପୁଟ, ତହସିଲ: ବୋରିଗୁମ୍ମା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କାଠରଗଡା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୬.୦୩ | ଏକର ୦.୨୬ | ଏଥିସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କୋରାପୁଟ, ତହସିଲ: ବୋରିଗୁମ୍ମା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୦୩।୦୬।୨୦୨୧

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଅତିରିକ୍ତ ଶାସନ ସଚିବ**

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କୋରାପୁଟ, ତହସିଲ: ବୋରିଗୁମ୍ମା**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଖାତା ନଂ. | ପ୍ଲଟ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | କାଠରଗଡା | ୭୦/୨୧ | ୧୦୦ | ଧାନ ଏକ | ୪.୦୫ | ୦.୨୨ | ଶଶିଭୂଷଣ ନାୟକ, ପି–ହରିହର ନାୟକ |
| କୋରାପୁଟ | ବୋରିଗୁମ୍ମା | କାଠରଗଡା | ୬୫ | ୧୦୧ | ଧାନ ତିନି | ୦.୬୭ | ୦.୦୨ | ନରସିଂହ ମହାକୁଡ, ପି–ଅର୍ପିତ ମହାକୁଡ |
| କୋରାପୁଟ | ବୋରିଗୁମ୍ମା | କାଠରଗଡା | ୩୭ | ୧୦୨ | ଧାନ ଏକ | ୧.୩୧ | ୦.୦୨ | ପୁରସ୍ତମ ନାୟକ, ପି–ନରସିଂହ ନାୟକ |
| | | | | | | | ୦.୨୬ | |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କୋରାପୁଟ, ତହସିଲ: ବୋରିଗୁମ୍ମା**

| ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| | | | | | | | |
| ପ୍ରଯୁଜ୍ୟ ନୁହେଁ | | | | | | | |

ସ୍ୱା./–
ସ୍ୱତନ୍ତ୍ର ଭୂ–ଅର୍ଜନ, ପୁନଃବସତି, ପୁନଃଥଇଥାନଅଧିକାରୀ
ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ, କୋରାପୁଟ

ସ୍ୱା./–
ଜିଲ୍ଲାପାଳ, କୋରାପୁଟ
OIPR-24001/14/0315/2122

## ୪୦୦ ବିଲିୟନ ଡଲାର ରପ୍ତାନି କଲା ଭାରତ

**ନୂଆଦିଲ୍ଲୀ:** ଭାରତ ପ୍ରଥମ ଥର ପାଇଁ ୪୦୦ ବିଲିୟନ ଡଲାର ମାଲ୍ ରପ୍ତାନି ଲକ୍ଷ୍ୟ ହାସଲ କରିଥିବା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ ସେ ଦେଶର କୃଷକ, ବୁଣାକାର, ଏମ୍ଏସ୍ଏମ୍ଇ, ନିର୍ମାଣକାରୀ ଏବଂ ରପ୍ତାନିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଏହି ସଫଳତା ଆତ୍ମନିର୍ଭର ଭାରତ ଯାତ୍ରା ପଥରେ ଏକ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବ ବୋଲି ମୋଦି ନିଜ ଟୁଇଟ୍‌ରେ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୪୦୦ ବିଲିୟନ୍ ଡଲାର ମାଲ୍ ରପ୍ତାନିର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ରୁଡ୍‌ସେଟ୍‌ର ତାଲିମ ଶିବିର

**ଭୁବନେଶ୍ୱର, ୨୩।୩ :** ଭାରତ ସରକାରଙ୍କ ଉନ୍ନତି ଯୋଜନା ଆନୁକୂଲ୍ୟରେ ବିଭିନ୍ନ ପ୍ରକାର ତାଲିମ ଶିବିରର ଆୟୋଜନ କରାଯାଇ ସବୁବର୍ଗର ମହିଳାଙ୍କୁ ସଶକ୍ତ କରାଇବା ସରକାରଙ୍କ ଏକମାତ୍ର ଲକ୍ଷ୍ୟ ରହିଛି। ନିକଟରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର ଡୁମୁରାପୁଟ ଗ୍ରାମପଞ୍ଚାୟତଠାରେ ୩୪ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ଏକ ସାପ୍ତାହିକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିର ଜରିଆରେ ମହିଳାମାନଙ୍କୁ ମହମବତି,ଫିନାଇଲ, ହ୍ୟାଣ୍ଡ୍ ୱାସ୍, ଡିସ୍ ୱାସ୍ ଓ ଅଳତା ଆଦି ସାମଗ୍ରୀର ତାଲିମ ଦିଆଯାଇଥିଲା। ଅପରପକ୍ଷରେ ରୁଡ୍‌ସେଟ୍ ପ୍ରତିଷ୍ଠାନର ନିର୍ଦ୍ଦେଶକ ଅରକ୍ଷିତ ଦାସଙ୍କ ପୌରୋହିତ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ଉକ୍ତ ଶିବିରର ଉଦ୍‌ଯାପନୀ ଉତ୍ସବ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବାଣପୁର ବିଡିଓ ପ୍ରଦ୍ୟୁମ୍ନ ନାୟକ ମଧ୍ୟ ଉପସ୍ଥିତ ରହି ତାଲିମାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ଆବଶ୍ୟକ ପ୍ରମାଣପତ୍ର ବଣ୍ଟନ କରିଥିଲେ।

### ସେନ୍‌ସେକ୍ସ ୩୦୦ ପଏଣ୍ଟ ହ୍ରାସ

**ମୁମ୍ବାଇ,୨୩।୩:** ଚଳିତ ସପ୍ତାହର ୩ୟ କାରବାର ଦିନ ଅର୍ଥାତ୍ ବୁଧବାର ଶେୟାର ବଜାରର ଫଳାଫଳ ଲାଲ୍ ସଙ୍କେତରେ ବନ୍ଦ ହୋଇଛି। ଉତ୍ତମ ସ୍ଥିତିରେ କାରବାର ଆରମ୍ଭ ହୋଇଥିବା ବେଳେ ପରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ବୁଧବାର ସେନ୍‌ସେକ୍ସରେ ୦.୫୩% ଅର୍ଥାତ୍ ୩୦୪.୪୮ ପଏଣ୍ଟ ହ୍ରାସ ଘଟି ୫୭,୬୮୪.୮୨ ରେ ବନ୍ଦ ହୋଇଥିବା ବେଳେ ନିଫ୍ଟିରେ ୬୯.୮୦ଅଙ୍କ ଅର୍ଥାତ୍ ୦.୪୦% ହ୍ରାସ ସହିତ ୧୭,୨୪୫.୭୦ରେ ବନ୍ଦ ହୋଇଛି। ବୁଧବାର ଟ୍ରେଡିଂ ସମୟ ମଧ୍ୟରେ ୧୪୨୪ଟି ଶେୟାରରେ ବୃଦ୍ଧି ଘଟିଥିଲା। ଦିନର ଟପ୍ ଲୁଜର୍ସଙ୍କ ମଧ୍ୟରେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ବ୍ରିଟାନିଆ ଇଣ୍ଡଷ୍ଟ୍ରି, ଭାରତୀ ଏୟାରଟେଲ୍ ଏବଂ ସିପ୍ଲା ରହିଥିବା ବେଳେ ଗେନର୍ସଙ୍କ ମଧ୍ୟରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍, ଡିଭିସ୍ ଲାବ୍ସ, ମିଷ୍ଟର ରେଡ୍ଡିସ୍ ଲାବରେଟୋରିଜ୍, ଟାଟା ଷ୍ଟିଲ୍ ଏବଂ ୟୁପିଏଲ୍ ରହିଛନ୍ତି।

# ମଧ୍ୟମ ରହିବ ଘରୋଇ ବ୍ରୋକିଂ ଇଣ୍ଡଷ୍ଟ୍ରିର ରାଜସ୍ୱ ବୃଦ୍ଧି

**ନୂଆଦିଲ୍ଲୀ,୨୩।୩**

ଦେଶର ଘରୋଇ ବ୍ରୋକିଂ ଶିଳ୍ପ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ଅଭିବୃଦ୍ଧି ୫% ଅର୍ଥାତ୍ ମଧ୍ୟମ ଶ୍ରେଣୀର ରହିବ ବୋଲି ଅନୁମାନ କରାଯାଉଥିବା ଇନ୍‌ଭେଷ୍ଟମେଣ୍ଟ ଇନ୍‌ଫର୍ମେସନ୍ ଆଣ୍ଡ କ୍ରେଡିଟ୍ ରେଟିଂ ଏଜେନ୍ସି ଅଫ୍ ଇଣ୍ଡିଆ ଲିମିଟେଡ୍ (ଆଇସିଆର୍‌ଏ) ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବ୍ରୋକିଂ ଶିଳ୍ପରେ ୨୮,୦୦୦କୋଟିର ରେଭେନ୍ୟୁ ରେକର୍ଡ କରାଯିବ ବୋଲି ଆଶା କରାଯାଉଛି। ଏହି ଚଳିତ ବର୍ଷର ରେଭେନ୍ୟୁ ହାର ଗତ ଆର୍ଥିକ ବର୍ଷ, ୨୦୨୦-୨୧ ଆର୍ଥିକ ବର୍ଷ ତୁଳନାରେ ୩୦% ଅଧିକ ରହିବ। ତେବେ ଆସନ୍ତା

**୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୨୮,୦୦୦କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ଲକ୍ଷ୍ୟ**

ଆର୍ଥିକ ବର୍ଷ ପାଇଁ ଆନୁମାନିକ ରାଜସ୍ୱ ଅଭିବୃଦ୍ଧି ଏକ ଅଙ୍କକୁ ଅର୍ଥାତ୍ ୫%କୁ ଖସିଆସିବ। ବିଭିନ୍ନ ଘରୋଇ ତଥା ଅନ୍ତର୍ଜାତୀୟ ସୂତ୍ର ଯୋଗୁ ବଜାର ଅସ୍ଥିର ରହିବ ବୋଲି ଆଶା କରାଯାଉଛି। କାରବାର ପରିମାଣ କିଛିମାସ ପର୍ଯ୍ୟନ୍ତ ଅଭିବୃଦ୍ଧି ଘଟିବ ବୋଲି ଏଜେନ୍ସି ପକ୍ଷରୁ ରିପୋର୍ଟ କରାଯାଇଥିଲେ ମଧ୍ୟ ମୁଖ୍ୟ ରୂପରେ ଡେରିଭେଟିଭ୍ ସେଗ୍‌ମେଣ୍ଟ ଦ୍ୱାରା ପରିଚାଳିତ ଦୀର୍ଘସ୍ଥାୟୀ ପୁଞ୍ଜିବଜାରଗୁଡ଼ିକ ଅର୍ଥ ସେଗ୍‌ମେଣ୍ଟ କାରବାର ଏବଂ ଅନ୍ୟାନ୍ୟ ସହଯୋଗୀ ପୁଞ୍ଜିବଜାର ଉପରେ ପ୍ରଭାବ ପକାଇପାରେ। ତେଣୁ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ବ୍ରୋକିଂ ଶିଳ୍ପକୁ ଅନେକ ମାତ୍ରାରେ ପ୍ରଭାବ ପକାଇପାରେ ବୋଲି ଆର୍ଥିକ କ୍ଷେତ୍ର ମୂଲ୍ୟାୟନ, ଆଇସିଆର୍‌ଏ ରେଟିଂର ଉପସଭାପତି ସମୃଦ୍ଧି ଚୌଧୁରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ହାରାହାରି ଦୈନିକ କାରବାର, ପୂର୍ବ ଆର୍ଥିକ ବର୍ଷରେ ଏହି କାରବାର ୨୮ ଟ୍ରିଲିୟନ୍ ଅପେକ୍ଷା ୨.୩ଗୁଣ ବୃଦ୍ଧି ପାଇ ୬୩ ଟ୍ରିଲିୟନରେ ପହଞ୍ଚିଛି।

# ହିଟାଚିର ଆଞ୍ଚଳିକ ଶାଖା ଉଦ୍‌ଘାଟିତ




**ଭୁବନେଶ୍ୱର,୨୩।୩**

ଦେଶର ପ୍ରମୁଖ ବାଣିଜ୍ୟକ ସଂସ୍ଥା ଟାଟା ହିଟାଚିର ଆଞ୍ଚଳିକ ଶାଖା କଳାହାଣ୍ଡିର ଜୟପୁର ସ୍ଥିତ ନେହେରୁ ନଗର ଅଗ୍ରସେନ ଭବନ ନିକଟରେ ଏହାର ନୂତନ ଆଞ୍ଚଳିକ ଶାଖା ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଟାଟା ହିଟାଚିର ଶାଖା ପରିଚାଳକ କ୍ରିଶ୍ ବ୍ରାଉନ, କମ୍ପାନୀର ଅଧିକୃତ ଡିଲର ଶ୍ରୀ ତ୍ରିଶୂଳ ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳକ କବୀର ତନେଜା ଏବଂ ଉକ୍ତ ଅଞ୍ଚଳର ମେଶିନ ମାଲିକମାନଙ୍କ ଉପସ୍ଥିତିରେ ଏହି ଶାଖା ଉଦ୍‌ଘାଟିତ ହୋଇଥିଲା। ଏହା ଜରିଆରେ କମ୍ପାନୀର ବିଭିନ୍ନ ଉତ୍ପାଦ ସେଲ୍ସ, ସର୍ଭିସ୍ ଏବଂ ସ୍ପେୟାର ପାର୍ଟ୍ସ ଉପଲବ୍ଧ ରହିବ। ପ୍ରଥମଥର ପାଇଁ ଏଭଳି ଏକ ବୃହତ୍ ଶାଖାର ଶୁଭାରମ୍ଭ ହୋଇଥିବା ଯୋଗୁ ସ୍ଥାନୀୟ ଅଞ୍ଚଳର ମେଶିନ ଅଧିକୃତ ଏବଂ ଆଗ୍ରହୀ ମାଲିକଙ୍କ ମନରେ ଆନନ୍ଦ ଏବଂ ଉତ୍ସାହ ପ୍ରକାଶ ପାଇଛି ବୋଲି ଶାଖା ପକ୍ଷରୁ କୁହାଯାଇଛି।

# ହୋଣ୍ଡା ୨ହ୍ୱିଲର୍ସ ପକ୍ଷରୁ ୩୦ଲକ୍ଷ ୟୁନିଟ୍ ଗାଡ଼ି ରପ୍ତାନି

**ନୂଆଦିଲ୍ଲୀ,୨୩।୩**

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ନିକଟରେ ଘୋଷଣା କରାଯାଇଛି ଯେ ଏହାର ୨୧ ବର୍ଷର କାରବାର ମଧ୍ୟରେ ପ୍ରାୟ ୩୦ ଲକ୍ଷ ୟୁନିଟ୍ ଗାଡ଼ି ବିକ୍ରି କରିବାର ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। କମ୍ପାନୀର କ୍ରମ ବର୍ଦ୍ଧିଷ୍ଣୁ ରପ୍ତାନି ୩୦ଲକ୍ଷ ୟୁନିଟ୍‌ରୁ ଅଧିକ ରହିଛି ବୋଲି ସୂଚନା ମିଳିଛି। ସେହିପରି ହୋଣ୍ଡା ୨୯ଟି ଦେଶକୁ ୧୮ଟି ୨ଚକିଆ ମଡେଲ ରପ୍ତାନି କରୁଛି। ସୂଚନାଯୋଗ୍ୟ, ୨୦୦୧ରେ ହୋଣ୍ଡା ୨ହ୍ୱିଲର୍ସ ଇଣ୍ଡିଆ ଆକ୍ଟିଭାରୁ ଏହାର ରପ୍ତାନି ଆରମ୍ଭ କରିଥିଲା। ୨୦୧୬ରେ ହୋଣ୍ଡାର କ୍ରମବର୍ଦ୍ଧିଷ୍ଣୁ ରପ୍ତାନି ଐତିହାସିକ ୧୫ଲକ୍ଷ ମାଇଲଖୁଣ୍ଟ ଅତିକ୍ରମ କରିଥିଲା ଏବଂ ଏହାର ପରବର୍ତ୍ତୀ ମାତ୍ର ୫ ବର୍ଷ ଭିତରେ କମ୍ପାନୀ ୩ଗୁଣା ଅଧିକ ବେଗରେ ଆଉ ୧୫ଲକ୍ଷ ଗାଡ଼ି ରପ୍ତାନି କରିଛି। ଅପରପକ୍ଷରେ ୨୦୨୧ରେ କମ୍ପାନୀ ଏକ ନୂଆ ବିଦେଶ ବ୍ୟବସାୟ ସମ୍ପ୍ରସାରଣ ଶାଖା ମଧ୍ୟ ଆରମ୍ଭ କରିଥିଲା ଏବଂ ଏହାର ବିଶ୍ୱସ୍ତରୀୟ ରପ୍ତାନିକୁ ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ ଓ ୟୁରୋପ ଭଳି ବିକଶିତ ବଜାରକୁ ସମ୍ପ୍ରସାରିତ କରିଥିଲା। ସେହିପରି ଗୁଜରାଟର ବିଠଲପୁରଠାରେ ଥିବା କମ୍ପାନୀର ୪ର୍ଥ କାରଖାନାରୁ ମଧ୍ୟ ବିଶ୍ୱସ୍ତରୀୟ ଇଞ୍ଜିନ୍ ଉତ୍ପାଦନ ଆରମ୍ଭ କରିଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ବିଶ୍ୱ ରପ୍ତାନି ବଜାରରେ ହୋଣ୍ଡାର ଉପସ୍ଥିତିର ସମ୍ପ୍ରସାରଣ ଲାଗି ଏଚ୍‌ଏମ୍‌ଏସ୍‌ଆଇର ଉଦ୍ୟମ ପ୍ରତି ଉଜ୍ଜ୍ୱଳ ମାନ୍ୟତା ହେଉଛି ଏହି ମାଇଲଖୁଣ୍ଟ। ଆମେ ବିକଶିତ ବଜାରରେ ଆହୁରି ଅଧିକ ପ୍ରବେଶ କରିଥିବା ବେଳେ

**୨୦୧୬ରେ ହୋଣ୍ଡାର ୧୫ଲକ୍ଷ ମାଇଲଖୁଣ୍ଟ ଅତିକ୍ରମ**

ରପ୍ତାନି ସମ୍ପ୍ରସାରଣ ଉପରେ ଆମେ ଯେଉଁ ପୁନଃ ଗୁରୁତ୍ୱ ପ୍ରଦାନ କରିଛୁ ଯାହା ଏଚ୍‌ଏମ୍‌ଏସ୍‌ଆଇକୁ ଦୁନିଆର ମାନୁଫାକ୍ଚରିଂ ହବ୍ ହେବାର ଆଉ କିଛି ପାହାଚ ନିକଟତର କରିଛି। ସେହିଭଳି ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ବିକ୍ରି ଓ ମାର୍କେଟିଂ ୟଦବିନ୍ଦର୍ ସିଂହ ଗୁଲେରିଆ କହିଛନ୍ତି, ବିଗତ ୨ଦଶନ୍ଧିରେ ରପ୍ତାନି ଜରିଆରେ ହୋଣ୍ଡା ୩୦ଲକ୍ଷରୁ ଅଧିକ ୨ଚକିଆ ଗ୍ରାହକଙ୍କୁ ଉଲ୍ଲସିତ କରିଛି। ଡିଓ ସ୍କୁଟର ନେତୃତ୍ୱ ସହ ଆମେ ଆମର ରପ୍ତାନି ପୋର୍ଟଫୋଲିଓକୁ ଉଭୟ ସ୍କୁଟର୍ ଓ ବାଇକ୍‌ରେ ସମ୍ପ୍ରସାରିତ କରିଛୁ। ଉଚ୍ଚମାନ ଓ ଦକ୍ଷତା ସ୍ଥାପନ କରିବା ଓ ବିଶ୍ୱ ମାନକ ସହ ତୁଳନୀୟ ହେବା ପାଇଁ ଏଚ୍‌ଏମ୍‌ଏସ୍‌ଆଇ ୨୦୨୧ରେ ଏକ ଉତ୍ସର୍ଗୀକୃତ ବିଦେଶ ବ୍ୟବସାୟ ଶାଖା ସୃଷ୍ଟି କରିଛି।

# ଅଂଶଧନ ବିକ୍ରି କରିବନି ଏମ୍‌ଡିଏଚ୍

**ନୂଆଦିଲ୍ଲୀ,୨୩।୩**

ଫାଷ୍ଟ ମୁଭିଂ କଞ୍ଜୁମର ଗୁଡ୍ସ(ଏଫ୍‌ଏମ୍‌ସିଜି) ସେକ୍ଟରର ପ୍ରମୁଖ କମ୍ପାନୀ ହିନ୍ଦୁସ୍ଥାନ ୟୁନିଲିଭର (ଏଚ୍‌ୟୁଏଲ୍)କୁ ନିଜର ଅଂଶଧନ ବିକ୍ରି କରିବା ଖବରକୁ ଭିତ୍ତିହୀନ ବୋଲି ଦେଶର ଅଗ୍ରଣୀ ମସଲା କମ୍ପାନୀ ଏମ୍‌ଡିଏଚ୍ ପକ୍ଷରୁ କୁହାଯାଇଛି। ଏମ୍‌ଡିଏଚ୍‌ର ପ୍ରମୋଟର୍ସମାନେ କମ୍ପାନୀର ଅଧିକାଂଶ ଅଂଶଧନ କ୍ରୟ କରିବା ସମ୍ପର୍କରେ ଏଚ୍‌ୟୁଏଲ୍ ସହିତ ଆଲୋଚନା କରୁଥିବା ନେଇ ଖବର ପ୍ରକାଶ ପାଇଥିଲା। ତେବେ ଏମ୍‌ଡିଏଚ୍ ପକ୍ଷରୁ ଟୁଇଟର ଯୋଗେ ଏହି ଖବରରେ କୌଣସି ସତ୍ୟତା ନ ଥିବା କୁହାଯାଇଛି। ତେବେ ପୂର୍ବରୁ ଶୁଣାଯାଉଥିବା ଖବର ଅନୁସାରେ ଏହି ବ୍ୟବସାୟ ବିକ୍ରି ଡିଲ୍ ୧୦-୧୫ ହଜାର କୋଟିର ହେବାର ଥିଲା। ଏ ସମ୍ପର୍କରେ ଏମ୍‌ଡିଏଚ୍‌ର ଚେୟାରମ୍ୟାନ୍ ରାଜୀବ ଗୁଲାଟୀ କହିଛନ୍ତି, ଚୁନିଲାଲ ଏବଂ ଧରମଲାଲ୍ ଏହି କମ୍ପାନୀକୁ ଅବସ୍ଥାପିତ କରିବାରେ ନିଜ ଜୀବନର ଅଧିକାଂଶ ସମୟ ଦେଇଛନ୍ତି। ତେଣୁ ତାଙ୍କର ଏହି ବ୍ୟବସାୟକୁ ଆଗକୁ ବଢ଼ାଇବା ଆମର କର୍ତ୍ତବ୍ୟ ବୋଲି ଗୁଲାଟୀ କହିଛନ୍ତି।

# ପିଏମ୍‌ଓଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଏଆଇ

**ନୂଆଦିଲ୍ଲୀ,୨୩।୩**

ଦେଶର ଶିଳ୍ପଗୁଡ଼ିକର ସୁରକ୍ଷା ଓ ଏହାର ସମାଧାନ ଲାଗି ଭାରତୀୟ ଆଲୁମିନିୟମ ସଂଘ (ଏଏଆଇ) ପକ୍ଷରୁ ନିକଟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସମେତ କେନ୍ଦ୍ର କୋଇଲା ମନ୍ତ୍ରୀ ଏବଂ କ୍ୟାବିନେଟ୍ ସଚିବଙ୍କୁ ମଧ୍ୟ ଚିଠି ଲେଖି ସେମାନଙ୍କ ଜରୁରୀ ହସ୍ତକ୍ଷେପ ଲୋଡ଼ାଯାଇଛି। କୌଣସି ଅଗ୍ରିମ ନୋଟିସ ନ ଦେଇ ଅଣବିଦ୍ୟୁତ୍ କ୍ଷେତ୍ରକୁ କୋଇଲା ପାଇଁ ସଡ଼କ ଓ ରେକ୍ ଯୋଗାଣକୁ ଆହୁରି ହ୍ରାସ କରିବା ଲାଗି କୋଲ୍ ଇଣ୍ଡିଆ ନିକଟରେ ଗ୍ରହଣ କରିଥିବା ଏକ ନିଷ୍ପତ୍ତି ଯୋଗୁ ସଂଘ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଗତ ୭ ମାସ ଧରି ଦେଶରେ ଲାଗି ରହିଥିବା କୋଇଲା ସଙ୍କଟରେ କିଛିଟା ସୁଧାରର ସଙ୍କେତ ମିଳିଥିବା ବେଳେ ଅତିକମ୍‌ରେ ଶକ୍ତିକ୍ଷେତ୍ର ଯାହାର କୋଇଲା ଷ୍ଟକ୍ ୨୦୨୧ର ଅଗଷ୍ଟ-ସେପ୍ଟେମ୍ବରରେ ୩-୪ ଦିନ ଭଳି ନିମ୍ନସ୍ତରକୁ ହ୍ରାସ ପାଇଥିଲା ତାହା ୯-୧୦ ଦିନର ଷ୍ଟକ୍ ପର୍ଯ୍ୟନ୍ତ ଉଲ୍ଲେଖନୀୟ ଭାବେ ଉନ୍ନତ ହୋଇପାରିଛି। ଅଣବିଦ୍ୟୁତ୍ କ୍ଷେତ୍ର ଲାଗି କୋଇଲା ଯୋଗାଣ ଏବେ ୩.୬ ଏଲ୍‌ଟିପିଡି (ଦୈନିକ ଲକ୍ଷ ଟନ୍)ରୁ ୨.୭୫ ଏଲ୍‌ଟିପିଡିକୁ ହ୍ରାସ ପାଇଛି ଯାହା ଚାହିଦା-ଯୋଗାଣ ଅନ୍ତରକୁ ଆହୁରି ଖରାପ କରିଛି ଏବଂ ଶିଳ୍ପରେ ବଡ଼ ଧରଣର ଅଭାବ ସୃଷ୍ଟି କରିଛି। ଏହି ଚିନ୍ତାଜନକ ଘଟଣା ଏଭଳି ସମୟରେ ଘଟିଛି ଯେତେବେଳେ ଅଣ-ବିଦ୍ୟୁତ୍ କ୍ଷେତ୍ର ଲାଗି କୋଇଲା ଯୋଗାଣ ୨୦୨୨ ଆର୍ଥିକ ବର୍ଷର ସେପ୍ଟେମ୍ବର-ଫେବୃୟାରୀ ମଧ୍ୟରେ ୧୨% (୬୧ ଏମ୍‌ଏମ୍‌ଟିରୁ ୫୮ ଏମ୍‌ଏମ୍‌ଟି)କୁ ହ୍ରାସ ପାଇଥିବାବେଳେ ବିଦ୍ୟୁତ୍ କ୍ଷେତ୍ରକୁ ଯୋଗାଣରେ ୧୧% (୨୪୮ ଏମ୍‌ଏମ୍‌ଟିରୁ ୩୦୫ ଏମ୍‌ଏମ୍‌ଟି) କୁ ବୃଦ୍ଧି ପାଇଛି। ଫଳରେ ଅଣ ବିଦ୍ୟୁତ୍ କ୍ଷେତ୍ର ଲାଗି ୪୮୦୦ ରେକ୍‌ର ଯୋଗାଣକୁ ନେଇ ଏକ ବିଶାଳ ବକେୟା ସୃଷ୍ଟିକରିଛି। ଏହି ସ୍ଥିତି ଦ୍ୱାରା ସବୁଠୁ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି ବିଦ୍ୟୁତ୍ ଉପରେ ଅତ୍ୟଧିକ ନିର୍ଭରଶୀଳ ଆଲୁମିନିୟମ୍ କ୍ଷେତ୍ରର କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟ (ସିପିପି)। ଯଦିଓ ଏହି ଶିଳ୍ପ ଲାଗି ପ୍ରସ୍ତାବିତ କୋଇଲା ଷ୍ଟକର ସ୍ତର ହେଉଛି ଅତିକମ୍‌ରେ ୧୫ ଦିନ, କିନ୍ତୁ ଏବେ ତାହା ୪ ଦିନ ଭଳି ବିପଦପୂର୍ଣ୍ଣ ନିମ୍ନ ଷ୍ଟକ୍ ସ୍ତରକୁ ହ୍ରାସ ପାଇଛି।

## ଫୁର୍‌ସତ୍

# ମୃତଦେହକୁ ୩ କି.ମି. କାନ୍ଧରେ ବୋହିଲେ ମହିଳା ଏସ୍‌ଆଇ

**ହାଇଦ୍ରାବାଦ:** ଅନେକ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ସାଙ୍ଗକୁ ଲୋକଙ୍କ ହୃଦୟ ଜିଣିଛନ୍ତି ଆନ୍ଧ୍ର ପ୍ରଦେଶ ମହିଳା ସବ୍ ଇନ୍‌ସପେକ୍ଟର କ୍ରିଷ୍ଣା ପାବନୀ। ଆନ୍ଧ୍ରପ୍ରଦେଶ ପ୍ରକାଶମ ଜିଲା ଅନ୍ତର୍ଗତ ହାଜିପେଟ ବନ୍ୟାଞ୍ଚଳରେ ଥିବା ହନମନ୍ତୁନିପେଟ ମଣ୍ଡଳରେ ଜଣେ ବୃଦ୍ଧାଙ୍କ ମୃତଦେହକୁ ୩ କିଲୋମିଟର କାନ୍ଧରେ ବୋହି ଚର୍ଚ୍ଚାକୁ ଆସିଛନ୍ତି ଏସ୍‌ଆଇ ପାବନୀ। ଗ୍ରାମକୁ ଗମନାଗମନର ସୁବିଧା ନ ଥିବାରୁ ଜଙ୍ଗଲ ରାସ୍ତା ଦେଇ କନଷ୍ଟେବଲଙ୍କ ସହାୟତାରେ ପାବନୀ ମୃତଦେହକୁ ଡାକ୍ତରଖାନା ନେଇଥିଲେ। ମୃତଦେହ ବୋହି ନେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବାବେଳେ ୟୁଜରମାନେ ପାବନୀଙ୍କ ପ୍ରଶଂସା କରିବାରେ ଲାଗିଛନ୍ତି। ଜଣେ ୬୫ ବର୍ଷୀୟା ବୃଦ୍ଧାଙ୍କ ମୃତ୍ୟୁ ଖବର ପାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ବୃଦ୍ଧାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ମୃତଦେହ ବ୍ୟବଚ୍ଛେଦ କରିବା ଜରୁରୀ ଥିଲା। ମୃତଦେହକୁ କାର୍ଗିଲ ଟାଉନ୍ ପର୍ଯ୍ୟନ୍ତ ବୋହି ଆଣିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ କାର୍ଗିଲ ଡାକ୍ତରଖାନା ନିଆଯାଇଥିଲା। ପାବନୀଙ୍କ ଏ ପ୍ରକାର କାର୍ଯ୍ୟ ପାଇଁ ପୋଲିସ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ତାଙ୍କୁ ପ୍ରଶଂସା କରିଛନ୍ତି। ଗତବର୍ଷ ସମାନ ପ୍ରକାର ଘଟଣା ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାରେ ଘଟିଥିଲା। ଯେଉଁଠାରେ ଜଣେ ମହିଳା ଏସ୍‌ଆଇ ଅଚେତ ଅବସ୍ଥାରେ ପଡ଼ି ରହିଥିବା ଜଣେ ଲୋକଙ୍କୁ କାନ୍ଧରେ ୨ କି.ମି. ବାଟ ବୋହି ନେଇଥିଲେ।




# 'ଚମକିଲା'ରେ ପରୀ

**ମୁମ୍ବାଇ:** ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ଇମ୍‌ତିଆଜ ଅଲ୍ଲୀଙ୍କ ଆଗାମୀ ଚଳଚ୍ଚିତ୍ର 'ଚମକିଲା'ରେ ନିଜ ଅଭିନୟର ଯାଦୁ ଦେଖାଇବେ ବି'ଟାଉନ୍‌ର ଚୁଲ୍‌ବୁଲି ନାୟିକା ପରିଣୀତି ଚୋପ୍ରା। ପ୍ରଥମ ଥର ପାଇଁ ପରୀ ଇମ୍‌ତିଆଜଙ୍କ ସହିତ କାମ କରିବାକୁ ଯାଉଛନ୍ତି। ଚମକିଲାରେ କାମ କରିବାକୁ ନେଇ ପରୀଙ୍କୁ ଆଉ ଏକ ଫିଲ୍ମ ହାତଛଡ଼ା କରିବାକୁ ପଡ଼ିବ ବୋଲି ଏବେ ଚର୍ଚ୍ଚା ହେଉଛି। ଫିଲ୍ମ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ଫିଲ୍ମ 'ଆନିମଲ'ରେ ପରୀ କାମ କରିବେ କି ନାହିଁ ତାକୁ ନେଇ ଅନେକ ଆଶାଆଶଙ୍କା। ଏଥିରେ ପରୀ ରଣବୀର କପୁରଙ୍କ ସହ ସ୍କ୍ରିନ୍ ଶେୟାର କରିଥାନ୍ତେ। ଇମ୍‌ତିଆଜଙ୍କ ଫିଲ୍ମରେ କାମ କରିବା ପାଇଁ ପରୀ 'ଆନିମଲ'କୁ ଛାଡ଼ିପାରନ୍ତି ବୋଲି କୁହାଯାଉଛି। ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଇମ୍‌ତିଆଜ ଜଣେ ପ୍ରଖ୍ୟାତ ଫିଲ୍ମ ନିର୍ଦ୍ଦେଶକ । ଚମକିଲା ଫିଲ୍ମ ପଞ୍ଜାବୀ ଫୋକ୍ ସିଙ୍ଗର ଅମର ସିଂ ଚମକିଲାଙ୍କ ବାୟୋପିକ୍ ଅଟେ। ବାୟୋପିକ୍ ସମ୍ପର୍କରେ ଇମ୍‌ତିଆଜ ଚମକିଲାଙ୍କ ପୁଅ ଜୈମାନ ଚମକିଲାଙ୍କ ସହ କଥା ହୋଇସାରିଛନ୍ତି। ଫିଲ୍ମରେ ଦିଲଜିତ୍ ଅଭିନୟ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।



ପରିଣୀତି ଚୋପ୍ରା

# କ୍ଷୀରରେ ଗାଧୋଇଲେ କାଉନସିଲର

**ନୂଆଦିଲ୍ଲୀ**

ରାଜଧାନୀ ଦିଲ୍ଲୀରେ ଆମ୍ ଆଦମୀ କଉନସିଲରଙ୍କୁ ତାଙ୍କ ସମର୍ଥକମାନେ କ୍ଷୀରରେ ଗାଧୋଇ ଦେଇଛନ୍ତି। ପୂର୍ବ ଦିଲ୍ଲୀର କାଉନସିଲର ହାସିବ-ଉଲ୍-ହାସନ ଶାସ୍ତ୍ରୀ ପାର୍କ ନିକଟରେ ଥିବା ସ୍ୱେରେଜ୍ ଡ୍ରେନ୍ ପରିଷ୍କାର ପାଇଁ ତା' ମଧ୍ୟକୁ ପ୍ରବେଶ କରିଥିଲେ। ଡ୍ରେନ୍ ସଫା କରିବା ସମୟରେ ହାସିବ କାଦୁଅ-ପଙ୍କ ହୋଇଯାଇଥିଲେ। ଡ୍ରେନ୍‌ରୁ ବାହାରିବା ପରେ ତାଙ୍କ ସମର୍ଥକମାନେ ହାସିବଙ୍କୁ କ୍ଷୀରରେ ଗାଧୋଇଦେଇଥିଲେ, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ବହୁ ଦିନ ଧରି ଡ୍ରେନ୍‌ରେ ଅଳିଆ ଜମା ରହିଥିବାବେଳେ ସ୍ଥାନୀୟ ଭାଜପା କାଉନସିଲର ଓ ବିଧାୟକ ଏହା ଉପରେ ଦୃଷ୍ଟି ନିକ୍ଷେପ କରୁ ନ ଥିବା ହାସିବ ଅଭିଯୋଗ କରିଛନ୍ତି।



# ଶ୍ରୀଲଙ୍କାରୁ ଭାରତ ପହଁରି ରେକର୍ଡ

**୧୩ ଘଣ୍ଟା ୧୦ ମିନିଟ୍‌ରେ ୨୯କି.ମି. ଅତିକ୍ରମ କଲେ ଦିବ୍ୟାଙ୍ଗ ନାବାଳିକା**

**ମୁମ୍ବାଇ:** ମହାରାଷ୍ଟ୍ରର ଆଲାଉଦ୍ଦିନପୁରର ୧୩ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକା ଜିୟା ରାୟ ସମୁଦ୍ର ପହଁରି ରେକର୍ଡ ସୃଷ୍ଟି କରିଛନ୍ତି। ଅଟିଜିମ୍ ସ୍ପେକ୍ଟ୍ରମ୍ ଡିସଅର୍ଡରରେ ପୀଡ଼ିତ ଥିବା ଜିୟା ଗୋଟିଏ ଦିନରେ ୧୩ ଘଣ୍ଟା ୧୦ ମିନିଟ୍‌ରେ ୨୯କି.ମି. ଦୂରତା ଅତିକ୍ରମ କରି ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି। ସେ ମାର୍ଚ୍ଚ ୨୦ରେ ରାମେଶ୍ୱରମରେ ଆୟୋଜିତ ଭାରତ-ଶ୍ରୀଲଙ୍କା ଫ୍ରେଣ୍ଡସିପ୍ କପ୍‌ର ଭାଗୀଦାରି ହୋଇଛନ୍ତି। ଏଥିପାଇଁ ବାରଣାସୀ ପୋଲିସ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ୨୦୦୪ରେ ପଶ୍ଚିମବଙ୍ଗର ୩୪ ବର୍ଷୀୟା ବୁଲା ଚୌଧୁରୀଙ୍କ ୧୩ ଘଣ୍ଟା ୫୨ ମିନିଟ୍ ରେକର୍ଡକୁ ସେ କାଟିଦେଇଛନ୍ତି। ଜିୟା କହିଛନ୍ତି, ସମୁଦ୍ର ଅଶାନ୍ତ ଥିବାରୁ ତାଙ୍କୁ କିଛି ଅଧିକ ସମୟ ଲାଗିଥିଲା। ନଚେତ୍ ୧୦ ଘଣ୍ଟା ଭିତରେ ସନ୍ତରଣ ପୂରା କରିପାରିଥାନ୍ତେ। ଶ୍ରୀଲଙ୍କାର ତଲାଇମାନନାରୁଠାରୁ ପହଁରିବା ଆରମ୍ଭ କରି ଭାରତର ଧନୁଶକୋଡିରେ ପହଞ୍ଚିଥିଲେ। ସୁଇମିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଶ୍ରୀଲଙ୍କାରୁ ୬ଜଣ ଏବଂ ଭାରତର ଜିୟା ରାୟ, ଅନ୍ୟ ଜଣେ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ୧୩ ବର୍ଷର ଦିବ୍ୟାଙ୍ଗ ଜିୟା ରାୟ ଏପର୍ଯ୍ୟନ୍ତ ୨୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଜିୟାଙ୍କ ପିତାମାତା ଝିଅର ସଫଳତାରେ ଖୁସି ବ୍ୟକ୍ତ କରି କହିଛନ୍ତି, ଭାରତ ପାଇଁ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିବା ସହ ସାତୋଟି ମହାସାଗରରେ ପହଁରି ଦୁନିଆର ପ୍ରଥମ ତଥା ସର୍ବ କନିଷ୍ଠ ପାରା ସନ୍ତରଣକାରୀ ହେବା ପାଇଁ ଜିୟା ଆଶା ରଖିଥିବା ତାଙ୍କ ବାପା କହିଛନ୍ତି।




# ଚିନି ପାଇଁ ଠେଲାପେଲା

**ମସ୍କୋ:** ଚିନି ପାଇଁ ରୁଷିଆର ଲୋକ ଠେଲାପେଲା ହେଉଥିବାର ଭିଡିଓ ସାମ୍ନାକୁ ଆସିଛି। ସୁପର ମାର୍କେଟ ଭିତରେ ସପିଂ କାର୍ଟରେ ଥିବା ଚିନି ଥଳି ନେବା ପାଇଁ ରୁଷୀୟ ନାଗରିକ ଠେଲାପେଲା ହେଉଥିବାର ଭିଡିଓରେ ଦେଖାଯାଇଛି। ଯୁଦ୍ଧ କାରଣରୁ ରୁଷିଆର ଅର୍ଥନୀତି ଦୁର୍ବଳ ହୋଇଯାଇଥିବାବେଳେ ଚିନି ଦର ଆକାଶ ଛୁଇଁଛି। ଦେଶରେ ସାଧାରଣ ମୂଲ୍ୟଠାରୁ ଚିନି ମୂଲ୍ୟ ୩୧ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୫ ପରଠାରୁ ଚିନି ମୂଲ୍ୟରେ ଏହା ସର୍ବାଧିକ ବୃଦ୍ଧି ବୋଲି କୁହାଯାଉଛି। ଦେଶରେ ଆବଶ୍ୟକ ପରିମାଣର ଚିନି ମହଜୁଦ ଥିବା ସରକାର କହିଛନ୍ତି। ପାଶ୍ଚାତ୍ୟ ଦେଶସବୁ ରୁଷିଆ ଉପରେ କଟକଣା ଲଗାଇବା ଯୋଗୁ ରୁଷିଆ ଚିନି ଆମଦାନୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଛି । ଏହି କାରଣରୁ ଦେଶରେ ଚିନି ମୂଲ୍ୟରେ ବୃଦ୍ଧି ଘଟିଛି। ୟୁକ୍ରେନ୍-ରୁଷିଆ ଯୁଦ୍ଧ ଯୋଗୁ ଉଭୟ ଦେଶର ନାଗରିକ ପ୍ରଭାବିତ ହେବାରେ ଲାଗିଛନ୍ତି।



# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ, ଛତ୍ରପୁର
(ଭୂ-ଅର୍ଜନ, ଜାତୀୟ ରାଜପଥ ବିଭାଗ)
ଇ-ମେଲ୍: laoganjam@gmail.com

# OFFICE OF THE COLLECTOR & DISTRICT MAGISTRATE
(LAND ACQUISITION, NH CELL)
E-mail: laoganjam@gmail.com

No. 50/ Dated: 11.03.2022

## ସର୍ବସାଧାରଣ ନୋଟିସ୍

### ଜାତୀୟ ରାଜପଥ ଆଇନ୍ ୧୯୫୬ (ଆକ୍ଟ ୪୮ର ୫୬)ର ଧାରା ୩ (ଇ) (୧) ମୁତାବକ

No. XII-03: ବ୍ରହ୍ମପୁର ଟାଉନ ନିକଟ ରତନପୁରଠାରୁ ରଘୁନାଥପୁର ପର୍ଯ୍ୟନ୍ତ NH-59 ବାଇପାସ୍ ରୋଡ ନିମନ୍ତେ ଅଧିସୂଚନା ସଂଖ୍ୟା S.O. ୨୦୨୧(ଇ) ତା୦୧।୦୭।୨୦୧୫ର ସବିଶେଷ ତଥ୍ୟ ଖବରକାଗଜ ''ସମାଜ'' ଓ ''ପ୍ରମେୟ'' ତା୧୯।୧୦।୨୦୧୫ ମାଧ୍ୟମରେ ସୂଚାଇ ଦିଆଯାଇଥିଲା ଏବଂ ଅଧିସୂଚନା ସଂଖ୍ୟା S.O. ୧୬୭୭ (ଇ) ତା୦୫।୦୫।୨୦୧୬ର ସବିଶେଷ ତଥ୍ୟ ଦୈନିକ ଖବରକାଗଜ ''ସମ୍ବାଦ'' ଓ ''ଧରିତ୍ରୀ'' ତା୨୯।୦୫।୨୦୧୬ ଏବଂ ୩୦।୦୫।୨୦୧୬ ମାଧ୍ୟମରେ ସୂଚାଇ ଦିଆଯାଇଥିଲା ଯେ ଜାତୀୟ ରାଜପଥ ଆଇନ ୧୯୫୬ ପ୍ରକାରେ ସମସ୍ତ ଅଧିଗ୍ରହଣ ହୋଇଥିବା ଜମି ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ସରକାରଙ୍କ ଉପରେ ନ୍ୟସ୍ତ ହେବ।

ଯେହେତୁ ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୧୬୭୭ (ଇ) ତା୦୫।୦୫।୨୦୧୬ ମାଧ୍ୟମରେ ସୂଚାଇ ଦିଆଯାଇଥିଲା ଯେ, ଅଧିଗ୍ରହଣ ହୋଇଥିବା ଜମିରେ ଆଗ୍ରହୀ ଥିବା ଜମି ମାଲିକ/ବ୍ୟକ୍ତିବିଶେଷଙ୍କୁ ଜମି ଅଧିଗ୍ରହଣ ପାଇଁ ଯଥୋଚିତ କ୍ଷତିପୂରଣ ରାଶି କ୍ଷମତାପନ୍ନ ଅଧିକାରୀଙ୍କ କାର୍ଯ୍ୟାଳୟରୁ କାଗଜାତ ଦାଖଲ ପୂର୍ବକ କ୍ଷତିପୂରଣ ଗ୍ରହଣ କରି ପ୍ରୋକ୍ତ ସମ୍ପତ୍ତିରୁ ଅନ୍ତର ହେବା ସକାଶେ ଆହ୍ୱାନ କରାଯାଇଥିଲା। ତେଣୁ ପ୍ରୋକ୍ତ ଆଇନର ଧାରା ୩(ଇ) ଅନୁଯାୟୀ ପୁନର୍ବାର ଜଣାଇ ଦିଆଯାଉଅଛି ଯେ ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଦର୍ଶାଯାଇଥିବା ଜମିର ସ୍ୱତ୍ୱାଧିକାରୀ/ଜମି ମାଲିକ/ସ୍ୱାର୍ଥଥିବା ବ୍ୟକ୍ତି ଆବଶ୍ୟକୀୟ କାଗଜାତ ଦାଖଲ କରି କ୍ଷତିପୂରଣ ଗ୍ରହଣ କରି ପ୍ରୋକ୍ତ ସମ୍ପତ୍ତିରୁ ଅନ୍ତର ହେବେ ନଚେତ୍ ଆଇନାନୁଯାୟୀ ଜମିର ଦଖଲ କାର୍ଯ୍ୟ ନିର୍ବାହୀ ଅଧିକାରୀ, (ଜାତୀୟ ରାଜପଥ ବିଭାଗ) ବ୍ରହ୍ମପୁରଙ୍କୁ ହସ୍ତାନ୍ତର କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଜମିର ସବିଶେଷ ବିବରଣୀ 'କ'ରେ ଦର୍ଶାଗଲା।

(ଖ) ପୁନଶ୍ଚ ଜଣାଇ ଦିଆଯାଉଅଛି ଯେ 'ଖ' ସାରଣୀରେ ଦର୍ଶିତ ଜମିରେ ବିବାଦ ଥିବା ହେତୁ ତାହା ମାନ୍ୟବର ଜିଲ୍ଲା ଜଜ୍, ବ୍ରହ୍ମପୁରଙ୍କ ବିଚାର ପାଇଁ ପ୍ରେରଣ କରାଯାଇଅଛି। ମାନ୍ୟବର ଅଦାଲତଙ୍କ ରାୟ ପ୍ରକାରେ ସେହି ଜମିର କ୍ଷତି ପୂରଣ ଯୋଗ୍ୟ ବ୍ୟକ୍ତିଙ୍କୁ ଦିଆଯିବ। ତେଣୁ ଏହି ବିବାଦୀୟ ଜମିର ଦଖଲରେ ଥିବା ବ୍ୟକ୍ତି ବିଶେଷଙ୍କୁ ଜଣାଇ ଦିଆଯାଉଅଛି ଯେ ସେ ଏହାର ଦଖଲ ଏହି ବିଜ୍ଞପ୍ତି ପ୍ରକାଶନର ୬୦ଦିନ ମଧ୍ୟରେ ନିମ୍ନ କାର୍ଯ୍ୟାଳୟରେ ହସ୍ତାନ୍ତର କରିବେ ନଚେତ୍ ଆଇନାନୁଯାୟୀ ଜମିର ଦଖଲ କାର୍ଯ୍ୟ ନିର୍ବାହୀ ଅଧିକାରୀ, (ଜାତୀୟ ରାଜପଥ ବିଭାଗ) ବ୍ରହ୍ମପୁରଙ୍କୁ ହସ୍ତାନ୍ତର କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ ତଥା
ଭୂ-ଅର୍ଜନ ଅଧିକାରୀ, ଗଞ୍ଜାମ, ଛତ୍ରପୁର

କ

| Sl. No. | Name of the Village | Khata No. | Plot No. | Acquisition Under 3 (D) | |
|---|---|---|---|---|---|
| | | | | Hc. | Ac. |
| 1 | Laxmipur | 306 | 3122 | 0.012 | 0.030 |
| 2 | Badagumula | 167 | 27 | 0.008 | 0.020 |
| 3 | Badagumula | 158 | 24 | 0.142 | 0.351 |
| 4 | Badagumula | 231 | 154 | 0.0198296 | 0.049 |
| 5 | Badagumula | 125 | 25 | 0.0849840 | 0.210 |
| 6 | Badagumula | 125 | 28 | 0.0687966 | 0.170 |
| 7 | Badakusasthali | 138 | 1458 | 0.008 | 0.020 |
| 8 | Badakusasthali | 163 | 2401 | 0.2144834 | 0.530 |
| 9 | Badakusasthali | 222 | 2432 | 0.008 | 0.020 |
| 10 | Badakusasthali | 225 | 1052 | 0.008 | 0.020 |
| 11 | Badakusasthali | 38 | 2441 | 0.0335889 | 0.083 |
| 12 | Narendrapur | 425 | 216 (P) | 0.0667731 | 0.165 |
| 13 | Jhadankuli | 128 | 337 | 0.010 | 0.025 |
| 14 | Jhadankuli | 674/437 | 362 | 0.0279233 | 0.069 |
| 15 | Jhadankuli | 97 | 2086 | 0.012 | 0.030 |
| 16 | Jhadankuli | 632 | 1022 | 0.0089031 | 0.022 |
| 17 | Jhadankuli | | 2848 | 0.0198296 | 0.049 |
| 18 | Jhadankuli | | 1013 | 0.012 | 0.030 |
| 19 | Jhadankuli | | 1009 | 0.0238765 | 0.059 |
| 20 | Jhadankuli | 388 | 1107 | 0.1618743 | 0.400 |
| 21 | Jhadankuli | 113 | 202 | 0.0218530 | 0.054 |
| 22 | Jhadankuli | | 1386 | 0.028 | 0.070 |
| 23 | Jhadankuli | | 1379 | 0.0279233 | 0.069 |
| 24 | Jhadankuli | 403 | 1012 | 0.016 | 0.040 |
| 25 | Jhadankuli | 104 | 9/2821 | 0.0198296 | 0.049 |
| 26 | Jhadankuli | 606 | 2751 | 0.091 | 0.225 |
| 27 | Jhadankuli | 46 | 1035 | 0.101 | 0.250 |
| 28 | Jhadankuli | 337 | 325 | 0.004 | 0.010 |
| 29 | Jhadankuli | 28 | 1254 | 0.0238765 | 0.059 |
| 30 | Jhadankuli | 417 | 194 | 0.1456868 | 0.360 |
| 31 | Jhadankuli | 49 | 188 (P) | 0.0384451 | 0.095 |
| 32 | Jhadankuli | 580 | 172 | 0.0538232 | 0.133 |
| 33 | Jhadankuli | 518 | 193 | 0.0404686 | 0.100 |
| 34 | Jhadankuli | 648 | 180 | 0.012 | 0.030 |
| 35 | Jhadankuli | 383 | 1256 | 0.012 | 0.030 |
| 36 | Borigam | 292 | 2647/3122 | 0.0121406 | 0.030 |
| 37 | Borigam | 63 | 2900/3240 | 0.0465 | 0.115 |
| 38 | Borigam | 166 | 2889 | 0.217 | 0.535 |
| 39 | Borigam | 397 | 2903/3121 | 0.089 | 0.220 |
| 40 | Borigam | 461 | 2853 | 0.4398933 | 1.087 |
| 41 | Borigam | 810 | 3238 | 0.016 | 0.040 |
| 42 | Raghunathpur | 69 | 194 (P) | 0.0930777 | 0.230 |
| 43 | Raghunathpur | 480 | 208 | 0.008 | 0.020 |
| 44 | Raghunathpur | 480/1826 | 70 (P) | 0.0319702 | 0.079 |
| 45 | Raghunathpur | 329 | 795/1843 (P) | 0.00605 | 0.021 |
| 46 | Jagadalpur | 56 | 1263 | 0.0489670 | 0.121 |
| 47 | Jagadalpur | 57 | 1265 | 0.3273907 | 0.809 |
| 48 | Jagadalpur | 63 | 1266 | 0.0238765 | 0.059 |
| 49 | Jagadalpur | 198 | 975/3135 | 0.053 | 0.131 |
| 50 | Jagadalpur | 409 | 1086 | 0.0768903 | 0.190 |
| 51 | Jagadalpur | 486 | 1821/2188 (P) | 0.0125453 | 0.031 |
| 52 | Jagadalpur | 582 | 1208 | 0.032 | 0.079 |
| 53 | Jagadalpur | 659 | 1821 | 0.008 | 0.020 |
| 54 | Jagadalpur | 703 | 1593 | 0.0198296 | 0.049 |
| 55 | Jagadalpur | 704 | 1198 | 0.1108839 | 0.274 |
| 56 | Jagadalpur | 850 | 1214 | 0.016 | 0.040 |
| 57 | Jagadalpur | 767/14 | 1216 | 0.012 | 0.030 |
| 58 | Jagadalpur | 767/423 | 1591/2211 | 0.018 | 0.045 |
| | Total | | | 3.3057836 | 8.181 |

Sd./- CALA (NH-59), Ganjam, Chatrapur

ଖ

| Sl. No. | Name of the Village | Khata No. | Plot No. | Acquisition Under 3 (D) | |
|---|---|---|---|---|---|
| | | | | Hc. | Ac. |
| 1 | Borigam | 436 | 2605/3290 | 0.473 | 1.169 |
| 2 | Borigam | 961/194 | 2829 | 0.121 | 0.299 |
| 3 | Borigam | 961/194 | 2827 | 0.0809371 | 0.200 |
| 4 | Borigam | 961/194 | 2828 | 0.142 | 0.351 |
| 5 | Borigam | 862 | 2698 | 0.057 | 0.141 |
| 6 | Borigam | 862 | 2704 | 0.004 | 0.010 |
| 7 | Borigam | 862 | 2705 | 0.061 | 0.151 |
| 8 | Raghunathpur | 480/231 | 157 | 0.2428114 | 0.600 |
| 9 | Jagadalpur | 85 | 969 | 0.084984 | 0.210 |
| 10 | Jagadalpur | 516 | 1227 | 0.008 | 0.020 |
| 11 | Jagadalpur | 315 | 1817 | 0.0445154 | 0.110 |
| 12 | Jagadalpur | 350 | 1112 | 0.1088604 | 0.269 |
| 13 | Jagadalpur | 54 | 977 | 0.0198296 | 0.049 |
| 14 | Jhadankuli | 220 | 1374 | 0.0299467 | 0.074 |
| 15 | Jhadankuli | 220 | 238 | 0.012 | 0.030 |
| 16 | Jhadankuli | 220 | 199 | 0.065 | 0.161 |
| 17 | Jhadankuli | 220 | 1384 | 0.1052183 | 0.260 |
| 18 | Jhadankuli | 220 | 1399 | 0.016 | 0.040 |
| 19 | Jhadankuli | 220 | 1023 | 0.1379978 | 0.341 |
| 20 | Jhadankuli | 220 | 323 | 0.0667731 | 0.165 |
| 21 | Jhadankuli | 617 | 336 | 0.004 | 0.010 |
| 22 | Jhadankuli | | 343 | 0.3270000 | 0.808 |
| 23 | Narendrapur | 465 | 441 | 0.0809371 | 0.200 |
| 24 | Narendrapur | 465 | 440 | 0.125 | 0.309 |
| 25 | Narendrapur | 219 | 252 | 0.0687966 | 0.170 |
| 26 | Narendrapur | 219 | 373/2524 | 0.012 | 0.030 |
| 27 | Narendrapur | 219 | 438 | 0.099 | 0.245 |
| 28 | Narendrapur | 219 | 436 | 0.1367837 | 0.338 |
| 29 | Narendrapur | 219 | 437 | 0.0097125 | 0.024 |
| 30 | Narendrapur | 301 | 458 | 0.036 | 0.089 |
| 31 | Narendrapur | 301 | 459 | 0.0198296 | 0.049 |
| 32 | Narendrapur | 301 | 183 | 0.1007667 | 0.249 |
| 33 | Narendrapur | 301 | 341 | 0.0457295 | 0.113 |
| 34 | Narendrapur | 301 | 342 | 0.227 | 0.561 |
| 35 | Narendrapur | 301 | 349 | 0.0728434 | 0.180 |
| 36 | Narendrapur | 301 | 355 | 0.0137593 | 0.034 |
| 37 | Narendrapur | 301 | 464 | 0.065 | 0.161 |
| 38 | Narendrapur | 301 | 462 | 0.048967 | 0.121 |
| 39 | Narendrapur | 80 | 1 | 0.089 | 0.220 |
| 40 | Laxmipur | 189 | 3134 | 0.290969 | 0.719 |
| 41 | Laxmipur | 189 | 3136 | 0.0607028 | 0.150 |
| 42 | Laxmipur | 189 | 3139 | 0.004 | 0.010 |
| 43 | Krupasindhupur | 262/146 | 1446 | 0.1618743 | 0.400 |
| 44 | Krupasindhupur | 262/328 | 1449 | 0.0032375 | 0.008 |
| 45 | Krupasindhupur | 262/414 | 1449 | 0.0615122 | 0.152 |
| 46 | Krupasindhupur | 262/146 | 1447 | 0.607 | 1.500 |
| 47 | Krupasindhupur | 262/146 | 1455 | 0.020 | 0.050 |
| 48 | Krupasindhupur | 262/146 | 1448 | 0.1299041 | 0.321 |
| 49 | Krupasindhupur | 262/146 | 1453 | 0.004 | 0.010 |
| 50 | Krupasindhupur | 262/146 | 1450 | 0.1339509 | 0.331 |
| 51 | Krupasindhupur | 262/146 | 1452 | 0.065 | 0.161 |
| 52 | Krupasindhupur | 262/146 | 1451 | 0.0768903 | 0.190 |
| 53 | Ratanpur | 102 | 171 | 0.1857507 | 0.459 |
| 54 | Ratanpur | 103 | 163 | 0.3176782 | 0.785 |
| 55 | Ratanpur | 103 | 172 | 0.040 | 0.100 |
| 56 | Ratanpur | 97 | 169 | 0.142 | 0.350 |
| 57 | Badakusasthali | 163 | 2415 | 0.008 | 0.020 |
| 58 | Badakusasthali | 163 | 2416 | 0.036 | 0.089 |
| 59 | Badakusasthali | 163 | 2413 | 0.021 | 0.052 |
| 60 | Badakusasthali | 163 | 2414 | 0.028 | 0.069 |
| 61 | Badakusasthali | 163 | 2402 | 0.012 | 0.030 |
| 62 | Badakusasthali | 163 | 2247 | 0.012 | 0.030 |
| 63 | Badakusasthali | 223 | 2438 | 0.0469435 | 0.116 |
| 64 | Badakusasthali | 222 | 2431 | 0.024 | 0.060 |
| 65 | Badakusasthali | 349/38 | 2430 (P) | 0.0172858 | 0.060 |
| | Total | | | 5.9722618 | 14.783 |

OIPR-24252/14/0005/2122 Sd./- CALA (NH-59), Ganjam, Chatrapur

## ଚେନ୍ନାଇ ସୁପରକିଙ୍ଗ୍ସ ଜର୍ସି ଉନ୍ମୋଚିତ



**ଚେନ୍ନାଇ, ୨୩।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୫ତମ ସଂସ୍କରଣ ପୂର୍ବରୁ ୪ଥର ଚାମ୍ପିୟନ ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ)ର ନୂଆ ଜର୍ସି ବୁଧବାର ଉନ୍ମୋଚିତ ହୋଇଛି। ଏକ ଭିଡିଓ ମାଧ୍ୟମରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ନୂଆ ଜର୍ସି ଉନ୍ମୋଚନ କରିଛନ୍ତି। ଫ୍ରାଞ୍ଚାଇଜ୍ ଲୋଗୋ ଉପରେ ୪ଟି ଷ୍ଟାର ରହିଛି। ୪ଟି ଷ୍ଟାର ଆଇପିଏଲ୍‌ରେ ଚେନ୍ନାଇ ଦଳ ୪ ଥର ୨୦୧୦, ୨୦୧୧, ୨୦୧୮ ଓ ୨୦୨୧ରେ ଟାଇଟଲ ହାସଲ କରିଥିବା ସୂଚାଉଛି। ନୂଆ ଜର୍ସିରେ ସିଏସ୍‌କେର ମୁଖ୍ୟ ପ୍ରାୟୋଜକ ଟିଭିଏସ୍ ୟୁରୋଗ୍ରିପ୍ ରହିଛି। ଜର୍ସିର କାନ୍ଧରେ ସ୍ୱତନ୍ତ୍ର ଡିଜାଇନ ପ୍ରସ୍ତୁତ କରାଯାଇଛି। ଗତବର୍ଷ ଏହି ଡିଜାଇନ୍ ଆରମ୍ଭ କରାଯାଇ ଭାରତୀୟ ସଶସ୍ତ୍ର ବାହିନୀକୁ ଉତ୍ସର୍ଗ କରାଯାଇଥିଲା। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଇଣ୍ଡିଆନ ଆର୍ମି ସହିତ ସମ୍ପୃକ୍ତ ଥିବାରୁ ଭାରତୀୟ ସୈନ୍ୟଙ୍କୁ ସମ୍ମାନ ଜଣାଇ ଜର୍ସି କାନ୍ଧରେ ଏପରି ଡିଜାଇନ ପ୍ରସ୍ତୁତ କରାଯାଇଥିଲା ବୋଲି ସିଏସ୍‌କେ ସିଇଓ କେ.ଏସ୍. ବିଶ୍ୱନାଥ ପ୍ରକାଶ କରିଛନ୍ତି।

# ନମ୍ବର ୱାନ୍ ବାର୍ଟିଙ୍କ ଅବସର

**ବ୍ରିସବେନ, ୨୩।୩ (ଏପି)**

ତିନୋଟି ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ବିଜୟିନୀ ତଥା କ୍ରମାଗତ ୨ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଟେନିସ ର୍‍ୟାଙ୍କିଙ୍ଗରେ ନମ୍ବର ୱାନଥିବା ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି ବୁଧବାର ନିଜର ପ୍ରିୟ ଖେଳକୁ ଅଲ୍‌ବିଦା ଜଣାଇଛନ୍ତି। ତାଙ୍କର ଏହି ନିଷ୍ପତ୍ତିରେ ଟେନିସ ଜଗତ ସ୍ତବ୍ଧ ହୋଇଛି। ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ମାତ୍ର ୨ ମାସ ପରେ ୨୫ ବର୍ଷ ବୟସରେ ସେ ଅବସର ଘୋଷଣା କରିଛନ୍ତି। ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେ ଅବସର ସମ୍ପର୍କରେ ୬ ମିନିଟର ଏକ ଭିଡିଓ ପୋଷ୍ଟ କରିଛନ୍ତି। ''ବର୍ତ୍ତମାନ ପରିସ୍ଥିତିରେ ମୁଁ ଏହା ଠିକ୍ ବୋଲି ଭାବୁଛି'' ବୋଲି ବାଷ୍ପରୁଦ୍ଧ କଣ୍ଠରେ କହିଛନ୍ତି ବାର୍ଟି। ''ଏବେ ଅନ୍ୟ ସ୍ୱପ୍ନ ପୂରଣ କରିବାର ସମୟ'' ବୋଲି ଗତ ନଭେମ୍ବରରେ ପ୍ରଫେଶନାଲ ଗଲ୍ଫର ଗ୍ୟାରୀ କିସିକ୍‌ଙ୍କ ସହ ତାଙ୍କ ନିର୍ବନ୍ଧ ସମ୍ପର୍କରେ ସୂଚନା ଦେଇଥିବା ବାର୍ଟି ପ୍ରକାଶ କରିଛନ୍ତି। ବାର୍ଟି ଟେନିସରୁ ଦୂରେଇ ଯିବା ଏହା ପ୍ରଥମ ନୁହେଁ। ୨୦୧୧ରେ ମାତ୍ର ୧୫ ବର୍ଷରେ ସେ ୱିମ୍ବେଲଡନ ଜୁନିୟର ଚାମ୍ପିୟନ ହୋଇ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ମାତ୍ର ୨୦୧୪ରେ ଚାପ ଏବଂ ଭ୍ରମଣଜନିତ କ୍ଳାନ୍ତି ଯୋଗୁ ପାଖାପାଖି ୨ ବର୍ଷ ଟେନିସରୁ ବାହାରେ ରହିଥିଲେ। ସେ ଅଷ୍ଟ୍ରେଲିଆ ପକ୍ଷରୁ ପେସାଦାର କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ମାତ୍ର ଏହାପରେ ର୍‍ୟାକେଟ ଧରି ପୁଣି ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବାର୍ଟି ୩ଟି ଭିନ୍ନ ସର୍ଫେସରେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଥିଲେ। ୨୦୧୯ରେ ସେ କ୍ଲେ କୋର୍ଟରେ ଫ୍ରେଞ୍ଚ୍ ଓପନ ଜିତିଥିଲେ। ଏହାପରେ ବାର୍ଟି ଗତବର୍ଷ ଗ୍ରାସ୍‌କୋର୍ଟରେ ୱିମ୍ବେଲଡନ ଓ ଚଳିତ ବର୍ଷ ଜାନୁୟାରୀରେ ହାର୍ଡକୋର୍ଟରେ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିଲେ। ତେବେ ଏହା ପରେ ସେ ଆଉ କୌଣସି ଟୁର୍ନାମେଣ୍ଟ ଖେଳି ନ ଥିଲେ। ବାର୍ଟି ୨୦୧୦ରେ ପେସାଦାର ଟେନିସ କ୍ୟାରିୟର ଆରମ୍ଭ କରିବା ପରେ ସିଙ୍ଗଲ୍ସରେ ୧୫ଟି ଟୁର୍ ଲେଭଲ ଟାଇଟଲ ଏବଂ ୧୨ଟି ଡବଲ୍ସ ଟାଇଟଲ ଜିତିଛନ୍ତି। ସେ ୧୨୧ ସପ୍ତାହଧରି ର୍‍ୟାଙ୍କିଙ୍ଗ୍‌ରେ ନମ୍ବରୱାନ ରହିଛନ୍ତି। ଗତ ୧୧୪ ସପ୍ତାହ ଧରି ସେ କ୍ରମାଗତ ନମ୍ବରୱାନ ହେବାର ସୌଭାଗ୍ୟଲାଭ କରିଥିଲେ। ଏହି ଅଷ୍ଟ୍ରେଲୀୟ ମହିଳା ଟେନିସ ତାରକା ଶେଷ ୨୬ଟି ମ୍ୟାଚରୁ ୨୫ଟିରେ ଏବଂ ୪ ଇଭେଣ୍ଟରୁ ୩ଟିରେ ବିଜୟଲାଭ କରିଥିଲେ। ବାର୍ଟିଙ୍କ ପୂର୍ବରୁ ମାତ୍ର ଜଣେ ମହିଳା ଟେନିସ ତାରକା ନମ୍ବରୱାନ ଥିବାବେଳେ ଅବସର ନେଇଥିଲେ। ସେ ହେଉଛନ୍ତି ବେଲଜିୟମର ଜଷ୍ଟିନ ହେନିନ। ୨୦୦୮ ମେ'ରେ ଅବସର ନେବା ବେଳକୁ ହେନିନ୍ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ନମ୍ବରୱାନ ଥିଲେ। ଡବ୍ଲ୍ୟୁଟିଏ ସିଇଓ ଷ୍ଟିଭ୍ ସିମନ କହିଛନ୍ତି ଯେ, ଟେନିସରୁ ୨୧ ମାସ ଦୂରେଇ ରହିବା ସମୟରେ ଟିନ୍‌ଏଜ୍‌ରେ ଥିବା ବାର୍ଟି ମହିଳା ବିଗ୍‌ବାଶ୍ ଲିଗ୍‌ରେ ବ୍ରିସବେନ୍ ହିଟ୍ ପକ୍ଷରୁ କ୍ରିକେଟ ଖେଳିଥିଲେ। ୨୦୧୬ ମେ'ରେ ସେ ଟେନିସକୁ ଫେରି ଇଷ୍ଟବର୍ନରେ ଆଇଟିଏଫ୍ ଇଭେଣ୍ଟ ଖେଳିଥିଲେ। ଏହାର ୧ ବର୍ଷ ପରେ ସେ ବିଶ୍ୱ ର୍‍ୟାଙ୍କ୍‌ର ୮୮ତମ ସ୍ଥାନକୁ ଆସି ଯାଇଥିଲେ। ୨୦୧୭ ଶେଷ ବେଳକୁ ସେ ଟପ୍-୨୦ରେ ପ୍ରବେଶ କରିଥିଲେ।

**ଆଶ୍‌ଲେ ବାର୍ଟି ୨୦୧୦ରେ ପେସାଦାର ଟେନିସ କ୍ୟାରିୟର ଆରମ୍ଭ କରିବାପରେ ସିଙ୍ଗଲ୍ସରେ ୧୫ଟି ଟୁର୍ ଲେଭଲ ଟାଇଟଲ ଏବଂ ୧୨ଟି ଡବଲ୍ସ ଟାଇଟଲ ଜିତିଛନ୍ତି। ସେ ୩ଟି ଭିନ୍ନ ସର୍ଫେସରେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଛନ୍ତି। କ୍ରମାଗତଭାବେ ଗତ ୧୧୪ ସପ୍ତାହ ସହିତ ସେ ମୋଟ ୧୨୧ ସପ୍ତାହଧରି ର୍‍ୟାଙ୍କିଙ୍ଗ୍‌ରେ ନମ୍ବରୱାନ ରହିଛନ୍ତି।**



# ଓଡ଼ିଶାର ପ୍ରଜ୍ଞା, ସୁସ୍ମିତାଙ୍କୁ ବ୍ରୋଞ୍ଜ

**ଥିରୁଭାନନ୍ତପୁରମ୍, ୨୩।୩ (ପି.ଟି.):** ଇଣ୍ଡିଆନ ଗ୍ରାଁ ପ୍ରି ୨ ଆଥଲେଟିକ୍ ମିଟ୍‌ରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ଓ ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ପ୍ରତିଯୋଗିତାର ମହିଳା ୪୦୦



ପ୍ରଜ୍ଞା ପ୍ରଶାନ୍ତି ସାହୁ



ସୁସ୍ମିତା ଟିଗା

ମିଟର ହର୍ଡଲ୍ସରେ ପ୍ରଜ୍ଞା ୫୯.୨୨ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପାଇଛନ୍ତି। କେରଳର ଅନୁ ରାଘବନ ୫୮.୫୩ ଓ ତାମିଲନାଡୁର ଆର. ଭିଥ୍ୟା ରାମରାଜ ୫୮.୫୫ ସେକେଣ୍ଡ ସମୟ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେହିପରି ମହିଳା ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ସୁସ୍ମିତା ୧୧:୨୬.୪୫ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି। ଉତ୍ତର ପ୍ରଦେଶର ପାରୁଲ ଚୌଧାରୀ ୯:୩୮.୨୯ ଓ ତେଲେଙ୍ଗାନାର ଜି. ମାହେଶ୍ୱରୀ ୧୦:୫୨.୪୯ ସେକେଣ୍ଡ ଟାଇମିଂ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ଅବିନାଶ ସାବ୍‌ଲେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଗତବର୍ଷ ଟୋକିଓ ଅଲିମ୍ପିକ୍ସ ପରେ ଏଠାରେ ପ୍ରଥମଥର ପାଇଁ ଭାଗ ନେଇଥିବା ମହାରାଷ୍ଟ୍ରର ସାବ୍‌ଲେ ୮:୧୬.୨୧ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏ କ୍ଷେତ୍ରରେ ସେ ଟୋକିଓ ଅଲିମ୍ପିକ୍ସରେ କରିଥିବା ନିଜ ରେକର୍ଡ ଟାଇମିଂରେ ୧.୯୧ ସେକେଣ୍ଡ ସୁଧାର ଆଣିଛନ୍ତି। ଟୋକିଓରେ ତାଙ୍କ ଟାଇମିଂ ଥିଲା ୮:୧୮.୧୨ ସେକେଣ୍ଡ। ହରିୟାଣାର ଶଙ୍କର ଲାଲ୍‌ସ୍ୱାମୀ ୮:୩୬.୩୭ ଓ ରାଜସ୍ଥାନର ଅତୁଲ ପୁନିଆ ୮:୫୩.୧୫ ସେକେଣ୍ଡ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ୧୦୦

**ଇଣ୍ଡିଆନ ଗ୍ରାଁ ପ୍ରି ୨**

ମିଟରରେ ତାମିଲନାଡୁର ତାମିଲ ଅରାସୁ ୧୦.୬୬, କେରଳର ଅଶ୍ୱିନ କେ.ପି. ୧୦.୭୦ ଓ ଦିଲ୍ଲୀର ରିତିକ ମଲିକ ୧୦.୭୮ ସେକେଣ୍ଡ ନେଇ ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ଏଥିରେ ଭାଗ ନେଇଥିବା ଓଡ଼ିଶାର ଅମିୟ ମଲିକ ୧୦.୮୧ ସେକେଣ୍ଡ ସମୟ ନେଇଥିଲେ। ମହିଳା ୧୦୦ ମିଟରରେ କର୍ଣ୍ଣାଟକର ଏନ୍.ଏସ୍. ସିମି ୧୧.୭୯, କର୍ଣ୍ଣାଟକର ଏ.ଟି. ଧନେଶ୍ୱରୀ ୧୧.୮୩ ଓ କେରଳର ପି.ଡି. ଅଞ୍ଜଳି ୧୧.୮୭ ସେକେଣ୍ଡ ନେଇ ପୋଡିୟମ ମଣ୍ଡନ କରିଥିଲେ।

# ଓଡ଼ିଶାର ସୁଶାନ୍ତଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୩।୩ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ବୁଧବାର ଓଡ଼ିଶାର ସୁଶାନ୍ତ ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସୁଶାନ୍ତ ଆନ୍ତଃରାଜ୍ୟ ସିନିୟର ପୁରୁଷ ୬୭ କେଜି ବର୍ଗ ସ୍ନାଚରେ ୧୧୭ ଏବଂ କ୍ଲିନ ଆଣ୍ଡ ଜର୍କରେ ୧୫୧ କେଜି ସହ ମୋଟ ୨୬୮ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ବର୍ଗରେ ଅରୁଣାଚଳ ପ୍ରଦେଶର ମାର୍କିଓ ତାରିଓ ମୋଟ ୨୮୨ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଛତିଶଗଡ଼ର ସୁଭାଷ ଲହରେ ମୋଟ ୨୭୦ କେଜି ସହ ରୌପ୍ୟ ପଦକ ପାଇଛନ୍ତି । ସେହିପରି ବରିଷ୍ଠ ପୁରୁଷ ୬୭ କେଜି ବର୍ଗରେ ଆରଏସପିବି ମଞ୍ଜୁନାଥ ମରଟି ମୋଟ ୨୮୪ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅରୁଣାଚଳ ପ୍ରଦେଶର ମାର୍କିଓ ତାରିଓ ମୋଟ ୨୮୨ କେଜି ଉତ୍ତୋଳନ କରି ରୌପ୍ୟ ପଦକ ଏବଂ ଆରଏସପିବିର କେ. ନୀଲମ ରାଜୁ ୨୭୭କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ

**ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ**



ସୁଶାନ୍ତ ସାହୁ

ହାସଲ କରିଛନ୍ତି। ଯୁଥ ୬୭ କେଜି ପୁରୁଷ ବର୍ଗରେ ତାମିଲନାଡୁର ଏସ. ଲୋଗେଶ୍ୱରନ ମୋଟ ୨୫୪ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ମିଜୋରାମର ଏମ୍.ଏଚ. ସିଲଭାନ ବେହ୍ରୋଥାଲୋ ମୋଟ ୨୫୧କେଜି ଉତ୍ତୋଳନ କରି ରୌପ୍ୟ ପଦକ ଏବଂ ଅରୁଣାଚଳ ପ୍ରଦେଶର ବେନଗିଆ ତାନ ୨୪୮ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

# ପାକିସ୍ତାନ ୨୬୮ରେ ଅଲ୍‌ଆଉଟ

**ଲାହୋର, ୨୩।୩:** ଗଦାଫି ଷ୍ଟାଡିୟମରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୬୮ ରନରେ ଅଲ୍‌ଆଉଟ ହୋଇ ଯାଇଛି। ଫଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୨୩ ରନରେ ଅଗ୍ରଣୀଲାଭ କରିଛି। ପ୍ରଥମ ଇନିଂସରେ ୩୯୧ ରନ କରିଥିବା ଅଷ୍ଟ୍ରେଲିଆ ତୃତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୧୧ ରନ କରିଛି।

**କମିନ୍ସଙ୍କୁ ୫, ଷ୍ଟାର୍କ ୪**

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୯୦/୧ରୁ ଖେଳ ଆରମ୍ଭ କରିଥିବା ପାକିସ୍ତାନ ପ୍ରଥମ କେତେଘଣ୍ଟା ଦୃଢ଼ ବ୍ୟାଟିଂ କରି ଏକଦା ୩ ଉଇକେଟ ହରାଇ ୨୪୮ ରନ କରିଥିଲା। ମାତ୍ର ଅବଶିଷ୍ଟ ୨୦ ରନ ମଧ୍ୟରେ ଦଳ ୭ଟି ଉଇକେଟ ହରାଇଥିଲା। ଅଷ୍ଟ୍ରେଲିଆ ଅଧିନାୟକ ତଥା ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କ ରିଭର୍ସ ସୁଇଂକୁ ପାକ୍ ବ୍ୟାଟରମାନେ ଖେଳିବାରେ ଅସମର୍ଥ ହୋଇଥିଲେ। ପୂର୍ବଦିନ ପାକିସ୍ତାନ ୨୦ ରନରେ ଇମାମ-ଉଲ୍-ହକ୍‌ଙ୍କ ଉଇକେଟ ହରାଇଥିଲେ ହେଁ ଅବଦୁଲ୍ଲା ଶାଫିକ୍ ଓ ଆଝାର ଅଲୀ ଦ୍ୱିତୀୟ ଉଇକେଟରେ ୧୫୦ ରନ ଯୋଗକରି କ୍ଷତି ଭରଣା କରିଥିଲେ। ଶାଫିକ୍ ସର୍ବାଧିକ ୮୧ ଓ ଆଝାର ଅଲୀ ୭୮ ରନକରି ଆଉଟ ହେବା ପରେ ପାକିସ୍ତାନର ବିପର୍ଯ୍ୟୟ ଆରମ୍ଭ ହୋଇ ଯାଇଥିଲା। ଅଧିନାୟକ ବାବର ଆଜମ ୬୭ ରନ କରିଥଲେ। ଅଷ୍ଟ୍ରେଲିଆ ପକ୍ଷରୁ କମିନ୍ସ ୫ଟି ଓ ଷ୍ଟାର୍କ ୪ଟି ଉଇକେଟ ନେଇଥିଲେ। ନାଥାନ ଲିୟନଙ୍କୁ ଅବଶିଷ୍ଟ ଉଇକେଟଟି ମିଳିଥିଲା।

## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



Late Bhaskar Chandra Seet
(Ex-B.D.O, D.P.O & V.F.I, National Refree), Dhansimulia, Balasore
ଆବିର୍ଭାବ: ୧୧।୦୬।୧୯୪୮
ତିରୋଧାନ: ୧୪।୦୩।୨୦୧୨
ସ୍ୱର୍ଗଦ୍ୱାରରେ ଆପଣଙ୍କ ଶରୀର ପଞ୍ଚଭୂତରେ ବିଲୀନ ହୋଇଯିବା ଦଶବର୍ଷ ହୋଇଗଲା। ଆପଣଙ୍କ ଅବର୍ତ୍ତମାନରେ ଆପଣଙ୍କ ସାଧୁତା, ତ୍ୟାଗ, ନିଷ୍ଠା, ସ୍ନେହ, ପରୋପକାରିତା ଓ ଈଶ୍ୱର ଭକ୍ତି ଆମ ଜୀବନର ପାଥେୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପତ୍ନୀଙ୍କ ସହ ବାବୁ, ମିଣ୍ଟୁ, ବେବି, ପିଙ୍କୁ, ମିନ୍ଟୁ, ପପି, ବାପୁନି ତଥା ପରିବାରବର୍ଗ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ
ଧ-୨୩୪୬୦

**ଦଶାହ ତିଥିରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**
**ଚ୍ ବୈଷ୍ଣବ ଚରଣ ସାହୁ**



ଆବିର୍ଭାବ- (୧୬.୦୭.୧୯୪୯)
ତିରୋଧାନ- (୧୩.୦୩.୨୦୨୨)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
(ସୁଦାମ ଚରଣ ସାହୁ),
(ସୁକାନ୍ତ ଚରଣ ସାହୁ),
ପରିବାରବର୍ଗ, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ
ଧ-୬୮୯୦୦

**ଏକାଦଶାହ ଉପଲକ୍ଷେ**



**ଚ୍ କୃଷ୍ଣପ୍ରିୟା ଦାସ**
ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୬.୦୫.୧୯୫୨
ତିରୋଧାନ: ୧୪.୦୩.୨୦୨୨
ସମୟ ସ୍ରୋତରେ ଦେଖୁ ଦେଖୁ ଦଶଦିନ ବିତିଗଲା। ପବିତ୍ର ଏକାଦଶୀ ତିଥିରେ ତୁମେ ଆମ ସମସ୍ତଙ୍କୁ ପରିତ୍ୟାଗ କରି ଭଗବାନଙ୍କର ଶ୍ରୀଚରଣରେ ଲୀନ ହୋଇଗଲ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
:ତୁମର ଅତି ଆପଣାର:
ସ୍ୱାମୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତିନାତୁଣୀମାନେ ଓ ବନ୍ଧୁ, ପରିବାରବର୍ଗ।
D-71963

# ଓଡ଼ିଆ ସିନେମା କଥା

ଗତ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ଧରି କରୋନା ସମଗ୍ର ବିଶ୍ୱକୁ କବଳିତ କରି ରଖିଛି। ଲକଡାଉନ ଶଟଡାଉନ ପାଇଁ ମନୋରଞ୍ଜନ ଜଗତ ମଧ୍ୟ ପ୍ରଭାବିତ ହୋଇଛି। ଏବେ ଯଦିଓ ଏଥିରୁ କେତେକାଂଶରେ ମୁକ୍ତି ମିଳିଛି, ହେଲେ କରୋନାର ପ୍ରଭାବ ସମ୍ପୂର୍ଣ୍ଣ ରୂପେ ଯାଇନାହିଁ। ବର୍ତ୍ତମାନ କେତେ ଜଣ ପ୍ରଯୋଜକ ସେମାନଙ୍କ ସିନେମାଗୁଡିକୁ ଆଉ ପ୍ରେକ୍ଷାଳୟରେ ମୁକ୍ତିଲାଭ କରାଇବାକୁ ସାହସ କରୁନାହାନ୍ତି। ଏପରି ଲାଗୁଛି ସେହି ଆଗ୍ରହ ସତେ ଯେମିତି କମି କମି ଯାଉଛି। କେତେକ ସିନେମାର ଭାଗ୍ୟ କେବଳ ପ୍ରିମିୟର ଶୋ'ରେ ସୀମିତି ରହିଯାଉଛି। କାରଣ ସେପରି ସିନେମାଗୁଡିକର ନିର୍ମାଣଶୈଳୀରେ ଅନେକ ତ୍ରୁଟି ରହୁଛି। କାହାଣୀ ଅନୁସାରେ କଳକାର ଚୟନ, ନିର୍ଦ୍ଦେଶନାରେ ଅନଭିଜ୍ଞତା ସିନେମାଟିକୁ ଫ୍ଲପ୍ ତାଲିକାଭୁକ୍ତ କରୁଛି।

ଏବେ ସ୍ୟାଟେଲାଇଟ୍ ସିନେମାର ଚାହିଦା ବଢ଼ିବାରେ ଲାଗିଛି। କେତେକ ଟିଭି ଚ୍ୟାନେଲ୍ ଲଗାତର ଭାବରେ ଏଭଳି ସିନେମା ନିର୍ମାଣ କରୁଥିବାର ଦେଖିବାକୁ ମିଳୁଛି। କାରଣ କମ୍ ବଜେଟ୍ ଭିତରେ ଏହାକୁ ପ୍ରସ୍ତୁତ କରାଯାଇପାରୁଛି। ହେଲେ ଏପରି ସିନେମା ପ୍ରେକ୍ଷାଳୟରେ ରିଲିଜ ହୋଇପାରୁନାହିଁ। ସିନେମା କଳାତ୍ମକ ହେଉ ଅବା ବ୍ୟବସାୟିକ ତାହାକୁ ଯଦି ଭଲ ଭାବରେ ନିର୍ମାଣ କରାଯାଆନ୍ତା ତାହେଲେ ତାହାକୁ ଦର୍ଶକ ଗ୍ରହଣ କରନ୍ତେ। ବର୍ତ୍ତମାନ ଏକ ନୂଆ କଥା ଦେଖିବାକୁ ମିଳୁଛି। ଓଡ଼ିଆ ସିନେମାରେ ନୂଆ ପିଢ଼ିର କିଛି କଳାକାର ଅଭିନୟ ଦିଗରେ ଆଗ୍ରହ ପ୍ରକାଶ କରୁଛନ୍ତି, ଯାହା ନିଶ୍ଚୟ ଭଲ ସୂଚନା। କିନ୍ତୁ କେତେକ ନବାଗତଙ୍କର ଅଭିନୟର ପ୍ରଭାବ ସେମାନଙ୍କ ଚରିତ୍ର ଉପରେ ପଡିପାରୁନାହିଁ। ଫଳରେ ଅନେକ ନବାଗତଙ୍କୁ ମାତ୍ର ହାତ ଗଣତି ସିନେମା ପରେ ଆଉ ଦେଖିବାକୁ ମିଳୁନାହିଁ। ତେଣୁ ନୂଆ କଳାକାରମାନେ ଅଭିନୟକୁ ଖାମଖିଆଲି ଭାବରେ ନେବା ଠିକ୍ ନୁହେଁ। କାରଣ ଭଲ ଅଭିନେତା ହେବାକୁ ହେଲେ ପ୍ରଗାଢ଼ ଚେଷ୍ଟା ଜାରି ରହିବାର ଆବଶ୍ୟକତା ରହିଛି। ଆମ ରାଜ୍ୟରେ ଟ୍ୟାଲେଣ୍ଟ ସର୍ଚ୍ଚ ଜରିଆରେ କିଛି ଭଲ କଳାକାର ଠାବ କରିବା ଏକ ସୁସ୍ଥ ପଦ୍ଧତି। କିନ୍ତୁ ନିର୍ଦ୍ଦେଶକମାନେ ନବାଗତଙ୍କ ଭିତରେ ଥିବା ପ୍ରତିଭାକୁ ଠିକ୍ ଭାବରେ ଚିହ୍ନି ତାହାକୁ ଉପଯୋଗ କରିବା ଦରକାର।

ଓଡ଼ିଆ ସିନେମା ୮୫ ବର୍ଷ ମଧ୍ୟରେ ଯେଉଁ ପରିମାଣରେ ସମୃଦ୍ଧ ହେବା କଥା ତାହା ହେଲା ନାହିଁ। ଏଠାରେ ପେସାଦାର ମନୋବୃତ୍ତି ରହିବା ନିହାତି ଦରକାର। ବର୍ତ୍ତମାନ ଓଟିଟି ପ୍ଲାଟଫର୍ମ ପ୍ରତି ଅନେକ ଆଗ୍ରହ ପ୍ରକାଶ କରୁଛନ୍ତି। ହେଲେ ପ୍ରେକ୍ଷାଳୟରେ ବସି ସିନେମାଟିଏ ଦେଖିବାର ମଜା ଅଲଗା। କେବଳ ବର୍ଷକୁ ଗୁଡିଏ ସିନେମା ତିଆରି କରିଦେଲେ ହେବ ନାହିଁ ତାହାର ନିର୍ମାଣଶୈଳୀ ଏପରି ହେବା ଦରକାର ଯାହାଦ୍ୱାରା ପ୍ରଯୋଜକଟିଏ ଆଉ ଏକ ସିନେମା ପ୍ରଯୋଜନା କରିବାକୁ ମନ ବଳାଇବ। କଳାକାର ନିଜର କ୍ୟାରିୟରକୁ ନେଇ ନୂଆ ସ୍ୱପ୍ନ ଦେଖିବ। ପ୍ରଯୋଜକ, ନିର୍ଦ୍ଦେଶକ ଏବଂ କଳାକାର ମନରେ ଯଦି ପେସାଦାର ମନୋବୃତ୍ତି ସବୁବେଳେ ରହେ ତେବେ ଆମ ଓଡ଼ିଆ ସିନେମା ପୁଣି ଥରେ ଦର୍ଶକାଦୃତ ହେବ– ଏକଥା ନିଃସନ୍ଦେହରେ କୁହାଯାଇପାରେ।

**–ଦିଲୀପ ହାଲି,** ବଡଗଡ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

କାଜଲ



# ପ୍ରଶଂସା ପଛରେ..

ପ୍ରିୟଙ୍କା ଚୋପ୍ରାଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ସେ କିଏ ଜାଣନ୍ତି ? ସେ ହେଲେ କ୍ୟାଟ୍ରିନା କୈଫ। ଅସଲ କଥା ହେଲା, ଦୁହେଁ ଏବେ ଏକତ୍ର ଗୋଟିଏ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଚିତ୍ରଟିର ଟାଇଟଲ ରହିଛି 'ଜି ଲେ ଜରା'। ଏ ସମ୍ପର୍କରେ ପ୍ରିୟଙ୍କା କହନ୍ତି, 'ଯେତେବେଳେ ମୋତେ ଏହି ଫିଲ୍ମର ଅଫର ମିଳିଲା ଏବଂ ମୁଁ ଜାଣିବାକୁ ପାଇଲି ଯେ, ଏଥିରେ କ୍ୟାଟ୍ରିନା ମଧ୍ୟ ଅଭିନୟ କରୁଛନ୍ତି ବିଳମ୍ବ ନ କରି ହଁ ଭରିଥିଲି। କ୍ୟାଟ୍ରିନା ଜଣେ ଭଲ ଅଭିନେତ୍ରୀ। ଭୂମିକା ଯେପରି ହେଉ ନା କାହିଁକି ତାହାକୁ ତୁଲାଇବାର ଦକ୍ଷତା ତାଙ୍କ ନିକଟରେ ରହିଛି। ମୋ ହାତରେ ଏବେ କେତୋଟି ନୂଆ ବଲିଉଡ୍ ଅଫର ରହିଛି। ସେ ନେଇ ମୁଁ ଭଲ ଭାବରେ ତର୍ଜମା କରୁଛି। କାରଣ ସେପଟେ କେତୋଟି ହଲିଉଡ୍ ସିନେମାରେ ମୁଁ ମଧ୍ୟ ଅଭିନୟ କରିବାକୁ ଯାଉଛି। ବାକି ରହିଲା କ୍ୟାଟ୍ରିନାଙ୍କ କଥା। ସେ ମୋର ବେଷ୍ଟ ଫ୍ରେଣ୍ଡ। ତାଙ୍କର ପର୍ସନାଲିଟି ମୋତେ ବେଶ୍ ପ୍ରଭାବିତ କରିଛି।' ଜୋୟା ଅଖତରଙ୍କର 'ଜି ଲେ ଜରା'ରେ ଆଲିୟା ଭଟ୍ଟ ମଧ୍ୟ ଅଭିନୟ କରୁଛନ୍ତି। ତେବେ ଏହି ତିନି ଜଣଙ୍କ କ୍ୟାରିୟରକୁ ଫିଲ୍ମଟି କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ପ୍ରିୟଙ୍କା

# କାଜଲଙ୍କ ବଦାନ୍ୟତା

କାଜଲ ଅଗ୍ରୱାଲଙ୍କ ବଦାନ୍ୟତାକୁ ନେଇ ଏବେ ଚର୍ଚ୍ଚା। କଥା କ'ଣ କି ନିକଟରେ ସେ ଏକ ତେଲୁଗୁ ଫିଲ୍ମର ଶୁଟିଂ କରିବାକୁ ବସ୍ତି ଅଞ୍ଚଳକୁ ଯାଇଥିଲେ। ସେଠାକାର ପରିବେଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସେଠାକାର ଲୋକମାନଙ୍କ ସହ ମିଶିବା ପରେ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ ସେ। ଆଉ ଏବେ ସେହି ବସ୍ତିର ଉନ୍ନତି ପାଇଁ ନିଜେ ଅଣ୍ଟା ଭିଡିଛନ୍ତି। ଏ ନେଇ କାଜଲ କହନ୍ତି, 'ସେମାନଙ୍କ ବିଷୟରେ ଜାଣିବା ପରେ ମୁଁ ଇମୋଶନାଲ ହୋଇଯାଇଥିଲି। ଏବେ ସେହି ବସ୍ତିର ଉନ୍ନତି ପାଇଁ ଚେଷ୍ଟା ଜାରି ରହିବ। ଏ ନେଇ ଯାହା ଖର୍ଚ୍ଚ ହେବା ନିଜେ ମଧ୍ୟ ବହନ କରିବି। କାରଣ ଅଭାବରେ କାଳାତିପାତ କରୁଥିବା ଲୋକଙ୍କୁ ଦେଖିଲେ ମୋ ହୃଦୟ ତରଳି ଯାଏ। ଏଣିକି କିଛି ସମୟ ମଧ୍ୟ ସମାଜସେବା ପାଇଁ ଦେବି। କାରଣ ଏହାଦ୍ୱାରା ଲୋକଙ୍କ ପାଖରେ ସହଜରେ ପହଞ୍ଚି ହେବ। ଅଭିନୟ ତ ଚାଲିବ। ତା'ସହ ଏପରି କାମକୁ ମଧ୍ୟ ଅଗ୍ରାଧିକାର ଦେବି।' ତେବେ ଏ କ୍ଷେତ୍ରରେ କାଜଲ କେତେ ସଫଳତା ପାଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ଜାହ୍ନବୀ

# ନୂଆ ରୂପରେ ଜାହ୍ନବୀ

ଜାହ୍ନବୀ କପୁରଙ୍କୁ ଦର୍ଶକ ଖୁବ୍ ଶୀଘ୍ର ନୂଆ ରୂପରେ ଦେଖିବାକୁ ପାଇବେ। କାରଣ ନିକଟରେ ସେ ଏକ ଆକ୍ସନଭିତ୍ତିକ ଫିଲ୍ମ ସାଇନ୍ କରିଛନ୍ତି। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ତଥାପି ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଶ୍ରୀଦେବୀ ତନୟା। ଖାସ୍ କଥା ହେଲା, ଏହି ଫିଲ୍ମରେ ଜାହ୍ନବୀ କେତୋଟି ଷ୍ଟଣ୍ଟ ଶଟ୍ ଦେବେ। ଏ ନେଇ ସେ କହନ୍ତି, 'ଫିଲ୍ମଟିର କାହାଣୀ ଜଣେ ନାରୀର ପ୍ରତିଶୋଧ ଉପରେ ଆଧାରିତ। ଜଣେ ସାଧାରଣ ଗାଉଁଲି ଝିଅଟିଏ ପରବର୍ତ୍ତୀ ସମୟରେ କିପରି ବିଭିନ୍ନ ପ୍ରକାର ଚ୍ୟାଲେଞ୍ଜକୁ ସାମନା କରୁଛି ଆଉ ପ୍ରତିଶୋଧ ନେଇପାରୁଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ମୋତେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡିବ। ତେଣୁ ଏ ନେଇ ଜଣେ ଷ୍ଟଣ୍ଟ ମାଷ୍ଟର ନିକଟରୁ ଟ୍ରେନିଂ ନେଉଛି। ଏଥିରେ ମୋ ଅପୋଜିଟ୍‌ରେ କିଏ ଅଭିନୟ କରିବ ତାହା ଆସନ୍ତା ସପ୍ତାହରେ ଜଣାପଡିଯିବ ବୋଲି ମୋତେ ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।' ତେବେ ଏଭଳି ଭୂମିକାକୁ ଜାହ୍ନବୀ କିପରି ତୁଲାଇଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# ଡେଣା–ଦ ଉଇଙ୍ଗ୍‌ସ

ଛୋଟ ଝିଅଟିଏ କରୋନା ଦ୍ୱାରା ନିଜ ବାପା–ମା'ଙ୍କୁ ହରାଇଛି। ଏବେ ତାହାର କେବଳ ସାହା ଭରସା ହେଉଛନ୍ତି ଜେଜେ ଆଉ ଜେଜେ ମା'। ନାତୁଣୀ କିପରି ପାଠ ପଢ଼ିବ ସେନେଇ ଦୁହେଁ ଅଣ୍ଟା ଭିଡିଛନ୍ତି। ଅଭାବ ଅନଟନରେ ପେଶି ହୋଇ ଝିଅଟି ପାଠ ପଢ଼ିବାକୁ ଆଗ୍ରହ ଦେଖାଇଛି। ତା' ମନରେ ଲାଗିଛି ପାଠ ପଢ଼ିବାର ଡେଣା। ଆଉ ଏହି ସମୟରେ ତାକୁ ଉତ୍ସାହିତ କରିଛନ୍ତି ଜେଜେ ଆଉ ଜେଜେମା'। ଶେଷରେ ଝିଅଟି କ'ଣ ତାହାର ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହେଉଛି ? ତା' ମନରେ ଲାଗିଥିବା ଡେଣା ସହାୟତାରେ ଝିଅଟି କ'ଣ ନିଜର ସ୍ୱପ୍ନ ପୂରଣ କରିପାରୁଛି ? ଏଭଳି ଅସମାହିତ ପ୍ରଶ୍ନଗୁଚ୍ଛର ଉତ୍ତର ରହିଛି କାହାଣୀରେ, ଯାହାକୁ ଆଧାର କରି ଜାତୀୟ ତଥା ଅନ୍ତଜାତୀୟ ସ୍ତରରେ ପ୍ରଶଂସା ସାଉଁଟି ଚାଲିଥିବା ଯୁବ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ସନ୍ତୋଷ ପଣ୍ଡା ନିର୍ମାଣ କରିଛନ୍ତି ଏକ କଳାତ୍ମକ ଚଳଚ୍ଚିତ୍ର। 'ଡେଣା–ଦ ଉଇଙ୍ଗ୍‌ସ' ଶୀର୍ଷକ ଏହି ଚିତ୍ରଟି ପାଖାପାଖି ୩୦ଟି ଅର୍ନ୍ତଜାତୀୟ ଚଳଚ୍ଚିତ୍ର ସମାରୋହରେ ପ୍ରଦର୍ଶିତ ହୋଇ ପୁରସ୍କାର ହାସଲ କରିଛି। ପ୍ରାୟ ୪୫ ମିନିଟ୍ ଅବଧି ବିଶିଷ୍ଟ ତଥା ଦ ପ୍ରିମିୟର ମିଡିଆ ବ୍ୟାନରରେ ନିର୍ମିତ ଏହି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଗୀତ, ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ସନ୍ତୋଷ। 'ଏହି ଫିଲ୍ମଟି ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। କାରଣ ଏପରି ଏକ ସାମ୍ପ୍ରତିକ କାହାଣୀକୁ ଚଳଚ୍ଚିତ୍ରର ରୂପ ଦେବା ସହଜ କଥା ନୁହେଁ। ମୋର ପରିଶ୍ରମର ମୂଲ୍ୟ ମିଳିଛି ଏବଂ ଆଗକୁ ଆଗେଇବାରେ ଏହା ମୋତେ ବେଶ୍ ପ୍ରେରଣାଦାୟକ ସାଜିଛି। ନିକଟରେ ଜଣେ ପାକିସ୍ତାନୀ ଲେଖକ ମୋର ଏହି ଫିଲ୍ମଟିକୁ ଦେଖି ମୋତେ ଫୋନ୍ କରି ବେଶ୍ ପ୍ରଶଂସା କରିଥିଲେ ବୋଲି କହନ୍ତି ସନ୍ତୋଷ। ଜଲିଉଡ୍ ତଥା ଥିଏଟର ଜଗତର ଆଗଧାଡିର ସ୍ୱର ସଂଯୋଜକ ଟିଟନ୍ ଦାସ ଏଥିରେ ପ୍ରଚ୍ଛଦପଟ୍ଟ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କଣ୍ଠଦାନ କରିଛନ୍ତି ସତ୍ୟ ପରିଡା। ବିଭିନ୍ନ ଭୂମିକାରେ ଚୌଧୁରୀ ବିକାଶ ଦାସ, ମମତା ମହାନ୍ତି, ସୁହାନା କର, କଳିଙ୍ଗ ଦାସ, କୁନି ପଣ୍ଡା, ଶୁଭଲକ୍ଷ୍ମୀ ପଣ୍ଡା, ସାତ୍ୱକୀ ରାଜା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


'ଡେଣା–ଦ ଉଇଙ୍ଗ୍‌ସ' ଚଳଚ୍ଚିତ୍ରରେ ସୁହାନା କର

# ଚୁଜି ହେଲେଣି ଯାମି

ଏଣିକି ଯାମି କୁଆଡେ ଦେଖିଚାହିଁ ଫିଲ୍ମ ସାଇନ୍ କରିବେ। ଦେଖୁନାହାନ୍ତି, ନିକଟରେ ସେ କେମିତି ତିନୋଟି ଅଫରକୁ ହାତଛଡା କଲେ। ଆଗକୁ ନିଜ କ୍ୟାରିୟରକୁ ନେଇ ସେ ବେଶ୍ ସଚେତନ ରହିବେ। 'ମୁଁ ତରବର ହୋଇ ଗୁଡାଏ ଫିଲ୍ମରେ ଆକ୍ଟିଂ କରିବାକୁ ଚାହେଁନା। କାରଣ ଅଯଥାରେ କେବଳ ଫିଲ୍ମ ସଂଖ୍ୟା ବଢ଼ାଇବା ଚକ୍କରରେ ମୁଁ ନାହିଁ। ସେଗୁଡିକୁ ଦର୍ଶକ ଯଦି ପ୍ରତ୍ୟାଖ୍ୟାନ କଲେ ତେବେ ତାହା କ୍ୟାରିୟରକୁ ପ୍ରଭାବିତ କରିବ। ତେଣୁ ଆରମ୍ଭରୁ ସତର୍କ ରହିବା ହିଁ ଭଲ। ସେଥିପାଇଁ ନିକଟରେ ମୁଁ ତିନୋଟି ଅଫର ହାତଛଡା କରିଛି। ସେଭଳ କାହାଣୀରେ କିଛି ନୂତନତ୍ୱ ନାହିଁ। ତେଣୁ ସେହି ଅଫରଗୁଡିକୁ ରେଡ୍ ସିଗନାଲ ଦେଖାଇଥିଲି। ଏଣିକି ଟିକେ ବାୟୋପିକ୍ ସିନେମା ପ୍ରତି ଧ୍ୟାନ ଦେବି ବୋଲି ଭାବିଛି। କାରଣ ବର୍ତ୍ତମାନ ଏପରି ସିନେମାର ଭଲ ଚାହିଦା ରହିଛି। ଏ ନେଇ ଅଫର ମିଳିଲେ ସେ ବିଷୟରେ ଭଲ ଭାବରେ ତର୍ଜମା କରିବି ବୋଲି କହିଛନ୍ତି ଯାମି ଗୌତମ। ଯାମିଙ୍କର ଏହି ଯୋଜନା କେତେ ସଫଳ ହେଉଛି ତାହା ଆଗାମୀ ସମୟ ହିଁ କହିବ।







## ଅପେରା ହାଲଚାଲ
# ଅଭିନୟ ନିଶାରେ ରତି–ପ୍ରମିଳା

ରତିକାନ୍ତ ଲେଙ୍କା। ଦୀର୍ଘ ୩୦ବର୍ଷ ଧରି ସେ ଜଲିଉଡ୍ ସହ ଜଡିତ। ବାଣେଶ୍ୱରୀ ଗଣନାଟ୍ୟରୁ ଆରମ୍ଭ ହୋଇଥିଲା ତାଙ୍କର ଅଭିନୟ କ୍ୟାରିୟର। ସେ ସମୟରେ ଜଣେ ସଫଳ ନାୟକ ଭାବରେ ସେ ସାଉଁଟିଥିଲେ ଅନେକ ପ୍ରଶଂସା। ଅନ୍ୟପକ୍ଷରେ ଅଭିନେତ୍ରୀ ତଥା ଧର୍ମପତ୍ନୀ ପ୍ରମିଳା ପ୍ରଥମେ ଶିଶୁ କଳକାର ପରେ ନାୟିକା ଏବଂ ବର୍ତ୍ତମାନ ମା' ଭୂମିକାରେ ଅଭିନୟ କରୁଛନ୍ତି। ଏହି ଦୁଇ ପତି–ପତ୍ନୀ ବର୍ତ୍ତମାନ 'ଯାତ୍ରା ବିଶ୍ୱଦରବାର'ରେ ଅଭିନୟ ଜାରି ରଖିଛନ୍ତି। ଏହି ଅପେରା ପାର୍ଟି ପରିବେଷିତ ନାଟକ 'କାହିଁକି ଆସିଛୁ ମନ କିସ ନେବା ପାଇଁ', 'କୋଟିଏ ତାରାରେ ଗୋଟିଏ ଜହ୍ନ', 'ଆକାଶ କଇଁଆ ଚିଲିକା ମାଛ' ଏବଂ 'ବର୍ଷା ରାତିର ସାଥୀ'ରେ ଦୁହିଁଙ୍କର ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ଏହାପୂର୍ବରୁ ଏହି ଯୋଡି ଯାତ୍ରା ତ୍ରିରଙ୍ଗା, ଦୁର୍ଗାଶ୍ରୀ ଗଣନାଟ୍ୟ, ଅପେରା ଓମଶ୍ରୀ, ତ୍ରିନାଟ ଗଣନାଟ୍ୟ ଏବଂ ଇନ୍ଦ୍ରମହଲ ଆଦି ଅପେରା ପାର୍ଟିରେ ଅଭିନୟ କରିସାରିଛନ୍ତି। 'ଅଭିନୟ ମାୟାରେ ଆମେ ଦୁହେଁ ଯେମିତି ବନ୍ଧା ହୋଇଯାଇଛୁ। ଦର୍ଶକଙ୍କ ଭଲ ପାଇବା ଆମକୁ ଆଜି ଆଣି ଏଠି ପହଞ୍ଚାଇଛି ବୋଲି କହନ୍ତି ରତି।' ଦୁହେଁ ଗଙ୍ଗା ପାପ କଲେ ଧୋଇବ କିଏ,ଶ୍ରୀକୃଷ୍ଣ ମୋହର ଶେଷ ସାକ୍ଷୀ, ବଡ ଲୋକଙ୍କୁ ଉତ୍ତର ନାହିଁ, ଉର୍ବଶୀ ଆସୁଛି ଇନ୍ଦ୍ରମହଲ ଆଦି ଶତାଧିକ ନାଟକରେ ଅଭିନୟ କରିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ





# ଆଇପିଏଲ୍: ୨୫ ପ୍ରତିଶତ ଦର୍ଶକଙ୍କୁ ଅନୁମତି

**ନୂଆଦିଲ୍ଲୀ, ୨୩।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୫ତମ ସଂସ୍କରଣ ଶନିବାର ମୁମ୍ବାଇରେ ଆରମ୍ଭ ହେବାକୁ ଯାଉଛି। ମ୍ୟାଚ ଦେଖିବା ପାଇଁ ଷ୍ଟାଡିୟମରେ ୨୫ ପ୍ରତିଶତ ଦର୍ଶକଙ୍କୁ ଅନୁମତି ମିଳିବ ବୋଲି ବୁଧବାର ଆୟୋଜକଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏହି ବ୍ୟୟ ବହୁଳ ଲିଗ୍ର ଉଦ୍ଘାଟନୀ ମ୍ୟାଚ ଗତଥରର ଚାମ୍ପିୟନ ଚେନ୍ନାଇ ସୁପରକିଙ୍ଗ୍ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ଖେଳାଯିବ। ମ୍ୟାଚ ଗୁଡ଼ିକ ମୁମ୍ବାଇ, ନଭି ମୁମ୍ବାଇ ଓ ପୁଣେରେ ୨୫ ପ୍ରତିଶତ ଦର୍ଶକଙ୍କୁ ନେଇ କୋଭିଡ-୧୯ ପ୍ରୋଟୋକଲ ଅନୁସାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

**ସି.କେ. ନାୟିଡୁ ଟ୍ରଫି**

# ଓଡ଼ିଶାର ଦୃଢ଼ ଜବାବ

**ଭୁବନେଶ୍ୱର, ୨୩।୩ (କ୍ରୀଡ଼ା ପ୍ରତିନିଧି):** ତ୍ରିଭେନ୍ଦ୍ରମ୍ର ଗ୍ରୀନ୍ଫିଲ୍ଡ ଷ୍ଟାଡିୟମରେ ଚାଲିଥିବା ୨୫ ବର୍ଷରୁ କମ୍ ବିସିସିଆଇ ସି.କେ. ନାୟିଡୁ ଟ୍ରଫି କ୍ରିକେଟ (ଏଲିଟ ଗ୍ରୁପ୍-ସି ) ମ୍ୟାଚରେ ଝାଡ଼ଖଣ୍ଡକୁ ଦୃଢ଼ ଜବାବ ଦେଇଛି ଓଡ଼ିଶା। ଝାଡ଼ଖଣ୍ଡର ପ୍ରଥମ ଇନିଂସ ସ୍କୋର ୪୫୨ ରନ ଜବାବରେ ଓଡ଼ିଶା ବୁଧବାର ଦ୍ୱିତୀୟ ଦିବସ ଶେଷ ବେଳକୁ ୧ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଛି। ଆଶୀର୍ବାଦ ସ୍ୱାଇଁ ୨୦୮ ବଲ୍ରୁ ୯୧ ଓ ଦେବାଶିଷ ସାମନ୍ତରାୟ ୧୨୮ ବଲ୍ରୁ ୪୯ ରନକରି ଅପରାଜିତ ଅଛନ୍ତି। ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୯୭/୫ରୁ ଖେଳ ଆରମ୍ଭ କରିଥିବା ଝାଡ଼ଖଣ୍ଡ ୫୫ ରନରେ ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସାହିଲ ରାଜ ସର୍ବାଧିକ ୧୮୪, ଆଦିତ୍ୟ ସିଂ ୧୩୩ ଓ ସୁରଓ୍ୱାର ୪୮ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସତ୍ୟକାମ ଭରଦ୍ୱାଜ ୪ଟି ଏବଂ ରାଜେଶ ମହାନ୍ତି ଓ କ୍ରିଷ୍ଣା ପଲାଇ ୨ଟି ଲେଖାଏ ଉଇକେଟ ନେଇଥିଲେ। ତାରିଣୀ ସ’ଙ୍କୁ ଗୋଟିଏ ଉଇକେଟ ମିଳିଥିବାବେଳେ ଝାଡ଼ଖଣ୍ଡର ଜଣେ ବ୍ୟାଟର ରନ୍ଆଉଟ ହୋଇଥିଲେ।












## ନିଜ ପାଇଁ ନିଜେ କେନାଲ ସଫେଇ କଲେ ଯୁବଗୋଷ୍ଠୀ

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ଗଣେଶପୁର ଓ ବିଶାଳପାଲି ଗାଁର ସୀତାରାମ ପାଣି ପଞ୍ଚାୟତ ସଭାପତି ସତ୍ୟବାନ ପଧାନ ଓ ତାଙ୍କ ସହଯୋଗୀମାନେ ବୁଧବାର ଗଣେଶପୁର କେନାଲ ସଫା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ପ୍ରକାଶଥାଉ କି, ଦୀର୍ଘମାସ ହେଲା ଗଣେଶପୁର କେନାଲ ବାଲି, କାଦୁଅ ଓ ବର୍ଜ୍ୟବସ୍ତୁରେ ପରିପୂର୍ଣ୍ଣ ହୋଇ ଯାଇଥିଲା। ଫଳରେ କେନାଲରୁ ସ୍ଥାନୀୟ ଅଞ୍ଚଳର ୭୦ ଏକର ଜମିକୁ ପାଣି ଠିକ୍ ଭାବେ ମାଡି ପାରୁ ନ ଥିଲା। ଏହାର ପ୍ରତିକାର କରିବା ପାଇଁ ୩୦ରୁ ଊର୍ଦ୍ଧ୍ୱ ଯୁବକ କେନାଲରେ ପ୍ରାୟ ୩ଫୁଟ ଉଚ୍ଚତାରେ ଜମି ରହିଥିବା ବାଲି ଓ ବର୍ଜ୍ୟବସ୍ତୁ କାଢି ସଫା କରିଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଶିକ୍ଷକ ମୃତ

ନୂଆପଡ଼ା ଅଫିସ,୨୩।୩: ନୂଆପଡା ଜିଲା ଖଡିଆଳ ବ୍ଲକ ବରଗାଁ ଚକାଡଙ୍ଗର ନିକଟସ୍ଥ ୩୫୩ ନଂ. ଜାତୀୟ ରାଜପଥ ଉପରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗଡ୍ରାମୁଣ୍ଡା ଗାଁର



ନିର୍ମଳ ଦଳପତି (୪୩)। ସେ ବଡମହେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଥିଲେ। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରତିଦିନ ଭଳି ବୁଧବାର ଗଡ୍ରାମୁଣ୍ଡା ଗ୍ରାମରୁ ବାଇକ୍ (ନଂ.ଓଡି୦୮ଏ-୯୮୫୩)ରେ ବଡମହେଶ୍ୱର ସ୍କୁଲକୁ ଯାଉଥିଲେ। ଏହି ସମୟରେ ନୂଆପଡା ପଟୁ ଯାଉଥିବା ଏକ କାର୍ (ନଂ.ଓଡି୨୬ସି-୯୫୫୯) ଚକାଡଙ୍ଗରଠାରେ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ଖଡିଆଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କାରକୁ ପୋଲିସ ଜବତ କରିଛି। ମୃତକ ଖଡ଼ିଆଳ ଧରିତ୍ରୀ ବ୍ଲକ ପ୍ରତିନିଧୀ ବିମଳସିଂ ଦଳପତିଙ୍କ ସାନଭାଇ ଅଟନ୍ତି। ଦୁଇ ପୁଅ ନିର୍ଣ୍ଣୟ ଓ ନିର୍ଭୟ ଏବଂ ଭାଇ ବିମଳସିଂ ମୁଖାଗ୍ନି ଦେଇଥିଲେ।

### ଉଦ୍ଧାର କୁଟୁରା ବନ ବିଭାଗକୁ ହସ୍ତାନ୍ତର

ରୁପ୍ରା ରୋଡ଼,୨୩।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଭୀମକେଲା ଗ୍ରାମ ପଞ୍ଚାୟତ ଅଧୀନ ପଲସାପଡା ଗ୍ରାମକୁ ବୁଧବାର ସକାଳୁ ଆସିଥିବା ଏକ ଅଣ୍ଡିରା କୁଟୁରାକୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ପରେ ରୁପ୍ରାରୋଡ ଫରେଷ୍ଟର ବିଶ୍ୱଜିତ ଠାକୁରଙ୍କୁ ଅବଗତ କରାଯାଇଥିଲା। ଫରେଷ୍ଟର ଠାକୁର ଫରେଷ୍ଟ ଗାର୍ଡ ତପନ ବେହେରାଙ୍କୁ ପଲସାପଡା ଗ୍ରାମକୁ ପଠାଇଥିଲେ। ଉଦ୍ଧାର କୁଟୁରାର ମୁଣ୍ଡ ଓ ଦେହର କିଛି ଯାଗାରେ ଖଣ୍ଡିଆ ହୋଇଥିବା ଦେଖିବାକୁ ମିଳିଥିଲା। କୁକୁର ପଲ ଘଡାଇବାରୁ କୁଟୁରା ଗ୍ରାମ ଭିତରକୁ ପଶି ଆସିଥିବା ଗ୍ରାମବାସୀ କହିଛନ୍ତି। ଉଦ୍ଧାର କୁଟୁରାର ରୁପ୍ରାରୋଡ ପ୍ରାଣୀ ଚିକିତ୍ସିକଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ରାଯାଇଥିଲା। ଫରେଷ୍ଟ ଗାର୍ଡ ତପନ ବେହେରା କୁଟୁରାଟିକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ରେଞ୍ଜ ଅଫିସର ଦୀନବନ୍ଧୁ ମେହେର ସୂଚନା ଦେଇଛନ୍ତି।

### ବିଦ୍ୟାଳୟ ପରିଚାଳନା କମିଟି ତାଲିମ ଶିବିର

ବୌଦ୍ଧ,୨୩।୩(ସ୍ୱ.ପ୍ର.): ବୌଦ୍ଧ ବ୍ଲକ ମୁଣ୍ଡାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୱାଇସିଡିଏ ବାଉଁଶୁଣୀ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟଙ୍କୁ ନେଇ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଗଠନ, କାର୍ଯ୍ୟକ୍ରମ ପ୍ରଣାଳୀ, ନିୟମିତ ବୈଠକ, ବିଦ୍ୟାର୍ଥୀଙ୍କ ବିକାଶ,ବିଦ୍ୟାଳୟ ଉନ୍ନତି ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମଦାତା ଭାବେ ବିକ୍ରମ କୁମାର ପ୍ରଧାନ ଓ ପ୍ରଶାନ୍ତ ଝାଙ୍କର ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଣ୍ଡାପଡା ପଞ୍ଚାୟତର ସମସ୍ତ ଗ୍ରାମର ସଦସ୍ୟ, ଆଶା, ଅଙ୍ଗନୱାଡି କର୍ମୀ, ଅଭିଭାବକ ଓ ୱାର୍ଡସଭ୍ୟ ତାଲିମ ଗ୍ରହଣ କରିଥିଲେ। ଅତିଥିଭାବେ ମୁଣ୍ଡାପଡା ସରପଞ୍ଚ ଶେଷଦେବ ପ୍ରଧାନ ଯୋଗ ଦେଇଥିଲେ। ଶୁଭ୍ରାତା ଜେନା, ବିବିନା ନାଏକ ସୁଧାମୟୀ ରଥ, ହରିପ୍ରସାଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧.୪୭ଲକ୍ଷ ଭୋଟର କରିବେ ମତଦାନ

ବଲାଙ୍ଗୀର ଅଫିସ, ୨୩।୩

**ବଲାଙ୍ଗୀର ଜିଲାର ୫ସହରାଞ୍ଚଳରେ ଆଜି ଭୋଟ**
- ୨୪ ପୌରାଧକ୍ଷା, ପୌରାଧକ୍ଷ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା
- ୧୭୦ ବୁଥ୍‌ରୁ ୧୦୦ ବୁଥ୍ ସମ୍ବେଦନଶୀଳ
- ପ୍ରତ୍ୟେକ ସହରାଞ୍ଚଳରେ ୩ଟି ପିଙ୍କ ବୁଥ୍

ପୌର ନିର୍ବାଚନ ସକାଶେ ସମସ୍ତ ସଜବାଜ ସରିଛି। ଗୁରୁବାର ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ବଲାଙ୍ଗୀର ଜିଲାର ୫ଟି ସହରାଞ୍ଚଳର ୧୭୦ ବୁଥ୍‌ରେ ସମୁଦାୟ ୧ ଲକ୍ଷ ୪୭ ହଜାର ୧୦୮ ଜଣ ଭୋଟର ମତଦାନ କରିବେ। ଜିଲାର ୨ଟି ପୌରପାଳିକା ବଲାଙ୍ଗୀର ଏବଂ ଟିଟିଲାଗଡ ତଥା ୩ଟି ଏନ୍ଏସି ପାଟଣାଗଡ, କଣ୍ଟାବାଞ୍ଜି ଓ ତୁଷରାରେ ଭୋଟଗ୍ରହଣ ପାଇଁ ପ୍ରସ୍ତୁତି ସରିଛି। ନିର୍ବାଚନ ସକାଶେ ବୁଧବାର ଡିସପରସାଲ ଟିମ୍ ବିଭିନ୍ନ ୱାର୍ଡର ବୁଥ୍ ଗୁଡିକୁ ପହଞ୍ଚିଛନ୍ତି। ବଲାଙ୍ଗୀର ମ୍ୟୁନିସିପାଲିଟିର ୨୧ଟି ୱାର୍ଡରେ ୮୪ଟି ଭୋଟ ଗ୍ରହଣ କେନ୍ଦ୍ର ବୁଥ୍ କରାଯାଇଛି। ଏଠାରେ ୭୮ ହଜାର ୭୨୩ ଭୋଟର ରହିଛନ୍ତି। ଟିଟିଲାଗଡର ୧୫ଟି ୱାର୍ଡରେ ୨୮ଟି ବୁଥ୍ କରାଯାଇଛି। ଏଠାରେ ୨୫ ହଜାର ୮୩୭ ଭୋଟ ରହିଛନ୍ତି। ପାଟଣାଗଡ ଏନ୍ଏସିରେ ୧୫ଟି ୱାର୍ଡରେ ୨୨ଟି ବୁଥ୍ କରାଯାଇଛି। ଏଠାରେ ୧୬ ହଜାର ୭୨୩ ଭୋଟର ରହିଛନ୍ତି। କଣ୍ଟାବାଞ୍ଜି ଏନ୍ଏସିରେ ୧୬ଟି ୱାର୍ଡରେ ୨୫ଟି ବୁଥ୍ କରାଯାଇଛି। ଏଠାରେ ୧୭ ହଜାର ୫୫୧ ଭୋଟର ରହିଛନ୍ତି। ତୁଷରା ଏନ୍ଏସିରେ ୧୧ଟି ୱାର୍ଡରେ ୧୧ଟି ବୁଥ୍ କରାଯାଇଛି। ଏଠାରେ ୮ ହଜାର ୨୭୪ ଭୋଟର ରହିଛନ୍ତି। ଗୁରୁବାର ୫ଟି ସହରାଞ୍ଚଳର ଭୋଟରମାନେ ୨୪ ଜଣ ପୌରାଧକ୍ଷା ଓ ପୌରାଧକ୍ଷ ପ୍ରାର୍ଥୀ ଏବଂ ୨୫୯ ଜଣ କାଉନସିଲର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ଅବାଧ କରିବା ପାଇଁ ନିର୍ବାଚନ କମିଶନଙ୍କ ଗାଇଡଲାଇନ୍ ପାଳନକୁ ଜିଲା ପ୍ରଶାସନ ପକ୍ଷରୁ କଡାକଡି କରାଯାଇଛି। ପ୍ରତ୍ୟେକ ସହରାଞ୍ଚଳରେ ୩ଟି ଲେଖାଏ ପିଙ୍କ ବୁଥ୍ କରାଯାଇଛି। ଏଠାରେ କେବଳ ମହିଳା କର୍ମଚାରୀମାନେ ଭୋଟ ଗ୍ରହଣ ବ୍ୟବସ୍ଥା ପରିଚାଳନା କରିବେ। ଏଥିପାଇଁ ସମସ୍ତ ବ୍ୟବସ୍ଥା ଓ ପ୍ରସ୍ତୁତି ସରିଥିବା ବଲାଙ୍ଗୀର ଉପଜିଲାପାଳ ତଥା ପୌର ନିର୍ବାଚନ ଅଧିକାରୀ ଲମ୍ବୋଦର ଧରୁଆ ସୂଚନା ଦେଇଛନ୍ତି। ଏସପି ନୀତିନ କୁଶଲକର କହିଛନ୍ତି ଯେ, ଜିଲାରେ ୫ଟି ସହରାଞ୍ଚଳର ୧୭୦ ବୁଥ୍‌ରୁ ପ୍ରାୟ ୧୦୦ଟି ବୁଥ୍ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ସେହି ସମ୍ବେନଶୀଳ ବୁଥ୍ ମାନଙ୍କରେ ସିସି ଟିଭି କ୍ୟାମେରା ଲଗାଯାଇଛି। ଏହା ସହିତ ଜିଲାରେ ଶାନ୍ତିଶୃଙ୍ଖଳାର ସହ ପୌର ନିର୍ବାଚନ ପରିଚାଳନା ସକାଶେ ୮ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୨୦୦ରୁ ଊର୍ଦ୍ଧ୍ୱ ଅସାମାଜିକ ତତ୍ତ୍ୱ, ୱାରେଣ୍ଟିଙ୍କୁ ତାଗିଦ୍ କରାଯାଇଛି।

# ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ



ସାଙ୍ଗଠନିକ ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

ମୁରିବାହାଲ, ୨୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ମାଳିସିରା ଗ୍ରାମ ପଞ୍ଚାୟତ ମହୁଲତୋଟାଠାରେ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହଂସରାଜ ଜୈନଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଜେଡି ସଭାପତି ମିନିକେତନ ପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁରିବାହାଲ ବ୍ଲକର ନବନିର୍ବାଚିତ ସମିତି ସଭ୍ୟାସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳକୁ ବ୍ଲକ ଅଞ୍ଚଳରେ ଅଧିକ ସଂଗଠିତ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଉକ୍ତ ସଭାରେ ବହୁ ସରପଞ୍ଚ, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କିଶୋର ବେହେରା, ପିଣ୍ଟୁ ଦୀପ, ବିନୋଦ ଦୀପ ସହଯୋଗ କରିଥିଲେ। ସଭା ସଂଯୋଜନା ବରିଷ୍ଠ ନେତା ଦିଲୀପ କୁମାର ପୃଷ୍ଟି, ଫାଲଗୁନି ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ର୍ଥ ନୂଆପଡ଼ା କପ୍: ଏମ୍ଏମ୍ସିସି ସମ୍ବଲପୁର ଚାମ୍ପିୟନ

ନୂଆପଡ଼ା ଅଫିସ,୨୩।୩




ଅତିଥିଙ୍କ ଗହଣରେ ଖେଳାଳି ବୃନ୍ଦ।

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ନୂଆପଡା ପ୍ଲେବୟ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଆନ୍ତଃରାଜ୍ୟ ୪ର୍ଥ ନୂଆପଡା କପ୍ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ଲେବୟ ନୂଆପଡା ଓ ଏମ୍ଏମ୍ସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଏମ୍ଏମ୍ସିସି ଚାମ୍ପିୟନ ହୋଇଛି। ପ୍ଲେବୟ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ଦଳ ନିର୍ଦ୍ଧାରିତ ଓଭରରେ ୧୦୦ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ସମ୍ବଲପୁରର କମରାନ ଖାନ ଓ ମ୍ୟାନ ଅଫ ଦି ସିରିଜ ଅଙ୍କୁର ସିଂଙ୍କୁ ପ୍ରଦାନ କରାଯାଇଛି। ଚାମ୍ପିୟନ ଦଳକୁ ନଗଦ ୪୦ ହଜାର ଟଙ୍କା ସହ ନୂଆପଡାର ବରିଷ୍ଠ ଖବରଦାତା ସ୍ୱର୍ଗତ ଧ୍ରୁବଚରଣ ପାଣିଗ୍ରାହୀଙ୍କ ସ୍ମୃତିରେ ଟ୍ରଫି ପ୍ରଦାନ କରାଯାଇଛି। ରନର୍ସ ଅଫ ଦଳକୁ ନଗଦ ୩୦ ହଜାର ଟଙ୍କା ସହ ସ୍ୱର୍ଗତ ସରୋଜ କୁମାର ବର୍ଗର୍ତ୍ତି ଓ ସ୍ୱର୍ଗତ ପ୍ରତିଭା ବର୍ଗର୍ତ୍ତିଙ୍କ ସ୍ମୃତିରେ ଟ୍ରଫି ପ୍ରଦାନ କରାଯାଇଛି। ଚୂଡାମଣି ପାଢୀ ଓ ପ୍ରଶାନ୍ତ ମିଶ୍ର ଖେଳ ପରିଚାଳନା କରିଥିବା ବେଳେ ଘନଶ୍ୟାମ ପ୍ରଧାନ ସ୍କୋର ଦାୟିତ୍ୱ ତୁଲାଉଛନ୍ତି। ସିତାରାମ ସାହୁ, ଜୟ କିଷନ ସୁନାନୀ ଧାରାବିବରଣି ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ନୂଆପଡା କ୍ରିକେଟ ସଂଘ ସମ୍ପାଦକ ତଥା ଓଡିଶା କ୍ରିକେଟ ସଂଘ ଉପସଭାପତି ସରୋଜ କୁମାର ସାହୁ (ଭୈରବ) ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୂଆପଡା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ, ଗରିବ ସେନା ସଭାପତି ରବି ମଙ୍ଗରାଜ, ଆଇନଜୀବୀ ଅଶୋକ ଦେବାଙ୍ଗନ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ କ୍ରୀଡାପ୍ରେମୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ଲେବୟ କ୍ରିକେଟ କ୍ଲବ ସଂଯୋଜକ ସୌରଭ ଜୈନ, ସଭାପତି ଅନୀଲ କୁମାର ଦାସ, ସମ୍ପାଦକ ଅଶୋକ ପୁଞ୍ଜି, କୋଷାଧ୍ୟକ୍ଷ ଭିକି ନାଏକ ଆୟୋଜନ କରୁଥିବା ବେଳେ ପ୍ରମୋଦ ସାମଲ, ସତ୍ୟ ପୋଡ, ଆଲୋକ ପ୍ରଧାନ, ଅନୁଭବ ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

## ଜାଳେଣି କାଠ, କୁରାଢ଼ି ଜବତ

ବିନିକା,୨୩।୩(ଡି.ଏନ୍.ଏ.)

ଜଙ୍ଗଲରୁ ଜାଳେଣି କାଠ ନେବା ଅଭିଯୋଗରେ ବୁଧବାର ବନ ବିଭାଗ ସୁବର୍ଣ୍ଣପୁର ଜିଲା ବିନିକା ମହାନଦୀ ବ୍ରିଜ ନିକଟରୁ ୩ ଜଣଙ୍କୁ ଧରିଛି। ସେମାନେ ହେଲେ ବିନିକାର ରାଜେଶ ଘିବିଲା, ଇଚ୍ଛାପୁରର ଅଶୋକ ତାଣ୍ଡି ଓ ଅଶୋକ ଦଣ୍ଡସେନା । ସେମାନଙ୍କ ଠାରୁ ଜାଳେଣି କାଠ, ୩ ସାଇକେଲ ଓ କୁରାଢି ଜବତ ହୋଇଛି। ଚଢେଇପଙ୍କ ଫରେଷ୍ଟ ବିଟର ଚୌଧୁରୀ ଦଳପତିଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଏହି ଚଢାଉରେ ସାମିଲ ଥିଲେ । ଜଙ୍ଗଲରୁ ଜାଳେଣି କାଠ ନେଉଥିବା ବ୍ୟକ୍ତିଙ୍କୁ ଧରାଯାଇ ଜରିମାନା ଆଦାୟ କରାଯାଉଥିବା ବେଳେ ବନ୍ୟଜନ୍ତୁ ଶିକାର କରୁଥିବା ଶିକାରୀଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

## ଶହୀଦ ଦିବସ ଉପଲକ୍ଷେ ରକ୍ତଦାନ ଶିବିର

ନୂଆପଡ଼ା ଅଫିସ,୨୩।୩

ଶହୀଦ ଦିବସ ଉପଲକ୍ଷେ ସେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ମହାପୁରୁଷ ପୁସ୍ତକାଳୟ ଖରିଆର ରୋଡଠାରେ ଅନୁଷ୍ଠିତ ହୋଇଯାଇଛି। ଗୋକୁଲ ଟ୍ରଷ୍ଟ ଆୟୋଜିତ ଶିବିରରେ ଜୀବନବିନ୍ଦୁ, ଖୁସି ଟ୍ରଷ୍ଟ, ମାରୱାଡି ଯୁବାମଞ୍ଚ ଜାଗୃତି ଶାଖା ଖରିଆର ରୋଡଙ୍କ ମିଳିତ ସହଯୋଗରେ ଶିବିର ହୋଇଥିଲା। ଜୀବନ ବିନ୍ଦୁ ଜିଲା ସଂଯୋଜକ ମନୋଜ ଡାଗାଙ୍କ ମାର୍ଗଦର୍ଶନ ଓ ଗୋକୁଲ ଟ୍ରଷ୍ଟର ଅଧ୍ୟକ୍ଷ ରାକେଶ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବିଦ୍ୟାଧାତ୍ରୀ ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବୀର କ୍ରାନ୍ତିକାରୀ ଭଗତସିଂ, ଜୟରାଜ ଗୁରୁ ଓ ଶୁକଦେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଆର୍‌ପିଏଫ୍ ୨୧୬ ବାଟାଲିୟାନ ଯବାନ, ନଗରବାସୀ ଓ ଛତିଶଗଡ ମହାସମୁନ୍ଦ ଜିଲାରୁ ଆସି ରକ୍ତଦାନ କରିଛନ୍ତି। ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଛି। ଶିବିରରେ ଜାଗୃତି ଶାଖା ଅଧକ୍ଷା ରଚନା ଜୈନ, ସାମାଜିକ କର୍ମୀ ସୋନୁ ଗାନ୍ଧୀ, ସନ୍ତୋଷ ଅଗ୍ରୱାଲ, ରୁଚା ଅଗ୍ରୱାଲ, ଦିଲୀପ ଗାନ୍ଧୀ, କିର୍ତ୍ତି ଡାଗା, ହେମା ରାୱଲ, ଭିକ୍କି ଜୈନ, ସୃତି ବାଜପେୟୀ ପ୍ରମୁଖ ସହଯୋଗ କରିଥିଲେ।

# ସରିଲା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନିର୍ବାଚନ



ପୁଷ୍ପାଞ୍ଜଳି ସାହୁ
ଭବାନୀପାଟଣା



କୁଲି ମେହେର
ଧର୍ମଗଡ଼



ପ୍ରମୋଦ ବେହେରା
ଜୁନାଗଡ଼



ରାଜଲକ୍ଷ୍ମୀ ପଟ୍ଟନାୟକ
କେସିଙ୍ଗା



ରାଜୀବ ଅଗ୍ରୱାଲ
କୋକସରା



ସୁରେନ୍ଦ୍ର ଭୋଇ
କର୍ଲାମୁଣ୍ଡା



ସଞ୍ଜୀବ କୁମାର ନାଏକ
ଲାଞ୍ଜିଗଡ଼



ଜୟନ୍ତୀ ମାଝି
ଥୁ.ରାମପୁର



ଚିନ୍ତାମଣି ବେହେରା
କଲମପୁର



ପଞ୍ଚମୀ ଦୀପ
ଗୋଲାମୁଣ୍ଡା



ଜାନକୀ ବାଣୁଆ
ଜୟପାଟଣା



ମୁନା ମହାନ୍ତି
ନର୍ଲା

ଭବାନୀପାଟଣା/କର୍ଲାମୁଣ୍ଡା/ଲାଞ୍ଜିଗଡ଼, ୨୩।୩(ସ୍ୱ.ପ୍ର./ଡି.ଏନ.ଏ.)

**କଳାହାଣ୍ଡି ଜିଲା**
- ୧୨ ନିର୍ଦ୍ୱନ୍ଦ୍ୱରେ, ଜଣେ ନିର୍ବାଚନରେ ବିଜୟୀ

କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ବୁଧବାର ପଞ୍ଚାୟତ ସମିତି ଉପାଧ୍ୟକ୍ଷାଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଏଥିରେ ଜିଲାର ୧୨ ବ୍ଲକରେ ଉପାଧ୍ୟକ୍ଷାଉପାଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। କେବଳ କଲମପୁର ବ୍ଲକରେ ନିର୍ବାଚନରେ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ବ୍ଲକ ଉପାଧ୍ୟକ୍ଷା ଉପାଧ୍ୟକ୍ଷମାନେ ହେଲେ ଗୋଲାମୁଣ୍ଡା ବ୍ଲକରେ ପଞ୍ଚମୀ ଦୀପ (ବିଜେଡି ସମର୍ଥିତ), ଧର୍ମଗଡ ବ୍ଲକରେ କୁଲି ମେହେର (ନିର୍ଦ୍ଦଳୀୟ), ଭବାନୀପାଟଣା ବ୍ଲକ ପୁଷ୍ପାଞ୍ଜଳି ସାହୁ (ଭାଜପା ସମର୍ଥିତ), ଥୁଆମୂଳ ରାମପୁର ବ୍ଲକ ଜୟନ୍ତୀ ମାଝି (ବିଜେଡି ସମର୍ଥିତ)। ସେହିପରି ଜୟପାଟଣା ବ୍ଲକ ଜାନକୀ ବାଣୁଆ (ଭାଜପା ସମର୍ଥିତ), କେସିଙ୍ଗା ବ୍ଲକ ରାଜଲକ୍ଷ୍ମୀ ପଟ୍ଟନାୟକ (ନିର୍ଦ୍ଦଳୀୟ), ଜୁନାଗଡ ବ୍ଲକରେ ପ୍ରମୋଦ ବେହେରା (ବିଜେଡି ସମର୍ଥିତ), କୋକସରା ବ୍ଲକ ରାଜୀବ ଅଗ୍ରୱାଲ (ନିର୍ଦ୍ଦଳୀୟ), ନର୍ଲା ବ୍ଲକ ମୁନା ମହାନ୍ତି (ବିଜେଡି ସମର୍ଥିତ), ଲାଞ୍ଜିଗଡ ବ୍ଲକରେ ସଞ୍ଜୀବ କୁମାର ନାଏକ (ବିଜେଡି ସମର୍ଥିତ), ମ.ରାମପୁର ବ୍ଲକ ଶମ୍ଭୁ ଭୁଷଣ ପ୍ରଧାନ (ବିଜେଡି ସମର୍ଥିତ) ଓ କର୍ଲାମୁଣ୍ଡା ସୁରେନ୍ଦ୍ର ଭୋଇ (ବିଜେଡି ସମର୍ଥିତ) ବୋଲି ଜଣାପଡିଛି। ତେବେ କଲମପୁର ବ୍ଲକରେ ଉପାଧ୍ୟକ୍ଷ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ଚିନ୍ତାମଣି ବେହେରା (ନିର୍ଦ୍ଦଳୀୟ) ୮ଟି ଭୋଟ ପାଇ ବିଜୟୀ ହୋଇଥିଲେ।

# ବରଯାତ୍ରୀ ଗାଡ଼ି ବିଲକୁ ଓଲଟିଲା

ବିନିକା,୨୩।୩(ଡି.ଏନ୍.ଏ.)

- ବର୍ତ୍ତିଲେ ୧୦ ଯାତ୍ରୀ
- ବୋଲେରୋ ଚାଳକ ଗୁରୁତର

ସୁବର୍ଣ୍ଣପୁର ଜିଲା ସିଂଘିଯୁବା-ବିନିକା ମୁଖ୍ୟରାସ୍ତା ମଧ୍ୟବର୍ତ୍ତୀ ସିଂଘିଯୁବା ବଡବନ୍ଧ ପୋଖରୀ ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ବରଯାତ୍ରୀ ଗାଡି ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୧୦ଜଣ ବରଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଚାଳକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ପ୍ରକାଶ ଯେ, ଛତିଶଗଡରୁ ଏକ ବୋଲେରୋ(ନଂ ଓଡି୧୭ଆର୍-୩୬୪୨)ରେ ୧୦ଜଣ ବରଯାତ୍ରୀ ବୀରମହାରାଜପୁର ଅଭିମୁଖେ ଯାଉଥିଲେ। ତେବେ ବାଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଗାଡିଟି ବିଲ ମଧ୍ୟକୁ ଓଲଟି ପଡିଥିଲା। ସିଂଘିଯୁବା ଗାଁର ଯୁବକମାନେ ବରଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହିତ ବିନିକା ଥାନା ଓ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିରୁ ଆହତମାନଙ୍କୁ ଉଦ୍ଧାର କରି ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ବୋଲେରୋ ଚାଳକ ପରେଶ ସାହୁ (୩୧)ଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ତାଙ୍କ ଘର ବରଗଡ ଜିଲା ବଡମାଳ ଗାଁରେ। ଦୁର୍ଘଟଣାଗ୍ରସ୍ତ ବୋଲେରୋର ମାଲିକ ବରଗଡର ଠାକୁର ପଧାନ ବୋଲି ଜଣାପଡିଛି।

# ରମ୍ଭାକଟା ଜଙ୍ଗଲରେ ନିଆଁ

ଅମରପାଲି,୨୩।୩(ଡି.ଏନ.ଏ.)



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଳା ପଞ୍ଚାୟତର ସାଗଯୋରୀ ନିକଟସ୍ଥ ରମ୍ଭାକଟା ଜଙ୍ଗଲରେ ନିଆଁ ଲାଗିଛି । ମଙ୍ଗଳବାରରୁ ନିଆଁ ଲାଗିଥିଲେ ମଧ୍ୟ ଏଯାଏ ଲିଭା ଯାଇନାହିଁ। ଫଳରେ ଜଙ୍ଗଲରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛଲତା ଜଳି ଯିବା ସହିତ ବନ୍ୟପ୍ରାଣୀ ଓ ପଶୁପକ୍ଷୀ ପୋଡି ମରି ଯାଉଥିବା ସାଗଯୋରୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବନବିଭାଗ ପକ୍ଷରୁ ନିଆଁ ଲିଭାଇବା ପାଇଁ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ସେମାନେ ପ୍ରତ୍ୟହ ନିଆଁ ଲାଗୁଥିବା ସ୍ଥାନକୁ ଯାଇ ନିଆଁ ଲିଭାଉଛନ୍ତି। ମାତ୍ର ଉକ୍ତ ଜଙ୍ଗଲରେ ନିଆଁ ଲାଗିଥିଲେ ମଧ୍ୟ ଏଯାଏ ଲିଭାଇ ନ ଥିବାରୁ ଆଗକୁ ସମ୍ପୂର୍ଣ୍ଣ ଜଙ୍ଗଲରେ ନିଆଁ ଲାଗିବାର ଆଶଙ୍କା ରହିଛି। ବନବିଭାଗ ପକ୍ଷରୁ ଉକ୍ତ ଜଙ୍ଗଲରୁ ନିଆଁ ଲିଭାଇବା ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

# ଆଗଲପୁରରେ ନିଶାମୁକ୍ତ ଅଭିଯାନର ରାଲି

ଲୋଇସିଂହା,୨୩।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁରେ ନିଶାମୁକ୍ତ ଅଭିଯାନ ରାଲି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଗଲପୁର ଏସ୍ଏଚ୍‌ଜି ମହାସଂଘ, ମାହେଶ୍ୱରୀ ସଂଗଠନ ଓ ନାଗରିକ କମିଟିର ମିଳିତ ଆନୁକୂଲ୍ୟରେ ରାଲି ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀର-ବରଗଡ ଜିଲା ସୀମାନ୍ତରେ ଆଗଲପୁର ଅବସ୍ଥିତ। ତେବେ ଉଭୟ ଜିଲାର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ରନ୍ଧାମଦ ଠୁ ଆରମ୍ଭ କରି କୋରେକ୍ସ ବେପାର ଜମୁଛି। ଯୁବପୀଢି ନିଶା କାରବାରରେ ଲିପ୍ତ ରହୁଛନ୍ତି। ଆନେକ ସମୟରେ ଆଗଲପୁରରେ ଅପ୍ରୀତିକର ଓ ଅଭାବନୀୟ ଘଟଣା ଘଟୁଥିବାରୁ ସ୍ଥାନୀୟ ଅଧିବାସୀ ଅତିଷ୍ଠ ହୋଇପଡିଥିଲେ। ବୁଧବାର ଏସ୍ଏଚ୍‌ଜି ମାହାସଂଘ ସଭାନେତ୍ରୀ ସରିତା ମେହେର, ମାହେଶ୍ୱରୀ ସଂଗଠନ ସଭାପତି ପ୍ରମୋଦ ସାହୁ ଓ ନାଗରିକ କମିଟି ସଭାପତି ଅଖିଳ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ଆଗଲପୁର ଫାଣ୍ଡିରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଶୋଭାଯାତ୍ରା କରି ଜନ ସଚେତନତା କରିଥିଲେ। ମାଦକ ଦ୍ରବ୍ୟ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ନିବୃତ୍ତ ରହିବାକୁ ତାଗିଦ କରିଥିଲେ। ଏଥିସହ ଏ ସଂକ୍ରାନ୍ତରେ ମିଳିତ ସଂଘ ପକ୍ଷରୁ ଆଗଲପୁର ଫାଣ୍ଡିରେ ଫେରାଦ ହୋଇଥିବା ଜଣାଯାଇଛି।




ନିଶାମୁକ୍ତି ଅଭିଯାନ ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।

# ନାମଫଳକ ଓଡ଼ିଆରେ ଲେଖାଯିବାକୁ ନିର୍ଦ୍ଦେଶ

ବୌଦ୍ଧ,୨୩।୩(ସ୍ୱ.ପ୍ର.)




ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଓଡିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସକାଳ ୮ଟା ସମୟରେ ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଶା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସକାଳ ୮ଟା ୩୦ ସମୟରେ ସହରରେ ବିଭିନ୍ନ ସ୍ଥାନରେ ସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଓଡିଶା ଦିବସ ଉପଲକ୍ଷେ ମୁଖ୍ୟ ସମାରୋହ ସନ୍ଧ୍ୟା ୬ଟା ସମୟରେ ଜିଲା ସଂଗ୍ରହାଳୟଠାରେ ଅନୁଷ୍ଠିତ ହେବ। ଏହି ଦିବସ ପାଳନ ଅବସରରେ ସନ୍ଧ୍ୟା ସମୟରେ ଜିଲାର ବିଭିନ୍ନ ପ୍ରତିଷ୍ଠାନରେ ରଙ୍ଗିନ ଆଲୋକ ସଜ୍ଜା ଯିବାକୁ ନିଷ୍ପତ୍ତି ହୋଇଛି। ମାର୍ଚ୍ଚ ୨୮ ତାରିଖ ଦିନ ଜିଲାର ୮ମ ରୁ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପ୍ରଥମ ବିବେଚିତ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ପଠାଯିବ। ଏହାବ୍ୟତୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ (୬ଷ୍ଠ ଓ ୭ମ ଶ୍ରେଣୀ)ସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତ, ପ୍ରାଥମିକ ବିଦ୍ୟାଳୟ(୧ମରୁ ୫ମ ଶ୍ରେଣୀ)ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ଦିବସ ଉପଲକ୍ଷେ ଜିଲାର ସମସ୍ତ ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ସରକାରୀ ବେସରକାରୀ କାର୍ଯ୍ୟାଳୟର ନାମଫଳକ ଓଡିଆରେ ଲେଖାଯିବାକୁ ବୈଠକରେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ଦିବସ ଅବସରରେ ବୌଦ୍ଧ ଜିଲା ପାଇଁ ଅବଦାନ ଥିବା ବୁଣାକାର, କଳାକାର, କାରିଗର ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଏନଏସି ନିର୍ବାହୀ ଅଧିକାରୀ ଇଂ.ମନୋରଞ୍ଜନ ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ବିକେଆରସି ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

**ସ୍କୁଲ ପ୍ରତିଷ୍ଠାତାଙ୍କ ଜୟନ୍ତୀ ସମାରୋହ**

ବରପାଲି,(ଡି.ଏନ.ଏ): ବରଗଡ଼ ଜିଲା ବରପାଲିସ୍ଥିତ ଲିଟିଲ ଏଞ୍ଜେଲସ୍ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ଡା. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ୮୯ତମ ଜୟନ୍ତୀ ବୁଧବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି । ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ସୁନୀତା ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ସ୍ୱର୍ଗତ ଡା. ମୁଣ୍ଡଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଡା. ଶଙ୍କର ରାମଚନ୍ଦାନୀ ମୁଖ୍ୟଅତିଥି, ସମାଜସେବୀ ଦେବାନନ୍ଦ ଖଟୁଆ, ପୂର୍ଣ୍ଣିମା ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଦେବେନ୍ଦ୍ର କୁମାର ମହାପାତ୍ର ସଭା ପରିଚାଳନା ଏବଂ ଶିବ ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚିତ ପଞ୍ଚାୟତ ସମିତି ଉପାଧ୍ୟକ୍ଷ

**ବଲାଙ୍ଗୀର ଜିଲା**

| ପଞ୍ଚାୟତ ସମିତି | ନିର୍ବାଚିତ ଉପାଧ୍ୟକ୍ଷ |
|---|---|
| ଟିଟିଲାଗଡ | ଜଗତରାମ ରଣା |
| ଖପ୍ରାଖୋଲ | ସୁଖୀରମ ସାଣ୍ଡ |
| ଦେଓଗାଁ | ସୂର୍ଯ୍ୟକାନ୍ତି ଛତ୍ରିଆ |
| ତୁରେକେଲା | ଧନମତି ଖୁରା |
| ବଙ୍ଗୋମୁଣ୍ଡା | କେଶବ ନାରାୟଣ ଜୈନ |
| ଲୋଇସିଂହା | ସୁବାସିନୀ ନାଏକ |
| ଆଗଲପୁର | ନିରୁପମା ପ୍ରଧାନ |
| ବଲାଙ୍ଗୀର ସଦର | ପୁଷ୍ପାଞ୍ଜଳି ହୋତା |
| ବେଲପଡା | ଦୁର୍ଯ୍ୟୋଧନ କୁମ୍ଭାର |
| ଗୁଡଭେଲା | ଟୁକୁରାମ ପାଣିଗ୍ରାହୀ |
| ମୁରିବାହାଲ | ଯାଜ୍ଞସେନୀ ହାତୀ |
| ପାଟଣାଗଡ | ଲକ୍ଷ୍ମୀ ମାଝି |
| ପୁଇଁତଲା | ନିରିମା ଅମାତ |
| ସଇଁତଲା | ଗୁଣସାଗର ମାଝି |

**ବରଗଡ଼ ଜିଲା**

| ପଞ୍ଚାୟତ ସମିତି | ନିର୍ବାଚିତ ଉପାଧ୍ୟକ୍ଷ |
|---|---|
| ଅତାବିରା | ଅନନ୍ତ ମେହେର |
| ଅମ୍ବାଭୋନା | କମଳା ନାଏକ |
| ଗାଇସିଲେଟ | ଯଶୋବନ୍ତୀ ପ୍ରଧାନ |
| ଝାରବନ୍ଧ | ବିଶାଖା ବରିହା |
| ପାଇକମାଳ | ସଞ୍ଜିବ କୁମାର ବରିହା |
| ବରଗଡ଼ | ଉମେଶ କୁମାର ପଣ୍ଡା |
| ବରପାଲି | ଯୋଗେଶ୍ୱର ବାରିକ |
| ବିଜେପୁର | ବିନୋଦିନୀ ଧରୁଆ |
| ଭଟଲି | ଲଳିତା ବାଗ |
| ଭେଡ଼େନ | ଡୋଲାମଣି ଖେତି |
| ରାଜବୋରାସମ୍ବର | ସଂଯୁକ୍ତା ଚାନ୍ଦ |
| ସୋହେଲା | ଦିବ୍ୟକୁମାର ପଧାନ |

**ନୂଆପଡ଼ା ଜିଲା**

| ପଞ୍ଚାୟତ ସମିତି | ନିର୍ବାଚିତ ଉପାଧ୍ୟକ୍ଷ |
|---|---|
| ନୂଆପଡ଼ା | ଦିଲୀପ ନିର୍ମଳକର |
| କୋମନା | ଜୟଦେବ ପ୍ରଧାନ |
| ସିନାପାଲି | ମିନାକ୍ଷୀ ଘିବେଲା |
| ଖଡ଼ିଆଳ | ଗୌତମ ତାଣ୍ଡି |
| ବୋଡ଼େନ | ସଙ୍ଗୀତା ମାଝି |

# ୧୨୧କେନ୍ଦ୍ରରେ ଆଜି ମତଦାନ

**ବରଗଡ଼ ଜିଲାରେ ପୌର ଭୋଟ୍**

ବରଗଡ଼ ଅଫିସ୍,୨୩।୩

ବରଗଡ଼ ଜିଲାରେ ଗୁରୁବାର ପୌର ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ଜିଲାର ବରଗଡ଼ ମ୍ୟୁନିସିପାଲିଟି ସମେତ ବରପାଲି, ବିଜେପୁର ଏବଂ ପଦ୍ମପୁର ଏନଏସିରେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହା ଚାଲିବ। ସମୁଦାୟ ୧୨୧ ଭୋଟ୍ ଗ୍ରହଣ କେନ୍ଦ୍ରରେ ୧ଲକ୍ଷ ୩ହଜାର ୭୯୧ଭୋଟରଙ୍କ ମତଦାନ ପାଇଁ ବ୍ୟବସ୍ଥା କରାଯାଇଛି। ଭୋଟରମାନେ ନିଜ ମତାଧିକାର ସାବ୍ୟସ୍ତ କରି ଅଧ୍ୟକ୍ଷ ଏବଂ କାଉନସିଲର ବାଛିବେ। ଏଥିପାଇଁ ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରସ୍ତୁତି ସରିଛି। ପୋଲିଂ, ପ୍ରିଜାଇଡ଼ିଂ ଅଫିସରମାନେ ଭୋଟ ଗ୍ରହଣ କେନ୍ଦ୍ର ଗୁଡ଼ିକୁ ପହଞ୍ଚି ସାରିଥିବାବେଳେ ସବୁଠି ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି।

ବରଗଡ଼ ମ୍ୟୁନିସିପାଲିଟିରେ ଅଧ୍ୟକ୍ଷା ପଦବୀ ପାଇଁ ୧୦ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ତେବେ ଜଣେ ସ୍ୱାଧିନ ପ୍ରାର୍ଥିନୀ ବିଜେଡ଼ିରେ ମିଶିବା ପରେ ଅନ୍ୟ ୧୦ପ୍ରାର୍ଥିନୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ସେହିପରି ମ୍ୟୁନିସିପାଲିଟିର ୧୯ୱାର୍ଡ଼ରେ ୬୮ଜଣ କାଉନସିଲର ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଠାରେ ରହିଥିବା ୬୪ହଜାର ୪୨୦ଭୋଟର ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ। ସେମାନଙ୍କ ମତଦାନ ପାଇଁ ୭୪ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୨୨ଭୋଟ ଗ୍ରହଣ କେନ୍ଦ୍ରକୁ ସମ୍ବେଦନଶୀଳ ବୁଥ୍‌ଭାବେ ଚିହ୍ନଟ କରାଯାଇଛି। ୧୧ୱାର୍ଡ଼ ବିଶିଷ୍ଟ ବରପାଲି ଏନଏସିରେ ୧୭ହଜାର ୭୪ଭୋଟର ଅଛନ୍ତି। ଏଠାରେ ୧୯ଭୋଟ୍‌ଗ୍ରହଣ କେନ୍ଦ୍ର ରହିଥିବାବେଳେ ସେଥିରୁ ୮ବୁଥ୍‌କୁ ସମ୍ବେଦନଶୀଳଭାବେ ଚିହ୍ନଟ କରାଯାଇଛି। ଉକ୍ତ ଏନଏସିରେ ଅଧ୍ୟକ୍ଷ ପଦବୀ ପାଇଁ ୯ ଏବଂ କାଉନସିଲର ପଦବୀ ପାଇଁ ୩୭ ପ୍ରାର୍ଥି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ବୋଲି ବରପାଲି ପ୍ରତିନିଧି ସୂଚନା ଦେଇଛନ୍ତି।

ବିଜେପୁର ଏନଏସିରେ ଏଥର ପ୍ରଥମଥର ପାଇଁ ନିର୍ବାଚନ ହେଉଛି। ୧୧ୱାର୍ଡ଼ ବିଶିଷ୍ଟ ଉକ୍ତ ଏନଏସିରେ ଅଧ୍ୟକ୍ଷ ପଦବୀ ପାଇଁ ୩ଜଣ ଏବଂ କାଉନସିଲର ପଦବୀ ପାଇଁ ୩୪ ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏଠାରେ ୮୪୭୪ଜଣ ଭୋଟର ଥିବାବେଳେ ୧୧ ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ ବ୍ୟବସ୍ଥା କରାଯାଇଛି। ସେଥିରୁ ୫ଭୋଟ୍ ଗ୍ରହଣ କେନ୍ଦ୍ରକୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ସେହିପରି ପଦ୍ମପୁର ଏନଏସିରେ ୧୩ହଜାର ୮୨୩ ଭୋଟର ଅଛନ୍ତି। ସେମାନଙ୍କ ମତଦାନ ପାଇଁ ୧୭ଟି ଭୋଟ ଗ୍ରହଣ କେନ୍ଦ୍ରରେ ବ୍ୟବସ୍ଥା କରାଯାଇଛି। ସେଥିରୁ ୮ଟି ସମ୍ବେଦନଶୀଳ ଏବଂ ୪ଟି ଅଧିକ ସମ୍ବେଦନଶୀଳ ବୁଥ୍ ରହିଛି। ଏଠାରେ ଅଧ୍ୟକ୍ଷ ପଦବୀ ପାଇଁ ୫ଜଣ ଏବଂ କାଉନସିଲର ପଦବୀ ପାଇଁ ୨୮ଜଣ ପ୍ରାର୍ଥି ରହିଥିବା ଆମ ପଦ୍ମପୁର ପ୍ରତିନିଧି ଜଣାଇଛନ୍ତି।



ପୌର ଭୋଟ୍ ପାଇଁ ବରପାଲିରେ ପୋଲିଂ ପାର୍ଟିର ପ୍ରସ୍ତୁତି।

## ପାର୍ବତୀଙ୍କୁ ହରାଇ ସୁବାସିନୀ ଉପାଧ୍ୟକ୍ଷ ନିର୍ବାଚିତ

ଲୋଇସିଂହା,୨୩।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଭାବେ କନ୍ଦାଜୁରୀ ସମିତି ସଭ୍ୟ ସୁବାସିନୀ ନାଏକ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପାର୍ବତୀ ତ୍ରିପାଠୀଙ୍କୁ ୭ଖଣ୍ଡ ଭୋଟରେ ହରାଇଛନ୍ତି। ସୁବାସିନୀ ୧୨ ଖଣ୍ଡ ଭୋଟ ପାଇଥିବାବେଳେ ପାର୍ବତୀ ୫ ଖଣ୍ଡ ଭୋଟ ପାଇଥିଲେ । ୨ଟି ଭୋଟ ନାକଚ ହୋଇଥିବା ଜିପିଓ କିଶୋର ମାନସିଂଙ୍କ ସୂତ୍ରରୁ ପ୍ରକାଶ। ବୁଧବାର ବ୍ଲକ ସଭାଗୃହରେ ନିର୍ବାଚନ ହୋଇଥିଲା। ତହସିଲଦାର ସଂଘମିତ୍ରା କାଲୋ ମାଜିଷ୍ଟ୍ରେଟ ଦାୟିତ୍ୱରେ ଏବଂ ବିଡିଓ ରାମଚନ୍ଦ୍ର ଖାଡିଆ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ସୁବାସିନୀ ନାଏକ ଓ ବୁଢ଼ିପଦର ସମିତି ପାର୍ବତୀ ତ୍ରିପାଠୀ ଉପାଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବ୍ଲକର ୨୦ ସମିତି ସଭ୍ୟ ମଧ୍ୟରୁ ବୁର୍ଡା ସମିତି ସଭ୍ୟ ସୁନୀଲ ଅଗ୍ରୱାଲଙ୍କୁ ବାଦ ଦେଇ ୧୯ ସମିତି ନିର୍ବାଚନରେ ଭାଗ ନେଇଥିଲେ ।

## ନାରାୟଣ ଲୁହା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ



ନାରାୟଣ ଲୁହା

ଅମରପାଲି,୨୩।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଉପାଧ୍ୟକ୍ଷ ହୋଇଛନ୍ତି ନାରାୟଣ ଲୁହା। ବୁଧବାର ଅନୁଷ୍ଠିତ ବ୍ଲକ ଉପାଧ୍ୟକ୍ଷ ନିର୍ବାଚନରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନାରାୟଣ କେବଳ ଜଣେ ମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ କରିଥିଲେ। ସମସ୍ତ ସମିତି ସଭ୍ୟା ଓ ସଭ୍ୟ ଉପସ୍ଥିତ ଥିଲେ। ନାରାୟଣ ଏବେ ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ଅଛନ୍ତି। ସେ ଚଳିତ ନିର୍ବାଚନରେ ଉଫୁଲା ପଞ୍ଚାୟତରୁ ସମିତି ସଭ୍ୟ ଭାବେ ବିଜୟୀ ହୋଇଥିଲେ। ତାଙ୍କ ସ୍ତ୍ରୀ ଶାନ୍ତି ଲୁହା ବୀରମହାରାଜପୁର ବ୍ଲକର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ ନାରାୟଣଙ୍କ ସ୍ତ୍ରୀ ଶାନ୍ତି ବ୍ଲକର ପ୍ରଥମ ମହିଳା ବ୍ଲକ ଅଧ୍ୟକ୍ଷା ହୋଇଥିବା ବେଳେ ସେ ବ୍ଲକର ପ୍ରଥମ ପୁରୁଷ ବ୍ଲକ ଉପାଧ୍ୟକ୍ଷ ହୋଇଛନ୍ତି।

## ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ମତଦାନ କରିବେ ୧୫୭୧୦ ଭୋଟର

ବୌଦ୍ଧ,୨୩।୩ (ସ୍ୱ.ପ୍ର.)

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ବୁଥ୍‌ରେ ମତଦାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ପହଞ୍ଚି ସାରିଛନ୍ତି। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟଠାରେ ନିର୍ବାଚନ ପରିଚାଳନା ଓ ମତଗଣନା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଲଲାଟେନ୍ଦୁ ମିଶ୍ର ମତଦାନ ପରିଚାଳନା କେନ୍ଦ୍ର ବୁଲି ଦେଖିଛନ୍ତି। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନରେ ଏଥର ୧୫୭୧୦ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୭,୭୯୮ ଓ ମହିଳା ଭୋଟର ସଂଖ୍ୟା ୭,୯୧୨ ହୋଇଥିବା ବେଳେ ତୃତୀୟ ଲିଙ୍ଗଙ୍କ ସଂଖ୍ୟା ଶୂନ ରହିଥିବା ଜଣାପଡିଛି। ବିଜ୍ଞାପିତ ଅଞ୍ଚଳ ପରିଷଦର ୧୭ ଗୋଟି ୱାର୍ଡର କାଉନସିଲର ଓ ଅଧ୍ୟକ୍ଷ ପଦବୀ ପାଇଁ ଏଥର ପ୍ରତ୍ୟକ୍ଷ ନିର୍ବାଚନ ହେଉଥିବା ବେଳେ ଭୋଟର ଦୁଇଟି ଭୋଟ ସାବ୍ୟସ୍ତ କରିବେ। ବୌଦ୍ଧରେ ଅଧ୍ୟକ୍ଷ ପଦବୀ ପାଇଁ ତ୍ରିମୁଖୀ ଲଢେଇ ହେଉଥିବା ବେଳେ ଭୋଟରକୁ କେଉଁ ଦଳ ମନାଇବାରେ ସଫଳ ହୋଇଛି ନିର୍ବାଚନ ଫଳାଫଳରୁ ହିଁ ଜଣାପଡିବ ।

## ୨ଖଣ୍ଡ ଭୋଟରେ ଜିତିଲେ ସୂର୍ଯ୍ୟକାନ୍ତି

ଦେଓଗାଁ,୨୩।୩(ଡି.ଏନ.ଏ)

ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ଭଳି ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଦ ପାଇଁ ମତଦାନ ହୋଇଥିଲା। ଏଥିରେ କଂଗ୍ରେସ ସମର୍ଥିତ ଅର୍ଜୁନପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ସୂର୍ଯ୍ୟକାନ୍ତି ଛତ୍ରିଆ ଉପାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ସମର୍ଥିତ ଆନନ୍ଦିନୀ ଦଳାଇଙ୍କୁ ୨ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି । ଆନନ୍ଦିନୀ ୧୨ ଖଣ୍ଡ ଭୋଟ ପାଇବା ବେଳେ ସୂର୍ଯ୍ୟକାନ୍ତି ୧୪ଖଣ୍ଡ ଭୋଟ ପାଇଥିଲେ। ନିର୍ବାଚନ ଅଧିକାରୀଭାବେ ସଇଁତଲା ବିଡିଓ ଯୁଧିଷ୍ଠିର ନାଏକ, ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ ।

## କଂଗ୍ରେସ ସମର୍ଥନରେ ଧନମତି ଉପାଧ୍ୟକ୍ଷା ନିର୍ବାଚିତ

କଣ୍ଟାବାଞ୍ଜି, ୨୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ପଞ୍ଚାୟତ ସମିତି ଉପାଧ୍ୟକ୍ଷାଭାବେ ଭାଜପା ସମର୍ଥିତ ହଲନଭଟା ପଞ୍ଚାୟତର ସମିତି ସଭ୍ୟା ଧନମତି ଖୁରା ଉପାଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ସମର୍ଥିତ ୯ ସମିତି ସଭ୍ୟାସଭ୍ୟଙ୍କ ସମର୍ଥନ ସହ ଖୁରା ୧୩ଖଣ୍ଡ ଭୋଟ ପାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ସମର୍ଥିତ ଚାଉଲସୁଖା ସମିତି ସଭ୍ୟ ଗିରିରାଜ ମାଜିଙ୍କୁ ୬ଖଣ୍ଡ ଭୋଟ ମିଳିଥିଲା। ବିଜେଡି କ୍ୟାମ୍ପର ୨ଜଣ ସମିତି ସଭ୍ୟ କ୍ରସଭୋଟିଂ କରିଥିବା କୁହାଯାଉଛି। ୧୯ପଞ୍ଚାୟତ ବିଶିଷ୍ଟ ପଞ୍ଚାୟତ ସମିତିରେ କଂଗ୍ରେସ ସମର୍ଥିତ ୯, ଭାଜପାର ୨ ଏବଂ ବିଜେଡିର ୮ ସମିତି ସଭ୍ୟ ବିଜୟୀ ହୋଇଥିଲେ।

## କଳାହାଣ୍ଡି ଜିଲା: ଆଜି ପୌର ନିର୍ବାଚନ

**୧୧୭ ବୁଥ୍‌ରେ ମତଦାନ କରିବେ ୯୯ ହଜାର ୨୧୦ ଭୋଟର**

ଭବାନୀପାଟଣା,୨୩।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକା ସମେତ ଜୁନାଗଡ, ଧର୍ମଗଡ ଓ କେସିଙ୍ଗା ୩ଟି ଏନ୍‌ଏସି ଲାଗି ନିର୍ବାଚନ ବୁଧବାର ଅନୁଷ୍ଠିତ ହେବ। ଏ ନେଇ ଚାଲିଛି ସଜବାଜ। ଏଥିପାଇଁ ବୁଥ୍ ଅଭିମୁଖେ ମଧ ବାହାରିଛନ୍ତି ପୋଲିଂ କର୍ମଚାରୀ।ଭବାନୀପାଟଣା ପୌରପାଳିକାରେ ୫୮ଟି ବୁଥ୍‌ରେ ଏଥର ୫୭ ହଜାର ୭୧୧ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ସେହିପରି ଜୁନାଗଡର ୧୮ଟି ବୁଥ୍‌ରେ ୧୪ହଜାର ୭୪୩, ଧର୍ମଗଡର ୧୪ଟି ବୁଥ୍‌ରେ ୧୨ହଜାର ୫୫୧ ଓ କେସିଙ୍ଗା ଏନଏସିର ୧୭ଟି ବୁଥ୍‌ରେ ୧୪ହଜାର ୨୦୫ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଭୋଟରଙ୍କ ପାଇଁ ସବୁ ବୁଥ୍‌ରେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବା ସହିତ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଭବାନୀପାଟଣା ପୌରପାଳିକାରେ ୩ଟି ପିଙ୍କ୍ ବୁଥ୍ ଓ ୩ଟି ଏନ୍‌ଏସିରେ ଗୋଟାଏ ଲେଖାଏଁ ପିଙ୍କ୍ ବୁଥ୍ ସମୁଦାୟ ୬ଟି ପିଙ୍କ୍ ବୁଥ୍ କରାଯାଇଥିବା ସୂଚନା ମିଳିଛି। ଜିଲାରେ ପୌର ନିର୍ବାଚନ ପରିଚାଳନା ପାଇଁ ୬୦୩ଜଣ ପୋଲିଂ ଅଧିକାରୀ, କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଥିରେ ପ୍ରିଜାଇଡିଙ୍ଗ ଅଧିକାରୀ ୧୦୭, ରିଜର୍ଭ ୧୨ ରହିଥିବାବେଳେ ୪୨୮ଜଣ ପୋଲିଂ ଅଧିକାରୀ ଓ ୫୬ଜଣ ରିଜର୍ଭ ରହିଥିବା ଜଣାପଡିଛି। ଜିଲାର ଭବାନୀପାଟଣା ପୌରପାଳିକା ସମେତ ଜୁନାଗଡ, ଧର୍ମଗଡ, ଏନ୍‌ଏସିରେ ସମୁଦାୟ ୧୯୦ଜଣ କାଉନସିଲର ପ୍ରାର୍ଥୀ ଓ ଅଧ୍ୟକ୍ଷା/ଅଧ୍ୟକ୍ଷ ୨୦ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସମୁଦାୟ ଜିଲାରେ କାଉନସିଲର ଓ ଅଧ୍ୟକ୍ଷା/ଅଧ୍ୟକ୍ଷ ୨୧୦ଜଣ ପାର୍ଥୀଙ୍କ ଭାଗ୍ୟ ଗୁରୁବାର ନିର୍ଦ୍ଧାରଣ କରିବ। ନିର୍ବାଚନ ପରିଚାଳନା ପାଇଁ ପୋଲିସ ପକ୍ଷରୁ ମଧ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜିଲାରେ ଗୋଟିଏ ପୌରପାଳିକା ଓ ୩ଟି ଏନ୍‌ଏସି ପାଇଁ ୮ ପ୍ଲାଟୁନ ପୋଲିସ, ସବୁ ବୁଥ୍‌ରେ ଜଣେ ଲେଖାଁଏ କନଷ୍ଟେବଲ, ୩ରୁ ୪ଟିବୁଥ୍ ପାଇଁ ଗୋଟିଏ ମୋବାଇଲ ପେଟ୍ରୋଲିଂ ଟିମ୍, ଏହାବ୍ୟତିତ ଥାନାଧିକାରୀ, ଡିଏସପି ମଧ ନିଯୁକ୍ତି ରହିବେ ବୋଲି କଳାହାଣ୍ଡି ଏସ୍‌ପି ଶ୍ରବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

## ଜ୍ୟୋତ୍ସ୍ନାମୟୀ ସୋନପୁର ବ୍ଲକ ଉପାଧ୍ୟକ୍ଷା

ସୋନପୁର,୨୩।୩(ନି.ପ୍ର.)



ଜ୍ୟୋତ୍ସ୍ନାମୟୀ ଶତପଥୀ।

ସୋନପୁର ବ୍ଲକ ଉପାଧ୍ୟକ୍ଷା ଭାବେ ନାରାୟଣପୁର ପଞ୍ଚାୟତ ସମିତି ସଭ୍ୟା ଜ୍ୟୋତ୍ସ୍ନାମୟୀ ଶତପଥୀ ବୁଧବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶତପଥୀ ୨୦୦୨ ରୁ ୨୦୦୭ ମସିହା ପର୍ଯ୍ୟନ୍ତ ନାରାୟଣପୁର ପଞ୍ଚାୟତର ସରପଞ୍ଚ ଓ ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ସମିତି ସଭ୍ୟ ଥିଲେ। ଦୁଇଟି ଯାକ ନିର୍ବାଚନରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାର ବିରଳ ରେକର୍ଡ କରିଥିଲେ। ଜ୍ୟୋତ୍ସ୍ନମୟୀ ନୂତନ ଉପାଧ୍ୟକ୍ଷା ନିର୍ବାଚିତ ହେବା ପରେ ବ୍ଲକର କର୍ମଚାରୀ ଓ ପଞ୍ଚାୟତର ଜନସାଧାରଣ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବୌଦ୍ଧ ବ୍ଲକରେ ପାନେଶ୍ୱରୀ, ହରଭଙ୍ଗାରେ ସରୋଜ ଓ କଣ୍ଟାମାଳରେ ମହେନ୍ଦ୍ର ରଣା ଉପାଧ୍ୟକ୍ଷ

ବୌଦ୍ଧ,୨୩।୩(ସ୍ୱ.ପ୍ର.): ବୁଧବାର ରାଜ୍ୟରେ ପଞ୍ଚାୟତ ସମିତିଗୁଡିକର ଉପାଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲାର ୩ ଗୋଟି ବ୍ଲକ କଣ୍ଟାମାଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ନିର୍ବାଚନ ହୋଇଥିଲା। ଉପାଧ୍ୟକ୍ଷ ନିର୍ବାଚନରେ କଣ୍ଟାମାଳ ବ୍ଲକରେ କୁଲୁତାଯୋର ଗ୍ରାମ ପଞ୍ଚାୟତର ମହେନ୍ଦ୍ର ରଣା ଓ ବୌଦ୍ଧ ବ୍ଲକରେ ମନୁପାଲି ଗ୍ରାମ ପଞ୍ଚାୟତର ପାନେଶ୍ୱରୀ ଦେହୁରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ହରଭଙ୍ଗା ବ୍ଲକରେ ଉପାଧ୍ୟକ୍ଷ ପାଇଁ ଭାଜପା ସମର୍ଥିତ ପ୍ରାର୍ଥୀ ରାଧାନଗର ଗ୍ରାମ ପଞ୍ଚାୟତର ସମିତିସଭ୍ୟ ସରୋଜ କୁମାର ପ୍ରଧାନ ନାମାଙ୍କନ ଦାଖଲ କରିଥିବା ବେଳେ ବିଜେଡି ସମର୍ଥିତ ପ୍ରାର୍ଥୀ ପୁରୁଣାକଟକ ପଞ୍ଚାୟତର ସମିତି ସଭ୍ୟ ସରୋଜ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏହି ନିର୍ବାଚନରେ ରାଧାନଗର ସମିତିସଭ୍ୟ ସରୋଜ କୁମାର ପ୍ରଧାନ ୧୨ ଖଣ୍ଡ ଭୋଟ ପାଇଥିବା ବେଳେ ପୁରୁଣାକଟକ ସମିତି ସଭ୍ୟ ସରୋଜ ପ୍ରଧାନ ୧୦ ଖଣ୍ଡ ଭୋଟ ପାଇଥିଲେ। ଦୁଇ ଖଣ୍ଡ ଅଧିକ ଭୋଟ ପାଇ ଭାଜପା ସମର୍ଥିତ ପ୍ରାର୍ଥୀ ସରୋଜ କୁମାର ବିଜୟୀ ହୋଇ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ହୋଇଛନ୍ତି।

## ଶେଷ ହେଉନି ନର୍ଲା ମିନିଷ୍ଟାଡିୟମ ନିର୍ମାଣ କାମ

ରୁପ୍ରା ରୋଡ଼,୨୩।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲାଠାରେ ପ୍ରସ୍ତାବିତ ମିନି ଷ୍ଟାଡିୟମ ଶିଳାନ୍ୟାସରେ ସୀମିତ ରହିଛି। ନିର୍ମାଣରେ ବିଳମ୍ବ ହେଉଥିବାରୁ କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ନର୍ଲା ହାଇସ୍କୁଲ ଖେଳ ପଡିଆକୁ ମିନିଷ୍ଟାଡିୟମ ଭାବେ ରୂପାନ୍ତରିତ କରିବା ଓ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ୧ ବର୍ଷରୁ ଉର୍ଦ୍ଧ୍ୱ ହେଲା ସରକାରଙ୍କ ଯୋଜନାରୁ ଆବଶ୍ୟକ ଅନୁଦାନ ମଞ୍ଜୁର ହୋଇଥିବା ବେଳେ ନର୍ଲା ବିଧାୟକ ଭୂପିନ୍ଦର ସିଂ ଏହାର ଶିଳାନ୍ୟାସ କରିଥିଲେ। ମିନିଷ୍ଟାଡିୟମ ନିର୍ମାଣ ଟେଣ୍ଡର ପ୍ରକ୍ରିୟା ୧ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ନ ହୋଇ ପଡ଼ିରହିଛି। ଏଥିପ୍ରତି ପ୍ରଶାସନ ତତ୍ପରତା ଦେଖାଇବା ସହ କାମକୁ ଶୀଘ୍ର ସାରିବା ପାଇଁ ଦାବି ହେଉଛି।

## ବାଲ୍ୟବିବାହ ନିରାକରଣ ପାଇଁ ରଣନୀତି

ସୋନପୁର, ୨୩।୩(ନି. ପ୍ର )




ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ସେଚ୍ଛାସେବୀ ଅନୁଷ୍ଠାନ ରେଆରର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ବାଲ୍ୟ ବିବାହ ନିରୋଧ ରଣନୀତି ସମ୍ପର୍କିତ ବୈଠକ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଜିଲାପାଳ ଅବୋଲି ସୁନିଲ ନରୱଣେ ତୃଣମୂଳ ସ୍ତରରେ ବାଲ୍ୟ ବିବାହ ନିରୋଧ ନିମନ୍ତେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ, ମେଳା ଓ ଯାନିଯାତ୍ରାରେ ବାଲ୍ୟ ବିବାହ ନିରୋଧ ସମ୍ବନ୍ଧୀୟ ଆଲୋଚନାଚକ୍ର, ହୋର୍ଡିଂ ପ୍ରଭୃତି ବ୍ୟବସ୍ଥା କରି ଜନସଚେତନତା ସୃଷ୍ଟି ଉପରେ ବିଭାଗୀୟ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସଭାରେ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବାଲ୍ୟ ବିବାହକୁ ରୋକିବା ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଜିଲା ବାଲ୍ୟବିବାହ ପରାମର୍ଶ ଦାତା ରାକେଶ ପ୍ରଧାନ ଜିଲାର ବାଲ୍ୟ ବିବାହ ସ୍ଥିତି ସଂପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ବୈଠକରେ ବାଲ୍ୟ ବିବାହ ନିରୋଧ ନିମନ୍ତେ ବିଭିନ୍ନ ରଣନୀତି ଉପରେ ଆଲୋଚନା ହୋଇଥିଲା। ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ଗ୍ରାମ ସ୍ତରରେ ଅଣୁ ଯୋଜନା ପ୍ରସ୍ତୁତ କରିବା, ପଥପ୍ରାନ୍ତ ନାଟକ ଓ ଲୋକକଳା ମାଧ୍ୟମରେ ବାଲ୍ୟବିବାହ ଉପରେ ସଚେତନତା କରିବା, କିଶୋର କିଶୋରୀଙ୍କ ଉପଯୁକ୍ତ ଜନ୍ମ ତାରିଖ ଲିପିବଦ୍ଧ ଉପରେ ଗୁରୁତ୍ୱ ଦେବା , ବିଦ୍ୟାଳୟରେ ରହିଥିବା ମତାମତ ବାକ୍ସରେ ବାଲ୍ୟବିବାହ ଉପରେ ମତାମତ ରଖିବା, ବାଲ୍ୟବିବାହରୁ ଉଦ୍ଧାର ହେଉଥିବା ଶିଶୁମାନଙ୍କୁ ଥଇଥାନର ବ୍ୟବସ୍ଥା କରିବା ସହ ବାଲ୍ୟବିବାହ ନିରାକରଣ ଅଧିକାରିଣୀଙ୍କ ନାମ ଫଳକକୁ କାର୍ଯ୍ୟାଳୟ ଆଗରେ ବଡ ଓ ସ୍ପଷ୍ଟ ଆକାରରେ ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ଧର୍ମାନୁଷ୍ଠାନରେ ବାଲ୍ୟବିବାହ ନିଷେଧ ଫଳକ ଲଗାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବ୍ଲକ ସ୍ତରରେ ହେଉଥିବା ସଚେତନତା କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ପୋଲିସ ବିଭାଗକୁ ସାମିଲ କରିବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଗୌରମଣୀ ହାଁସଦା, ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ମଧୁସୂଦନ ପ୍ରଧାନ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖା, ଜିଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ମଞ୍ଜୁଲତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବଙ୍ଗୋମୁଣ୍ଡା: ବାଜି ମାରିଲେ କେଶବ ନାରାୟଣ ଜୈନ

କଣ୍ଟାବାଞ୍ଜି,୨୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷଭାବେ କେଶବ ନାରାୟଣ ଜୈନ ବିଜୟୀ ହୋଇଛନ୍ତି। କଂଗ୍ରେସ ସମର୍ଥିତ କେଶବ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ସମର୍ଥିତ ମୀନତି ସାହୁଙ୍କୁ ୮ଖଣ୍ଡ ଭୋଟ ବ୍ୟବଧାନରେ ହରାଇଛନ୍ତି। ବଙ୍ଗୋମୁଣ୍ଡା ସମିତି ସଭ୍ୟ କେଶବଙ୍କୁ ୧୭ଭୋଟ ମିଳିଥିବା ବେଳେ ଭାଲୁମୁଣ୍ଡା ସମିତି ସଭ୍ୟା ମିନତୀଙ୍କୁ ୯ ଖଣ୍ଡ ଭୋଟ ମିଳିଥିଲା।

## ୱାର୍ଡ଼ସଭ୍ୟ ନିର୍ବାଚନ କରିବାକୁ ଦାବି

ଲାଠୋର,୨୩।୩(ଡି.ଏନ.ଏ.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ସାନଗୁଜିଭଟା ୱାର୍ଡ଼ ନଂ ୫ରେ ୱାର୍ଡ଼ସଭ୍ୟ ନିର୍ବାଚନ ସ୍ଥଗିତ ରହିଛି। ଏହି ପଦ ପୂରଣ ପାଇଁ ନିର୍ବାଚନ କରିବାକୁ ଆଶାୟୀ ପ୍ରାର୍ଥୀମାନେ ଦାବି କରିଛନ୍ତି। ୫ ନଂ ୱାର୍ଡ଼ସଭ୍ୟ ପାଇଁ ବିଦେଶୀ ଛତ୍ରିଆ, ପର୍ଶୁରାମ ଭୋଇ ଏବଂ ଦାମୋଦର ଦୀପ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ବାଚନର ୧୩ ଦିନ ପୂର୍ବରୁ ଦାମୋଦର ଦୀପଙ୍କ ମୃତ୍ୟୁ ଘଟିବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଏନେଇ ଖପ୍ରାଖୋଲ ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ ପାଣିଙ୍କୁ ପଚାରିବାରୁ ସେହି ୱାର୍ଡ ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ରିପୋର୍ଟ କରିଛୁ। ନିର୍ଦ୍ଦେଶ ଆସିଲା ପରେ ତଦନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।